# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୩/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 23/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୧୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 117 | ମୂଲ୍ୟ₹୭/-





## ସଂକ୍ଷେପରେ

### ଗଛପଡ଼ି ଗର୍ଭବତୀଙ୍କ ମୃତ୍ୟୁ

**ଭବାନୀପାଟଣା,୨୨।୩(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ଶନିବାର ଅପରାହ୍ନରେ କାଳବୈଶାଖୀ ବର୍ଷା ସହ ପବନ ହୋଇଥିଲା। ପବନ ଯୋଗୁ ଅନେକ ସ୍ଥାନରେ ବଡ ବଡ ଗଛ ଗୁଡିକ ଉପୁଡିଯାଇଥିଲା। ସହରର ଲକ୍ଷ୍ମୀସାଗର ପଡାର କୌଶଲ୍ୟା ବେହେରା(୨୬) ନାମକ ଜଣେ ଗର୍ଭବତୀଙ୍କ ଉପରେ ଗଛ ପଡିଯିବାରୁ ଚାପି ହୋଇ ତାଙ୍କର ମୃତ୍ୟୁ ଘଟିଛି। ବଡ ଅଘଟଣରୁ ତାଙ୍କ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେହିପରି କାଳବୈଶାଖୀ ଯୋଗୁ ଦୀର୍ଘ ସମୟ ଧରି ଅଞ୍ଚଳରେ ବିଦ୍ୟୁତ ସରବରାହ ମଧ୍ୟ ବନ୍ଦ ରହିଥିଲା।

### ପ୍ରମାଣ ଅଭାବରୁ ଉପ ଆରକ୍ଷୀ ଅଧିକ୍ଷକ ଖଲାସ

**ନୂଆପଡ଼ା,୨୨।୩(ମକାରୁ ବେମାଲ):** ଏକ ଲାଞ୍ଚ ଗ୍ରହଣ ମାମଲାର ଶନିବାର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ବଦ୍ରି ନାରାୟଣ ନନ୍ଦ ଶୁଣାଣି କରିଛନ୍ତି। ସମସ୍ତ ସାକ୍ଷ୍ୟମାନଙ୍କ ବୟାନ ଅନୁସାରେ ପ୍ରମାଣ ଅଭାବରୁ ନୂଆପଡ଼ା ଜିଲା ପୋଲିସ ଅଧିକ୍ଷକ କାର୍ଯ୍ୟାଳୟରେ କାର୍ଯ୍ୟରତ ଡିଷ୍ଟ୍ରିକ ହ୍ୟୁମାନ ରାଇଟ୍ ପ୍ରୋଟେକ୍ସନ ସେଲ (ଡିଏଚ୍ଆରପିସି) ଉପ ଆରକ୍ଷୀ ଅଧିକ୍ଷକଙ୍କୁ ଖଲାସ କରିଛନ୍ତି। ସେ ହେଲେ ରବିନ୍ଦ୍ର କୁମାର ସେଠୀ।ସୂଚନା ଅନୁଯାୟୀ, ୨୦୧୯ରେ ଏକ ଆଦିବାସୀ ଓ ହରିଜନ ପ୍ରତିକାର ଆଇନ ଅନୁଯାୟୀ ଅଭିଯୋଗକାରୀଙ୍କୁ ମାନବ ଅଧିକାର ସୁରକ୍ଷା ସେଲର ରିପୋର୍ଟ ପ୍ରଦାନ କରିବା ପାଇଁ ନରସିଂହପୁର ଗାଁର ଜଗଦୀଶ ଛୁରାଠାରୁ ରବୀନ୍ଦ୍ର ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କୋରାପୁଟ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। କୋରାପୁଟ ଭିଜିଲାନ୍ସ ଥାନା କେସ ନଂ.୪/୨୦୧୯ରେ ମାମଲା ରୁଜୁ କରାଯାଇ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିଲା । ସେହି ମାମଲାର ଶୁଣାଣି କରି ଶନିବାର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ବଦ୍ରି ନାରାୟଣ ପ୍ରମାଣ ଅଭାବରୁ ରବୀନ୍ଦ୍ରଙ୍କୁ ଖଲାସ କରିଛନ୍ତି । ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦିଲ୍ଲୀପ କୁମାର ସା ମାମଲା ପରିଚାଳନା କରୁଥିଲେ।

### ଆଇନ ମହାବିଦ୍ୟାଳୟରେ ଶୋକସଭା

**ଭବାନୀପାଟଣା,୨୨।୩( ଉତ୍ତମ କୁମାର ଦାଶ):** କଳାହାଣ୍ଡି ଆଇନ ମହାବିଦ୍ୟାଳୟର ପ୍ରତିଷ୍ଠାତା, ରାଜନେତା ଓ ବିଶିଷ୍ଟ ସାମାଜିକକର୍ମୀ ଦୁର୍ଗା ଶଙ୍କର କରଙ୍କ ଶୁକ୍ରବାର ପରଲୋକ ହୋଇଥିଲା। ଶନିବାର ତାଙ୍କ ଉଦ୍ଦେଶ୍ୟରେ ଭବାନୀପାଟଣା ସ୍ଥିତ କଳାହାଣ୍ଡି ଆଇନ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ପରିଚାଳନା କମିଟିର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ପଟ୍ଟନାୟକ, ଅଧ୍ୟକ୍ଷ ସୁନୀଲ କୁମାର ମୁଣ୍ଡ ଯୋଗଦେଇ କରଙ୍କ ସ୍ମୃତିଚାରଣ କରିଥିଲେ। ଶୋକସଭାରେ ଅଧ୍ୟାପକ ନରେନ୍ଦ୍ର ମାହାର, ହରିଶ ବେହେରା, ଅବିନାଶ ପୁରୋହିତ, ଦୀପ୍ତିରାଣୀ ପଟ୍ଟନାୟକ, ସତ୍ୟେନ ଚୌଧୁରୀ ଯୋଗ ଦେଇଥିଲେ। ଏହି ଶୋକସଭାରେ ମହାବିଦ୍ୟାଳୟର କର୍ମକର୍ତ୍ତା ଯୁଧିଷ୍ଠିର ବିଶି, ହେମନ୍ତ ଦାସ, ବିକ୍ରମ ମୁଣ୍ଡ, କ୍ରିଷ୍ଣା ରାଉତ, ସୁନୀଲ ସିଂ ସହିତ ବହୁସଂଖ୍ୟାରେ ଆଇନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ପ୍ରକଳ୍ପ ଚିଠାରେ ଧର୍ମଗଡ଼ ବାଦ୍ ପଡ଼ିବା ନେଇ ଅସନ୍ତୋଷ

**ଧର୍ମଗଡ, ୨୨।୩ (ଆକାଶ କୁମାର ଜଗତ)**

- ଜୁନାଗଡ଼-ନବରଙ୍ଗପୁର ନୂଆ ରେଲଲାଇନ
- କ୍ରିୟାନୁଷ୍ଠାନ କମିଟିର ଜରୁରୀ ବୈଠକ

ପ୍ରସ୍ତାବିତ ଜୁନାଗଡ଼-ନବରଙ୍ଗପୁର ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ଅତିରିକ୍ତ ଜିଲାପାଳଙ୍କ ସ୍ୱାକ୍ଷର ଥିବା ଏକ ଚିଠିର କପି ପଦାକୁ ଆସିବା ପରେ ଧର୍ମଗଡ଼ରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଥିରୁ ଧର୍ମଗଡ଼ରେ ରେଳଷ୍ଟେଶନ ହେଉନାହିଁ ଏହା ସ୍ପଷ୍ଟ ହୋଇଯାଇଛି। ଏନେଇ ଧର୍ମଗଡ଼ କ୍ରିୟାନୁଷ୍ଠାନ କମିଟିର ଆବାହକ ଆଇନଜୀବୀ ତୁଷାର ରଞ୍ଜନ ପଟ୍ଟଯୋଶୀଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ହୋଟେଲରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼କୁ ରେଲଲାଇନ ସମ୍ପ୍ରସାରଣ ନ ହେଲେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାସ, ଦିଗାମ୍ବର ଦୁରିଆ, ସୁମନ୍ତ କୁମାର ପଣ୍ଡା, ପ୍ରସନ୍ନ କୁମାର ଅଗସ୍ତି, ନାଗରିକ ସଂଘର ଡମ୍ବରୁଧର ଲହଜଲ, ବିଘ୍ନରାଜ ପଟ୍ଟଯୋଶୀ, ସୁନୀଲ କୁମାର ପାତ୍ର, ଜଗନ୍ନାଥ ସେବା ସମିତିର ସଭାପତି ବିଷ୍ଣୁପ୍ରସାଦ ଅଗ୍ରୱାଲ, ଚ୍ୟାମ୍ବର ଅଫ୍ କମର୍ସର ସଭାପତି ବିଦ୍ୟାଧର ସାହୁ, ସମ୍ପାଦକ ଅରୁଣ କୁମାର ତାୟଲ, ବିକାଶ ମେହେର, ବରିଷ୍ଠ ଖବରଦାତା ବିରଞ୍ଚି ନାରାୟଣ ଜାଲ, ଇଙ୍ଗିତ କୁମାର ପଣ୍ଡା, ବିଶ୍ୱରଞ୍ଜନ ପାତ୍ର, ସାମାଜିକ କର୍ମୀ ଘନଶ୍ୟାମ ଅଗ୍ରୱାଲ, ଡାକେଶ୍ୱର ଲହଜଲ, ସିତୁନ କୁମାର ମେହେର, ସୁଶାନ୍ତ କୁମାର ପାଢ଼ୀ, ହେମନ୍ତ କୁମାର ପଣ୍ଡା, ଚନ୍ଦନ କୁମାର ପାତ୍ର, ବଙ୍କିମ ସାଗର ସମେତ ବହୁ ବୁଦ୍ଧିଜୀବୀ ଉକ୍ତ ବୈଠକରେ ଯୋଗଦେଇ ଧର୍ମଗଡ଼କୁ ରେଳପଥ ସମ୍ପ୍ରସାରଣ ନ ହେଲେ ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇ ନିଆଯିବ ବୋଲି ଚେତାବନୀ ଦେଇଥିଲେ। ଧର୍ମଗଡ଼ କ୍ରିୟାନୁଷ୍ଠାନ କମିଟି କଳାହାଣ୍ଡି ଏମ୍ପି ମାଳବିକା ଦେଓ, ଏମ୍ପି ସୁଜିତ କୁମାର ଓ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀଙ୍କୁ ଭେଟି ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ। ପୂର୍ବତନ ରେଳମନ୍ତ୍ରୀ ତଥା ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ମଧ୍ୟ ଭେଟି ଧର୍ମଗଡ଼କୁ ରେଳପଥ ସମ୍ପ୍ରସାରଣ ନେଇ ସହଯୋଗ ପାଇଁ ଅନୁରୋଧ କରାଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ଧର୍ମଗଡ଼କୁ ରେଲଲାଇନ ସଂଯୋଗ ଦାବିରେ ରେଳ ଉପଭୋକ୍ତା ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଆବାହକ ବରିଷ୍ଠ ଆଇନଜୀବୀ ତୁଷାରରଞ୍ଜନ ପଟ୍ଟଯୋଶୀ କହିଛନ୍ତି।



ଛାତ୍ରୀ ଆତ୍ମରକ୍ଷା କୌଶଳ ଅଭ୍ୟାସ କରୁଛନ୍ତି।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**କେସିଙ୍ଗା, ୨୨।୩(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ମହାବିଦ୍ୟାଳୟରେ ଚାଲିଥିବା ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାନୀ ଉତ୍ସବରେ ଅନେକ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ଅଧ୍ୟକ୍ଷ ପାଢ଼ୀ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣର ସଦୁପଯୋଗ କରିବା, ଯେକୌଣସି ଅସ୍ୱାଭାବିକ ପରିସ୍ଥିତିକୁ ଦାୟିତ୍ୱର ସହ ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ। ମାଷ୍ଟର ଟ୍ରେନର ତପସ୍ୱିନୀ ମାଝି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରର ସଂଯୋଜିକା ଅଧ୍ୟାପିକା ଗୀତାଞ୍ଜଳି ଦୋରା ଏହି ଅବସରରେ ଉପସ୍ଥିତ ଥିଲେ। ଶେଷରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ଜେସିବି ଚାପାରେ ଲାବ୍ ଟେକ୍ନିସିଆନଙ୍କ ମୃତ୍ୟୁ

**ନୂଆପଡା,୨୨।୩ (ମକାରୁ ବେମାଲ)**



ମୁକେଶ ଶବର ।

**କ୍ଷତିପୂରଣ ଦାବିରେ ବ୍ୟବଚ୍ଛେଦ ହେଲାନି ମୃତଦେହ**

ନୂଆପଡ଼ା ସଦର ବ୍ଲକ ବେଲଟୁକୁରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଲାବ୍ ଟେକ୍ନିସିଆନଙ୍କ ଶନିବାର ଜେସିବି ଚାପାରେ ମୃତ୍ୟୁ ଘଟିଛି। ମୃତ ଟେକ୍ନିସିଆନ ସଦର ବ୍ଲକ ଭେରା ପଞ୍ଚାୟତ କରଚୁଲ ଗାଁର ମୁକେଶ ଶବର (୨୪)।

ମୁକେଶ ଆଉଟ ସୋର୍ସିଂରେ ଲାବ୍ ଟେକ୍ନିସିଆନ ଭାବରେ କାର୍ଯ୍ୟ କରି ବେଲଟୁକୁରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୩ ଦିନ ଡ୍ୟୁଟି କରି ୩ ଦିନ ଧରମବନ୍ଧା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡ୍ୟୁଟି କରୁଥିଲେ । ଶନିବାର ବେଲଟୁକୁରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାମ ସାରି ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ବେଲଟୁକୁରି ସ୍ୱାଗତମ ଗେଟ ସମ୍ମୁଖରେ ଏକ ଜେସିବି ପଛ ପଟୁ ଧକ୍କା ଦେଇ ଉପରକୁ ଚଢି ଯାଇଥିଲା । ସେଠାରେ ମୁକେଶ ଗୁରୁତର ଅବସ୍ଥାରେ ପଡିରହିଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୁକେଶଙ୍କୁ ମୃତ ଘୋଷଣା କରିଥିଲେ। ବେଲଟୁକୁରି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଗୃହକୁ ନେଇଥିଲେ। ସେହି ସମୟରେ ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁ ପ୍ରତାପ ସିଂ ମାଝିଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳକୁ ପହଞ୍ଚି କ୍ଷତିପୂରଣ ଦାବି କରି ମୃତଦେହ ବ୍ୟବଚ୍ଛେଦ କରାଇବାକୁ ଦେଇ ନ ଥିଲେ। ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ରାଶି ପ୍ରଦାନ, ଦୁର୍ଘଟଣା ଘଟାଇ ଥିବା ଜେସିବି ଡ୍ରାଇଭର ଓ ମାଲିକଙ୍କୁ ଗିରଫ କରାଯାଉ, ବେପାରୁଆ ଗାଡି ଚାଳନ ପ୍ରତିଦିନ ଯାଞ୍ଚ କରାଯାଉ, ଜିଲାରେ ଅନେକ ଗାଡି ବିନା କାଗଜପତ୍ରରେ ଚାଲିଛି। ଏହି ଗାଡିର ସବୁ କାଗଜାତ ଯାଞ୍ଚ କରି ସବୁ ଠିକ୍ ଅଛି କି ନାହିଁ ସର୍ବସାଧାରଣ ସାମ୍ନାକୁ ଅଣାଯାଉ,ଏହି ସବୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ମୃତଦେହ ବ୍ୟବଚ୍ଛେଦ କରାଇ ଦେବୁ ନାହିଁ ବୋଲି ଅଡି ବସିଛନ୍ତି । ଖବର ଲେଖା ଯିବା ଯାଏ ମୃଦେହ ବ୍ୟବଚ୍ଛେଦ ହୋଇ ନ ଥିଲା ।

## ନିଜ ପାଇଁ ନୁହେଁ ପରବର୍ତ୍ତୀ ପିଢ଼ି ପାଇଁ ଗଛ ଲଗାଇବା

**ନୂଆପଡ଼ା,୨୨।୩ (ମକାରୁ ବେମାଲ)**



କୃତୀ ଛାତ୍ରଙ୍କୁ ଜିଲାପାଳ ପୁରସ୍କାର ପ୍ରଦାନ କରୁଛନ୍ତି ।

**ନୂଆପଡ଼ାରେ ବିଶ୍ୱ ବନ ଦିବସ ପାଳିତ**

ଓଡିଶା ସରକାର ଜଙ୍ଗଲ ପରିବେଶ, ଜଳବାୟୁ ପରଦିବର୍ତ୍ତନ ବିଭାଗ ନୂଆପଡ଼ା ଓ ଖଡ଼ିଆଳ ବନଖଣ୍ଡଙ୍କ ମିଳିତ ଆନୁକୂଲ୍ୟରେ ଜିଲାପାଳଙ୍କ ସଦଭାବନା ସଭାଗୃହଠାରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏସିଏଫ୍ ମହମ୍ମଦ ମୁସ୍ତାଫା ସାଲିହାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲାପାଳ ମଧୁସୁଦନ ଦାସ ମୁଖ୍ୟଅତିଥି, ଜିଲା ଆରକ୍ଷୀ ଅଧିକ୍ଷକ ଗୁନ୍ଦାଳା ରେଡ୍ଡି ରାଘବେନ୍ଦ୍ର, ସୁନାବେଡ଼ା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ମହାଦେବ ବୁଡାଇକ, ଖଡିଆଳ ବନଖଣ୍ଡ ଅଧିକାରୀଙ୍କ ମହମ୍ମଦ ଅଜିଜି ଖାନ୍ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଜନ ସାଧାରଣଙ୍କ ମନରେ ପ୍ରକୃତି ଓ ଜଙ୍ଗଲ ପ୍ରତି ଜାଗରୁକ ସୃଷ୍ଟି କରିବା। ଜଳବାୟୁ ପରିବର୍ତ୍ତନରୁ ମାନବ ସମାଜ,ପାଣୀ ଜଗତ ତଥା ପରିବେଶକୁ ସୁରକ୍ଷା ଦେବା। ଆମ ପାଇଁ ଉନ୍ନତି ସହିତ ପରିବେଶ ସନ୍ତୁଳିତ ମଧ୍ୟ ଏକାନ୍ତ ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଆମେ କେବଳ ନିଜ ପାଇଁ ନୁହେଁ ପରବର୍ତ୍ତୀ ପିଢି ପାଇଁ ଗଛ ଲଗାଇବା। ପ୍ରକୃତିର ଯତ୍ନ ନେଲେ ପ୍ରକୃତି ଆମର ଯତ୍ନ ନେବ। ଆମେ ସମସ୍ତେ ବନ୍ୟ ପ୍ରାଣୀମାନଙ୍କ ପ୍ରତି ଦୟାଶିଳ ହେବା। ଆମେ ଗଛ ପାଇଁ ବଞ୍ଚିବା ଓ ଗଛ ଆମ ପାଇଁ ବଞ୍ଚିବ ବୋଲି ଜିଲାପାଳ କହିଥିଲେ। ଏହି ଅବସରରେ ଜିଲାର ପ୍ରତି ବ୍ଲକର ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ପରିବେଶ ସୁରକ୍ଷା ସମ୍ବନ୍ଧିୟ ଚିତ୍ରାଙ୍କନ ପ୍ରତିଯୋଗିତା ଆନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ । ବନ ସୁରକ୍ଷା ପାଇଁ ବିଶେଷ ଯୋଗଦାନ କରିଥିବା କର୍ମଚାରୀ, ସେଚ୍ଛାସେବୀ, ସେଣ୍ଟମେରୀ ବିଦ୍ୟାଳୟ ଓ କେରମେଲି ପଞ୍ଚାୟତ ସରପଞ୍ଚ ହିରାଲାଲ ମାଝିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମଦ ଜବତ: ୨ ଗିରଫ

**କୋକସରା,୨୨।୩(ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ୨୬ ନମ୍ବର ଜାତୀୟ ରାଜପଥ ବୋବରିଆ ଛକରେ ଥିବା ଏକ ଢ଼ାବା ଓ କାଉଡୋଲା ଗ୍ରାମରେ ଶନିବାର ଅବକାରୀ ବିଭାଗ ଚଢ଼ାଉ କରିଥିଲା। ଢ଼ାବାରୁ ବିପୁଳ ପରିମାଣର ମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଢ଼ାବାରେ କାମ କରୁଥିବା କର୍ମଚାରୀ ଜୟପାଟଣା ବ୍ଲକ ଜୋର ଖଣ୍ଡିପଡାର ଜଗବନ୍ଧୁ ରାଉତ (୩୨) ଓ କାଉଡୋଲା ଗ୍ରାମର ରୁଦ୍ର ସତନାମୀ (୫୫)। ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉକ୍ତ ଢ଼ାବାରେ ବେଆଇନଭାବେ ମଦ ବ୍ୟବସାୟ ହେଉଥିବା ସୂଚନା ପାଇ କଳାହାଣ୍ଡି ଜିଲା ଅବକାରୀ ଏସ୍‌ପି ରଞ୍ଜନ କୁମାର ନାଏକ ଓ ଅବକାରୀ ଅଧିକ୍ଷକ ସାଗରିକା ପ୍ରଧାନଙ୍କ ନିର୍ଦ୍ଦେଶରେ କୋକସରା ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏଥିସହ ରୁଦ୍ରଙ୍କ ଗାଁ କାଉଡୋଲାରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଉଭୟ ସ୍ଥାନରୁ ବିପୁଳ ପରିମାଣର ମଦ ଓ ୩୨୧୦ଶହ ଟଙ୍କା ଜବତ ହୋଇଥିଲା। ଏହି ଚଢ଼ାଉରେ ଧର୍ମଗଡ଼ ଅବକାରୀ ଆଇଆଇସି ସୁଧାଂଶୁ ମୁଣ୍ଡା, କୋକସରା ଅବକାରୀ ଓଆଇସି ନରେନ୍ଦ୍ର ମିଞ୍ଜ, କନେଷ୍ଟବଳ ଖୁଶିରାମ କଟା, ନିରଞ୍ଜନ ବେହେରା, କର୍ଣ୍ଣ ବାଗ ଓ ପ୍ରିୟମ୍ବଦା ଜେନା ପ୍ରମୁଖ ସାମିଲ ଥିଲେ।

## ହରଗୌରୀ ଯୁବକ ସଂଘ ପକ୍ଷରୁ ବିଶ୍ୱ ଜଳ ଦିବସ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

**କର୍ଲାମୁଣ୍ଡା,୨୨।୩(ପ୍ରଦୀପ କୁମାର ସାହୁ)**

ଭାରତ ସରକାର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ଅଧୀନ ମୋ ଭାରତ ନେହରୁ ଯୁବ କେନ୍ଦ୍ର କଳାହାଣ୍ଡି ତତ୍ତ୍ୱାବଧାନରେ ଶୁକ୍ରବାର କର୍ଲାମୁଣ୍ଡା ବ୍ଲକ ଯୋରାଡବରା ପଞ୍ଚାୟତ କୁଶୁର୍ଲା ହରଗୌରୀ ଯୁବକ ସଂଘ ତରଫରୁ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କେସିଙ୍ଗା କଣ୍ଟପଡା ବନ ରକ୍ଷୀ ରୁକ୍ମଣୀ ମାଝୀ, ମୁଖ୍ୟବକ୍ତା ବରିଷ୍ଠ ଖବରଦାତା ହେମନ୍ତ ସାହୁ, ଗ୍ରାମର ମୁଖିଆ ଜନ୍ମେଜୟ ସାହୁ, ପ୍ରକୃତି ବନ୍ଧୁ ସନତ କୁମାର ସାହୁ ମଞ୍ଚାସିନ ରହି ଆମ ଜୀବନରେ ଜଳର ଆବଶ୍ୟକତା, ଜଳ ସଙ୍କଟ, ଆଗାମୀ ପିଢ଼ିଙ୍କ ପାଇଁ ଜଳ ସଂରକ୍ଷଣରେ ଯୁବ ସମାଜର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ହରଗୌରୀ ଯୁବକ ସଂଘର ସଭାପତି ଯୁଗେଶ ଜାନୀ, ସମ୍ପାଦକ ତୀର୍ଥରାଜ ବନଛୋର, ସାଂସ୍କୃତିକ ସମ୍ପାଦକ ଭ୍ରମର ଜାନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ହୃଦାନନ୍ଦ ସାହୁ, ନୀଳକଣ୍ଠ ସାହୁ, ଅମର ଭୋଇ, ରିଙ୍କୁ ନନ୍ଦ, କେଶବ ନନ୍ଦ, ଲିଙ୍ଗରାଜ ଜାନୀଙ୍କ ସମେତ ଅମର ମହାବିଦ୍ୟାଳୟ ଏନଏସଏସର ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ଜଳ ସୁରକ୍ଷା ଉପରେ ଶପଥ ପାଠ କରିଥିଲେ। ସଂଘର ସମସ୍ତ ସଦସ୍ୟାସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବୋରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ

**କେସିଙ୍ଗା,୨୨।୩(ତୁମେଶର ସାହୁ)**

କେସିଙ୍ଗା ବ୍ଲକ୍‌ର ବୋରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଦେବକୀ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ରୀମା ନାୟକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତାଭାବେ ରାମେଶ୍ୱର ସାହୁ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ହୃଷୀକେଶ ସାହୁ, ଦେବାଧି ନାୟକ, ବ୍ୟୋମକେଶ ବଗର୍ତ୍ତି, ଖବରଦାତା ବଳରାମ ନାଏକ, ସ୍କୁଲ କମିଟି ସଭାପତି ଦ୍ରୁମକାନ୍ତି ସ୍ୱାଇଁ, ସିଆର୍‌ସିସି ଧୀରେନ୍ଦ୍ର ପଧାନ, ଲାବନ୍ୟ ସ୍ୱାଇଁ,ପ୍ରଦୀପ ପଧାନ ଯୋଗଦେଇଥିଲେ। ଶିକ୍ଷକ ଯୋଗେଶ୍ୱର ବାଗ, ରୋହିତ ସାହୁ,ସ୍କୁଲ କମିଟି ସଭ୍ୟା ତରୁଲତା ଜାନୀ, ବୁଧବାରୀ ମାଝି, ଶିକ୍ଷୟିତ୍ରୀ ସୁପ୍ରଭା ଜାଲ, ଶୁଚିସ୍ମିତା ସୁବୁଦ୍ଧି, ସୁନିତା ପଧାନ ଏବଂ ବାହାରୁ ଆସିଥିବା ଶିକ୍ଷକମାନେ ଉପସ୍ଥିତ ଥିଲେ। ପରେ ଛାତ୍ରୀଛାତ୍ରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ପୁରସ୍କାର ପ୍ରଦାନ କରାଯାଇଥିଲା।

## ବୃଦ୍ଧଙ୍କୁ ଛୁରାମାଡ଼, ହତ୍ୟାକାରୀ ଫେରାର୍

**ଖଡ଼ିଆଳ,୨୨।୩.(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ କିକିରିବେଡ଼ା ଗ୍ରାମରେ ଜଣେ ବୃଦ୍ଧଙ୍କୁ ଛୁରାମାଡ଼ କରି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ବୃଦ୍ଧ ଜଣକ ହେଲେ କାଳିଆ ମାଝୀ (୭୦)। ପରିବାର ଲୋକଙ୍କ ଏତଲା କ୍ରମେ ସ୍ଥାନୀୟ ପୋଲିସ ନଂ. ୮୯/୨୫ରେ ହତ୍ୟା ମାମଲା ରୁଜୁ କରିଛି। ଗତ ମଙ୍ଗଳବାର ବିଳମ୍ବିତ ରାତ୍ରିରେ କାଳିଆ ନିଜ ଘରେ ନାତି ସହ ଶୋଇଥିବା ସମୟରେ ଦୁଇଜଣ ଦୁର୍ବୃତ୍ତ ଆସି ତାଙ୍କୁ ଅତର୍କିତ ଭାବେ ଛୁରାମାଡ଼ କରିଥିଲେ। ପରିବାର ଲୋକେ ଉଠିପଡ଼ିବାରୁ ସେମାନେ ଫେରାର ହୋଇଯାଇଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ କାଳିଆଙ୍କୁ ଉଦ୍ଧାର କରି ପ୍ରଥମେ ଖଡ଼ିଆଳ ଓ ପରେ ନୂଆପଡ଼ା ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ଶୁକ୍ରବାର କାଳିଆଙ୍କ ମୃତ୍ୟୁ ଘଟିଥିଲା। ଶନିବାର ଖଡ଼ିଆଳ ଏସ୍‌ଡିପିଓଙ୍କ ନେତୃତ୍ୱରେ ଏକ ଟିମ୍ ସନ୍ଧାନି କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଜାରି ରଖିଥିବା ଖଡ଼ିଆଳ ଏସ୍‌ଡିପିଓ ମର୍ସିରାଣୀ ପୂର୍ତ୍ତି ସୂଚନା ଦେଇଛନ୍ତି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି ।

## ୨ ୱାର୍ଡ ସଭ୍ୟଙ୍କୁ ଅଯୋଗ୍ୟ ଘୋଷଣା

**ଖଡ଼ିଆଳ,୨୨।୩(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ ଖଡ଼ିଆଳ ବ୍ଲକ ମଣ୍ଡୋସିଲ ପଞ୍ଚାୟତର ୨ ଜଣ ୱାର୍ଡ ସଭ୍ୟଙ୍କୁ ତାଙ୍କ ପଦରୁ ଅଯୋଗ୍ୟ ଘୋଷଣା କରିଛନ୍ତି। ସେମାନେ ହେଲେ ସୂର୍ଯ୍ୟକାନ୍ତ ବିହାରୀ, ନିତ୍ୟାନନ୍ଦ ଶବର। ଖଡ଼ିଆଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତର ୱାର୍ଡ ନଂ. ୩ର ୱାର୍ଡ ସଭ୍ୟ ସୂର୍ଯ୍ୟକାନ୍ତ ବିହାରୀ ଓ ୱାର୍ଡ ନଂ . ୮ର ୱାର୍ଡ ସଭ୍ୟ ନିତ୍ୟାନନ୍ଦ ଶବରଙ୍କୁ ୨ରୁ ଅଧିକ ସନ୍ତାନ ଦର୍ଶାଇ ପଞ୍ଚାୟତି ରାଜ ଆଇନ ଅନୁସାରେ ଅଯୋଗ୍ୟ ଘୋଷଣା କରିଥିବା ସୂଚନା ମିଳିଛି।

## ଜିଲାସ୍ତରୀୟ କ୍ରୀଡ଼ା ମିଳନ ମହୋତ୍ସବ

**ବେହେରା,୨୨।୩(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ୍ ଅନ୍ତର୍ଗତ ଛଞ୍ଚାଣବାହାଲିଠାରେ ୩ଦିନ ଧରି ଚାଲିଥିବା ଜିଲାସ୍ତରୀୟ କ୍ରୀଡ଼ା ମିଳନ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। କଳାହାଣ୍ଡି ନେହେରୁ ଯୁବକେନ୍ଦ୍ର ଓ ଛଞ୍ଚାଣବାହାଲି ସମ୍ଭବ ଯୁବ ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ ଜୋନ୍ ୨ ଜିଲା ପରିଷଦ ସଭ୍ୟ ଶଙ୍କର ପ୍ରସାଦ ଯୁଏଡ, ସମ୍ମାନିତ ଅତିଥି ସମ୍ଭବ ଯୁବ ଅନୁଷ୍ଠାନ ଫାଉଣ୍ଡର ଉପେନ୍ଦ୍ର ଭଇଁସାଳ , ସିଆର୍‌ପି କାଞ୍ଚନମାଳା ଗୋପାଳ, କଳାହାଣ୍ଡି ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ ଯୁବ ଅଧିକାରୀ ପ୍ରସନ୍ନ ମେହେର, ଲେଖପାଳ ଦ୍ୱିତୀୟା ବଞ୍ଛୋର ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳର ଯୁବକମାନଙ୍କୁ କ୍ରୀଡ଼ା ପ୍ରତି ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜକ କମିଟି ପ୍ରକାଶ କରିଥିଲେ। ଧୀର ସାଇକେଲ ଚାଳନା, କବାଡ଼ି, ବ୍ୟାଡ୍‌ମିଣ୍ଟନ ଓ ଫୁଟ୍‌ବଲ ଆଦି କ୍ରୀଡ଼ା ପ୍ରତିଯୋଗିତାରେ ଜିଲାର ବିଭିନ୍ନ ଅଞ୍ଚଳରୁ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ଉତ୍ସାହିତ କରିବା ସହ ଉତ୍ତୀର୍ଣ୍ଣ ହୋଇଥିବା ଖେଳାଳିଙ୍କୁ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଧରଣୀଧର ଭଇଁସାଲ, ହୁକିମ ଭଇଁସାଲ, ଗୋଲାପ ବାଗ ପରିଚାଳନାରେ ସହଯୋଗ କରିଥିଲେ।



ଦଳର ଖେଳାଳିମାନଙ୍କ ସହ ଅତିଥିମାନେ ପରିଚିତ ହେଉଛନ୍ତି।

# ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଭବାନୀପାଟଣା,୨୨।୩(ଉତ୍ତମ କୁମାର ଦାଶ)**



ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**୧୦ ବର୍ଷର ସିଓଆର ଦେବା ପାଇଁ ଦାବି**

କଳାହାଣ୍ଡି ଜିଲା ଘରୋଇ ସ୍କୁଲ ସଂଘର କର୍ମକର୍ତ୍ତାମାନେ ଶନିବାର ବିଭିନ୍ନ ସମସ୍ୟାକୁ ନେଇ ଜିଲା ଶିକ୍ଷାଧିକାରୀଙ୍କୁ ସାକ୍ଷାତ କରିଛନ୍ତି। ପରେ ସିଓଆର ଓ ଆରଟିଇ ପ୍ରତିପୂରଣ ପାଇଁ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆରଟିଇ ଅର୍ଥ ମଞ୍ଜୁର ହୋଇପଡ଼ିରହିଥିବା ସତ୍ତ୍ୱେ ସ୍କୁଲ ଗୁଡିକୁ ପ୍ରତିପୂରଣ ଦିଆଯାଉନଥିବାରୁ ସରକାର ଶୀଘ୍ର ବକେୟା ରାଶି ପ୍ରଦାନ କରିବାକୁ ସଂଘ ତରଫରୁ ଦାବି କରାଯାଇଥିଲା। ଘରୋଇ ସ୍କୁଲଗୁଡିକ ସରକାରୀ ନିୟମ ମୁତାବକ ୨୫ ପ୍ରତିଶତ ମାଗଣା ଶିକ୍ଷା ଦାନ ଦେଇଥାନ୍ତି । ଯାହାକୁ ସରକାର ସମୟାନୁସାରେ ପ୍ରତିପୂରଣ କରିବା ନିୟମ ରହିଛି। କିନ୍ତୁ ବର୍ଷ ବର୍ଷ ଧରି ଏହି ପ୍ରାପ୍ୟ ନ ଦେବାରୁ ସ୍କୁଲଗୁଡିକ ଉପରେ ଆର୍ଥିକ ବୋଝ ବଢିଯାଉଛି। ନିଜ ଭିତ୍ତିଭୂମି ଥିବା ଘରୋଇ ସ୍କୁଲକୁ ଆଜୀବନ ଓ ଭଡ଼ା ଘରେ ପରିଚାଳନା ହେଉଥିବା ଘରୋଇ ସ୍କୁଲକୁ ୧୦ ବର୍ଷର ସିଓଆର ଦେବା ପାଇଁ ମଧ୍ୟ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଜିଲା ଘରୋଇ ସ୍କୁଲ ସଂଘର ଚେୟାରମ୍ୟାନ ଶିବରାମ ନାୟକ, ଭାଇସ-ଚେୟାରମ୍ୟାନ ୟୁସୁଫ ଅହମ୍ମଦ, ଜୟ କୁଟେ, ସଂଜୀବ ଜୈନ, ଦୁଷ୍ମନ୍ତ ପ୍ରଧାନ, ଟିକେଶ୍ୱର କୁମାର, ମନମୋହନ ଦାସ, ସାଇ ସ୍ୱରୂପ ପୁରୋହିତ, ଆର୍ତ୍ତତ୍ରାଣ ବାଗ, ଯତୀନ ପ୍ରଧାନ, ବିଜୟ ମେହେର, ଅରୁଣ କୁମାର ପାଣିଗ୍ରାହୀ, ଶଶିକାନ୍ତ ସୁନାନୀ ସମେତ ଜିଲାର ୧୩ଟି ବ୍ଲକର ବିଭିନ୍ନ ଘରୋଇ ସ୍କୁଲର ଅଧ୍ୟକ୍ଷ, ନିର୍ଦ୍ଦେଶକ, ସ୍କୁଲ ପରିଚାଳନା କମିଟି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଶୀଘ୍ର ବକେୟା ରାଶିକୁ ପ୍ରଦାନ କରିବା ପାଇଁ ଜିଲା ଶିକ୍ଷାଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି ।

**କୁଆପଥର ମାଡ଼, ବ୍ୟାପକ ଫସଲ ନଷ୍ଟ**

ପଦ୍ମପୁର(ପ୍ରଦୀପ୍ତ ଦାଶ): ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ବାଦୀମାଲ, ଗଇଲଗୁଡା, ବାନ୍ଧପାଲି ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଝଡ଼ବର୍ଷା ସହ କୁଆପଥର ମାଡ଼ ହୋଇଛି। ଏହାର ପ୍ରଭାବରେ ବ୍ୟାପକ ପରିମାଣରେ ପନିପରିବା ଓ ବିଭିନ୍ନ ଫସଲ ନଷ୍ଟ ହୋଇଛି। ପୂର୍ବରୁ ତାପମାତ୍ରା ବୃଦ୍ଧି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ବର୍ଷା ଯୋଗୁ ଗରମରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି।

## ସଂକ୍ଷେପରେ

### ପ୍ରୟାଗରାଜରୁ ଚାଲି ଚାଲି ଫେରିଥିବା ଯୁବକଙ୍କୁ ସ୍ୱାଗତ



ହରଭଙ୍ଗା,୨୨।୩(ନରେନ୍ଦ୍ର କୁମାର ସାହୁ): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କରଡି ଗ୍ରାମର ଯୁବକ ଅଜିତ କୁମାର ରଣା (୩୦) ଚାଲି ଚାଲି ପ୍ରୟାଗରାଜ ଯାଇ ଶନିବାର ଗାଁକୁ ଫେରିବା ପରେ ତାଙ୍କୁ ସ୍ୱାଗତ କରାଯାଇଛି। ଗତ ଶିବରାତ୍ରି ଦିନ ସେ ନିଜ ଗାଁ ମନ୍ଦିରରେ ପୂଜାର୍ଚ୍ଚନା କରି ପ୍ରୟାଗରାଜକୁ ଚାଲି ଚାଲି ଯାତ୍ରା ଆରମ୍ଭ କରିଥିଲେ। ସେଠାରେ ଅଜିତ ବୁଡ଼ ପକାଇବା ସହ ଅଯୋଧ୍ୟାରେ ପ୍ରଭୁ ରାମଲାଲାଙ୍କୁ ଦର୍ଶନ କରି ୧୯ଦିନ ପରେ ଶନିବାର ଗାଁକୁ ଫେରିଥିଲେ। ଗାଁରେ ପହଞ୍ଚିବା ପରେ ଗ୍ରାମବାସୀ ନାମ ସଂକୀର୍ତ୍ତନ କରି ତାଙ୍କ ପାଦ ଧୋଇ ଗ୍ରାମ ପରିକ୍ରମା କରିଥିଲେ।

### ମଣ୍ଡିରେ ପଡ଼ିରହିଛି ୧୨ ଶହ କୁଇଣ୍ଟାଲ ଧାନ

କଣ୍ଟାମାଳ,୨୨।୩ (ଆଦିତେଶ୍ୱର ମିଶ୍ର): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅଧୀନ ଶୁଣ୍ଢିପଦର ପାକ୍ସରେ ଟାର୍ଗେଟ ଅଭାବରୁ ୧୨ ଶହ କୁଇଣ୍ଟାଲ ଧାନ ବିକ୍ରି ଅପେକ୍ଷାରେ ପଡିରହିଛି। ବର୍ତ୍ତମାନ ମଣ୍ଡିରେ ପାଖାପାଖି ୨ହଜାର କୁଇଣ୍ଟାଲର ଟୋକନ ଚାଷୀଙ୍କୁ ପ୍ରଦାନ କରାଯାଇଥିବା ବେଳେ ଗତ ୧୪ତାରିଖରୁ ଟାର୍ଗେଟ ସରିଯାଇଥିବା ପାକ୍ସ ପକ୍ଷରୁ କୁହାଯାଇଛି। ଫଳରେ ମଣ୍ଡିରେ ଚାଷୀ ଧାନ ରଖି ଜଗି ରହିଛନ୍ତି। ଆଗାମୀ ଦୁଇଦିନ ମଧ୍ୟରେ ଟାର୍ଗେଟ ନ ଆସିଲେ ଚାଷୀ ଶେଷଦେବ ପ୍ରଧାନ, ସୁଶାନ୍ତ ପ୍ରଧାନ, ଦିଲୀପ କର୍ଣ୍ଣ, ଗୋବିନ୍ଦ କର୍ଣ୍ଣ, ନରୋତ୍ତମ ମହାକୁଡ଼, କୃଷ୍ଣଚନ୍ଦ୍ର ମହାକୁଡ଼, ଅଗସ୍ତି ସେଠୀ, ମନୋଜ କର୍ଣ୍ଣ, ମହେଶ୍ୱର ଗାଇଗାରିଆ ପ୍ରମୁଖ ୩୮ ଜଣ ଚାଷୀଙ୍କ ଟୋକନ ଅବଧି ସରିଯିବ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ପାକ୍ସ ସମ୍ପାଦକ ଲାଲ ବିହାରୀ ବଗର୍ତ୍ତିଙ୍କୁ ପଚାରିବାରୁ ଗତ ସୋମବାରଠାରୁ ଟାର୍ଗେଟ ପାଇଁ ସିଏସ୍ଓଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ୬ଦିନ ବିତିଯାଇଥିଲେ ସୁଦ୍ଧା ଟାର୍ଗେଟ ଆସି ନ ଥିବା ସେ କହିଛନ୍ତି। ଜିଲା ପ୍ରସାଶନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ପଦ୍ମପୁର ୨୨।୩ (ପ୍ରଦୀପ୍ତ ଦାଶ): ପଦ୍ମପୁର ଉପ ଖଣ୍ଡ ମେଲଛାମୁଣ୍ଡା ଉଚ୍ଚ ବିଦ୍ୟାଳୟ ଅବସର ପ୍ରାପ୍ତ ଗଣିତ ଶିକ୍ଷକ ଜିତେନ୍ଦ୍ରିୟ ଦେବତାଙ୍କ ପରଲୋକ ହୋଇଯାଇଛି।



ସେ ୨୦୨୧ରେ ରାଜବୋଡା ସମ୍ବର ଉଚ୍ଚ ବିଦ୍ୟାଳୟ ପ୍ଲାଟିନମ ଜୁବୁଲି ସମାରୋହରେ ସମ୍ବର୍ଦ୍ଧିତ ହୋଇଥିଲେ। ଶିକ୍ଷାନୁଷ୍ଠାନ ଓ ଛାତ୍ରମାନଙ୍କ ପ୍ରତି ତାଙ୍କର ଅତି ନିବିଡ଼ ସମ୍ପର୍କ ଥିଲା। ତେଣୁ ତାଙ୍କର ମୃତ୍ୟୁ ଖବର ପାଇ ଶହ ଶହ ସଂଖ୍ୟାରେ ଆତ୍ମୀୟ, ସ୍ୱଜନ, ଗଣ୍ୟମାନ୍ୟ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ଅଧ୍ୟାପକ ପ୍ରମୋଦ ଦେବତା ମୁଖାଗ୍ନି ଦେଇଥିଲେ।

### ମହିମାଧର୍ମ ଓ ସମାଜରେ ତାର ପ୍ରଭାବ ଶୀର୍ଷକ ସଂପାନ୍ନ

ଝାରବନ୍ଧ,୨୨।୩(ଦେବେନ୍ଦ୍ର ସାହୁ): ଝାରବନ୍ଧ ସ୍ନାତକ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଇତିହାସ ବିଭାଗ ପକ୍ଷରୁ ମହିମାଧର୍ମ ଓ ସମାଜରେ ତାର ପ୍ରଭାବ ଶୀର୍ଷକ ଏକ ସେମିନାର ଶନିବାର ଆୟୋଜିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା ପୌରହିତ୍ୟ କରିଥିଲେ। ଗୋପପୁର ମହିମା ଆଶ୍ରମର ସାଧୁ ନୃସିଂହ ଦାସ ମୁଖ୍ୟ ଆଲୋଚକ ଭାବରେ ଯୋଗଦାନ କରିଥିବା ବେଳେ ସାମ୍ବାଦିକ ରମେଶ ଚନ୍ଦ୍ର ବାରିକ, ଡ଼ ରଶ୍ମିରଞ୍ଜନ ମହାନ୍ତି, ତ୍ୟାଗୀ ଜୀବନାନନ୍ଦ ବାବା, ଅଧ୍ୟାପିକା ଯାଜ୍ଞସେନୀ ନାୟକ, ସାମାଜିକ କର୍ମୀ ଗୋବିନ୍ଦ ପଟେଲ ମଞ୍ଚାସୀନ ଥିଲେ। ଇତିହାସ ବିଭାଗ ଛାତ୍ରୀ ଭବିତା ସାହୁ, ପ୍ରିୟଙ୍କା ବାଗ, ଛାତ୍ର ଜୟ କୁମାର ସାହୁ, ମୁକେଶ ସାହୁ ସ୍ୱରଚିତ ସନ୍ଦର୍ଭ ପଠନ କରିଥିଲେ। କବିତା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।ମୁଖ୍ୟ ଆଲୋଚକ ସାଧୁ ନୃସିଂହ ଦାସ ମହିମା ଧର୍ମ ସଂପର୍କରେ ବିଷଦ ଆଲୋଚନା କରି ଭୀମ ଭୋଇଙ୍କ ମୋ ଜୀବନ ପଛେ ନର୍କେ ପଡି ଥାଉ,ଜଗତ ଉଦ୍ଧାର ହେଉ ଉକ୍ତି ଉଦ୍ଧାର କରିଥିଲେ।

# କୋର୍ଟରୁ ବାହାରିବା ବେଳେ ଯୁବକଙ୍କୁ ଅପହରଣ

ବରଗଡ଼,୨୨।୩(ପ୍ରେମାନନ୍ଦ ଖମାରୀ)



ନିରଞ୍ଜନ ସୁନା।

- ଦମ୍ପତିଙ୍କ ବିରୋଧରେ ଅପହରଣ ମାମଲା
- ବିଳମ୍ବିତ ରାତିରେ ଥାନାରେ ଛାଡ଼ିଦେଲେ

ବରଗଡ଼ କୋର୍ଟ ସମ୍ମୁଖରୁ ଶୁକ୍ରବାର ଦ୍ୱିପ୍ରହରରେ ଝାରସୁଗୁଡ଼ାର ନିରଞ୍ଜନ ସୁନାଙ୍କୁ ଅପହରଣ କରି ମାରପିଟ୍ କରିବା ପରେ ବିଳମ୍ବିତ ରାତିରେ ଥାନାରେ ଛାଡ଼ି ଦିଆଯାଇଛି। ଏ ନେଇ ନିରଞ୍ଜନଙ୍କ ଭଉଣୀ ଅନୀତାଙ୍କ ଏତଲାକୁ ଭିତ୍ତି କରି ବରଗଡ଼ ଟାଉନ ଥାନା ପୋଲିସ ସ୍ଥାନୀୟ ସହର ବାସିନ୍ଦା ମମତା ଅଗ୍ରୱାଲ ଏବଂ ତାଙ୍କ ସ୍ୱାମୀ ଦିନେଶଙ୍କ ବିରୋଧରେ ଏକ ମାମଲା(ନଂ-୧୪୪/୨୫) ରୁଜୁ କରିଛି। ଅନ୍ୟପଟେ ଏକ ବିଚାରାଧୀନ ମାମଲାକୁ ନେଇ ବିଚାରପତିଙ୍କ ଆଗରେ ନିଜ ପକ୍ଷ ରଖି ବାହାରିବା ପରେ କୋର୍ଟ ସମ୍ମୁଖରେ ସଂଘଟିତ ଏହି ଘଟଣା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଥିବାବେଳେ ଏ ନେଇ ଏକ ଅପହରଣ ମାମଲା ରୁଜୁ ହୋଇଛି ଏବଂ ଉକ୍ତ ଘଟଣାର ତଦନ୍ତ ଚାଲିଛି ବୋଲି ଟାଉନ ଥାନା ଆଇଆଇସି ସତ୍ୟଜିତ୍ କଣ୍ଡାନକେଲ କହିଛନ୍ତି।

ସୂଚନା ଅନୁଯାୟୀ, ନିରଞ୍ଜନଙ୍କ ବିରୋଧରେ ମମତା ଚେକ୍ ବାଉନ୍ସ ନେଇ ଆଣିଥିବା ମାମଲା ବରଗଡ଼ କୋର୍ଟରେ ବିଚାରାଧୀନ ରହିଛି। ଏହି ମାମଲାକୁ ନେଇ କୋର୍ଟରେ ନିଜ ପକ୍ଷ ରଖିବାକୁ ବିଚାରପତି ନିର୍ଦ୍ଦେଶ ଦେଇଥିଲେ। ନିରଞ୍ଜନ ଶୁକ୍ରବାର ବରଗଡ଼ କୋର୍ଟକୁ ଆସି ଓକିଲଙ୍କ ଉପସ୍ଥିତିରେ ବିଚାରପତିଙ୍କ ଆଗରେ ପକ୍ଷ ରଖିଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ସେ କୋର୍ଟରୁ ବାହାରି କୋର୍ଟ ସମ୍ମୁଖରେ ଥିବା ଏକ ଚା ଦୋକାନରେ ଛିଡ଼ା ହୋଇଥିଲେ। ସେତେବେଳେ ମମତା ତାଙ୍କୁ ଡାକିଥିଲେ ଏବଂ ତାଙ୍କ ସ୍ୱାମୀ ଦିନେଶଙ୍କ ସହିତ ମାରପିଟ୍ କରିଥିବା ଅଭିଯୋଗ ହୋଇଛି। ଏହି ସମୟରେ କେତେଜଣ ଯୁବକ ସଂଘବଦ୍ଧ ଭାବେ ସେଠାକୁ ବାଇକ୍‌ରେ ଆସି ପହଞ୍ଚି ଥିଲେ ଏବଂ ବାଇକ୍‌ରେ ନିରଞ୍ଜନଙ୍କୁ ଜୋର୍ ଜବରଦସ୍ତ ବସାଇ ବିଭିନ୍ନ ସ୍ଥାନକୁ ନେଇ ଶାରୀରିକ, ମାନସିକ ନିର୍ଯାତନା ଦେବା ସହିତ ନାନା ଧମକ ଦେଇଥିଲେ ବୋଲି ନିରଞ୍ଜନ ଅଭିଯୋଗ କରିଛନ୍ତି।

ଖବର ପାଇ ନିରଞ୍ଜନଙ୍କ ଭଉଣୀ ଏବଂ ସମ୍ପର୍କୀୟ ବରଗଡ଼ ଟାଉନ ଥାନାରେ ପହଞ୍ଚିଥିଲେ। ଏହାପରେ ନିରଞ୍ଜନଙ୍କୁ ଥାନାକୁ ଆଣି ଛାଡ଼ି ଦେଇଥିଲେ ବୋଲି ନିରଞ୍ଜନଙ୍କ ଭଉଣୀ ଅନୀତା କହିଛନ୍ତି। ଚେକ୍ ବାଉନ୍ସକୁ ନେଇ କୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ କୋର୍ଟକୁ ଆସି ପକ୍ଷ ରଖି ଫେରିବା ବାଟରେ ତାଙ୍କ ଭାଇଙ୍କ ପ୍ରତି ହୋଇଥିବା ସେଭଳି ନିର୍ଯାତନା ପରେ ସମସ୍ତ ପରିବାର ଲୋକଙ୍କ ଜୀବନ ପ୍ରତି ବିପଦ ରହିଥିବା ଅନୀତା କହିଛନ୍ତି। ଫଳରେ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୋଲିସକୁ ନିବେଦନ କରିଛନ୍ତି। ଅନ୍ୟପଟେ ଜମି କିଣାବିକାକୁ ନେଇ ନିରଞ୍ଜନ ଠକେଇ କରିଛନ୍ତି ଏବଂ ତାଙ୍କୁ ଅପହରଣ କିମ୍ବା କୌଣସି ନିର୍ଯାତନା ଦେଇ ନଥିବା ମମତା କହିଛନ୍ତି। କିନ୍ତୁ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବାରୁ ନିରଞ୍ଜନଙ୍କୁ ଚାପୁଡ଼ା ମାରିଥିବା ମମତା ଗଣମାଧ୍ୟମ ଆଗରେ ସ୍ୱୀକାର କରିଛନ୍ତି।

## ଏକାଧିକ ଦୋକାନ ଗୃହ ଆବଣ୍ଟନ ରଦ୍ଦ ହେବ

ପଦ୍ମପୁର,୨୨।୩(ପ୍ରଦୀପ୍ତ ଦାଶ)

- ମୁଷ୍ଟିମେୟଙ୍କ ହାତରେ ଏନ୍ଏସି ଦୋକାନ ଗୃହ
- ତଦାରଖ କମିଟି ବୈଠକ

ବରଗଡ଼ ଜିଲା ପଦ୍ମପୁର ଏନ୍ଏସିର ଏକାଧିକ ଦୋକାନ ଗୃହ କିଛି ମୁଷ୍ଟିମେୟ ହାତରେ ରହିଥିବା ସାଧାରଣରେ ଅଭିଯୋଗ ହୋଇ ଆସୁଥିଲା। ଏ ନେଇ ୧୦ ଅଗଷ୍ଟ ୨୪ରେ ବିଭିନ୍ନ ଗଣମାଧ୍ୟମରେ ସମ୍ପୂର୍ଣ୍ଣ ବିବରଣୀ ସହିତ ଖବର ପ୍ରକାଶ ପାଇଥିଲା। ପରେ ଅଗଷ୍ଟ ୧୭ରେ ହୋଇଥିବା କାଉନସିଲ ବୈଠକରେ ଏକ ତଦନ୍ତ କମିଟି ଗଠନର ନିଷ୍ପତ୍ତି ହୋଇଥିଲା। ଶୁକ୍ରବାର ଏହି ତଦାରଖ କମିଟିର ଏକ ବୈଠକ ସଭାପତି ପ୍ରିୟ ରଞ୍ଜନ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଦସ୍ୟ ତଥା କାଉନସିଲର ଚିନ୍ମୟ କୁମାର ପଣ୍ଡା, କୁନାଲ ପାଣିଗ୍ରାହୀ,କୁମାରୀ କ୍ଷୀର ସାନବର୍ସା, ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, କନିଷ୍ଠ କିରାଣି କିଶୋର ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପରିଷଦ ଦ୍ୱାରା ଆବଣ୍ଟିତ ହୋଇଥିବା ସମସ୍ତ ୧୭୭ଗୋଟି ଦୋକାନ ଗୃହର ତଥ୍ୟ ପଣ୍ଡା କମିଟି ସମ୍ମୁଖରେ ଉପସ୍ଥାପନ କରିଥିଲେ। ପରେ ସର୍ବସମ୍ମତ ନିଷ୍ପତ୍ତି ଅନୁସାରେ ଯେଉଁ ଦୋକାନୀମାନେ ଆବଣ୍ଟିତ ଦୋକାନ ଭଡ଼ାରେ ଲଗାଇଛନ୍ତି କିମ୍ବା ୨ରୁ ଅଧିକ ଦୋକାନ ଲିଜ ସୂତ୍ରରେ ନେଇଛନ୍ତି ସେମାନଙ୍କୁ ୭ଦିନିଆ ଆଗୁଆ ନୋଟିସ ଦେଇ ଆବଣ୍ଟନ ରଦ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

## ଆଇକାଡା ଅନୁଷ୍ଠାନର କୃଷକ କ୍ଷେତ୍ର ଦିବସ

ପାଇକମାଳ,୨୨।୩(ବଡ଼ ଶତପଥୀ)

ପାଇକମାଳ ବ୍ଲକ କେରମେଲାବାହାଲ ପଞ୍ଚାୟତ ଖଣ୍ଡସିବାଞ୍ଜିଠାରେ ଆଇକାଡା ଅନୁଷ୍ଠାନ ତରଫରୁ କୃଷକ କ୍ଷେତ୍ର ଦିବସ ଶନିବାର ପାଳିତ ହୋଇଯାଇଛି। ବର୍ତ୍ତମାନ ସମୟରେ ପାଣିର ସଙ୍କଟ ଦେଖା ଦେଉଥିବାରୁ ଧାନ ଫସଲ ବଦଳରେ ତୈଳ ବୀଜ ଚାଷ ଉପରେ କିପରି ଚାଷ କରି ଉପକୃତ ହେବେ ସେଥିପାଇଁ ଉପସ୍ଥିତ ଚାଷୀମାନଙ୍କୁ ବରିଷ୍ଠ କୃଷି ଅଧିକାରୀମାନେ ମାର୍ଗ ଦର୍ଶନ ପ୍ରଦାନ କରିଥିଲେ। ଏଥିସହ ଆଇକାଡ଼ା ତରଫରୁ ଗ୍ରାମରେ କରାଯାଇଥିବା ବିଭିନ୍ନ ପ୍ରକାର ତୈଳ ବୀଜ ଫସଲ, ନାନାଦି କିସମର ମୁଗ, ବିରି, ଚନା ଆଦି ଚାଷ କ୍ଷେତ୍ରକୁ ପରିଦର୍ଶନ କରାଇ ଉପଯୁକ୍ତ ଟ୍ରେଡ ଦିଆଯାଉଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବରେ କୃଷି ଜିଲା ଅଧିକାରୀ ପ୍ରଭାସ ପଣ୍ଡା, ସମ୍ମାନିତ ଅତିଥି ଭାବେ ପାଇକମାଳ ବ୍ଲକ କୃଷି ଅଧିକାରୀ ସୋମନାଥ ମହାପାତ୍ର, ଏଫ.ପି.ଓ. ଦୁର୍ଯ୍ୟୋଧନ ପୁଟା, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ମନୋଜ କୁମାର ସାହୁ, ଜିଲା ପ୍ରକଳ୍ପ ଅଧିକାରୀ ଆଇକାଡ଼ା ପ୍ରବୀର ନାଗ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଖଣ୍ଡସୀବାଞ୍ଜି, ହରିଡାଟାଲ, କେରମେଲାବାହାଲ, ଦେୱାନଡିହି, ଯୁଧିଷ୍ଠିରପୁରର ଶତାଧିକ ଚାଷୀ ଯୋଗ ଦେଇଥିଲେ। ସୁଜାତା ଧରୁଆ, ସଂଯୁକ୍ତା ବାଗ, ଏକାଙ୍କିକା ନାମଦେଓ, କୌଶଲ୍ୟା ଧରୁଆ, ସୁରେଖା ଡନସନା, ଧର୍ମ କୁମାର ସାହୁ, ଅଞ୍ଚଳ ନାୟକ, କର୍ଣ ପାଣ୍ଡେ, ସନ୍ତୋଷ ସାହୁ ସହଯୋଗ କରିଥିଲେ। ପରିଶେଷରେ ଆଇକାଡାର ବରଗଡ଼ ଜିଲା ପ୍ରକଳ୍ପ ଅଧିକାରୀ ଆଇକେଡ଼ା ପ୍ରବୀର ନାଗ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ର୍‍ୟାମ୍ପ ଶୋ'।

## ର୍‍ୟାମ୍ପରେ ଚାଲିଲେ ଦିବ୍ୟାଙ୍ଗ ଛାତ୍ରୀ

ବରଗଡ଼,୨୨।୩(ପ୍ରେମାନନ୍ଦ ଖମାରୀ)

**ଆଇବିସି ପିଙ୍କ ପାୱାର -୨୦୨୫**

ଇଣ୍ଡିଆନ ବିୟୁଟି କାଉନସିଲ(ଆଇବିସି), ବରଗଡ଼ ତରଫରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲ୍‌ଠାରେ ଫ୍ୟାଶନ ଶୋ, ଗିଲ୍‌ସ, ନୃତ୍ୟ ଏବଂ ପାରମ୍ପରିକ ଖାଦ୍ୟ ଉପରେ ରୋଷେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଇଆଇଏମ୍, ସମ୍ବଲପୁରର ନିର୍ଦ୍ଦେଶକ ମହାଦେବ ଜୈସୱାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବରଗଡ଼ ଜିଲା ଉପନିବନ୍ଧକ ସମୀକ୍ଷା ନାୟକ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ବରଗଡ଼ର ମହିଳା ତଥା ଗୃହିଣୀମାନଙ୍କୁ ସ୍ୱାବଲମ୍ବୀ ତଥା ସେମାନଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପରି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ବେଳେ ଚଳିତ ବର୍ଷ ମହିଳାଙ୍କ ମଧ୍ୟରେ ଗିଲ୍‌ସ, ନୃତ୍ୟ, ଫ୍ୟାଶନ ଶୋ' ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଚିସ୍ମିତା ଷଡ଼ଙ୍ଗୀ ପରିଚାଳନା କରିଥିଲେ। ଏହି ଅବସରରେ ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀମାନଙ୍କ ର୍‍ୟାମ୍ପ ଶୋ'ରେ ଚାଲିବା ବେଶ୍ ଆକର୍ଷଣୀୟ ହୋଇଥିଲା। ଆଇବିସି ପିଙ୍କ୍ ପାୱାର-୨୦୨୫ ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ସୌଗତ ଷଡ଼ଙ୍ଗୀ, ନୁରା ବିବିଙ୍କୁ ଆଇବିସି ତରଫରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଆଇବିସିର ସଭାପତି ମିନତି ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଶିଷ୍ଟ ସେପ ସଙ୍ଗୀତା ଦାସ, ନୃତ୍ୟାଞ୍ଜଳି ଡ୍ୟାନ୍ସ ଏକାଡେମୀର ନିର୍ଦ୍ଦେଶିକା ଅଙ୍କିତା ଷଡ଼ଙ୍ଗୀ, ଯାଜ୍ଞସେନୀ ମହାପାତ୍ର ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସରିତା ସାହୁ, ପ୍ରଜ୍ଞା ଉତ୍କଳିକା ମିଶ୍ର, ପ୍ରତିଭା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ଅତାବିରା,୨୨।୩(ହୃଷୀକେଶ ଖମାରୀ)

ବରଗଡ଼ର ଜିଲା ଭେଡ଼େନ ଥାନା ରୁଷୁଡ଼ା ଫାଣ୍ଡି ଅନ୍ତର୍ଗତ ଭାଲୁପାଲି ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ହେଲେ ଉକ୍ତ ଗ୍ରାମର ଜେବିସ୍ ରାଉତଙ୍କ ସ୍ତ୍ରୀ ଝରଣା(୨୭)। ତାଙ୍କୁ ନିର୍ଯାତନା ଦେଇ ସ୍ୱାମୀ ଜେବିସ୍ ହତ୍ୟା କରିଥିବା ନେଇ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା କେଶଲପୁରା ଗ୍ରାମର ଝରଣାଙ୍କ ବାପା ଶିବ ଷାଣ୍ଢ ରୁଷୁଡ଼ା ପୋଲିସ ଫାଣ୍ଡିରେ ଏତଲା ଦେଇଛନ୍ତି। ତାଙ୍କ ଏତଲାକୁ ଭିତ୍ତିକରି ପୋଲିସ ନଂ ୬୪/୨୫ରେ ହତ୍ୟା ମାମଲା ରୁଜୁ କରି ଝରଣାଙ୍କ ସ୍ୱାମୀ ଜେବିସ୍‌ଙ୍କୁ ଶନିବାର ଗିରଫ କରିଛି।

ସୂଚନା ଅନୁଯାୟୀ, ୨୦୧୫ରେ ଝରଣା ବୈଦିକ ରୀତିରେ ଭାଲୁପାଲି ଗ୍ରାମରେ ଜେବିସ୍‌ଙ୍କୁ ବିବାହ କରିଥିଲେ। ବିବାହର କିଛି ଦିନ ଉଭୟଙ୍କ ମଧ୍ୟରେ ସବୁ ଠିକ୍ ଥିଲା। ଇତିମଧ୍ୟରେ ଝରଣା ୨ପୁତ୍ର ସନ୍ତାନ ଜନ୍ମଲାଭ କରିଛନ୍ତି। କିନ୍ତୁ ବିବାହର କିଛି ମାସ ପରେ ଜେବିସ୍ ବିଭିନ୍ନ ସମୟରେ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ଝରଣାଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଦେଇଆସୁଥିଲେ। ଏ ନେଇ ଉଭୟ ବାପଘର ଏବଂ ଶାଶୁଘର ପକ୍ଷରୁ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ସମାଧାନ କରାଯାଇଥିଲା। କିନ୍ତୁ ଶୁକ୍ରବାର ବିଳମ୍ବିତ ରାତିରେ ଝରଣା ଘର ବାରଣ୍ଡାରେ ପଡ଼ିଥିବା ନେଇ ଭାଲୁପାଲି ଗ୍ରାମର ଶିବା ରାଉତ ଝରଣାଙ୍କ ବାପଘର ଲୋକଙ୍କୁ ଫୋନ କରି କହିଥିଲେ। ବାପଘର ଲୋକେ ପହଞ୍ଚିବା ସମୟରେ ଝରଣାଙ୍କ ମୃତଦେହ ଘର ବାରଣ୍ଡାରେ ପଡ଼ିରହିଥିଲା। ତେଣୁ ଝରଣାଙ୍କୁ ତାଙ୍କ ସ୍ୱାମୀ ଜେବିସ୍ ହତ୍ୟା କରିଛନ୍ତି ବୋଲି ଶିବ ଏତଲାରେ ଦର୍ଶାଇଛନ୍ତି। ଭେଡ଼େନ ଥାନା ଆଇଆଇସି ସୁଶାନ୍ତ କୁମାର ଦାଶ ଏବଂ ରୁଷୁଡ଼ା ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ସାହୁ ସାଇଣ୍ଟିଫିକ୍ ଟିମ୍ ସହିତ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରି ଜେବିସ୍‌ଙ୍କୁ ଧରିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଯାଇଛି।

## ବିଧାନସଭା ଘେରାଉ ପାଇଁ କଂଗ୍ରେସର ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

ବରଗଡ଼,୨୨।୩(ପ୍ରେମାନନ୍ଦ ଖମାରୀ)

ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆସନ୍ତା ୨୭ତାରିଖ ବିଧାନସଭା ଘେରାଉ କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ବରଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ହରଦୀପ ସିଂହଙ୍କ ସଭାପତିତ୍ୱରେ ଅମ୍ବାପାଲିସ୍ଥିତ ସର୍କିଟ ହାଉସଠାରେ ପ୍ରସ୍ତୁତି ବୈଠକରେ ବିଧାନସଭା ଘେରାଉ ରୂପରେଖ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଦଳୀୟ ନେତାମାନେ କହିଥିଲେ, ରାଜ୍ୟରେ ମହିଳା ଚାଲାଣ, ଗଣବଳାତ୍କାର, ବଳାତ୍କାର ଆଦି ଅନୀତି କାର୍ଯ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିବା କାରଣରୁ ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ବିଧାନସଭା ଗୃହରେ ଶାରୀରିକ ଆକ୍ରମଣ କରିବା ଏବଂ ପରବର୍ତ୍ତୀ ସମୟରେ ୭ ଦିନ ପାଇଁ ନିଲମ୍ବନ କରାଯାଇଥିଲା। ଏହାର ପ୍ରତିବାଦରେ ଆସନ୍ତା ୨୭ତାରିଖରେ ବିଧାନସଭା ଘେରାଉ କରାଯିବ। ବୈଠକରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ମହମ୍ମଦ ଅକବର ଖାନ ଏବଂ ପ୍ରବକ୍ତା ଘାସିରାମ ମାଝି ଯୋଗଦାନ କରିଥିଲେ। ଦଳର ବରିଷ୍ଠ ନେତା ଯୁଗଳ ପ୍ରସାଦ ସିଂହ, ସରୋଜ କୁମାର ଷଡ଼ଙ୍ଗୀ, ବ୍ରହ୍ମା ମହାକୁଡ଼, କିଶୋର ଦଫାଦାର, ନିପନ କୁମାର ଦାଶ, ଟଙ୍କଧର ସାହୁ, ଅଭିଷେକ ସେଠ, ଅନନ୍ତ ସୟନ ପାଢ଼ୀ, ଅମିତ ଆଚାର୍ଯ୍ୟ, ସୁନୀତା ବାଗ, ନିଲିମା ଅଗ୍ରୱାଲ, ଭାବନା ଭୋସାଗର, ବବିତା ଗୁଆଲ, ଦିଲୀପ ନନ୍ଦ, ଚୂଡ଼ାମଣି ସାହୁ, ଶ୍ୟାମ ଅଗ୍ରୱାଲ, ପାଣ୍ଡବ କର୍ଣ୍ଣ, ଦିଲୀପ କୁମାର ଦାଶ, ଏକାଦଶିଆ ମାଝି, ଚିନ୍ତାମଣି ସାହୁ, ନରେନ୍ଦ୍ର ମେହେର, ତୁଳସୀରାମ ବେହେରା, ମୁଜାଫର ହୁସେନ, ସୁଶୀଲ କୁମାର ଭୋଇ, ଆନନ୍ଦ ପ୍ରଧାନ, ବିଜୟାନନ୍ଦ ପଟ୍ଟନାୟକ, ବିକାଶ ବହିଦାର, ରଞ୍ଜନ ସେଠୀ, ପପୁ କୁମ୍ଭାର, ଉମାକାନ୍ତ ଭୋଇ, ଅନନ୍ତ ତାଣ୍ଡି, ଶୁଭେନ୍ଦୁ ସାହୁ, ରମେଶ ପଣ୍ଡା, ନାରାୟଣ ମେହେର, ସୁଶାନ୍ତ ସାହୁ, ମାଧବ ସାହୁ, କ୍ଷୀରସିନ୍ଧୁ ତାଙ୍ଗ, ଗୋବିନ୍ଦ ମେହେର, ରଥ କୁମ୍ଭାର, ବରଣ ସାଗର, ମଗଶିର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଚତୁର୍ଥ ଦିବସରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

ଗାଇସିଲେଟ,୨୨।୩(ଦୁର୍ଗା ପ୍ରସାଦ ତ୍ରିବେଦୀ)

ଗାଇସିଲେଟ ବ୍ଲକ ଅନ୍ତର୍ଗତ ତାଲପାଲି ଗ୍ରାମଠାରେ ଚତୁର୍ଥ ଦିବସରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତମାନଙ୍କ ପୂଜାପାଠରେ ସୂର୍ଯ୍ୟ ପୂଜା, ବ୍ରହ୍ମଣ ପୂଜନ, ଶାଳାଧିଷ୍ଠିତ ଦେବତା ପୂଜା, ମୁଖ୍ୟ ଦେବତା ପୂଜା, ଚଣ୍ଡୀ ହୋମ ଓ ନାମାରମ୍ଭ ହୋଇଥିଲା। ନୀଳମାଧବ ଚରିତ୍ର (ଶ୍ରୀ ଜଗନ୍ନାଥ)ଉପରେ ଏକ ଖୋଲା ମଞ୍ଚ ଦରବାର ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆଙ୍କ କରକମଳରେ ଉଦ୍‌ଘାଟିତ ହୋଇଥିଲା। ଭକ୍ତମାନଙ୍କ ପାଇଁ ପାରାୟଣ ପଠନ ହୋଇଥିବା ବେଳେ ଆଚାର୍ଯ୍ୟ ଭରତ ଶାସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ବାରାଣାସୀରୁ ଆସିଥିବା ପଣ୍ଡିତ ନିଖିଲ ତ୍ରିଙ୍ଗି, ରିଶବ ତିବାରି, ହର୍ଷ ତିବାରିଙ୍କ ଦ୍ୱାରା ଗଙ୍ଗା ଆଳତି ଆକର୍ଷଣୀୟ ହୋଇଥିଲା ଏହା ପ୍ରତିଦିନ ସନ୍ଧ୍ୟାରେ ଅନୁଷ୍ଠିତ ହେବ। ଝୁମକୁ ଝୁମା ସାଂସ୍କୃତିକ କଳା ପରିଷଦ ବରଗଡ଼ ଯୋଗ ଦେଇଥିବା ବେଳେ ସାମାଜିକ ନାଟକ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମିନା ବଜାରରେ ଶତାଧିକ ଦର୍ଶକ ମାନଙ୍କର ସମାବେଶ ହୋଇଥିଲା।

## ୨୬ ତାରିଖ ରାସ୍ତାରୋକୋ ସ୍ଥଗିତ

ତରଭା, ୨୨।୩(ମାନଭଞ୍ଜନ ମିଶ୍ର)

**ଜିଲା ପ୍ରଶାସନର ହସ୍ତକ୍ଷେପ**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ମରାଡୁଗୋଛା ଗ୍ରାମ ପଞ୍ଚାୟତର ବିଭିନ୍ନ ରାସ୍ତା ଶୋଚନୀୟ ହୋଇପଡିଛି। ଏଥିସହ ତେଲନଦୀ ମେଗାଲିଫ୍ଟ ପ୍ରକଳ୍ପରୁ ଚାଷଜମିକୁ ଜଳଯୋଗାଣ ବ୍ୟବସ୍ଥା ଫେଲ ମାରିଛି। ଏଥିଯୋଗୁ ଅନେକ ଚାଷୀ ଜମିକୁ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି । ଏନେଇ ମାର୍ଚ୍ଚ ୧୮ ତାରିଖରେ ଜିଲାପାଳ ଓ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକଙ୍କୁ ଆସନ୍ତା ୨୬ ତାରିଖରେ କଣ୍ଟାମାଳ-ତରଭା ତେଲ ନଦୀବ୍ରିଜ ପାଖରେ ରାସ୍ତା ଅବରୋଧ କରି ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀଙ୍କ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ତରଭା ବିଡିଓ ଗଙ୍ଗାରାମ ବୁଡ଼େକଙ୍କ ଅଧକ୍ଷତାରେ ବ୍ଲକ କାର୍ଯ୍ୟାଳୟରେ ବୈଠକ ବସିଥିଲା। ଏଥିରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଉପ ଜିଲାପାଳ ଡ, ସୌମ୍ୟରୂପା ରଥ, ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ତହସିଲଦାର ସ୍ୱେତାଲିନା ମାହଣା, ତରଭା ଆଇଆଇସି ଅନିତା କିଡୋ, ମେଗାଲିଫ୍ଟ, ପିଡବ୍ଲ୍ୟୁଡି, ଗ୍ରାମ୍ୟ ଉନ୍ନୟନ ଅଧିକାରୀଙ୍କ ସହ ସରପଞ୍ଚ ମନମୋହନ ସାହୁ, ସଭ୍ୟ କୁମାର୍ ସା, କଣ୍ଟାମାଳର ରବିନାରାଣ ସାହୁ ପ୍ରମୁଖ ଉଭୟ ପକ୍ଷରୁ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ତେଲନଦୀ ବ୍ରିଜଠାରୁ ତରଭା ପର୍ଯ୍ୟନ୍ତ ରାସ୍ତାର ଟେଣ୍ଡର ହୋଇସାରିଛି, ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ମେଗା ଲିଫ୍ଟ ପ୍ରକଳ୍ପରୁ ଅଧିକ ଚାଷୀଙ୍କ ଜମିକୁ ଯେମିତି ପାଣି ପହଞ୍ଚିବ ତା'ର ବ୍ୟବସ୍ଥା କରାଯିବାକୁ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ପ୍ରତିଶ୍ରୁତି ମିଳିବାପରେ ୨୬ ଦିନ ଆନ୍ଦୋଳନ ନ କରିବାପାଇଁ ଅଞ୍ଚଳବାସୀ ରାଜି ହୋଇଥିଲେ।

## ଜଳ ସୁରକ୍ଷା ପାଇଁ ଛାତ୍ରୀଛାତ୍ରଙ୍କ ସଂକଳ୍ପ

ବରଗଡ଼,୨୨।୩(ପ୍ରେମାନନ୍ଦ ଖମାରୀ)




ରାଣାପ୍ରତାପ ସ୍କୁଲରେ ଜଳର ସୁରକ୍ଷା ପାଇଁ ସଂକଳ୍ପ ନେଉଛନ୍ତି।

**ଜଳ ହିଁ ଜୀବନ ଶୀର୍ଷକ ଆଲୋଚନାଚକ୍ର**

ବରଗଡ଼ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶନିବାର ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ବରଗଡ଼ ରାଣା ପ୍ରତାପ ସ୍କୁଲର ୟୁଥ ଏଣ୍ଡ ଇକୋ କ୍ଲବ ଆନୁକୁଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ୟୁଥ ଏଣ୍ଡ ଇକୋ କ୍ଲବର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଜଳ ସୁରକ୍ଷା ସମ୍ବନ୍ଧରେ ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଜଳ ହିଁ ଜୀବନ ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ଛାତ୍ରୀ ରିତିକା ସା, ସୌଦାମିନୀ ଗଡତିଆ, ଅଞ୍ଜଳି ମହାରଣା, କ୍ରିଷ୍ଟିନା ମେହେର, ଶିବାନୀ ମେହେର, ଆଶିଷ ନାଏକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଜଳ ସୁରକ୍ଷା ପାଇଁ ସାମୁହିକ ସଂକଳ୍ପ ନେଇଥିଲେ। ସେହିପରି ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଜନତା ହାଇସ୍କୁଲ ଭୁକ୍ତାରେ ବିଶ ଜଳ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇକୋ କ୍ଲବ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଚଳିତ ବର୍ଷ ବିଶ୍ୱ ଜଳ ଦିବସର ପ୍ରସଙ୍ଗ "ହିମବାହ ସଂରକ୍ଷଣ" ବିଷୟରେ ଆଲୋକପାତ କରିବା ସହ ବ୍ୟକ୍ତିଗତ ଓ ସାମୁହିକ ଭାବରେ ମଧୁର ଜଳକୁ ଅପଚୟ ନ କରି ଜୀବନ ଶୈଳୀର ସମସ୍ତ ପର୍ଯ୍ୟାୟରେ ସଂରକ୍ଷଣ କରି ଭବିଷ୍ୟତ ପିଢ଼ୀକୁ ଜଳ ସଂକଟ ପରି ସମସ୍ୟାରୁ ଦୂରେଇ ରଖିବା ପାଇଁ ସମସ୍ତେ ଯତ୍ନଶୀଳ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଧାନ ଶିକ୍ଷକ ନାୟକ ଜଳ ସଂରକ୍ଷଣ କରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଜଳ ଉପରେ ଆଧାରିତ କୁଇଜ ପ୍ରତିଯୋଗିତାରେ ଦୀପ୍ତି ସା, ଚେତନାଶ୍ରୀ ଦାସ ଏବଂ ଅଂଶୁମାନ ଚୌଧୁରୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ଫୁଲଚାରା ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଏଥିରେ ବିଦ୍ୟାଳୟର ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ, ଶକ୍ତି କ୍ଲବ, ମାନକ କ୍ଲବ, ହୋମି ଭାବା ବିଜ୍ଞାନ କ୍ଲବ, ସାର୍ ସି. ଭି ରମଣ ବିଜ୍ଞାନ କ୍ଲବ, ଗଣିତ କ୍ଲବର ସଦସ୍ୟ ଅଂଶଗ୍ରହଣ କରିଥିବା ବେଳେ ଶିକ୍ଷକ ତେଜରାମ ସା, ବୋଧରାମ ବିଶ୍ୱାଳ, ଅଙ୍କିତ ମହନ୍ତ, ପ୍ରଶାନ୍ତ ମହାପାତ୍ର, ଆଶୁତୋଷ ଭୋଇ, ସୁବାସ ଚନ୍ଦ୍ର ଖମାରୀ ଏବଂ ପଦ୍ମଲୋଚନ ବିଶି ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଶ୍ରୀପତି ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ଅନୀତା ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁଙ୍କୁ ମିଳୁନି ପୁଷ୍ଟିକର ଖାଦ୍ୟ

## ଦୈନିକ ମୁଣ୍ଡପିଛା ଅନୁଦାନ ରାଶି ବୃଦ୍ଧି ପାଇଁ ଦାବି

ରାଉରକେଲା,୨୨।୩(ବିପ୍ଳବ ରଞ୍ଜନ ଦାଶ)

ଦିନକୁ ଦିନ ଖାଦ୍ୟଦ୍ରବ୍ୟର ଦରଦାମ୍ ବୃଦ୍ଧି ପାଉଛି। ସେହି ଅନୁପାତରେ ଅଙ୍ଗନୱାଡି କେନ୍ଦ୍ରକୁ ମିଳୁଥିବା ସରକାରୀ ଅନୁଦାନରେ ବୃଦ୍ଧି ହେଉନାହିଁ। ନିଅଣ୍ଟିଆ ଅନୁଦାନରେ ଅଙ୍ଗନୱାଡି କେନ୍ଦ୍ରର ଶିଶୁମାନଙ୍କୁ ନିୟମିତ ପୁଷ୍ଟିକର ଖାଦ୍ୟ ଯୋଗାଇବା ସମ୍ଭବ ହେଉନାହିଁ। ରାଉରକେଲା ସମନ୍ୱିତ ଶିଶୁ ବିକାଶ ବିଭାଗ ଅଧୀନ ମୋଟ ୧୬୦ଟି ଅଙ୍ଗନୱାଡି କେନ୍ଦ୍ରରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଉକ୍ତ କେନ୍ଦ୍ରଗୁଡିକର ୨୫୬୩ଜଣ କୋମଳମତି ଶିଶୁଙ୍କ ଅପପୃଷ୍ଟି ଦୂରୀକରଣ ବ୍ୟବସ୍ଥା ବାଟବଣା ହୋଇପଡିଛି। ୬ମାସରୁ ଊର୍ଦ୍ଧ୍ୱ ବର୍ଗ ୧୦ପ୍ରତିଶତ ଶିଶୁ ରକ୍ତହୀନତା, ୫ପ୍ରତିଶତଙ୍କ ଉଚ୍ଚତା ହ୍ରାସ ସହ ପ୍ରତି


ରାଉରକେଲା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ।

୧ହଜାରରେ ୧୦୦ରୁ ଊର୍ଦ୍ଧ୍ୱ କୋମଳମତି ଆଦିବାସୀ ଶିଶୁଙ୍କ ବୟସ ବୃଦ୍ଧି ଅନୁସାରେ ଶାରୀରିକ ଓ ବୌଦ୍ଧିକ ବିକାଶ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି।

ସୂଚନା ଅନୁସାରେ, ଶିଶୁ ପିଛା ସୋମବାର ୨୫ଗ୍ରାମ ଡାଲି ଓ ଆଳୁ ସହ ୭୦ ଗ୍ରାମ ତଟକା ପନିପରିବା ମିଶ୍ରିତ ଡାଲମା ପାଇଁ ସହରର ଅଙ୍ଗନୱାଡି କେନ୍ଦ୍ରକୁ ସରକାର ୪ଟଙ୍କା ଦେଉଛନ୍ତି। ମଙ୍ଗଳବାର, ବୁଧବାର ଏବଂ ଶନିବାର ଆଳୁ ଓ ଅଣ୍ଡା ତରକାରୀ ସହିତ ଗୋଟିଏ ଲେଖାଏଁ ସିଝା ଅଣ୍ଡା ପାଇଁ ୭ଟଙ୍କା ଦିଆଯାଉଛି। ମାତ୍ର ବଜାରରେ ସିଝା ଅଣ୍ଡା ପିଛା ଦର ୧୦ଟଙ୍କା ରହିଥିବା ବେଳେ କଞ୍ଚା ଅଣ୍ଡା ୭ଟଙ୍କାରେ ବିକ୍ରି ହେଉଛି। ଫଳରେ ମାତ୍ର ୭ଟଙ୍କାରେ ପିଲା ପିଛା ସ୍ୱତନ୍ତ୍ର ତରକାରୀ ସହିତ ସିଝା ଅଣ୍ଡା ପ୍ରଦାନ କରାଯିବା କର୍ମୀମାନଙ୍କ ପାଇଁ ସମ୍ଭବ ହୋଇପାରୁନାହିଁ। ସେହିପରି ସହରରେ ଡାଲି ଦର ଆକାଶ ଛୁଆଁ ରହିଥିବା ବେଳେ ତଟକା ପନିପରିବା ଦର ଥମିବା ନାଁ ଧରୁନି। ଏମିତିରେ ୪ଟଙ୍କାରେ ପିଲାଙ୍କୁ ତଟକା ପରିବା ମିଶା ଡାଲମା ପ୍ରଦାନ କରିବା ସମ୍ଭବ ହେଉନାହିଁ। ଏଣୁ ଦୀର୍ଘ ମାସ ହେଲା ସହରର ୧୬୦ଟି କେନ୍ଦ୍ରରେ ଶିଶୁଙ୍କୁ ଗୁଣାତ୍ମକ ପୃଷ୍ଟିକର ଖାଦ୍ୟ ମିଳିପାରୁନାହିଁ। ଫଳରେ ପିଲାମାନେ ଖାଦ୍ୟ ଅଭାବରୁ ପୃଷ୍ଟିହୀନତାର ଶିକାର ହେଉଛନ୍ତି। ଏଣୁ ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ଅଭିଭାବକ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ରାଉରକେଲା ସିଡିପିଓ ଦର୍ଶନୀ ଏକ୍କାଙ୍କୁ ପଚାରିବାରୁ ସେ କହିଥିଲେ, ସହରର ଅଙ୍ଗନୱାଡି କେନ୍ଦ୍ରରେ ଅଧ୍ୟୟନ କରୁଥିବା କୋମଳମତି ଶିଶୁମାନଙ୍କୁ ଅନୁଦାନ ମୁତାବକ ଯଥାସମ୍ଭବ ପୋଷଣଯୁକ୍ତ ପୃଷ୍ଟିକର ଖାଦ୍ୟ ପ୍ରଦାନ କରାଯାଉଛି। ତେବେ ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଅନୁଦାନ ବଢାଇବାକୁ ବାରମ୍ବାର ଦାବି କରୁଛନ୍ତି। ଏ ନେଇ ଜିଲା ପ୍ରଶାସନକୁ ଅବଗତ କରାଯାଇଛି ବୋଲି ଏକ୍କା କହିଥିଲେ।

## ଜଳ ସଂରକ୍ଷଣ ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ

ରାଉରକେଲା,୨୨।୩(ଦିନେଶ ମିଶ୍ର)

ରାଉରକେଲା ଆର୍‌ଇସି କ୍ଲଷ୍ଟର ପକ୍ଷରୁ ଶନିବାର ବିଶ୍ୱ ଜଳ ଦିବସ ପାଳନ ଅବସରରେ ଜଳ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ ବିଶ୍ରା ଏବିଇଓ ଆରତୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିବର୍ଷ ମାର୍ଚ୍ଚ ୨୨ତାରିଖକୁ ଜଳ ଦିବସ ଭାବେ ପାଳନ କରିବାର ତାପର୍ଯ୍ୟ ଉପରେ ଅତିଥି ପ୍ରଧାନ ବୁଝାଇଥିଲେ। ଆର୍‌ଇସି କଷ୍ଟର ସିଆର୍‌ସିସି ସିପ୍ରା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆରଇସି କ୍ଲଷ୍ଟର ଗୋପବନ୍ଧୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୋଏଲ ନଗର ଉପ୍ରା ବିଦ୍ୟାଳୟ, ମିଶ୍ର ଖଟାଲ ଉପ୍ରା ବିଦ୍ୟାଳୟ, ସେକ୍ଟର-୧ସ୍ଥିତ ଉପ୍ରା ବିଦ୍ୟାଳୟ, ବିନୋବା ଶିଶୁ ଉପ୍ରା ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଏହି ଶୋଭାଯାତ୍ରାରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ହାତରେ ପ୍ଲାକାର୍ଡ ଧରି ସହରବାସୀଙ୍କୁ ସଚେତନ କରାଇଥିଲେ। ଶିକ୍ଷୟିତ୍ରୀ ରଞ୍ଜିତା ପ୍ରଧାନ, ସୁଲେଖା ପାଲ, ଅନୁରାଧା ପୁହାଣ, ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀକୁମାର ସେଠୀ, ସିପ୍ରା ମହାନ୍ତି, ବିଜୟଲକ୍ଷ୍ମୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଜୁଏଲ ଓରାମଙ୍କୁ ଶୁଭେଚ୍ଛା ଜଣାଇଲେ ଭାଜପା କର୍ମୀ


ଜନ୍ମଦିନ ପାଳନ କାର୍ଯ୍ୟକ୍ରମରେ ଜୁଏଲ ଓରାମ ଓ ଅନ୍ୟମାନେ।

ରାଉରକେଲା,୨୨।୩(ବିପ୍ଳବ ରଞ୍ଜନ ଦାଶ)

ସୁନ୍ଦରଗଡ ଏମ୍‌ପି ତଥା କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମଙ୍କ ୬୫ତମ ଜନ୍ମଦିନ ସେକ୍ଟର-୩ସ୍ଥିତ ଭାଜପା କାର୍ଯ୍ୟାଳୟରେ ଶନିବାର ପାଳିତ ହୋଇଯାଇଛି। ଜୁଏଲ ଓରାମ ରାଉରକେଲା ରେଳ ଷ୍ଟେଶନରେ ପହଞ୍ଚିବା ପରେ ଦଳୀୟ କର୍ମୀମାନେ ତାଙ୍କୁ ଜିଲା କାର୍ଯ୍ୟାଳୟକୁ ପାଛୋଟି ନେଇଥିଲେ। ସେଠାରୁ ଓରାମ ସେକ୍ଟର-୩ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ସେ ଜିଲା କାର୍ଯ୍ୟାଳୟରେ କେକ୍ କାଟି ଜନ୍ମଦିନ ପାଳନ କରିଥିଲେ। ଏହାପରେ ଓରାମ ରାଉରକେଲା ସରକାରୀ ଡାକ୍ତରଖାନା ଯାଇ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ ଏବଂ ସେଠାରେ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜନ୍ମଦିନ ଅବସରରେ ଓରାମଙ୍କୁ ଦଳୀୟ କର୍ମୀଙ୍କ ସମେତ ବହୁ ସଙ୍ଗଠନ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମରେ ଜିଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା, ରାଜ୍ୟ ଉପ ସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ, ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ବେହେରା ଓ ରମେଶ ଅଗ୍ରୱାଲ, ଗଙ୍ଗାଧର ଦାଶ, ମନୋଜ ସେନାପତି, ମନୋଜ ଶତପଥୀ, ସୁଶାନ୍ତ ମହାପାତ୍ର, ଭରତ ଦତ୍ତ ବିଶ୍ୱକର୍ମା, ଦିଲୀପ ପଟ୍ଟନାୟକ, ଶୁଭେନ୍ଦୁ ପଣ୍ଡା, ଭ୍ରମରବର ବେହେରା, ମନୋରଞ୍ଜନ ମୁନି, ମଳୟ ମହାପାତ୍ର, ଅଶୋକ ଲେଙ୍କା, ସୁରେଶ ପ୍ରଧାନ, ରମେଶ ସିଂ, ସନ୍ଦିପ ଅଗ୍ରୱାଲଙ୍କ ସମେତ ରାଜ୍ୟ, ଜିଲା ଏବଂ ମଣ୍ଡଳସ୍ତରୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଇସ୍ପାତ ସହରାଞ୍ଚଳରେ ସଫେଇ ଅଭିଯାନ

ରାଉରକେଲା,୨୨।୩(ବିପ୍ଳବ ରଞ୍ଜନ ଦାଶ)

ସ୍ୱଚ୍ଛତା ପକ୍ଷ-୨୦୨୫ ପାଳନ ପରିପ୍ରେକ୍ଷୀରେ ଆର୍‌ଏସ୍‌ପି ପକ୍ଷରୁ କାରଖାନା ଏବଂ ସହରାଞ୍ଚଳରେ ବିଭିନ୍ନ ସଚେତନତା ଓ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି କ୍ରମରେ ଗଜପତି ମାର୍କେଟ ସେକ୍ଟର-୧୯ରେ ଏକ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଯାଇଛି। ସହର ପ୍ରଶାସନ ଏବଂ ସିଏସ୍‌ଆର ବିଭାଗ ସିଜିଏମ୍ ଇନ୍‌ଚାର୍ଜ ପି. କେ. ସ୍ୱାଇଁ ଏହି ଅଭିଯାନର ନେତୃତ୍ୱ ନେଇଥିଲେ। ସହର ଇଞ୍ଜିନିୟରିଂ ଜନସ୍ୱାସ୍ଥ୍ୟ ବିଭାଗର ଡେପୁଟି ସିଏମ୍‌ଓ ଡକ୍ଟର ଦୀପା ଲାଭାଙ୍ଗରେ, ସହରସେବା ଓ ଜନସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ଗଜପତି ମାର୍କେଟ ସ୍ୱଚ୍ଛତା ସ୍ୱାଭିମାନ ଗୋଷ୍ଠୀ ଏଥିରେ ସାମିଲ ହୋଇଥିଲେ ଏବଂ ଅଞ୍ଚଳକୁ ସଫେଇ କରିଥିଲେ। ବରିଷ୍ଠ ଅଧିକାରୀମାନେ ଏକ ସଚେତନତା ଅଭିଯାନ କରିଥିଲେ ଏବଂ ସ୍ଥାନୀୟ ଲୋକଙ୍କୁ ସ୍ୱଚ୍ଛତା ଓ ପରିମଳର ଗୁରୁତ୍ୱ ବିଷୟରେ ବୁଝାଇଥିଲେ। ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାରକୁ ରୋକିବା ପାଇଁ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଜନସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ରସାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ସଫେଇ ଅଭିଯାନରେ ଆର୍‌ଏସ୍‌ପି ଅଧିକାରୀ ଓ ଅନ୍ୟମାନେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ କୃତୀ ଛାତ୍ରୀଛାତ୍ର।

## ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଉଦ୍‌ଯାପିତ

ରାଉରକେଲା,୨୨।୩(ବିପ୍ଳବ ରଞ୍ଜନ ଦାଶ)

ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ, ଏନ୍‌ଏସ୍‌ଏସ୍ ପ୍ରଭାଗ, ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟ, ନୋଡ଼ାଲ ସେଣ୍ଟର ସୁନ୍ଦରଗଡ଼ ଆନୁକୂଲ୍ୟରେ ଚାଲିଥିବା ଦୁଇଦିନିଆ ଜିଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ସୁପରିଟେଣ୍ଡିଙ୍ଗ ଇଞ୍ଜିନିୟର ଆଲୋକ କୁମାର ନାଏକ ମୁଖ୍ୟ ଅତିଥି ଏବଂ ସତ୍ୟାନନ୍ଦ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏନଏସ୍‌ଏସ୍ ପିଓ ତଥା ଅଧ୍ୟାପକ ଆକାଶ ଚନ୍ଦ୍ର ଦାସ ବିବରଣୀ ପାଠ ଏବଂ ପ୍ରିୟଙ୍କା ମହାନ୍ତି ଦ୍ୱିତୀୟ ଦିନର ପ୍ରତିଯୋଗିତା ପରିଚାଳନା କରିଥିଲେ। ଅଧ୍ୟାପିକା ଡ. ଦିବ୍ୟକାନ୍ତି ବିଲୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଓ ଦେବଗଡ଼ ଜିଲାରୁ ମୋଟ ୧୫୦ ଛାତ୍ରୀଛାତ୍ର ଯୋଗଦେଇ 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ' ଶୀର୍ଷକ ବିଷୟବସ୍ତୁ ଉପରେ ମତ ଉପସ୍ଥାପନ କରିଥିଲେ। ଏହି ପ୍ରତିଯୋଗିତା ପାଇଁ ପ୍ରଦୀପ କୁମାର ମିଶ୍ର, ଜଗନ୍ନାଥ ଦେବାଶିଷ ପାଢ଼ୀ, ଆଭାଷ କୁମାର ହୋତା, ଅର୍ଘଦୀପ ବାନାର୍ଜୀ, ସୁଦୀପ୍ତି କେର୍କେଟାଙ୍କୁ ନେଇ ପାଞ୍ଚଜଣିଆ ବିଚାରକ ମଣ୍ଡଳୀ ଗଠନ କରାଯାଇଥିଲା। ପ୍ରତିଯୋଗୀମାନଙ୍କ ମଧ୍ୟରୁ ୧୦ଜଣଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କ ସମେତ ସମସ୍ତ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପ୍ରମାଣପତ୍ର ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଅଂଶଗ୍ରହଣ କରିଥିଲେ।

## କଳା ଶିଳ୍ପର ସୃଜନଶୀଳ ଅର୍ଥନୈତିକ ଭୂଗୋଳ ଉପରେ ଜାତୀୟ ସମ୍ମିଳନୀ

ରାଉରକେଲା,୨୨।୩(ସଙ୍ଗୀତା ଜେନା)

ରାଉରକେଲା ଏନ୍‌ଆଇଟିର ଯୋଜନା ଏବଂ ସ୍ଥାପତ୍ୟ ବିଭାଗ ପକ୍ଷରୁ 'କଳା ଶିଳ୍ପର ସୃଜନଶୀଳ ଅର୍ଥନୈତିକ ଭୂଗୋଳ: ଭାରତରେ ସ୍ଥାନ, ସଂସ୍କୃତି ଏବଂ ଅର୍ଥନୀତି ମଧ୍ୟରେ ସମନ୍ୱୟତା ଅନୁସନ୍ଧାନ' ଉପରେ ଦ୍ୱିଦିବସୀୟ ଜାତୀୟ ସମ୍ମିଳନୀ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇଛି। ଏଥିରେ ସମାରୋହ ସଂଯୋଜକ ଡକ୍ଟର ଦୀପଞ୍ଜନ ସାହା ସ୍ୱାଗତ ଭାଷଣ ଦେଇଥିଲେ। ଉଦ୍‌ଘାଟନୀ ଅଧିବେଶନରେ ପ୍ରସିଦ୍ଧ ଭାରତୀୟ ମୂର୍ତ୍ତିକାର ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେ, କଳା ସାର କାରିଗରଙ୍କ ହାତରେ ରହିଥାଏ। ଡିଗ୍ରୀ କାର୍ଯ୍ୟକ୍ରମଗୁଡ଼ିକ ଜ୍ଞାନ ପ୍ରଦାନ କରେ। କିନ୍ତୁ ପ୍ରକୃତ କଳାକୃତି ସମର୍ପଣ, ଆଗ୍ରହ ଏବଂ କାରିଗରି ଅଭ୍ୟାସରୁ ଆସିଥାଏ। କଳା ଏବଂ ହସ୍ତଶିଳ୍ପ ହେଉଛି ଅଭିବ୍ୟକ୍ତିର ଏକ ପ୍ରକାର ଯାହା ଆମ ସମାଜର ଢାଞ୍ଚାରେ ବୁଣାଯାଇଛି। କିନ୍ତୁ ଆଜିର ଦ୍ରୁତ ଗତିଶୀଳ ବିଶ୍ୱରେ ଆମେ ଆମର ଐତିହ୍ୟର ମୂଳରୁ କ୍ରମଶଃ ବିଚ୍ଛିନ୍ନ ହେଉଛୁ। ପ୍ରଗତି ବିଷୟରେ ବୃହତ୍ ଆଲୋଚନାରେ କଳା ଏବଂ ହସ୍ତଶିଳ୍ପକୁ ପ୍ରାୟତଃ ଅଣଦେଖା କରାଯାଏ। ତଥାପି ଆମେ ଏକ ଅଞ୍ଚଳର ପରିଚୟ ଗଠନ କରିବାରେ ହସ୍ତଶିଳ୍ପ ଶକ୍ତିକୁ ଅଣଦେଖା କରିପାରିବା ନାହିଁ ବୋଲି ମୁଖ୍ୟ ଅତିଥି ଗଡ଼ନାୟକ କହିଥିଲେ। ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଭାରତୀୟ ସଂସ୍କୃତିରେ କଳାର ଐତିହାସିକ ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ବହୁମୁଖୀ ମୂର୍ତ୍ତିକାର ତଥା ନାରୀଶକ୍ତି ପୁରସ୍କାରପ୍ରାପ୍ତ ନିବେଦିତା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ଥାପତ୍ୟର ସାଂସ୍କୃତିକ ବର୍ଣ୍ଣନାକୁ ବୁଝିବା ଏବଂ ଐତିହ୍ୟ ସଂରକ୍ଷଣ କରିବାରେ ତାଙ୍କର ବିଶେଷଜ୍ଞତା ବଖାଣିଥିଲେ। ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ ମଞ୍ଚାସୀନ ଥିଲେ। ସହ ସଂଯୋଜକ ବିଶ୍ୱଭାରତୀର ଡକ୍ଟର ତନିମା ଭଟ୍ଟାଚାର୍ଯ୍ୟ ଏବଂ ଡକ୍ଟର ବିକାଶ ରଞ୍ଜନ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଯୋଜନା ଏବଂ ସ୍ଥାପତ୍ୟ ବିଭାଗର ମୁଖ୍ୟ ଡକ୍ଟର ସୌମୀ ମୁହୁରୀ ସ୍ୱାଗତ କରିଥିବା ବେଳେ ସଂଯୋଜକ ଡକ୍ଟର ନବନୀତା ସାହା ଧନ୍ୟବାଦ ଅର୍ପଣ କରିଥିଲେ।



ଜାତୀୟ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

## ଏକତ୍ର ପକ୍ଷରୁ ବନ୍ଧୁମିଳନ, ପୁସ୍ତକ ଉନ୍ମୋଚନ

ରାଉରକେଲା,୨୨।୩(ଦିନେଶ ମିଶ୍ର)

ଏକତ୍ର ରାଉରକେଲା ପକ୍ଷରୁ ସେକ୍ଟର-୭ସ୍ଥିତ ମଧୁ ମଣ୍ଡପରେ ବନ୍ଧୁମିଳନ ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରାଜୀବ ପାଣିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ସୁଦେଶ ନାୟକ, ପ୍ରାକ୍ତନ ସଭାପତି ଡ. ସମର ମୁଦାଲି, ଉପଦେଷ୍ଟା ମିହିର ରାୟ, କାର୍ଯ୍ୟକାରୀ ସଭାପତି ଆଲୋକ ବୋଷ, ଉପସଭାପତି ରମେଶ ମହାନ୍ତି, କୋଷାଧ୍ୟକ୍ଷ ପ୍ରଜ୍ଞାନନ୍ଦ ମହାନ୍ତି ଓ ସମନ୍ୱୟ ସମ୍ପାଦକ ଅକ୍ଷୟ ଧଳ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାପତି ପାଣି ଅତିଥି ପରିଚୟ ସହ ଅନୁଷ୍ଠାନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ନାଟକ ଜୀବନ ଓ ସମାଜକୁ ଶୃଙ୍ଖଳିତ କରିଥାଏ ବୋଲି ଡ. ମୁଦାଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଏଥିସହ ସମୟାନୁବର୍ତ୍ତିତା, ସଙ୍ଗଠିତ, ବରିଷ୍ଠ ଅଭିନେତାମାନଙ୍କୁ ସମ୍ମାନିତ କରିବା ଓ ନାଟକ ପ୍ରତି ପ୍ରତିବଦ୍ଧତା ଉପରେ ମୁଦାଲି ଗୁରୁତ୍ୱାରୋପ କରିଥିଲେ। ଉପଦେଷ୍ଟା ରାୟ ରାଉରକେଲାର ଭାଇଚାରା ପାଇଁ ଏକତ୍ର ଗଠନ ଓ ନାଟକରେ ବିଭିନ୍ନ ବିଭାଗ ପାଇଁ ଭିନ୍ନ ଭିନ୍ନ କର୍ମଶାଳା କରିବାକୁ ମତ ରଖିଥିଲେ। ସାଧାରଣ ସମ୍ପାଦକ ନାୟକ ବିଗତ ବର୍ଷର କାର୍ଯ୍ୟକ୍ରମ ଓ ଉପସଭାପତି ମହାନ୍ତି ଅନୁଷ୍ଠାନର ଆୟବ୍ୟୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ମରଣିକା 'ଏକତ୍ର'କୁ ଉପଦେଷ୍ଟା ଡାକ୍ତର କୃପାସିନ୍ଧୁ ନାୟକ ଉନ୍ମୋଚନ କରିଥିଲେ। ପରେ ୨୦୨୫-୨୬ର ନୂତନ କର୍ମକର୍ତ୍ତାମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ଉପଦେଷ୍ଟା ଭାବେ ସୁମନ ଦତ୍ତ, ଡାକ୍ତର କୃପାସିନ୍ଧୁ ନାୟକ, କୈଳାସ ପାଣିଗ୍ରାହୀ, ଭାସ୍କର ଚନ୍ଦ୍ର ମହାପାତ୍ର, ବିଲୋଚନ ପାତ୍ର, ବିଜୟ କୁମାର ପାତ୍ର, ପ୍ରସନ୍ନ ମହାନ୍ତି, ସାଧାରଣ ସମ୍ପାଦକ ଭାବେ ବିଜୟ କୁମାର ନାୟକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ୨୫ଟି ନାଟ୍ୟାନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉପସଭାପତି ବିଲୋଚନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠକ ନ ଦେଖିଲେ ବଣିଆ ଦେଖ**
**ବାଘ ନ ଦେଖିଲେ ବିରାଡ଼ି ଦେଖ।**

ସୁନାରି ବଣିଆ ଅଳଙ୍କାର ତିଆରି କରିବା ସମୟରେ ଖାଦ ମିଶାଇ ପ୍ରକୃତ ସୁନାର କିଛି ପରିମାଣ ଅପହରଣ କରି ନେଇଥାନ୍ତି। ଏଣୁ ସବୁ ଠକଙ୍କ ମଧ୍ୟରେ ସେ ହିଁ ପ୍ରତ୍ୟକ୍ଷ ଠକ ଭାବେ ବିବେଚନା ହୋଇଥାନ୍ତି। ସେହିପରି ବାଘ ଓ ବିଲେଇ ଦୁହେଁ ଦେଖିବାକୁ ପ୍ରାୟତଃ ଏକାପରି ହୋଇଥାନ୍ତି। କେବଳ ଆକାରରେ ଯାହା କିଛି ଫରକ ବା ପ୍ରଭେଦ ରହିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଠାପୁଆ ବଳଦ ରକ୍ଷା ପାଏ**
**ଠାପୁଆ ମଣିଷ ନାଶ ଯାଏ।**

ବଳଦ ଠାପୁଆ ହେଲେ ମାଲିକର କୋପ ଦୃଷ୍ଟିରୁ ବର୍ତ୍ତିବାର ସମ୍ଭାବନା ଥାଏ। ପରନ୍ତୁ ମଣିଷ ଠାପୁଆ ହେଲେ ନିଷ୍କର୍ମା ଯୋଗୁ ରୋଗ ତାକୁ ଗ୍ରାସିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଆଇଇଡି ବ୍ଲାଷ୍ଟରେ ୨ ସୁରକ୍ଷାବଳ ଆହତ

ରାଉରକେଲା,୨୨।୩(ସଙ୍ଗୀତା ଜେନା)

ଓଡ଼ିଶା ସୀମାନ୍ତ ଛୋଟନାଗପୁର ଥାନା ଅନ୍ତର୍ଗତ ବନଗ୍ରାମ ମରାଙ୍ଗପୋଙ୍ଗ ନିକଟ ଜଙ୍ଗଲରେ ସୁରକ୍ଷାବଳଙ୍କ ଉଦ୍ଦେଶ୍ୟରେ ଖଞ୍ଜାଯାଇଥିବା ଆଇଇଡ଼ି ବ୍ଲାଷ୍ଟରେ ଶନିବାର ଅପରାହ୍ନ ପ୍ରାୟ ସାଢେ ୨ଟାରେ ୨ଜଣ ସୁରକ୍ଷାବଳ ଆହତ ହୋଇଥିବା ସୂଚନା ମିଳିଛି। ଆହତ ସୁରକ୍ଷାବଳ ହେଲେ ସିଆର୍‌ପିଏଫ୍ ୧୯୩ ବାଟାଲିୟନ୍‌ର ଏସ୍‌ଆଇ ସୁନୀଲ ମଣ୍ଡଳ ଏବଂ ହେଡ୍ କନଷ୍ଟେବଳ ପାର୍ଥ ପ୍ରତିମ ଡେ। ତୁରନ୍ତ ପ୍ରାଥମିକ ଉପଚାର ପରେ ଆହତମାନଙ୍କୁ ହେଲିକପ୍ଟରରେ ଝାଡଖଣ୍ଡ ରାଞ୍ଚି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ପରେ ସୁରକ୍ଷାବଳ ପକ୍ଷରୁ କୋମ୍ବିଂ ଅପରେଶନ ଜୋରଦାର କରାଯାଇଥିବା ସିଆର୍‌ପିଏଫ୍ ପକ୍ଷରୁ ସୂଚନା ମିଳିଛି।

## ଛୋଟ ପ୍ରୟାସ ଭବିଷ୍ୟତ ପିଢ଼ିକୁ ବରଦାନ ହେବ

ରାଉରକେଲା,୨୨।୩(ବିପ୍ଳବ ରଞ୍ଜନ ଦାଶ)


କାର୍ଯ୍ୟକ୍ରମରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

### ଆର୍‌ଏସ୍‌ପିରେ ବିଶ୍ୱ ଜଳ ଦିବସ

ଆର୍‌ଏସ୍‌ପି ଜଳ ପ୍ରବନ୍ଧନ ବିଭାଗ ଆନୁକୂଲ୍ୟରେ ଶନିବାର ଆର୍‌ଏସ୍‌ପି ଜ୍ଞାନାର୍ଜନ ଓ ବିକାଶ କେନ୍ଦ୍ରରେ ବିଶ୍ୱ ଜଳ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଜଳ ହିଁ ଜୀବନ ଉଲ୍ଲେଖ କରିବା ସହ ଜଳର ଯଥୋଚିତ ଉପଯୋଗ ତଥା ଭବିଷ୍ୟତ ପିଢିଙ୍କ ଜଳ ସଂରକ୍ଷିତ ରଖିବା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ ବୋଲି କହିଥିଲେ। ଉତ୍ସବରେ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ୍ତ ଏବଂ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି. ସିଂହ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବହୁ ସିଜିଏମ, ବିଭାଗ ମୁଖ୍ୟ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପରେ ଆଲୋକ ବର୍ମା ପ୍ରକୃତି ଏବଂ ଜଳ ସଂରକ୍ଷଣ ପାଇଁ ସ୍ୱେଚ୍ଛାକୃତ ଭାବେ ବୃକ୍ଷରୋପଣ କରିଥିବା ଜଣେ ସ୍କୁଲ ଛାତ୍ରୀଙ୍କୁ ଏକ ପୁସ୍ତକ ଉପହାର ଦେଇଥିଲେ। ଜଳ ସଂରକ୍ଷଣ ଜଣେ ବ୍ୟକ୍ତିଙ୍କ ପ୍ରୟାସରେ ହେବ ନାହିଁ ଏଥିପାଇଁ ସମସ୍ତେ ଦାୟିତ୍ୱବାନ ହେବା ଜରୁରୀ ବୋଲି ବର୍ମା କହିଥିଲେ। ତରୁଣ ମିଶ୍ର ବର୍ଷାଜଳ ଅମଳର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଆର୍‌ଏସ୍‌ପିରେ ଶୂନ୍ୟ ବର୍ଜ୍ୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ଉପରେ ଗୁରୁତ୍ୱାରୋପ କରିଥିଲେ। ଏ. କେ ବେହୁରିଆ ଅନାୟାସରେ ଜଳ ଅପବ୍ୟବହାର ରୋକିବା ସହ ଜଳର ପୁନଃ ବ୍ୟବହାର କରିବା ତଥା ଲୋକଙ୍କ ମଧ୍ୟରେ ଏ ନେଇ ସଚେତନତା ଉଦ୍ରେକ କରିବା ଆବଶ୍ୟକ ବୋଲି କହିଥିଲେ। ଜଳ ପ୍ରବନ୍ଧନ ବିଭାଗର ଏସ୍‌ଓଏସ୍‌ଟି ଏସ୍. ପଣ୍ଡା ବେଦଶ୍ଳୋକ ଆବୃତ୍ତି କରିବା ପରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ସେହିପରି ବିଦ୍ୟାର୍ଥୀମାନଙ୍କୁ ନେଇ ଆୟୋଜିତ ହୋଇଥିବା ପ୍ରବନ୍ଧ ଲିଖନ, ବକ୍ତୃତା ଓ ଆର୍‌ଏସ୍‌ପି କର୍ମଚାରୀମାନଙ୍କୁ ନେଇ ପେଣ୍ଟିଂ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜଳ ସଂରକ୍ଷଣ ଉପରେ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ୟୁଟିଲିଟିଜ ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଚଳିତ ବର୍ଷର ସନ୍ଦର୍ଭ ହିମଶୃଙ୍ଗ ସଂରକ୍ଷଣ ଉପରେ ଆଲୋଚନା କରିଥିଲେ। ଜଳ ପରିଚାଳନା ବିଭାଗର ମ୍ୟାନେଜର ଦୀପକ ଗର୍ଗ କାର୍ଯ୍ୟକ୍ରମ ପରିଚାଳନା ଏବଂ ଜଳ ପ୍ରବନ୍ଧନ ବିଭାଗର ଜିଏମ ଇନଚାର୍ଜ ଦେବଜିତ ରାଭା ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବଗୋଷ୍ଠୀ ଦେଶ ଉନ୍ନତିର କର୍ଣ୍ଣଧାର ହୁଅନ୍ତୁ

ସମ୍ବଲପୁର,୨୨।୩(ଭବାନୀ ଶଙ୍କର ଭୋଇ)


ଅତିଥିଙ୍କ ଗହଣରେ ସାମିଲ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଏବଂ ଅଧିକାରୀ।

**ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜୈବ ପ୍ରଯୁକ୍ତି ଓ ଜୈବ ସୂଚନା ବିଭାଗ ସମ୍ମିଳନୀ ପ୍ରକୋଷ୍ଠରେ ବିକଶିତ ଭାରତ ପାଇଁ ମତ ସଂଗ୍ରହ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା ପ୍ରଭାଗ ଏବଂ ନେହେରୁ ଯୁବକେନ୍ଦ୍ର ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଓ ଝାରସୁଗୁଡ଼ା ଜିଲାର ସମସ୍ତ ମହାବିଦ୍ୟାଳୟର ମନୋନୀତ ୧୫୦ଜଣ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ମୁଖ୍ୟ ଅତିଥିଭାବେ ପ୍ରଫେସର ତୁଷାରକାନ୍ତି ଦାସ, ସମ୍ମାନିତ ଅତିଥି ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡକ୍ଟର ନୃପରାଜ ସାହୁ, ଏନ୍ଏସଏସ ସଂଯୋଜକ ଡ. ବୀରେନ୍ଦ୍ର ବେହେରା, ନେହେରୁ ଯୁବକେନ୍ଦ୍ର ଅଧିକାରୀ ମାରିଆନସ ବିଲୁଙ୍ଗ ଏବଂ ଜାତୀୟ ସେବା ଯୋଜନାର ସମ୍ବଲପୁର ଜିଲା ସଂଯୋଜକ ଶାନ୍ତନୁ ପ୍ରଧାନ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ଼ ବୀରେନ୍ଦ୍ର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ଯୁବଗୋଷ୍ଠୀଙ୍କୁ ଦେଶର ଉନ୍ନତିର କର୍ଣ୍ଣଧାର ହେବା ପାଇଁ ଆହ୍ୱାନ ଦେଇଥିଲେ। ଜାତୀୟ ସେବା ଯୋଜନା ଜିଲା ସଂଯୋଜକ ଶାନ୍ତନୁ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପିକା ବେଲମତି କୁମୁରା ଓ ବିନୋଦ ପୃଷେଠ ସଭା ପରିଚାଳନା କରିଥିଲେ। ଏହା ପରେ ବିକଶିତ ଭାରତ ପାଇଁ ଯୁବ ସଂସଦର ଯୁବ ମତାମତ ଚୟନ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ବିଚାରକ ମଣ୍ଡଳୀ ଭାବେ ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା, କଳାପାଣି ମହାବିଦ୍ୟାଳୟ ଅଧ୍ୟକ୍ଷ ମୋହନ ସାହୁ, ପରିବେଶ ବିଜ୍ଞାନ ବିଭାଗ ଅବସରପ୍ରାପ୍ତ ପ୍ରଧାପକ ସଞ୍ଜୟ କୁମାର ପଟ୍ଟନାୟକ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଡ଼ ରୋଷନୀ କୁଜୁର, ସହକାରୀ ପ୍ରଫେସର ଡ଼ ଏ.କେ. କୁଲୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଓ ସମ୍ବଲପୁର ଜିଲାର ସମସ୍ତ ମହାବିଦ୍ୟାଳୟର ମନୋନୀତ ଛାତ୍ରୀଛାତ୍ର ତଥା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଉପସ୍ଥିତ ଥିଲେ। ଭାରତ ସରକାରଙ୍କ ଯୁବ ଏବଂ ଖେଳ ମନ୍ତ୍ରାଳୟ ତରଫରୁ ଜାତୀୟ ସେବା ଯୋଜନାରେ ସାମଲ ସ୍ୱେଚ୍ଛାସେବୀମାନଙ୍କୁ ଦେଶର ପ୍ରଗତିରେ ଅଧିକ ସକ୍ରିୟ ଭାଗିଦାର କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଖଡ଼ିଛୁଆଁ, ପ୍ରବେଶ ଉତ୍ସବ ପାଇଁ ନିମନ୍ତ୍ରଣପତ୍ର ବଣ୍ଟନ


ଜଣେ କୁନିଝିଅଙ୍କୁ ଖଡିଛୁଆଁ ପାଇଁ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଉଛି।

ନାକଟିଦେଉଳ,୨୨।୩(ବୈକୁଣ୍ଠନାଥ ସାହୁ)

ସମଗ୍ର ରାଜ୍ୟରେ ଶିକ୍ଷା ବିଭାଗ ପକ୍ଷରୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଏବଂ ନୂତନ ଶିକ୍ଷା ନୀତି ୨୦୨୦ଅନୁଯାୟୀ ସମ୍ବଲପୁର ଜିଲାରେ ଅନେକଗୁଡିଏ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି ପରିପ୍ରେକ୍ଷୀରେ ଆସନ୍ତା ଏପ୍ରିଲ ୨ ତାରିଖରେ ହେବାକୁ ଥିବା ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ ସକାଶେ ନାକଟିଦେଉଳ ବ୍ଲକରେ ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏଥି ସକାଶେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ପର୍ଯ୍ୟାୟକ୍ରମେ ତାଲିମ ପ୍ରଦାନ କରାଯାଉଛି। ଏଥଇପାଇଁ ଗୁରୁବାରଠାରୁ ନିମନ୍ତ୍ରଣ ପତ୍ର ବଣ୍ଟନ ଆରମ୍ଭ ହୋଇଛି। ନାକଟିଦେଉଳ ଗ୍ରାମରେ ନୂତନ ଭାବେ ବିଦ୍ୟାଳୟକୁ ଆସିବାକୁ ଥିବା ଶିଶୁ ଏବଂ ଅଭିଭାବକମାନଙ୍କୁ ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ ପାଇଁ ଏହି ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶ୍ୟାମସୁନ୍ଦର ଦାଶଙ୍କ ସମେତ ନାକଟିଦେଉଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ପ୍ରମୋଦିନୀ ସାହୁ, ସିଆରସିସି ସୌମିତ୍ରୀ କୁମାର ସାହୁ ପ୍ରମୁଖ ନାକଟିଦେଉଳଠାରେ ନିମନ୍ତ୍ରଣ ପତ୍ର ବଣ୍ଟନ କରିଥିଲେ। ଅଭିଭାବକ ଏବଂ ନୂତନଭାବେ ବିଦ୍ୟାଳୟରେ ଯୋଗଦେବାକୁ ଥିବା ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ।

# ବଜରଙ୍ଗ ଦଳର ବୈଠକ

ସମ୍ବଲପୁର,୨୨।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ଅନ୍ତର୍ଗତ ଚାଉଁରପୁରଠାରେ ଶନିବାର ବଜରଙ୍ଗ ଦଳ ପକ୍ଷରୁ ଗୌରାଙ୍ଗ ମନ୍ଦିର ପ୍ରାଗଣରେ ସନାତନ ସଂସ୍କୃତିର ସୁରକ୍ଷା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବଜରଙ୍ଗ ଦଳ ଜିଲା ମୁଖ୍ୟ ସଂଯୋଜକ କିଶୋର ପାଢୀଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ବଜରଙ୍ଗ ଦଳର ପ୍ରାନ୍ତ ସଂଯୋଜକ ରାମଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନୁପ୍ରବେଶକାରୀ ଅଞ୍ଚଳର ଜବରଦଖଲ କରି ବେଆଇନ ଭାବେ ସରକାରୀ ଜମି କବଜା କରୁଥିବାରୁ ସେମାନଙ୍କ କାର୍ଯ୍ୟକଳାପ ପ୍ରତି ନଜର ରଖିବାକୁ ବଜରଙ୍ଗ ଦଳ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଥିଲା। ଆସନ୍ତା ୩୦ ତାରିଖ ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ଠାରୁ ୧୪ ଏପ୍ରିଲ ହନୁମାନ ଜୟନ୍ତୀ ଶୋଭାଯାତ୍ରା ବାହାର କରିବା ପର୍ଯ୍ୟନ୍ତ ଏହି ୧୫ ଦିନକୁ ହିନ୍ଦୁ ଜାଗରଣ ପକ୍ଷ ଭାବରେ ପାଳନ କରିବାକୁ ସ୍ଥାନୀୟ ଲୋକଙ୍କୁ ଆହ୍ୱାନ କରାଯାଇଥିଲା। ସମ୍ବଲପୁରରେ ୧୯୮୭ ମସିହାରେ ଆରମ୍ଭ ହୋଇଥିବା ମିଳିତ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଚଳିତ ବର୍ଷ ବର୍ଷ ୩୯ ବର୍ଷରେ ପଦାର୍ପଣ କରୁଥିବାରୁ ଚାଉଁରପୁରବାସୀଙ୍କୁ ମଧ ଶୋଭାଯାତ୍ରାରେ ସାମିଲ ହେବାକୁ ଆହ୍ୱାନ କରାଯାଇଥିଲା ।

# ଜିଏମ୍ୟୁରେ ଜାତୀୟ ସମ୍ମାନ ଉଦ୍‌ଘାଟିତ


ଜିଏମ୍ୟୁରେ ଜାତୀୟ ସମ୍ମାନ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ସମ୍ବଲପୁର,୨୨।୩(ପ୍ରମୋଦ ବହିଦାର)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍ୟୁ) ଓ ଭାରତୀୟ ସାମାଜିକ ବିଜ୍ଞାନ ଅନୁସନ୍ଧାନ ପରିଷଦ ମିଳିତ ଆନୁକୂଲ୍ୟରେ ଅନେକରୁ ଏକ: ଭୀମ ଭୋଇଙ୍କ କୃତି ଶୀର୍ଷକ ଏକ ଜାତୀୟ ସମ୍ମାନ ଶନିବାର ଉଦ୍‌ଘାଟିତ ହୋଇଛି। ଭୀମ ଭୋଇଙ୍କ ଲିଖନୀ ସମାଜ ସଂସ୍କାର ସହ ଉତ୍ତମ ନାଗରିକ ହେବାକୁ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଯୋଗାଇଥାଏ ବୋଲି କହିଛନ୍ତି ବିଶିଷ୍ଟ ସମାଜସେବୀ ସରୋଜ ମହାନ୍ତି। ଜିଏମ୍ୟୁ ଅଧାପନା ଗ୍ୟାଲେରୀ–୧ରେ ଇତିହାସ ବିଭାଗ ଓ ଭୀମ ଭୋଇ ଗବେଷଣା କେନ୍ଦ୍ରର ମିଳିତ ସହଯୋଗରେ ଆୟୋଜିତ ଦୁଇଦିନିଆ ସମ୍ମାନକୁ ମୁଖ୍ୟଅତିଥିଭାବେ ଯୋଗଦେଇ ବିଶିଷ୍ଟ ଗବେଷକ ଡ ଫଣୀନ୍ଦମ ଦେଓ ଉଦ୍‌ଘାଟନ କରିଥିଲେ। ଆଜିର ସମାଜରେ ମହିମା ଧର୍ମ ଓ ଭୀମଭୋଇଙ୍କ ପ୍ରସଙ୍ଗିକତା ଉପରେ ସେ ଆଲୋକପାତ କରିଥିଲେ।

ଜିଏମ୍ୟୁର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ସ୍ୱାଗତ ଅଭିଭାଷଣ ରଖିଥିଲେ। ସ୍ନାତକୋତ୍ତର କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ନିଜ ବକ୍ତବ୍ୟରେ ଏହି କାର୍ଯ୍ୟକ୍ରମରେ ନୂତନ ଗବେଷଣାତ୍ମକ ତଥ୍ୟ ଉପସ୍ଥାପିତ ହେବ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟର ଉପକୁଳସଚିବ ଡ. ଉମାଚରଣ ପତି ଇତିହାସ ବିଭାଗର କାର୍ଯ୍ୟକୁ ଅନ୍ୟମାନେ ଅନୁକରଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଇତିହାସ ବିଭାଗ ମୁଖ୍ୟ ତଥା କାର୍ଯ୍ୟକ୍ରମ ସଂଯୋଜକ ଡ. ଅତୁଲ କୁମାର ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଭୀମ ଭୋଇ ଗବେଷଣା କେନ୍ଦ୍ର ପ୍ରଫେସର ତଥା ଅନ୍ୟତମ ସଂଯୋଜକ ଡ. ପ୍ରଦୀପ କୁମାର ପଣ୍ଡା କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଡ ଅତୁଲ କୁମାର ପ୍ରଧାନଙ୍କ ସମ୍ପାଦିତ ପୁସ୍ତକ, ଡ. ହରିଚନ୍ଦ୍ର ସାହୁଙ୍କ ପୁସ୍ତକ 'ଓଡ଼ିଶାରେ ମହିମା ଗାଦି ଓ ଟୁଙ୍ଗିର ଅନୁସନ୍ଧାନ', ଡ. ସସ୍ମିତାରାଣୀ ଶାସିନୀଙ୍କ ସମ୍ପାଦିତ ପୁସ୍ତକ 'ଓଡିଶାର ଉନ୍ମୋଚନ: ପୂର୍ବରୁ ସମନ୍ୱୟ ସମୟରୁ ସାମୟିକ ପରିମାଣ' ଲୋକାର୍ପଣ ହୋଇଥିଲା। ଏହି ସମ୍ମାନରେ ୬୦ରୁ ଅଧିକ ଗବେଷଣା ପତ୍ର ପାଠ କରାଯିବ। ଏଥିରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ସହିତ ଦେଶର ବିଭିନ୍ନ ପ୍ରାନ୍ତରୁ ଗବେଷକମାନେ ଯୋଗ ଦେଇଛନ୍ତି। ଡ. ପ୍ରଭାତ କୁମାର ମଲ୍ଲିକ, ଡ. ହରିଶ୍ଚନ୍ଦ୍ର ସାହୁ, ଡ. ପ୍ରଶାନ୍ତ ପ୍ରଧାନ, ଡ. ଅଜୟ ନାୟକ, ଗୋରଖନାଥ ସାହୁ, ଡ. ଦୁର୍ଲଭ ସ, ଛତିଶଗଡ଼ରୁ ଆସିଥିବା ତ୍ରିଲୋଚନ ପଟେଲ, କାହ୍ନବାବା, ଅଖୁଜ ମହାକୁଡ଼, କୃଷ୍ଣଚନ୍ଦ୍ର ହୋତା, ପ୍ରେମଶିଳା ପ୍ରଧାନ ପ୍ରମୁଖ ବିଶେଷଜ୍ଞମାନେ ସମ୍ମାନରେ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମକୁ ସହସଂଯୋଜକ ଡ ସନ୍ତୋଷ କୁମାର ମଲ୍ଲିକ ଓ ଅଙ୍କିତା ପାଟ୍ଟଯୋଶୀ ପରିଚାଳନା କରିଥିଲେ।

# ୨କୋଟି ଲୋକଙ୍କ ଭାବନା ପ୍ରତି କୁଠାରାଘାତ


ବିକ୍ଷୋଭ ସମାବେଶରେ ବିଜେଡି ନେତା ଓ କର୍ମୀ।

ସମ୍ବଲପୁର,୨୨।୩(ଭବାନୀ ଶଙ୍କର ଭୋଇ)

**ସମ୍ବଲପୁରୀ ଭାଷାର ସାମ୍ବିଧାନିକ ମାନ୍ୟତା ପ୍ରସଙ୍ଗରେ ବିଜେଡିର ବିକ୍ଷୋଭ**

ଓଡ଼ିଶା ସରକାରଙ୍କ ଭାଷା ଓ ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ବିଧାନସଭାରେ ଦେଇଥିବା ମନ୍ତବ୍ୟ ବିରୋଧରେ ଶନିବାର ପୂର୍ବତନ ମନ୍ତ୍ରୀ ତଥା ଜିଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀଙ୍କ ନେତୃତ୍ୱରେ ସମ୍ବଲପୁର ଗୋଲବଜାର ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଜେଡି ପକ୍ଷରୁ ଆୟୋଜିତ ବିକ୍ଷୋଭ ପ୍ରଦର୍ଶନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କ ବିରୋଧରେ ବିକ୍ଷୋଦ୍‌ଗାର କରାଯାଇଥିଲା। ଇଂ. ପୂଜାରୀ କହିଛନ୍ତି, ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ଏବଂ ସରକାରୀ ମାନ୍ୟତା ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପ୍ରସ୍ତାବ ନ ଥିବା ଦୁର୍ଭାଗ୍ୟଜନକ। ସମ୍ବଲପୁରୀ ଭାଷା ଏବଂ ସଂସ୍କୃତି ହେଉଛି ସମୃଦ୍ଧ ସଂସ୍କୃତି ଯାହା ବିଶ୍ୱ ଦରବାରରେ ସୁପରିଚିତ। ସମ୍ବଲପୁରୀ ଭାଷା ଓଡ଼ିଶା ସହ, ସୀମାନ୍ତ ଛତିଶଗଡ଼ ଏବଂ ଝାଡଖଣ୍ଡର ଅନେକାଂଶରେ ପ୍ରଚଳିତ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାପାଇଁ କେନ୍ଦ୍ରକୁ ଦୁଇଥର ପ୍ରସ୍ତାବ ଦେଇଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ବିଧାନସଭାରେ ଭାଷା, ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କ ସମ୍ବଲପୁରୀ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେବା ସମ୍ବନ୍ଧରେ ସରକାରଙ୍କ କୌଣସି ପ୍ରସ୍ତାବ ନ ଥିବା ମନ୍ତବ୍ୟ ସମଗ୍ର ପଶ୍ଚିମ ଓଡ଼ିଶାର ୨କୋଟି ଜନସାଧାରଣଙ୍କ ଭାବାବେଗକୁ ଆଘାତ ଦେଇଛି। ଏଥିରୁ ରାଜ୍ୟ ସରକାରଙ୍କ ପଶ୍ଚିମ ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ପ୍ରମାଣିତ ହେଉଥିବା ଇଂ ପୂଜାରୀ କହିଛନ୍ତି। ଆଜିର ବିକ୍ଷୋଭ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ଅଶୋକ ସେନାପତି, ଅଶୋକ ପଟେଲ, ଅଜୀମ ଅକ୍କୁ, ବିଜୟ ଅଜମେରିଆ, ସଞ୍ଜୟ ବାବୁ, ବସନ୍ତ ମିଶ୍ର, ସିପ୍ରା ମହାନ୍ତି, ଉଷା ପ୍ରଧାନ, ସୁରୁବାବୁ ମେହେର, ବେଣୁଧର ଦାସ, ଆନନ୍ଦ ବଡଗୟାକ, ମହମ୍ମଦ ଇଶାକ, ଧର୍ମରାଜ ମରେଇ, ପ୍ରଦୋଷ ମହାନ୍ତି, ଶାନ୍ତନୁ ବଡ଼ପଣ୍ଡା, ପ୍ରଶାନ୍ତ ଥାପା, ପ୍ରଫୁଲ୍ଲ ଦାସ, ସତ୍ୟେନ୍ଦ୍ର ଦାସ, ରୁଦ୍ର ଷଡ଼ଙ୍ଗୀଙ୍କ ସମେତ ଅନେକ ନେତୃମଣ୍ଡଳୀ, କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଲକ୍ଷ୍ମୀଡୁଙ୍ଗୁରି ପାଦଦେଶରେ ହେବ ନଗର ବନ ପ୍ରକଳ୍ପ

ସମ୍ବଲପୁର,୨୨।୩(ପ୍ରମୋଦ ବହିଦାର)

ସମ୍ବଲପୁର ଉପକଣ୍ଠ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଲକ୍ଷ୍ମୀଡୁଙ୍ଗୁରିରେ ନିର୍ମାଣ ହେବ ନଗର ବନ ପ୍ରକଳ୍ପ। ଏଥିପାଇଁ ପ୍ରାକୃତିକ ସାଗୁଆନ ବଣ ଭାବେ ପରିଚିତ ଏହି ପାହାଡ଼ ସଂରକ୍ଷିତ ଜଙ୍ଗଲରେ ପ୍ରାୟ ୭୭ ହେକ୍ଟର ପରିମିତ ଜମିକୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ପ୍ରାଥମିକ ସ୍ତରରେ ୧ ହେକ୍ଟର ଜମିରେ ନଗର ବନ ସୃଷ୍ଟି ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କାମ ଆରମ୍ଭ ହୋଇଯାଇଛି ବୋଲି ରେଞ୍ଜ ଅଧିକାରୀ ଅମିତ କୁମାର ସାହୁ। ତାଙ୍କ ସୂଚନା ଅନୁସାରେ ସମ୍ବଲପୁରରେ ଜଙ୍ଗଲ ବିଭାଗ, ମହାନଗର ନିଗମ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ବାଣିଜ୍ୟିକ ସଂସ୍ଥା ଓ ସାଧାରଣ ନାଗରିକଙ୍କ ସହଯୋଗରେ କେନ୍ଦ୍ର ସରକାରଙ୍କ ନଗର ବନ ପ୍ରକଳ୍ପ ଓ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ବିନିଯୋଗରେ ନଗର ବନ ନିର୍ମାଣ କରାଯିବ। ଏହି ଅଞ୍ଚଳକୁ ବନ ବିଭାଗ ପକ୍ଷରୁ ବାଡ଼ ଓ ପାଚେରୀରେ ଆବଦ୍ଧ କରିବା କାମ ଆରମ୍ଭ ହୋଇଛି। ସହରବାସୀଙ୍କୁ ଗୁଣାତ୍ମକ ଜୀବନଶୈଳୀ ଉପଲବ୍ଧ ଲକ୍ଷ୍ୟରେ ସହର ମଧ୍ୟରେ ପ୍ରାକୃତିକ ପରିବେଶରେ ଶାରୀରିକ ବ୍ୟାୟାମ ଓ ଅବସର ବିନୋଦନ ପାଇଁ ନିର୍ମାଣ ହେବାକୁ ଯାଉଛି ନଗର ବନ। କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଦେଶର ୨ଶହଟି ସହରରେ ନଗର ବନ ସୃଷ୍ଟି କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିରେ ନଗର ବନ ନିର୍ମାଣ ପାଇଁ ପ୍ରସ୍ତାବିତ ଓଡ଼ିଶାର ୫ଟି ସହର ମଧ୍ୟରୁ ସମ୍ବଲପୁର ସହର ଅନ୍ୟତମ। ଏଥିରେ ଜଙ୍ଗଲର ସବୁଜିମାକୁ ଅଧିକ ଘଞ୍ଚ ପାଇଁ ଫଳନ୍ତି ସହିତ ଅନ୍ୟାନ୍ୟ ବୃକ୍ଷରୋପଣ କରି ଏକ ପ୍ରକାର ସବୁଜ ବଳୟରେ ପରିଣତ କରାଯିବ। ସେହିପରି ଏଠାରେ ଲୋକଙ୍କ ଚାଲିବା ପାଇଁ ୱାକିଂ ଟ୍ରାକ, ଚିତ୍ତବିନୋଦନ ପାଇଁ ଆନୁସଙ୍ଗିକ ଭିତ୍ତିଭୂମି ଆଦି ନିର୍ମାଣ ହେବ। ଏହାସହ ନେଚର୍ ଟ୍ରେଲ୍ ଭାବେ ଏଠାରେ ପର୍ଯ୍ୟଟକଙ୍କ ବୁଲିବା ପାଇଁ ବ୍ୟବସ୍ଥା ରହିବ। ପ୍ରାକୃତିକ ପରିବେଶଠାରୁ କ୍ରମଶଃ ଦୂରେଇ ଯାଉଥିବା ନୂତନ ପିଢ଼ିଙ୍କର ପ୍ରକୃତି ସହ ନିବିଡ଼ତାକୁ ସୁଦୃଢ଼ କରିବା, ପରିବେଶ ସଂରକ୍ଷଣ ସମସ୍ୟା ପ୍ରତି ସମ୍ବେଦନଶୀଳତା ଜାଗ୍ରତ ସହିତ ଅନ୍ୟ ଜୀବଜାତିଙ୍କ ସହାବସ୍ଥାନ ପ୍ରତି ସହନଶୀଳତା ଶିକ୍ଷା ଲାଭ ନିମନ୍ତେ ସହର ବନ ଏକ ଉପଯୁକ୍ତ ପଦକ୍ଷେପ ସାବ୍ୟସ୍ତ ହେବ।

# ପୁରାତନ ଛାତ୍ର ମାର୍ଗଦର୍ଶନ କରନ୍ତୁ

ସମ୍ବଲପୁର,୨୨।୩(ଭବାନୀ ଶଙ୍କର ଭୋଇ)

**ଟାଉନ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ବୈଠକ**

ସମ୍ବଲପୁର ଟାଉନ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ଶନିବାର ବିଦ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡ. ପରେଶ ଦାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ଦୀନବନ୍ଧୁ ପଣ୍ଡା ସଭାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପୂର୍ବତନ ଛାତ୍ର ସୂର୍ଯ୍ୟନାରାୟଣ ଦାଶଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସଭା ଆରମ୍ଭ କରାଯାଇଥିଲା। ସ୍ୱର୍ଗତ ଦାଶ ସବୁବେଳେ ନିଜକୁ ସାମାଜିକ କାମରେ ନିୟୋଜିତ ରଖିଥିବା ସମ୍ପାଦକ ପଣ୍ଡା କହିଥିଲେ। ଯୁଗ୍ମ ସମ୍ପାଦକ ଗୋରେଖଲାଲ ଦାଶ ଆଲୁମ୍ନି ନେଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ବର୍ତ୍ତମାନ ସ୍କୁଲରେ ମୋ ସ୍କୁଲ ଯୋଜନାରେ ଚାଲିଥିବା କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସ୍କୁଲ କୋଠାର ରକ୍ଷଣାବେକ୍ଷଣ ପାଇଁ ସରକାରଙ୍କୁ ପତ୍ର ଦ୍ୱାରା ଅନୁରୋଧ କରିବାକୁ କୁହାଯାଇଥିଲା। ଆଗାମୀ ଦିନରେ ସମସ୍ତ ଛାତ୍ରଙ୍କର ବାର୍ଷିକ ସମ୍ମେଳନ କରାଯିବାକୁ ସ୍ଥିର କରାଯାଇଥିଲା। ଆଲୁମ୍ନି ତରଫରୁ ହୋଇଥିବା ଖେଳ ପ୍ରତିଯୋଗିତା ସଫଳ ଭାବେ ଆୟୋଜନ ହୋଇଥିବାରୁ ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ବିଦ୍ୟାଳୟରୁ ଶିକ୍ଷାଲାଭ କରିଥିବା ପୁରାତନ ଛାତ୍ରମାନେ ବର୍ତ୍ତମାନ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଛନ୍ତି। ତେଣୁ ନିଜ ଅଭିଜ୍ଞତାରୁ ସେମାନେ ବର୍ତ୍ତମାନର ଛାତ୍ର ମାନଙ୍କୁ ଦିଗଦର୍ଶନ ଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶେଷରେ ଅନ୍ୟତମ ଯୁଗ୍ମ ସମ୍ପାଦକ କୈଳାଶ ଚନ୍ଦ୍ର ମିସ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ କୃଷ୍ଣଚନ୍ଦ୍ର ପତି, ବିଷ୍ଣୁପ୍ରସାଦ ଗୁରୁ, ରାଧାରମଣ ମୁଦୁଲି, ଅଭେଦାନନ୍ଦ ପାଣିଗ୍ରାହୀ, ବିବେକ ଗୁରୁ, ବେଦବ୍ୟାସ ସୂପକାର, ରାମଚନ୍ଦ୍ର ବିଶ୍ୱାଳ, ପ୍ରଫୁଲ୍ଲ ଗୁରୁ, କଲିମ ରାଉତ, ଶିବ ନାରାୟଣ ପାଣିଗ୍ରାହୀ, ପୀତବାସ ପ୍ରଧାନ ଓ ସଦାନନ୍ଦ ପୃଷେଠ ଭାଗ ନେଇଥିଲେ ।


ବୈଠକରେ ଉପସ୍ଥିତ ଟାଉନ ହାଇସ୍କୁଲ ପୁରାତନ ଛାତ୍ର ବୃନ୍ଦ।

# ତୋର ପାର କେ ମୋର ପାହା ମଞ୍ଚସ୍ଥ

ସମ୍ବଲପୁର,୨୨।୩(ବି.ଶଙ୍କର)


ପଦମପୁର ଅବର୍ଣ୍ଣଗୁଡା କଳାକାରମାନେ ନାଟକ ମଞ୍ଚନ କରୁଛନ୍ତି।

**ପଞ୍ଚମ ହୀରାଖଣ୍ଡ ନାଟ୍ୟ ମହୋତ୍ସବ**

**କଳାର ସୁରକ୍ଷା ପ୍ରତି ଲୋକ କଳାକାର ସମର୍ପିତ**

ଅଦୃଶ୍ୟ ନାଟ୍ୟ ଆଶ୍ରମ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଦର୍ଶନ କଳା ବିଭାଗ ଆୟୋଜିତ ପଞ୍ଚମ ହୀରାଖଣ୍ଡ ନାଟ୍ୟ ମହୋତ୍ସବର ଶନିବାର ସନ୍ଧ୍ୟାରେ ସମ୍ବଲପୁରୀ ଭାଷାରେ ନାଟକ 'ତୋର ପାର କେ ମୋର ପାହା' ମଞ୍ଚସ୍ଥ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତି ବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ପଦମପୁର ଅବର୍ଣ୍ଣଗୁଡା କଳାକାରମାନେ ନାଟକ ମଞ୍ଚନ କରିଥିଲେ। ପଶ୍ଚିମ ଓଡ଼ିଶାର ପାରମ୍ପରିକ ଲୋକବାଦ୍ୟ ଗଁଡାବଜା ବିଶ୍ୱବିଦିତ । ଏହି ଗଁଡାବାଜାର ଢୋଲ ବାଦ୍ୟଯନ୍ତ୍ର ସମସ୍ତଙ୍କୁ ନୃତ୍ୟ କରିବାକୁ ଆକୃଷ୍ଟ କରିଥାଏ। ନାଟକରେ ଢ଼ୋଲ ବାଦ୍ୟକାର ଅରକ୍ଷିତ ଓ ଡାଲଖାଇ ନୃତ୍ୟ ଶିଳ୍ପୀ ରଏବାରୀର ସମ୍ପର୍କକୁ ନେଇ ବେଶ ଚର୍ଚ୍ଚା ହୋଇଛି । କଳାକୁ ନେଇ ପରସ୍ପର ପ୍ରତି ଦରଦୀ ଥିବା ସମ୍ପର୍କକୁ ଭିନ୍ନ ଦୃଷ୍ଟିରେ ଦେଖନ୍ତି ଜନସାଧାରଣ । କିନ୍ତୁ ସେ ସମସ୍ତକୁ ଖାତିରି ନ କରି ଦୁହେଁ ଲୋକକଳାର ସୁରକ୍ଷା ପ୍ରତି ସମର୍ପିତ କରିଦିଅନ୍ତି। ସେଥିରେ ଯୋଡ଼ିହୁଏ ଆଉ ଏକ ଚରିତ୍ର ରାଘବ । ଯିଏ କି ଜଣେ ଲୋକବାଦ୍ୟ କାରିଗର। ଏହି ତିନୋଟି ଚରିତ୍ର ସଂଘର୍ଷର କାହାଣୀକୁ ନେଇ ଗତିଶୀଳ ଘଟଣା ପ୍ରବାହରେ ଯୋଡ଼ି ହୁଅନ୍ତି ଆଉ ଦୁଇ ଚରିତ୍ର ମୁନା ଆଉ ଗବେଷକ ଆଲୋକ ପଟ୍ଟନାୟକ । ସମୟକ୍ରମେ ରାଘବ ଦାଦନ ଖଟିବାକୁ ଯାଇଥିବା ପୁଅକୁ ଖୋଜିବା ପାଇଁ ଯାଇ ଆଉ ଫେରେନାହିଁ। ରଏବାରୀ ଆରପାରିକୁ ଚାଲିଯାଏ । ଏକୁଟିଆ ହୋଇଯାଏ ଅରକ୍ଷିତ । ତଥାପି କଳାର ସୁରକ୍ଷା ପ୍ରତି ଲୋକ କଳାକାର ନିଜକୁ ସମର୍ପିତ କରିଛନ୍ତି। ଏହି କଥାବସ୍ତୁକୁ ନେଇ ନାଟକଟି ଗତିଶୀଳ ହୋଇଥିଲା। ଅଶୋକ ବହିଦାର ନାଟକର ରଚନା ଓ ନିର୍ଦ୍ଦେଶନା କରିଥିଲେ। ବିଭିନ୍ନ ଭୂମିକାରେ ବିଶ୍ରାମ ମେହେର, ଆଶିଷ ବୈକାର, ରମେଶ ମେହେର, ଶୁଭ୍ରାଂଶୁ ସରାଫ ଓ ସୈରେନ୍ଦ୍ରୀ ବାରିକ ଅଭିନୟ କରିଥିଲେ । ତୃତୀୟ ସନ୍ଧ୍ୟାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ଡ.ନୃପରାଜ ସାହୁ, ସ୍ନାତକୋତ୍ତର ବିଭାଗ ସମୂହର ଅଧ୍ୟକ୍ଷ ପ୍ରଫେସର ତୁଷାରକାନ୍ତି ଦାସ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ହୀରାଖଣ୍ଡ ନାଟ୍ୟ ମହୋତ୍ସବ ନାଟକର ବିକାଶ ଦିଗରେ ଏକ ବଳିଷ୍ଠ ଉଦ୍ୟମ ଏବଂ ପ୍ରଦର୍ଶନ କଳା ବିଭାଗର ଛାତ୍ରୀଛାତ୍ରମାନେ ଏହାଦ୍ୱାରା ବହୁତ ଉପକୃତ ହେବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଜିର କାର୍ଯ୍ୟକ୍ରମକୁ ପ୍ରଦର୍ଶନ କଳା ବିଭାଗର ସଂଯୋଜକ ଡ. ଗୋପୀନାଥ ବାଗ ଏବଂ ଅଦୃଶ୍ୟ ନାଟ୍ୟ ଆଶ୍ରମର ନିର୍ଦ୍ଦେଶକ ଅତିଶ କୁମାର ଶତପଥୀ ପରିଚାଳନା କରିଥିଲେ । ସେହିପରି ପ୍ରଦର୍ଶନ କଳା ବିଭାଗର ପ୍ରଧ୍ୟାପକ ଅରବିନ୍ଦ ପଣ୍ଡା ଏବଂ ଅଦୃଶ୍ୟ ନାଟ୍ୟର ସଦସ୍ୟା ସଦସ୍ୟମାନେ ସହଯୋଗ କରିଥିଲେ।

# ଧରିତ୍ରୀ
DHARITRI

ଧରିତ୍ରୀ 51 Years






ଲୋକସେବା ଭବନରେ ଶନିବାର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇଙ୍କ ସହ ହାତ ମିଳାଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ମହାନଦୀ ବିବାଦର ସମାଧାନ କରିବେ ଟ୍ରିପଲ ଇଞ୍ଜିନ ସରକାର: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୨।୩**
**(ସୁନିତ୍ ମିଶ୍ର)**

ଜଳ ସଂରକ୍ଷଣ, ଜଳ ପରିଚାଳନାରେ ସରକାରଙ୍କର ସବୁଠାରୁ ବଡ଼ ଭୂମିକା ରହିଛି। କିନ୍ତୁ ଏଥିରେ ବ୍ୟକ୍ତିଗତ ସ୍ତରରେ ତଥା ଗୋଷ୍ଠୀଗତ ସ୍ତରରେ ସମସ୍ତେ ନିଜ ନିଜ ଯୋଗଦାନ ରଖିବା ନିତାନ୍ତ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶନିବାର ଲୋକସେବା ଭବନସ୍ଥିତ କନ୍‌ଭେନସନ ସେଣ୍ଟରଠାରେ ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ଆୟୋଜିତ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ସହ ଜଳକୁ ନେଇ ଯେଉଁଠି ବିବାଦ ଅଛି ତାକୁ ଆମେ ଗୁରୁତ୍ୱର ସହ ନେଇଛୁ। ତା'ର ତ୍ୱରିତ ସମାଧାନ କରାଯିବ। ମହାନଦୀକୁ ନେଇ ଛତିଶଗଡ଼ ସହ ବିବାଦ ଚାଲିଛି। ☞ପୃଷ୍ଠା-୨




# ଡିଲିମିଟେଶନ ଆଉ ୨୫ ବର୍ଷ ଘୁଞ୍ଚୁ

### କେନ୍ଦ୍ରକୁ କହିଲା ଜେଏସି

**ଚେନ୍ନାଇ,୨୨।୩(ପି.ଟି.)**

କେନ୍ଦ୍ର ସରକାରଙ୍କ ଡିଲିମିଟେଶନ (ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ) ପଦ୍ଧତିକୁ ବିରୋଧ କରି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ଦ୍ୱାରା ଆହୂତ ଡିଏମ୍‌କେ ନେତୃତ୍ୱାଧୀନ ଯୁଗ୍ମ କ୍ରିୟାନୁଷ୍ଠାନ କମିଟି (ଜେଏସି) ବୈଠକ ଶନିବାର ଚେନ୍ନାଇରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପଯୁକ୍ତ ଡିଲିମିଟେଶନକୁ ସୁନିଶ୍ଚିତ କରିବା ଉପରେ କମିଟି ଜୋର୍ ଦେଇଛି। ୧୯୭୧ ଜନସଂଖ୍ୟା ଆଧାରରେ କରାଯାଇଥିବା ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣକୁ ଆଉ ୨୫ ବର୍ଷ ଘୁଞ୍ଚାଇବା ନିମନ୍ତେ କମିଟି କେନ୍ଦ୍ରକୁ ନିବେଦନ କରିଛି। ଏମ୍‌ପିମାନଙ୍କ ଏକ ମିଳିତ ପ୍ରତିନିଧି ଦଳ ପାର୍ଲାମେଣ୍ଟ ଅଧିବେଶନ କାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଏଥିପାଇଁ ଦାବି କରିବାକୁ ନିଷ୍ପତ୍ତି ହୋଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଭର୍ଚୁଆଲି ସାମିଲ ହୋଇ କେବଳ ଜନସଂଖ୍ୟା ଆଧାରରେ ଡିଲିମିଟେଶନ କରା ନ ଯାଉ ବୋଲି ପ୍ରସ୍ତାବ ଦେଇଛନ୍ତି। ପଶ୍ଚିମବଙ୍ଗର ଶାସକ ଦଳ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଉକ୍ତ ବୈଠକରେ ଯୋଗଦେଇ ନାହିଁ।



ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ୍

ଜେଏସି ବୈଠକରେ ଗୃହୀତ ହୋଇଥିବା ସଂକଳ୍ପ ଅନୁଯାୟୀ, ଗଣତାନ୍ତ୍ରିକ ମୂଲ୍ୟବୋଧରେ ଉନ୍ନତି ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ହେବାକୁ ଥିବା ଯେକୌଣସି ଡିଲିମିଟେଶନ ସ୍ୱଚ୍ଛତାର ସହ କରାଯିବା ଉଚିତ, ଯେପରି ସମସ୍ତ ରାଜ୍ୟର ରାଜନୈତିକ ଦଳ, ରାଜ୍ୟ ସରକାର ଏବଂ ଅନ୍ୟାନ୍ୟ ଅଂଶୀଦାର ବିଚାରବିମର୍ଶ, ଆଲୋଚନା ଏବଂ ମତାମତ ଦେବାର ସୁଯୋଗ ପାଇବେ। ଯେଉଁ ରାଜ୍ୟଗୁଡ଼ିକ ଜନସଂଖ୍ୟା ନିୟନ୍ତ୍ରଣ ପଦକ୍ଷେପକୁ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରିଛନ୍ତି, ସେହି ରାଜ୍ୟଗୁଡ଼ିକୁ ସୁରକ୍ଷା ପ୍ରୋତ୍ସାହନ ଯୋଗାଇବା ୪୨ତମ, ୮୪ତମ ଏବଂ ୮୭ତମ ସମ୍ବିଧାନ ସଂଶୋଧନ ପଛର ବ୍ୟବସ୍ଥାପିକାଗତ ଉଦ୍ଦେଶ୍ୟ ଥିଲା। ଜାତୀୟ ଜନସଂଖ୍ୟା ସ୍ଥିରତା ଲକ୍ଷ୍ୟ ଏପର୍ଯ୍ୟନ୍ତ ହାସଲ ହୋଇପାରି ନ ଥିବାରୁ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟାକୁ ଆଉ ୨୫ ବର୍ଷ ବନ୍ଦ ରଖାଯିବା ଆବଶ୍ୟକ ବୋଲି କମିଟି କହିଛି। ଜନସଂଖ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ସଫଳତାର ସହ କାର୍ଯ୍ୟକାରୀ କରିବା ଫଳରେ ଲୋକସଂଖ୍ୟା କମିଥିବା ରାଜ୍ୟଗୁଡ଼ିକ ଦଣ୍ଡିତ ହେବା ଉଚିତ ନୁହେଁ। ଏହି ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ସମ୍ବିଧାନରେ ଆବଶ୍ୟକ ପରିବର୍ତ୍ତନ ଆଣିବା ଜରୁରୀ ବୋଲି ସଂକଳ୍ପରେ କୁହାଯାଇଛି।

> ଅନୁଚିତ ସୀମା ପୁନଃ ନିର୍ଦ୍ଧାରଣ ରାଜ୍ୟଗୁଡ଼ିକୁ ରାଜନୈତିକ ଭାବେ ଦୁର୍ବଳ କରିବ: ଷ୍ଟାଲିନ୍

ବୈଠକରେ ଉଦ୍‌ବୋଧନ ଦେଇ ଷ୍ଟାଲିନ୍ କହିଥିଲେ, ଯଥେଷ୍ଟ ରାଜନୈତିକ ସାମର୍ଥ୍ୟ ନ ଥିବା ରାଜ୍ୟଗୁଡ଼ିକର ନ୍ୟାୟ ପାଇଁ ଉଠାଉଥିବା ସ୍ୱରକୁ ଅଣଦେଖା କରାଯାଉଛି। ☞ପୃଷ୍ଠା-୨

## ଆରମ୍ଭ ହେଲା ଆଇପିଏଲ୍

IPL 2025

**କୋଲକାତା,୨୨।୩(ପି.ଟି.) :** ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୮ଶ ସଂସ୍କରଣ ଶନିବାର କୋଲକାତାର ଇଡେନ ଗାର୍ଡେନ୍ସରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସମାରୋହରେ ବଲିଉଡ ସୁପରଷ୍ଟାର ଶାହରୁଖ ଖାନ୍, ଅଭିନେତ୍ରୀ ଦିଶା ପଟାନି, ଗାୟିକା ଶ୍ରେୟା ଘୋଷାଲ, ଅନ୍ତର୍ଜାତୀୟ ର୍‍ୟାପର କରନ ଆଉଜଲା ଆକର୍ଷଣର କେନ୍ଦ୍ରରେ ରହିଥିଲେ। ପାଖାପାଖି ଏକ ଘଣ୍ଟା ଧରି ଉଦ୍‌ଘାଟନୀ ସମାରୋହ ପରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ କୋଲକାତା ନାଇଟ ରାଇଡର୍ସ ମଧ୍ୟରେ ପ୍ରଥମ ମ୍ୟାଚ ଆରମ୍ଭ ହୋଇଥିଲା। **(ରିପୋର୍ଟ ଓ ଫଟୋ ଖେଳ ପୃଷ୍ଠାରେ)**







## ବିନୋଦ ଶୁକ୍ଳାଙ୍କୁ ଜ୍ଞାନପୀଠ ପୁରସ୍କାର



**ନୂଆଦିଲ୍ଲୀ,୨୨।୩(ପି.ଟି.)**

ଖ୍ୟାତନାମା ହିନ୍ଦୀ ଲେଖକ ବିନୋଦ କୁମାର ଶୁକ୍ଳାଙ୍କୁ ଭାରତର ସର୍ବୋଚ୍ଚ ସାହିତ୍ୟ ସମ୍ମାନ ୫୯ତମ ଜ୍ଞାନପୀଠ ପୁରସ୍କାର ପ୍ରଦାନ ନିମନ୍ତେ ଶନିବାର ମନୋନୀତ କରାଯାଇଛି। ହିନ୍ଦୀ ସାହିତ୍ୟ ଜଗତକୁ ନିଜର ଉଲ୍ଲେଖନୀୟ ଅବଦାନ, ସୃଜନଶୀଳତା ଏବଂ ଅଦ୍ୱିତୀୟ ଲେଖନ ଶୈଳୀ ପାଇଁ ତାଙ୍କୁ ଜ୍ଞାନପୀଠ ନିମନ୍ତେ ବଛାଯାଇଥିବା ଚୟନ କମିଟି କହିଛି। ଏହି ପୁରସ୍କାର ପାଇବାରେ ବିନୋଦ ହେବେ ଛତିଶଗଡ଼ରୁ ପ୍ରଥମ ସାହିତ୍ୟିକ। କ୍ଷୁଦ୍ରଗଳ୍ପ ଲେଖକ, କବି ତଥା ପ୍ରାବନ୍ଧିକ ୮୮ ବର୍ଷୀୟ ବିନୋଦଙ୍କୁ ହିନ୍ଦୀ ଭାଷାରେ ଅନ୍ୟତମ ମହାନ ସମସାମୟିକ ଲେଖକ ବିବେଚନା କରାଯାଏ। ଏହି ପୁରସ୍କାର ପାଇବାରେ ସେ ଦ୍ୱାଦଶ ହିନ୍ଦୀ ଲେଖକ ହେବେ। ପୁରସ୍କାର ବାବଦରେ ୧୧ ଲକ୍ଷ ନଗଦ ଟଙ୍କା ସାଙ୍ଗକୁ ସରସ୍ୱତୀଙ୍କ ବ୍ରୋଞ୍ଜ ମୂର୍ତ୍ତି ଏବଂ ଏକ ପ୍ରଶସ୍ତିପତ୍ର ପ୍ରଦାନ କରାଯିବ। ଖ୍ୟାତନାମା ସାହିତ୍ୟିକା ତଥା ଜ୍ଞାନପୀଠ ବିଜୟିନୀ ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଜ୍ଞାନପୀଠ ଚୟନ କମିଟି ବୈଠକ ବସି ବିନୋଦଙ୍କୁ ଏହି ☞ପୃଷ୍ଠା-୨

### କାଳବୈଶାଖୀ: ବଜ୍ରପାତରେ ୨ ମୃତ

ପୃଷ୍ଠା-୩


**ଆଜିର ସମ୍ପାଦକୀୟ**
ଆମେରିକା ସହିପାରୁନି




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭାରତୀୟ ଯୋଗ ସଂସ୍ଥାନ, ନୂଆଦିଲ୍ଲୀର ରାଧା-କୃଷ୍ଣ ମହିଳା ଯୁଗ ସାଧନା କେନ୍ଦ୍ରର ବାର୍ଷିକୋତ୍ସବ, ସ୍ଥାନ: ଲେନ୍-୧୧, ଜଗନ୍ନାଥ ନଗର, ସମୟ: ସକାଳ ୬ଟା।
- ବାବା ଆଖଣ୍ଡଳମଣି ଯୁବକ ସଂଘ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବୀର ସୁରେନ୍ଦ୍ର ସାଏ ନଗର ଦୁର୍ଗା ପୂଜା ମଣ୍ଡପ, ଭିଏସ୍‌ଏସ୍ ନଗର, ସମୟ: ସକାଳ ୯ଟା।
- ନୃତ୍ୟକଳା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଅନ୍ତର୍ଜାତୀୟ ମେଗା ଡ୍ୟାନ୍ସ ଫେଷ୍ଟିଭାଲ 'ଦେବାଂଶୀ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ, ସ୍ଥାନ: ମେଫେୟାର କନ୍‌ଭେନଶନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ୩୮ତମ ସାଧାରଣ ଅଧିବେଶନ, ସ୍ଥାନ: ସଂଘ କାର୍ଯ୍ୟାଳୟ, ପ୍ଲଟ ନଂ. ୩୦, ଗୌତମ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଏସ୍‌ଏଚ୍‌ଜି ଓ ଏମ୍‌ଏଫ୍‌ଆଇ ବାବଦରେ ସର୍ଭେ ରିପୋର୍ଟ ଜାରି, ସ୍ଥାନ: ଓଡେଶା ହଲ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱପ୍ନ କୁମାର ସାହୁଙ୍କ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।
- ୨୭ତମ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।
- ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ ଉପଲକ୍ଷେ ମାଉସୀମା ସତ୍‌ସଙ୍ଗ ପକ୍ଷରୁ ବାର୍ଷିକ ସତ୍‌ସଙ୍ଗ ଅଧିବେଶନ, ସ୍ଥାନ: କାର୍ଗିଲ ପଡ଼ିଆ, ପୋଖରୀପୁଟ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଡିଏମ୍‌ଭି (ଜଟଣୀ)ର ଦ୍ୱିତୀୟ ବାର୍ଷିକ ଉତ୍ସବ ଏବଂ କୃତୀ କଳାକାରଙ୍କୁ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ବାଛରା ଶ୍ରୀରାମ ମନ୍ଦିର ପରିସର, ସମୟ: ସକାଳ ୮ଟା।

## ବାଲେଶ୍ୱର

- ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ନୀଳବାଡ଼ି, ରୂପସା, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ବୈଦିକ ଗୁରୁକୁଳ ଆଶ୍ରମର ୩୬ତମ ବାର୍ଷିକ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ପିଙ୍ଗ୍ଲାବଣିଆ ଆଶ୍ରମ ପରିସର, ରୂପସା, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ଡ. ବିଆର୍ ଆମ୍ବେଦକରଙ୍କ ୧୩୫ତମ ଜନ୍ମଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଶ୍ରୀଦୁର୍ଗା କଲ୍ୟାଣ ମଣ୍ଡପ, ପାରୁଳିଆ ଛକ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ଅମର ଯବାନ ଯୁବ ସଙ୍ଗଠନର ସପ୍ତମ ବାର୍ଷିକ ଉତ୍ସବର ଉଦ୍‌ଯାପନୀ ଦିବସ ଅବସରରେ-ଚିତ୍ରାଙ୍କନ ପ୍ରତିଯୋଗିତା, ସମୟ: ଅପରାହ୍ନ ୩ଟା ୩୦।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସମୟ: ଅପରାହ୍ନ ୫ଟା। -ସଭା କାର୍ଯ୍ୟ ଓ ପୁରସ୍କାର ବିତରଣ, ସ୍ଥାନ: ବାହାବଲପୁର ଫିଶାରି ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଶହୀଦ ଭଗତ ସିଂଙ୍କ ବଳିଦାନ ଦିବସ ଉପଲକ୍ଷେ ଫଳ ବଣ୍ଟନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ଭଦ୍ରକ, ସମୟ: ସକାଳ ୬ଟା।
- ମାତୃଭୂମି ପାଇଁ ଗଣଦୌଡ଼, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସକାଳ ୬ଟା ୩୦।
- ଶହୀଦ ଭଗତ ସିଂଙ୍କ ବଳିଦାନ ଦିବସ ଉପଲକ୍ଷେ ସାଧାରଣ ସଭା ଓ ରକ୍ତଦାନ ଶିବିର, ସ୍ଥାନ: ଚରମ୍ପା ଅଗ୍ରେସନ ଭବନ, ଭଦ୍ରକ, ସମୟ: ସକାଳ ୮ଟା।
- ମନ୍ତେଇ ମହୋତ୍ସବ-୨୦୨୫, ସ୍ଥାନ: ରାଜଘରପୋଖରୀ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ସଂଘର ବାର୍ଷିକୋତ୍ସବ, ସ୍ଥାନ: ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ, ସ୍ଥାନ: ପୀରହାଟ, ତିହିଡ଼ି, ସମୟ: ଅପରାହ୍ନ ୫ଟା।
- ରାଜ୍ୟସ୍ତରୀୟ ଦୋଳ ମହୋତ୍ସବ, ସ୍ଥାନ: ପୀରହାଟର ଅର୍ଜୁନବିନ୍ଧା, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।
- ଐତିହାସିକ ବାଦିପାଲା ପରିବେଷଣ, ସ୍ଥାନ: ଭଗବାନପୁର, ଧାମନଗର, ସମୟ: ରାତି ୮ଟା।

## କେନ୍ଦୁଝର

- କଂଗ୍ରେସ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ସ୍ଥାନୀୟ ବରିଷ୍ଠ କଂଗ୍ରେସ ନେତାଙ୍କ ସହ ଆଲୋଚନା, ସ୍ଥାନ: କେନ୍ଦୁଝର ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରାଣୀସ୍ୱାସ୍ଥ୍ୟ ପରୀକ୍ଷା ଓ ଟିକା କରଣ ଶିବିର, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ: ସକାଳ ୮ ଟାରୁ ମଧ୍ୟାହ୍ନ ୧୨ଟା।

## ମୟୂରଭଞ୍ଜ

- ଖବରଦାତା ସମ୍ମିଳନୀ, ସ୍ଥାନ: ମଂଚାବନ୍ଧାସ୍ଥିତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟପ୍ରହର ନାମଯଜ୍ଞ ଓ ପ୍ରସାଦ ସେବନ, ସ୍ଥାନ: ସିଂହଟିଆ, ବଡ଼ସାହି, ସମୟ: ଅପରାହ୍ନ ୨ଟା।
- ଦିବଂଗତ ଅଭିନେତା ଉତ୍ତମ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ରଥପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ରାମ ମନୋହର ଲୋହିଆ ଜୟନ୍ତୀ ଓ ଭଗତସିଂଙ୍କ ଫାସୀ ଦିବସ, ସ୍ଥାନ: ନବୀନ ଭବନ , ସମୟ: ଅପରାହ୍ନ ୪ଟା

## ଗଞ୍ଜାମ

- ଏକ ଦିବସୀୟ ଆଧ୍ୟାତ୍ମିକ ସମ୍ମିଳନୀ, ଦିବ୍ୟ ଜୀବନ ସଂଘ ଆସିକା, ସମୟ: ସକାଳ ୯ଟା।
- ମାଗଣା ସ୍ୱାସ୍ଥ୍ୟସେବା ଶିବିର, ବିବେକାନନ୍ଦ ଶିଶୁମନ୍ଦିର ଗଡ଼େଇ, ଆସିକା ବ୍ଲକ୍, ସମୟ: ସକାଳ ୯ଟା ୩୦।

## ଢେଙ୍କାନାଳ

- ରକ୍ତଦାନ ଶିବିର,ସ୍ଥାନ: ଜିଲା ରକ୍ତଭଣ୍ଡାର, ମୁଖ୍ୟ ଚିକିତ୍ସାଳୟ, ସମୟ: ସକାଳ ୮ଟା୩୦।
- ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡା. ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିଚାରଣ ସଭା, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ୧୦ଟା୩୦।
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କଂଗ୍ରେସ କାର୍ଯ୍ୟାଳୟ, ଗାନ୍ଧୀମନ୍ଦିର, ସମୟ: ଅପରାହ୍ନ ୩ଟା୩୦।
- ପ୍ରଥମ ମହିମା ବହିମେଳା-୨୦୨୫ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- କେନ୍ଦ୍ରାପଡା ଡେଭଲପମେଣ୍ଟ ଫାଉଣ୍ଡେଶନ ପକ୍ଷରୁ ସାହିତ୍ୟ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ଭଗତ ସିଂ, ସୁଖଦେବ ଓ ରାଜଗୁରୁଙ୍କ ଫାଶୀ ଦିବସ ଉପଲକ୍ଷେ ସ୍ମରଣ ସଭା, ସ୍ଥାନ: ବଜରଙ୍ଗୀ ମଣ୍ଡପ, କଣ୍ଡିଆହାଟ, ରାଜକନିକା, ସ୍ଥାନ: ଅପରାହ୍ନ ୫ଟା।

## ଯାଜପୁର

- ଧର୍ମଶାଳା ସମାଜ କଲ୍ୟାଣ ଶିକ୍ଷକ ସଂଗଠନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଧର୍ମଶାଳା ପ୍ରାଥମିକ ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।

## ନୟାଗଡ଼

- ପଞ୍ଚୁଦୋଳ ଯାତ୍ରାର ୫ମ ଦିବସ, ସ୍ଥାନ: ରଣପୁର ପଞ୍ଚୁ ଦୋଳ ପଡିଆ, ସମୟ: ସକାଳ ୭ଟା।
- ଭଗତ ସିଂହଙ୍କ ଶହୀଦ ଦିବସ, ସ୍ଥାନ: ଗୋଡିପଡା ବଜାର ମହନ୍ତସାହିସ୍ଥ ଭଗତ ସିଂହଙ୍କ ପ୍ରତିମୂର୍ତ୍ତି ସମ୍ମୁଖ, ସମୟ: ସକାଳ ସାଢେ ୭ ଟା।
- ଭଗତ ସିଂହଙ୍କର ଶହୀଦ ଦିବସ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଗୋଡିପଡା ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୮ଟା।
- ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ ଉଦ୍‌ଯାପନ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡ଼ା, ସ୍ଥାନ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଭାପୁର ବ୍ଲକର କାଳିଆପଲ୍ଲୀ, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ:ଭାପୁର ବ୍ଲକର ମହୁଲ ବେରଣା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚୁଦୋଳ ଯାତ୍ରାର ୫ମ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି, ସମୟ: ଅପରାହ୍ନ ୪ଟା।
- ପଞ୍ଚୁଦୋଳ ଯାତ୍ରାର ୫ମ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକର ବନମାଳିପୁର ଦୋଳମଣ୍ଡପ, ସମୟ: ଅପରାହ୍ନ ୪ଟା।

୨୭ତମ ବାର୍ଷିକ ଯଜ୍ଞୋତ୍ସବର ଉଦ୍‌ଯାପନ ଉତ୍ସବ, ସ୍ଥାନ: ନୟାଗଡ଼ ବ୍ଲକର ଶ୍ରୀ ଶ୍ରୀଅଚ୍ୟୁତାନନ୍ଦ ଆଶ୍ରମ ରାଧାକୃଷ୍ଣ ମନ୍ଦିର, ସମୟ: ଅପରାହ୍ନ ୫ଟା।

## ରାୟଗଡ଼ା

- ଉଗାଦି ଉତ୍ସବ କମିଟି ପକ୍ଷରୁ ବେଦ ପାଠ ପ୍ରତିଯୋଗିତା, ସ୍ଥାନ: ରାୟଗଡ଼ା ମ୍ୟୁନିସିପାଲିଟି ଟାଉନ ହଲ, ସମୟ: ସକାଳ ୯ଟା ୩୦ ।

## ନବରଙ୍ଗପୁର

- ବାର୍ଷିକ ଉତ୍ସବ, ସ୍ଥାନ: କୁଜାଜାନୀଗୁଡ଼ା ଏସ୍‌ଏସ୍‌ଡି ହାଇସ୍କୁଲ, ସମୟ: ଅପରାହ୍ନ ୫ଟା।

## କୋରାପୁଟ

- ରକ୍ତଦାନ ଶିବିର, ସ୍ଥାନ: ସେମିଳିଗୁଡ଼ା ତହସିଲ କାର୍ଯ୍ୟାଳୟ, ସମୟ: ସକାଳ ୯ ଟା।
- ସତ୍ୟ ସାଇ ସେବା ସମିତିର ରକ୍ତଦାନ ଶିବିର, ସ୍ଥାନ: ସୁନାବେଡ଼ା-୧ସ୍ଥିତ ସତ୍ୟ ସାଇ ସେବା ସମିତି କାର୍ଯାଳୟ , ସମୟ: ସକାଳ ୯ ଟା।
- ଖଡ୍ଡୁରା ସମାଜର ବନ୍ଧୁ ମିଳନ, ସ୍ଥାନ: ସେମିଳିଗୁଡ଼ା ଗଙ୍ଗା ମା ମନ୍ଦିର ପଡ଼ିଆ, ସମୟ: ପୂର୍ବାହ୍ନ ୧୧ ଟା।
- ଡିକେଆଇଡିଜେଡ ପ୍ଲେ ସ୍କୁଲ ଉଦ୍‌ଘାଟନ, ସ୍ଥାନ: ସେମିଳିଗୁଡ଼ା ଗୋପବନ୍ଧୁ ନଗର, ସମୟ: ପୂର୍ବାହ୍ନ ୧୧ ଟା ୩୦।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ଜାତୀୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଅଧ୍ୟାପନା ପ୍ରକୋଷ୍ଠ-୧, ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମଓଡ଼ିଶା ସଙ୍କୀର୍ତ୍ତନ ପରିଷଦର ୧୫ତମ ବାର୍ଷିକ ଉତ୍ସବ, ସ୍ଥାନ : ସମ୍ବଲପୁର ପ୍ରେସ କ୍ଲବ, ସମୟ : ପୂର୍ବାହ୍ନ ୧୦ଟା।
- ପ୍ରୟାସ ପରିବାର ପକ୍ଷରୁ ରକ୍ତାଦାନ ଶିବିର, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଭାରତୀ ସମାଜର ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା।
- ସେତୁ ଆୟୋଜିତ ୪ର୍ଥ ଇଂ. କରୁଣାକର ସୁପକାର ସ୍ମାରକୀ ବକ୍ତୃତାମାଳା, ସ୍ଥାନ :ଏମୟୁ ପରିସରସ୍ଥ ସହଭାଗିତା କେନ୍ଦ୍ର, ସମୟ : ପୂର୍ବାହ୍ନ ୧୦ଟା।
- ୧୧ତମ ବୀର ବଜରଙ୍ଗବଲି କ୍ୟାରେମ ଟୁର୍ନାମେଣ୍ଟ, ସ୍ଥାନ : ବରଗାଁ ସ୍ଥିତ ବୀର ବଜରଙ୍ଗବଲି କ୍ଲବ, ସମୟ : ଅପରାହ୍ନ ୫ଟା।
- ଅଦୃଶ୍ୟ ନାଟ୍ୟ ଆଶ୍ରମ ଆୟୋଜିତ ପଞ୍ଚମ ହୀରଖଣ୍ଡ ନାଟ୍ୟ ମହୋତ୍ସବ-୨୦୨୫ ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ଜ୍ୟୋତି ବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୫ଟା୩୦।

## ବଲାଙ୍ଗୀର

- ପଞ୍ଚଦିବସୀୟ ବିଶାଳ ଯୋଗ ସାଧନା ଶିବିର ଦ୍ୱିତୀୟ ଦିବସ,ସ୍ଥାନ: କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ପ୍ରାତଃ ୫ଟା।
- ଅଲ୍ ଓଡିଶା ମହାରାଜା ଆର୍ ଏନ୍ ସିଂଦେଓ ମେମୋରିଆଲ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।

## ରାଉରକେଲା

- ମହାରୁଦ୍ର ଯଜ୍ଞ, ସ୍ଥାନ: ହରପାର୍ବତୀ ମନ୍ଦିର, ବାସନ୍ତୀ କଲୋନି, ସମୟ: ସକାଳ ୬ଟା ୩୦।
- ଡିୱାଇଏଫ୍‌ଆଇ(ଏସ୍‌ଏଫ୍‌ଆଇ) ପକ୍ଷରୁ ଶହୀଦ ଭଗତ ସିଂଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଛେଣ୍ଡ୍ କଲୋନି, ସମୟ: ସକାଳ ୮ଟା ୩୦।
- ବିହାର ଦିବସ ପାଳନ, ସ୍ଥାନ: ବାସନ୍ତୀ କଲୋନି ବିହାର ସାଂସ୍କୃତିକ ପରିଷଦ, ସମୟ: ସକାଳ ୯ଟା ୩୦।
- ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟରେ ଜଳ ସଂରକ୍ଷଣ କର୍ମଶାଳା, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର--୧୮, ସମୟ: ୧୦ଟା ୩୦।
- ଦେଶ ପାଇଁ ବଳିଦାନ ଦିବସ ପାଳନ, ସ୍ଥାନ: ଶୀତଳପଡା, ଉଦିତନଗର, ସମୟ: ଅପରାହ୍ନ ୪ଟା।

## ବରଗଡ଼

- ଶହୀଦ ଭଗତ ସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଗୁରୁଦ୍ୱାରା ଛକ, ବରଗଡ଼,ସମୟ: ସକାଳ ୬ଟା ୩୦।
- ଜଗନ୍ନାଥ ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ, ସ୍ଥାନ:ମନ୍ଦିର ପରିସର, ଅତାବିରା,ସମୟ: ସକାଳ ୮ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ତାଲପାଲି, ଗାଇସିଲେଟ୍, ସମୟ:ସକାଳ ୮ଟା।
- ହୋମିଓପ୍ୟାଥି ଜିଲା ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ:କାର୍ଯ୍ୟାଳୟ ପରିସର, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବରେ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ଅତାବିରା,ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଭାଜପାର ପ୍ରସ୍ତୁତି ବୈଠକ,ସ୍ଥାନ:ଭବାନୀପାଟଣା ଭାଜପା ଅଫିସ,ସମୟ:ଅପରାହ୍ନ ୪।
- ବିଧାୟକଙ୍କ ବିଭିନ୍ନ ସ୍ଥାନ ପରିଦର୍ଶନ, ସ୍ଥାନ:ଧର୍ମଗଡ଼ ଚାରିଛକ,ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ସତ୍ୟ ସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତିଲେଇବଣି ବ୍ଲକ, କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁରରେ ଜଗନ୍ନାଥ ମହୋତ୍ସବ ଉପଲକ୍ଷେ ଚବିଶ ପ୍ରହର ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ରାମେଶ୍ୱର ମନ୍ଦିର ପରିସର, ସମୟ: ପ୍ରାତଃ ୫ଟା।
- ଜଗନ୍ନାଥ ମହୋତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ଶ୍ରୀ ବିଷ୍ଣୁ ମହାଯଜ୍ଞ ଓ ଶ୍ରୀ ବିଷ୍ଣୁ ପୂଜନ, ସ୍ଥାନ: ରାମେଶ୍ୱର ଷ୍ଟାଡିୟମ ପରିସର, ସମୟ: ସକାଳ ୮ଟା।
- ବୀରମହାରାଜପୁର ବ୍ଲକ ଚିଚିପାଲିରେ ନବାହ୍ନ ପାରାୟଣର ସପ୍ତମ ଦିବସ, ସ୍ଥାନ: ରାଧେଶ୍ୟାମ ମଠ ପରିସର, ସମୟ: ସକାଳ ୯ଟା।
- ବୀରମହାରାଜପୁର ବ୍ଲକ ଜମ୍ବାଲିପାଲିଠାରେ ରାମାୟଣ ନବାହ୍ନ ପାରାୟଣର ସପ୍ତମ ଦିବସ, ସ୍ଥାନ: ଗ୍ରାମ୍ୟ ମଣ୍ଡପ ସମ୍ମୁଖ, ସମୟ: ସକାଳ ୯ଟା।
- ତରଭା ସହର ଅନ୍ତର୍ଗତ ତ୍ରିନାଥ ମନ୍ଦିରେ ତ୍ରିନାଥ ମେଳା ଓ ତ୍ରିନାଥ ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।
- ଜଗନ୍ନାଥ ମହୋତ୍ସବ ଅବସରରେ ଧାର୍ମୀକ ସଭା, ସ୍ଥାନ: ସୋନପୁର ରାମେଶ୍ୱର ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।
- ଜଗନ୍ନାଥ ମହୋତ୍ସବରେ ଶ୍ରୀହରି କଥାମୃତ ପ୍ରବଚନ, ସ୍ଥାନ: ସୋନପୁର ରାମେଶ୍ୱର ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା ୩୦।

## ନୂଆପଡ଼ା

- ଷୋହଳ ପ୍ରହରୀ ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: କୋମନା ବ୍ଲକ ଜଡ଼ାମୁଣ୍ଡା ପଞ୍ଚାୟତ ଇଛାପୁର ଗାଁ ଉପରପଡ଼ା, ସମୟ: ଅପରାହ୍ନ ୨ ଟା।
- ମାରାଗୁଡ଼ା ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ:ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷ ସମୟ: ସନ୍ଧ୍ୟା ୬ଟା।
- ସଂକୀର୍ତ୍ତନ ଦଳ ଦ୍ୱାରା ବୈଠକି କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଜଡ଼ାମୁଣ୍ଡା ଗାଁ ଇଛାପୁର ଗାଁ ଉପରପଡ଼ା ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ୨୪ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ଘିଚାମୁରା ଗ୍ରାମ ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ଭାଗବତ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚଗାଁ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ରାମାୟଣ ପାଠ, ସ୍ଥାନ: କୁମ୍ଭର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଟି୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କପିଳାଷପୁର ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଓଏସ୍‌ଏପି ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆପଣ କଳାନୁରାଗୀ, ସଙ୍ଗୀତପ୍ରିୟ, ସାହିତ୍ୟରସିକ ଓ ଚଳଚ୍ଚିତ୍ରପ୍ରେମୀ ଭାବରେ ପ୍ରଶଂସିତ ହୋଇପାରନ୍ତି। ମଙ୍ଗଳଙ୍କ କୁପ୍ରଭାବରୁ ଦେହ ଖରାପ ରହିପାରେ। ଅଶ୍ୱିନୀ ନକ୍ଷତ୍ରର କାମ ଯଥା ସମୟରେ ହେଉ ନ ଥିବାରୁ ବିରକ୍ତ ହେବେ। ଆବଶ୍ୟକତା ପୂରଣ ପରିପ୍ରେକ୍ଷୀରେ ବଡ଼ କଷ୍ଟରେ ଟଙ୍କା ଯୋଗାଡ଼ କରିବାରେ ସକ୍ଷମ ହେବେ।

**ବୃଷ** ମୃଗଶିରା ନକ୍ଷତ୍ର ଅନ୍ୟଦ୍ୱାରା ପ୍ରଭାବିତ ହୋଇ ମନୋରଞ୍ଜନ କାର୍ଯ୍ୟରେ ଖର୍ଚ୍ଚ କରି ଅନୁତାପ କରିବେ। ଜାଣି ମଧ୍ୟ ପାଖରେ କାମ କରୁଥିବା ଲୋକଟି ଉପରେ ନିର୍ଭରଶୀଳ ହୋଇପାରନ୍ତି। ଯାହା କିଣିବା ପାଇଁ ମନ ବଳାଇଛନ୍ତି, ଆଜି ମନକୁ ନ ପାଇବାରୁ ଫେରିଆସିବେ। ସ୍ୱାସ୍ଥ୍ୟ ସମସ୍ୟା କାରଣରୁ ବନ୍ଧୁମିଳନରେ ଭାଗ ନେଇପାରିବେ ନାହିଁ ।

**ମିଥୁନ** ଷଷ୍ଠାଧିପତି ରାଶିରେ ଅବସ୍ଥାନ କରି ଆପଣଙ୍କ ପାରିବାରିକ ସୁଖ, ସ୍ୱାଚ୍ଛନ୍ଦ୍ୟକୁ ବିନଷ୍ଟ କରିପାରନ୍ତି। ଭୁଲ୍‌ବୁଝାମଣାରୁ ବନ୍ଧୁଙ୍କ ସହ ବିନା କାରଣରେ କଳହ ଲାଗିପାରେ। କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ଆର୍ଦ୍ରା ନକ୍ଷତ୍ର ପରିବାରର ଖର୍ଚ୍ଚ କମାଇବା ପାଇଁ ଚେଷ୍ଟା କରି ଅସଫଳ ହୋଇପାରନ୍ତି।

**କର୍କଟ** କେତେକ କ୍ଷେତ୍ରରେ ଯିଏ ଯାହା କହିଲେ ମଧ୍ୟ ତାହାକୁ ଭିନ୍ନ ଅର୍ଥରେ ଗ୍ରହଣ କରିବେ। ଖଳଲୋକମାନେ ଅପପ୍ରଚାର କରିପାରନ୍ତି ତେଣେ ନିଜଲୋକଙ୍କଠାରୁ ମଧ୍ୟ ଆଘାତହରାଇବେ। ପୁନର୍ବସୁ ନକ୍ଷତ୍ର ବନ୍ଧୁବାନ୍ଧବଙ୍କ ସକାଶେ ଖର୍ଚ୍ଚାନ୍ତ ହୋଇ ମନସ୍ତାପ କରିପାରନ୍ତି। ଖୋଜୁଥିବା ଜିନିଷଟିର ସନ୍ଧାନ ସନ୍ଧ୍ୟା ସମୟରେ ପାଇବାର ସୂଚନା ରହିଛି।

**ସିଂହ** ଦୁଃସ୍ଥାନରେ ଏକାଧିକ ଗ୍ରହଥିବା କାରଣରୁ ଧନାହାନି ସୂଚନା ରହିଛି। ସଭାସମିତିରେ କିମ୍ବା ଆନୁଷ୍ଠାନିକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ଉତ୍ତରାଫାଲଗୁନୀ ନକ୍ଷତ୍ରର ବ୍ୟବସାୟ ଓ ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ଶ୍ରମଜନିତ ଦୁର୍ବଳତା ଅନୁଭବ କରିବେ।

**କନ୍ୟା** ଆଜି ଚିତ୍ରା ନକ୍ଷତ୍ର ପ୍ରତିଦ୍ୱନ୍ଦ୍ୱିତା କଲେ ବିଜୟର ଆଶା ନିରର୍ଥକ ହୋଇପାରେ। ପାତର ଅନ୍ତର ନୀତିକୁ କେନ୍ଦ୍ରକରି ପରିବାରରେ ଅଶାନ୍ତି ସୃଷ୍ଟି ହେବାର ଆଶଙ୍କାକୁ ଏଡି ହେବ ନାହିଁ। ଟେନସନ୍ କିଛି ମାତ୍ରାରେ ଲାଗିରହିବ କିନ୍ତୁ ଯାହା ଚିନ୍ତା କରୁଛନ୍ତି ଅବଶ୍ୟ ସଫଳ ହେବ। ହଠାତ୍ କୌଣସି କ୍ଷେତ୍ରରେ ଅଯଥା ବ୍ୟସ୍ତ ବିବ୍ରତ ହୁଅନ୍ତୁ ନାହିଁ।

**ତୁଳା** ବିଶାଖା ନକ୍ଷତ୍ରର ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଖୁସିରେ ଅତିବାହିତ ହେବାର ସୂଚନା ରହିଛି। କୌଣସି ମନଭୁଲାଣିଆ କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିପାରନ୍ତି। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାକୁ ବାଧ୍ୟ ହେବେ। ସଭାସମିତି, ଶିକ୍ଷା, ପରୀକ୍ଷା, ବିଦେଶ ଯାତ୍ରା ପ୍ରଭୃତି ସାଙ୍ଗକୁ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ।

**ବିଛା** ଅନୁରାଧା ନକ୍ଷତ୍ର ପାରିବାରିକ ତିକ୍ତତାର ସମାପ୍ତି ଘଟାଇବା ସକାଶେ ଚେଷ୍ଟା କରିବେ। କର୍ମକ୍ଷେତ୍ରରେ ସହକର୍ମୀମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେଇ ପାରନ୍ତି। ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ, ଆଇନ ଅଦାଲତରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟ ସମସ୍ୟା ଲାଗିରହୁଥିବାରୁ ସାମୟିକ ଚିନ୍ତିତ ରହିପାରନ୍ତି।

**ଧନୁ** ନିକଟସ୍ଥ ବନ୍ଧୁଙ୍କୁ ମନଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଯେକୌଣସି କ୍ଷେତ୍ର ହେଉନା କାହିଁକି, ଆପଣ କିଛି କରନ୍ତୁ, ଚୁପଚାପ ହୋଇ ବସିରହିଲେ ବହୁ କ୍ଷତି ସହିବାକୁ ପଡିବ। ଆଜି ଉତ୍ତରାଷାଢ଼ା ନକ୍ଷତ୍ର ଜଣେ ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିବେ। ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବାର ସମ୍ଭାବନା ରହିଛି।

**ମକର** କିଛି ନ ବୁଝି ନ ଶୁଝି କୌଣସି ବିବାଦ ସମ୍ପର୍କରେ ମନ୍ତବ୍ୟ ଦେବା ଠିକ୍ ହେବ ନାହିଁ। ଯଦି କହିବେ ତେବେ ଅଶାନ୍ତିକୁ ଆପଣେଇ ନେବା ଭଳି ହିଁ ପରିଣାମ ହୋଇପାରେ। ଧନିଷ୍ଠା ନକ୍ଷତ୍ର ରାସ୍ତାରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବାରେ ପଛେଇ ଯିବେ।

**କୁମ୍ଭ** ଆଜିର କର୍ମକ୍ଷେତ୍ରରେ ମଉଜିଆ କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ଶତଭିଷା ନକ୍ଷତ୍ର ଅଧ୍ୟୟନ ଓ ଆଧ୍ୟାତ୍ମିକତାରେ ଏକାଗ୍ରତା ଆଣିପାରିବେ। ଫେରିବା ବାଟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ସାହିତ୍ୟ, କଳା, ସଙ୍ଗୀତ ଓ ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହୋଇପାରନ୍ତି ।

**ମୀନ** ରେବତୀ ନକ୍ଷତ୍ର ବିଭିନ୍ନ କାମ ହାତକୁ ନେଇ କଳ୍ପନା ରାଇଜରେ ଘୁରିବୁଲିବେ। କର୍ମକ୍ଷେତ୍ରରେ ଆପୋସ ଆଲୋଚନା ଓ ପାରିବାରିକ ସମସ୍ୟା ସମାଧାନ ଘଟିବ। ଅର୍ଥ ଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଯୋଜନା କାର୍ଯ୍ୟକାରୀ କରିବା ସକାଶେ ଚିନ୍ତା କରିପାରନ୍ତି।

ଆଜି ମାର୍ଚ୍ଚ ୨୩ ତାରିଖ, ବିଶ୍ୱ ପାଣିପାଗ ଦିବସ, ପବିତ୍ର ମସିହ ମଉଦ୍ ଦିବସ, ଭଗତ ସିଂହ, ସୁଖଦେବ ଏବଂ ଜୟୀ ରାଜଗୁରୁଙ୍କ ଶହୀଦ ଦିବସ, ଚୈତ୍ର କୃଷ୍ଣ ନବମୀ ରବିବାର। ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୫୧ ଗତେ ଘ.୦୯.୫୨ ମଧ୍ୟେ, ଘ.୦୧.୨୩ ଗତେ ଘ.୦୧.୫୩ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୪.୨୪ ଗତେ ଘ.୦୫.୫୪ ମଧ୍ୟେ ରାହୁ କାଳ।

# ପ୍ରଥମ ପୃଷ୍ଠାରୁ...

## ଡିଲିମିଟେଶନ ଆଉ ...

ପାର୍ଲାମେଣ୍ଟରେ ଆମ ପ୍ରତିନିଧିତ୍ୱକୁ ହ୍ରାସ କରାଗଲେ ଆମ ରାଜନୈତିକ ସାମର୍ଥ୍ୟ ଆହୁରି ହ୍ରାସ ପାଇବ ବୋଲି ସେ କହିଛନ୍ତି। ଆମେ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣକୁ ବିରୋଧ କରୁନାହୁଁ, କିନ୍ତୁ ଏହା ଉପଯୁକ୍ତ ପଦ୍ଧତିରେ କରାଯିବାକୁ ଚାହୁଁଛୁ। ଆବଶ୍ୟକ ହେଲେ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରିବା ପାଇଁ ଏକ ବିସ୍ତୃତ ଆଇନଗତ ରଣକୌଶଳ ପ୍ରସ୍ତୁତି ନିମନ୍ତେ ଲିଗାଲ ଏକ୍ସପର୍ଟ କମିଟି ଗଠନ ପାଇଁ ଷ୍ଟାଲିନ୍ ପ୍ରସ୍ତାବ ଦେଇଥିଲେ।

ବୈଠକରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ,ପୂର୍ବତନ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍, କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର, ଓଡ଼ିଶା କଂଗ୍ରେସ ସଭାପତି ଭକ୍ତଚରଣ ଦାସ, ବିଜେଡି ନେତା ସଞ୍ଜୟ କୁମାର ଦାସବର୍ମା ପ୍ରମୁଖ ଯୋଗଦେଇଥିବାବେଳେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲି ସାମିଲ ହୋଇଥିଲେ। କେବଳ ଜନସଂଖ୍ୟା ଆଧାରରେ ଡିଲିମିଟେଶନ କରାଗଲେ କଠୋର ପଦକ୍ଷେପ ଜରିଆରେ ଲୋକ ସଂଖ୍ୟା କମାଇଥିବା ରାଜ୍ୟଗୁଡ଼ିକ ପାଇଁ ଠିକ୍ ହେବନାହିଁ ବୋଲି ନବୀନ ତାଙ୍କ ବାର୍ତ୍ତାରେ କହିଥିଲେ। ପଶ୍ଚିମବଙ୍ଗର ଶାସକ ଦଳ ତୃଣମୂଳ କଂଗ୍ରେସ ଡିଏମ୍‌କେର ଡିଲିମିଟେଶନ ଆଭିମୁଖ୍ୟକୁ ସମର୍ଥନ କରୁଥିଲେ ମଧ୍ୟ ବୈଠକରେ ଯୋଗଦେଇ ନାହିଁ।

କେରଳ ମୁଖ୍ୟମନ୍ତ୍ରୀ ବିଜୟନ ଡିଲିମିଟେଶନକୁ 'ଡେମୋକ୍ଲିସ୍‌ଙ୍କ ଖଣ୍ଡା' ସହ ତୁଳନା କରିଥିଲେ। ଏହି ଖଣ୍ଡ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଉପରେ ଝୁଲୁଥିବା ସେ କହିଥିଲେ। ଭାଜପା ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ଆଧାରରେ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ କରିବାକୁ ଚାହୁଁଛି। ଏହା ସାମ୍ବିଧାନିକ ସିଦ୍ଧାନ୍ତ କିମ୍ବା ଗଣତାନ୍ତ୍ରିକ ଅନିବାର୍ଯ୍ୟତା ଆଧାରରେ କରାଯାଉ ନ ଥିବା ବିଜୟନ କହିଥିଲେ। ସେହିପରି ଶିବକୁମାର କହିଥିଲେ, ଦକ୍ଷିଣ ଭାରତ ଜନସଂଖ୍ୟା ନିୟନ୍ତ୍ରଣ ଏବଂ ସାକ୍ଷରତା ଉଦ୍ୟମ ପାଇଁ କଠୋର ପଦକ୍ଷେପ ନେଇ ଦୀର୍ଘବର୍ଷ ହେଲା ଜାତୀୟ ସ୍ୱାର୍ଥକୁ କାଏମ ରଖିଆସିଛି। ଆମେ ଆମ ଆସନ ସଂଖ୍ୟା କମାଇବାକୁ ଦେଇପାରିବୁ ନାହିଁ। ଅର୍ଥନୈତିକ ଏବଂ ଶିକ୍ଷାଗତ ଦୃଷ୍ଟିରୁ ଆମେ କ୍ରମାଗତ ଭାବେ ଆଗରେ ରହିଆସିଛୁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଜେଏସି ବୈଠକକୁ ଭାଜପା ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି। ବୈଠକ ସ୍ଥଳ ବାହାରେ ଭାଜପା କର୍ମୀମାନେ କଳାପତାକା ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିରୋଧୀ ଶାସିତ ରାଜ୍ୟଗୁଡ଼ିକ ସେମାନଙ୍କ ପ୍ରଶାସନିକ ବିଫଳତାକୁ ଲୁଚାଇବାକୁ ଯାଇ ଡିଲିମିଟେଶନକୁ ଅସ୍ତ୍ର କରୁଥିବା ଭାଜପା ଅଭିଯୋଗ କରିଛି। ତେଲଙ୍ଗାନାର ପୂର୍ବତନ ରାଜ୍ୟପାଳ ତଥା ଭାଜପା ନେତ୍ରୀ ତାମିଲିସାଇ ସୌନ୍ଦରରାଜନ ସେମାନଙ୍କ ଏଭଳି କାର୍ଯ୍ୟକୁ ଦୁର୍ନୀତି ଘୋଡାଇବା ଅଭିଯାନ ବୋଲି କହିଛନ୍ତି। ଷ୍ଟାଲିନ୍ ନିଜ ରାଜ୍ୟର ସମସ୍ୟାଠାରୁ ଦୃଷ୍ଟି ହଟାଇବା ପାଇଁ ରାଜନୈତିକ ସଙ୍କଟ ସୃଷ୍ଟି କରୁଛନ୍ତି ବୋଲି ତାମିଲନାଡୁ ଭାଜପା ସଭାପତି କେ. ଆନ୍ନାମଲାଇ କହିଛନ୍ତି।

## ଆସନ ସଂଖ୍ୟା ନିର୍ଣ୍ଣୟରେ ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ନ ହେଉ: ନବୀନ

ଭୁବନେଶ୍ୱର,୨୨।୩ (ରବିନାରାୟଣ ଜେନା)

ଗୋଟିଏ ରାଷ୍ଟ୍ରର ବିକାଶ ପାଇଁ ଜନସଂଖ୍ୟା ନିୟନ୍ତ୍ରଣ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଖସଡ଼ା। ହେଲେ ଲୋକ ସଭା ଆସନ ସଂଖ୍ୟା ନିର୍ଣ୍ଣୟ ବେଳେ ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ହେବା ଉଚିତ ନୁହେଁ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି।


ନବୀନ ପଟ୍ଟନାୟକ

ଶନିବାର ସୀମା ପୁନଃ ନିର୍ଦ୍ଧାରଣ (ଡିଲିମିଟେଶନ)କୁ ନେଇ ଚେନ୍ନାଇରେ ବସିଥିବା ବୈଠକ ଉଦ୍ଦେଶ୍ୟରେ ଭିଡିଓ ବାର୍ତ୍ତା ଜାରିକରି ନବୀନ କହିଛନ୍ତି, ଜନସଂଖ୍ୟା ନିୟନ୍ତ୍ରଣ ଏବଂ ସ୍ଥିରୀକରଣ କରିବା ପାଇଁ ବହୁତ ଭଲ କାମ କରୁଥିବା ରାଜ୍ୟରେ ରହୁଥିବା ଲୋକଙ୍କ ଗଣତାନ୍ତ୍ରିକ ପ୍ରତିନିଧିତ୍ୱ ଏବଂ ଅଧିକାର ସୁନିଶ୍ଚିତ କରିବା ଲାଗି ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୈଠକ। ଯଦିଓ ଏହା ଏକ ସକାରାତ୍ମକ ଜାତୀୟ କାର୍ଯ୍ୟସୂଚୀ, ଏକ ଶକ୍ତିଶାଳୀ ଭାରତ ଗଠନ ପାଇଁ, କେବଳ ଜନସଂଖ୍ୟା ଉପରେ ଆଧାରିତ ସୀମା ନିର୍ଦ୍ଧାରଣ ସେହି ରାଜ୍ୟମାନଙ୍କ ପ୍ରତି ଅନ୍ୟାୟ ହେବ। ରାଜ୍ୟଗୁଡ଼ିକ ଜାତୀୟ କାର୍ଯ୍ୟସୂଚୀ ସଫଳ ରୂପାୟନ କରିବାରେ ନିଜ ପକ୍ଷରୁ ବହୁତ ଗୁରୁତ୍ୱ ଦେଉଛନ୍ତି। ଏକ୍ଷେତ୍ରରେ କେରଳ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକ, ପଶ୍ଚିମବଙ୍ଗ, ପଞ୍ଜାବ ଓ ଓଡ଼ିଶା ଅନ୍ୟତମ।

ନବୀନ କହିଛନ୍ତି, ଯେଉଁମାନେ ଜାତୀୟ ପ୍ରାଥମିକତା ସହିତ ସେମାନଙ୍କର ଜନସଂଖ୍ୟା ବୃଦ୍ଧି ହାର ହ୍ରାସ କରିବା ପାଇଁ କଠିନ ପରିଶ୍ରମ କରିଛନ୍ତି, ଆସନ କମିଲେ ତାହା ତାଙ୍କ ପ୍ରତି ଅନ୍ୟାୟ ହେବ। ଆମର ମତ ହେଉଛି, ଆମ ଦେଶର ସର୍ବୋଚ୍ଚ ପ୍ରତିନିଧିତ୍ୱ ସଂସ୍ଥାରେ ଆସନ ସଂଖ୍ୟା ନିର୍ଣ୍ଣୟ କରିବା ପାଇଁ ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ନ ହେଉ। ଓଡ଼ିଶା ଜନସଂଖ୍ୟା ହ୍ରାସରେ ଦୀର୍ଘବର୍ଷ ଧରି ସଫଳ ପଦକ୍ଷେପ ଗ୍ରହଣ କରି ଆସୁଛି। ଯଦି ଜନସଂଖ୍ୟା ଆଧାରରେ ଏହା ନିର୍ଣ୍ଣୟ କରାଯିବ ତେବେ ଓଡ଼ିଶା ଲୋକ ସଭା ଆସନ କମିଯିବ। ବିଜୁ ଜନତା ଦଳ ରାଜ୍ୟର ସ୍ୱାର୍ଥ ପାଇଁ ସବୁ ପ୍ରକାର ପ୍ରତିବାଦ କରିବାକୁ ପ୍ରସ୍ତୁତ। ଏହି ପରିପ୍ରେକ୍ଷୀରେ ଜନସଂଖ୍ୟାକୁ ଏକମାତ୍ର ଆଧାର ଭାବେ ଆସନ ଲାଗି ଧରା ନ ଯାଉ। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର ସମସ୍ତ ଦଳ ସହିତ ଏକ ବିସ୍ତୃତ ଆଲୋଚନା କରିବାର ଆବଶ୍ୟକ ରହିଛି ବୋଲି ନବୀନ କହିଛନ୍ତି; ଯଦ୍ଦ୍ୱାରା ଆମର ଗଣତନ୍ତ୍ର ପାଇଁ ଦୂରବର୍ତ୍ତୀ ପ୍ରଭାବ ପକାଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଯେକୌଣସି ସନ୍ଦେହ ଦୂର ହୋଇପାରିବ। ଆଜିର ବୈଠକ ଆୟୋଜନ କରିଥିବାରୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କୁ ନବୀନ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ନବୀନ କେରଳ ମୁଖ୍ୟମନ୍ତ୍ରୀ ପି. ବିଜୟନ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଏବଂ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କୁ ସମ୍ବୋଧିତ କରିଥିଲେ। ଉଲ୍ଲେଖଯୋଗ୍ୟ, ଉକ୍ତ ବୈଠକରେ ଓଡ଼ିଶା ପକ୍ଷରୁ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର କାର୍ଯ୍ୟକ୍ରମ ରୂପାୟନ କମିଟିର ଅଧ୍ୟକ୍ଷ ସଞ୍ଜୟ ଦାସବର୍ମା ଓ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଡ. ଅମର ପଟ୍ଟନାୟକ ଯୋଗଦେଇଥିଲେ।

## ମହାନଦୀ ବିବାଦର ...

ଲୋକସେବା ଭବନରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଅବସରରେ ଏହି ବିଷୟରେ ଆଲୋଚନା ହୋଇଛି। ଯେହେତୁ କେନ୍ଦ୍ର, ଛତିଶଗଡ଼ ଏବଂ ଓଡ଼ିଶାରେ ଟ୍ରିପଲ ଇଞ୍ଜିନ ସରକାର ଚାଲିଛି, ତେଣୁ ଏ ବିବାଦର ଆପୋସ ସମାଧାନ ହେବ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଏହି ଅବସରରେ ଆହୁରି କହିଛନ୍ତି, ଜଳ ବିନା ଜୀବନ ସୃଷ୍ଟିହେବା ଅସମ୍ଭବ। ବିଶ୍ୱ ଜଳବାୟୁ ପରିବର୍ତ୍ତନ ଯୋଗୁ ବ୍ୟବହାରଯୋଗ୍ୟ ଜଳର ଉପଲବ୍ଧତା ନେଇ ବିଶ୍ୱ ପାଣିପାଗ ସଂଘ ଆଶଙ୍କା ପ୍ରକାଶ କରିଛି। ଗତ ୨୦ ବର୍ଷ ଧରି ମାଟିର ଆର୍ଦ୍ରତା ଏବଂ ହିମବାହ ଗଚ୍ଛିତ ଜଳର ପରିମାଣ କ୍ରମାଗତ ଭାବେ କମିବାର ଲକ୍ଷ୍ୟ କରାଯାଇଛି। ଏସବୁ ଦୃଷ୍ଟିକୋଣରୁ ଆଗାମୀ ଦିନରେ ଜଳ ସଂରକ୍ଷଣ ଓ ଜଳକୁ ପ୍ରଦୂଷଣମୁକ୍ତ ରଖିବା ଅପରିହାର୍ଯ୍ୟ। ୨୦୨୧ ତଥ୍ୟ ଅନୁଯାୟୀ, ୨୨୦ କୋଟିରୁ ଉର୍ଦ୍ଧ୍ୱ ଲୋକ ଜଳ ସଙ୍କଟ ଦେଖାଯାଉଥିବା ଦେଶରେ ବାସ କରୁଛନ୍ତି। ବିଶ୍ୱ ଜଳବାୟୁ ପରିବର୍ତ୍ତନ ଓ ଜନସଂଖ୍ୟା ବୃଦ୍ଧି ଯୋଗୁ ଏହି ସଂଖ୍ୟା ବଢ଼ିବାରେ ଲାଗିଛି। ବିଶ୍ୱର ପ୍ରତ୍ୟେକ ବ୍ୟକ୍ତିଙ୍କୁ ବିଶୁଦ୍ଧ ଜଳ ଯୋଗାଇଦେବା ସହ ଏହାର ଉପଯୋଗିତା ବିଷୟରେ ଜନ ସଚେତନତା ସୃଷ୍ଟିକରିବା ପାଇଁ ବିଶ୍ୱ ଜଳ ଦିବସ ପାଳନ କରାଯାଉଛି। ଏହାର ମୂଳ ଲକ୍ଷ୍ୟ ହେଉଛି ୨୦୩୦ ସୁଦ୍ଧା ସଷ୍ଟେନେବଲ ଡେଭଲପମେଣ୍ଟ ଗୋଲ୍ ହାସଲକରି ସମସ୍ତଙ୍କୁ ଶୁଦ୍ଧ ଜଳ ଓ ପରିମଳ ବ୍ୟବସ୍ଥା ସୁନିଶ୍ଚିତ କରିବା। କେନାଲର ତଳ ମୁଣ୍ଡରେ ରହୁଥିବା ଚାଷୀ ପାଖରେ କିଭଳି ପାଣି ପହଞ୍ଚିବ ସେଥିପ୍ରତି ଆମେ ଧ୍ୟାନଦେଉଛୁ। ଆସନ୍ତା ୫ ବର୍ଷ ଅର୍ଥାତ୍ ୨୦୨୯ ସୁଦ୍ଧା ଅତିରିକ୍ତ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚିତ କରିବା ପାଇଁ ଆମେ ଲକ୍ଷ୍ୟ ରଖିଛୁ। ଜଳ ସମ୍ପଦର ସୁରକ୍ଷା ଓ ଏହାର ସୁପରିଚାଳନା ପାଇଁ ଚଳିତ ବର୍ଷ ବଜେଟରେ ୧୪ ହଜାର ୮୪୧ କୋଟି ୭୨ ଲକ୍ଷ ୯୨ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି। ଆମ ସରକାରଙ୍କ ଲକ୍ଷ୍ୟ କେବଳ ଜଳସେଚନ ଯୋଗାଇବା ନୁହେଁ, ସାମଗ୍ରିକ ଭାବେ ଜଳ ପରିଚାଳନା କରିବା, ଯାହାଦ୍ୱାରା ରାଜ୍ୟର ପ୍ରତ୍ୟେକ ଲୋକ ପରିବେଶକୁ କ୍ଷତି ନ ପହଞ୍ଚାଇ ଆବଶ୍ୟକ ଜଳ ପାନୀୟ ତଥା ଅନ୍ୟ କାର୍ଯ୍ୟ ପାଇଁ ହାତପାହାନ୍ତାରେ ପାଇପାରିବେ ବୋଲି ସେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୮୦ କୋଟି ଟଙ୍କା ବ୍ୟୟରେ ୨୦ଟି ଜିଲା ପାଇଁ କରାଯାଇଥିବା ୧୦୦ଟି ଚେକ୍ ଡ୍ୟାମ୍‌କୁ ଲୋକାର୍ପଣ କରିବା ସହ ୪ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଯଥା କେନ୍ଦୁଝର ଜିଲାର ଘାସିଡ଼ିହି, ଗଞ୍ଜାମ ଜିଲାର ବିଲୁଆମରା, ଗଜପତି ଜିଲାର କୁରଲଣ୍ଡା ଏବଂ ମୟୂରଭଞ୍ଜ ଜିଲାର ବାଘିଆ ଏମ୍‌ଆଇପିର ୬୧.୫୩ କୋଟି ଟଙ୍କା ବ୍ୟୟରେ ହୋଇଥିବା ଭୂତଳ ପାଇପ୍‌ଲାଇନ ନେଟ୍‌ୱର୍କର ମଧ୍ୟ ଲୋକାର୍ପିତ କରିଛନ୍ତି। ଏହା ବ୍ୟତୀତ ଅନୁଗୋଳ, କେନ୍ଦୁଝର, ଢେଙ୍କାନାଳ, ମୟୂରଭଞ୍ଜ ଜିଲାର ୨୭,୩୩୭ ହେକ୍ଟର ଉଚ୍ଚ ଚାଷଜମିକୁ ଜଳସେଚନ କରାଯିବା ପାଇଁ ୧,୨୨୭ କୋଟି ଟଙ୍କା ମୂଲ୍ୟର ୧୮ଟି ବୃହତ୍ ଉଠା ଜଳସେଚନ ଯୋଜନାର ଶିଳାନ୍ୟାସ, 'ଗୋ-ୱାଟର' ଇଆର୍‌ପି ଆପ୍‌ର ଶୁଭାରମ୍ଭ କରିବା ସହ ଏ ସମ୍ପର୍କିତ ସୂଚନା ପୁସ୍ତିକା ଉନ୍ମୋଚନ କରିଛନ୍ତି।

## ବିନୋଦ ଶୁକ୍ଲାଙ୍କୁ ...

ପୁରସ୍କାର ପ୍ରଦାନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ କମିଟିର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ମାଧବ କୌଶିକ, ଦାମୋଦର ମୌଜୋ, ପ୍ରଭା ବର୍ମା, ଅନାମିକା, ଏ. କ୍ରିଷ୍ଣା ରାଓ, ପ୍ରଫୁଲ୍ଲ ଶିଲେଦାର, ଜାନକୀ ପ୍ରସାଦ ଶର୍ମା ଏବଂ ଜ୍ଞାନପୀଠ ନିର୍ଦ୍ଦେଶକ ମଧୁସୂଦନ ଆନନ୍ଦ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବିନୋଦ ଶୁକ୍ଲା ୧୯୯୯ରେ ତାଙ୍କ ପୁସ୍ତକ 'ଦିୱାର ମେଁ ଏକ ଖିଡ଼କୀ ରହତି ଥି' ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ।




# ମା-ବାପାଙ୍କୁ ଡାକିବାକୁ ଯାଇ ବଜ୍ରପାତରେ ଚାଲିଗଲା ପୁଅର ଜୀବନ

ବ୍ରହ୍ମଗିରି,୨୨ା୩(ସ୍ୱାଧୀନ ଚମ୍ପତିରାୟ)

ବିଲକୁ ଯାଇଥିବା ମା'ବାପାଙ୍କୁ ଡାକିବାକୁ ଯାଇ ବଜ୍ରାଘାତରେ ପୁଅର ଜୀବନ ଚାଲିଗଲା। ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ପୁରୀ ଜିଲା ବ୍ରହ୍ମଗିରି ବ୍ଲକରେ। ମୃତକ ହେଲେ ଉକ୍ତ ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନପୁର ଗାଁର ମନୋଜ ନାୟକ (୨୩)।

ସୂଚନାଯୋଗ୍ୟ, କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଶେଷ କ୍ଷୟକ୍ଷତି ହୋଇଥିବା ବେଳେ ବ୍ରହ୍ମଗିରି ବ୍ଲକରେ ତୁହାକୁ ତୁହା ବର୍ଷା ସାଙ୍ଗକୁ ବିଜୁଳି ମାଡ଼ ହୋଇଛି। ଅନେକ ଚାଷଜମିରେ ପାଣି ହୋଇଯାଇଛି। ମନୋଜଙ୍କ ମା'ବାପା ତାଙ୍କ ପୋଟଳ ଜମିରେ କେତେ ପାଣି ହୋଇଛି ବୋଲି ଦେଖିବାକୁ ଯାଇଥିଲେ। ସେହି ସମୟରେ ବିଜୁଳି ମାରିବା ଯୋଗୁ ମନୋଜ ମା'ବାପାଙ୍କୁ ଡାକିବାକୁ ଯାଇଥିଲେ। ସେ ଯିବା ରାସ୍ତାରେ ବଜ୍ରପାତରେ ଆହତ ହୋଇ ଅଧା ଜଳିଯାଇଥିଲେ। ପୁଅର ଅବସ୍ଥା ଦେଖି ମା'ବାପା ବିକଳରେ ଚିତ୍କାର କରିଥିଲେ। ଅନ୍ୟ ଜମିରେ କାମ କରୁଥିବା ଲୋକେ ମନୋଜଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ରେବଣାନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାକୁ ମନୋଜଙ୍କ ମା'ବାପା ବିଶ୍ୱାସ ନ କରିବାରୁ ତାଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

# ବଜ୍ରପାତରେ ଛାତ୍ରଙ୍କ ମୃତ୍ୟୁ

ଦିଗପହଣ୍ଡି/ଚିକିଟି,୨୨ା୩
(ଅଶେଷ ନାଥ ମିଶ୍ର/ପ୍ରକାଶ ଚନ୍ଦ୍ର ସାହୁ)

ଦିଗପହଣ୍ଡି ବ୍ଲକ ବମୋକେଇ ପଞ୍ଚାୟତ ନାରାୟଣପୁର ଗ୍ରାମର ଦଶମ ଶ୍ରେଣୀ ଛାତ୍ର ରାଜେଶ ଗୌଡ଼ଙ୍କ ଶନିବାର ମଧ୍ୟାହ୍ନ ୧୨ଟାରେ ବଜ୍ରପାତରେ ମୃତ୍ୟୁ ଘଟିଛି। ରାଜେଶ ଗ୍ରାମ ନିକଟସ୍ଥ ବୋମକେଇ ଗ୍ରାମ ଶିବାନନ୍ଦ ନୋଡାଲ ହାଇସ୍କୁଲରେ ପାଠ ପଢୁଥିଲେ। ଚଳିତବର୍ଷ ସେ ପଦ୍ମନାଭପୁର ଗ୍ରାମ ରାଧା ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ଖବରରୁ ଜଣାପଡ଼ିଛି, ସାଙ୍ଗମାନଙ୍କ ସହ ରାଜେଶ ନିକଟସ୍ଥ କୁମରଡ଼ା ଗ୍ରାମରେ ହେଉଥିବା କ୍ରିକେଟ ଟୁର୍ନାମେଣ୍ଟରେ ମ୍ୟାଚ ଖେଳିବାକୁ ଘରୁ ଯାଇଥିଲେ। ମ୍ୟାଚ ଚାଲିଥିବା ବେଳେ ମଧ୍ୟାହ୍ନ ପ୍ରାୟ ୧୨ଟାରେ କାଳବୈଶାଖୀ ଝଡ଼ପବନ ସହ ବଜ୍ରପାତ ହେବାରୁ ରାଜେଶ ସେଠାରେ ଟଳି ପଡ଼ିଥିଲେ। ଗ୍ରାମବାସୀ ରାଜେଶଙ୍କୁ ଉଦ୍ଧାର କରି ବମୋକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ଅଧିକାରୀ ଏସ୍ଆଇ ଜଗବନ୍ଧୁ ବାର୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରାଜେଶଙ୍କ ମୃତଦେହ ଜବତ କରିଛନ୍ତି। କେ.ନୂଆଗାଁ ଥାନାରେ ନଂ.୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରାହ୍ନରେ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର ହୋଇଛି।

# ଲଗାଣ ବର୍ଷା: ଦୁଇଦିନ ଶିମିଳିପାଳ ବନ୍ଦ

ବାରିପଦା,୨୨ା୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

କାଳବୈଶାଖି ଜନିତ ଲଗାଣବର୍ଷା ଯୋଗୁ ଦୁଇ ଦିନ ଶିମିଳିପାଳ ଅଭୟାରଣ୍ୟ ବନ୍ଦ ରଖାଯାଇଛି। ଶନିବାର ଓ ରବିବାର ପର୍ଯ୍ୟଟକମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶିମିଳିପାଳ ମଧ୍ୟକୁ ପ୍ରବେଶ ବାରଣ କରାଯାଇଛି। ଶିମିଳିପାଳର ପିଠାବଟା ଓ କାଳିକାପ୍ରସାଦ ଉଭୟ ଦୁଇଟି ଗେଟ୍ ବନ୍ଦ ରହିବ ବୋଲି ବାରିପଦା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ଏହି ଦୁଇଦିନରେ ଅଭୟାରଣ୍ୟ ମଧ୍ୟକୁ କୌଣସି ଗାଡି ପ୍ରବେଶ କିମ୍ବା ପ୍ରସ୍ଥାନ କରିବ ନାହିଁ ବୋଲି ଉଲ୍ଲେଖ ରହିଛି।

ମୟୂରଭଞ୍ଜ ଜିଲାରେ ଦୁଇଦନ ଧରି ପ୍ରବଳ ବର୍ଷା ପବନ ଘଡ଼ଘଡ଼ି ସହ କୁଆପଥର ମାଡ଼ରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଶିମିଳିପାଳ ଅଭୟାରଣ୍ୟର ଭଞ୍ଜବସା ରେଞ୍ଜରେ ସର୍ବାଧିକ ୭୩.୪୦ମି.ମି. ବର୍ଷା ରେକର୍ଡ କରାଯାଇଛି। ନଅାଁଣାରେ ୩୭.୮ ମି.ମି., ଡୋଭରେ ୧୨.୮ ମି.ମି., ପିଠାବଟାରେ ୩୩.୦୨ମି.ମି., ବଡଗାଁରେ ୨୦.୫୭ମି.ମି., ବାରିପଦାରେ ୫୦.୨୯ମି.ମି., ଡୁକୁରାରେ ୩୩.୭୮ମି.ମି., ପୋଡାଡିହାରେ ୪୬.୨୨ମି.ମି., ଉପର ବାରହାକାମୁଡାରେ ୨୩.୪ମି.ମି., ଜେନାବିଲରେ ୧୨.୭ମି.ମି., କୁଳିପାଳରେ ୨୨.୮୬ମି.ମି. ଓ କବାଟଘାଇରେ ୧୭ମି.ମି. ବର୍ଷା ରେକର୍ଡକରାଯାଇଛି।












ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ- ତା' ହେଲେ ସବୁଠାରୁ ବଡ କାମ ହେବ-ଯଦି ତୁମେ ତୁମ ଚରିତ୍ରରେ ନିଷ୍ପାପର ଭାବେ ଛୋଟ ଛୋଟ ବିଜୟଗୁଡ଼ିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ। -ଶ୍ରୀମା

# ଆମେରିକା ସହିପାରୁନି



**ଆକାର ପଟେଲ**

ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ୨୦୦୯ ପର୍ଯ୍ୟନ୍ତ ବିଶ୍ୱ ଅର୍ଥ ବ୍ୟବସ୍ଥାରେ ଆମେରିକା ଓ ୟୁରୋପର ଅଂଶ ୫୦%କୁ ଟପିଯାଇଥିଲା। ୨୦୦୯ରେ ଏହା ୫୧% ଥିଲା ଓ ଏହା ପରେ ହ୍ରାସ ପାଇବାରେ ଲାଗିଛି। ଗତବର୍ଷ ଅର୍ଥାତ୍ ୨୦୨୪ରେ ଏହା ୪୩% ଥିଲା ଏବଂ ଆଗକୁ ହ୍ରାସ ପାଇବ। ଆର୍ଥିକ କ୍ଷେତ୍ରରେ ୟୁରୋପ ମାନ୍ଦା ପଡ଼ିଯାଉଛି। ଗତ ବର୍ଷ ଏବଂ ଏହାର ପୂର୍ବ ବର୍ଷ ପ୍ରତ୍ୟେକରେ ସାମଗ୍ରିକ ଭାବେ ୟୁରୋପୀୟ ସଂଘ( ଇୟୁ)ର ଜିଡିପି ୧ ପ୍ରତିଶତରୁ କମ୍ ଅଭିବୃଦ୍ଧି ହୋଇଥିଲା। ଚଳିତ ବର୍ଷ ଏହା ୧ ପ୍ରତିଶତ ବୃଦ୍ଧି ଘଟିପାରେ ବୋଲି ଆକଳନ କରାଯାଉଛି। କିନ୍ତୁ ଦୀର୍ଘମିଆଦୀ ସୂତ୍ରରେ ଏହା ଅଧିକ ବୃଦ୍ଧି ଘଟିବା ସମ୍ଭାବନା ନାହିଁ। ବ୍ରିଟେନ୍‌ର ଜିଡିପି ୨୦୨୩ରେ ୧ ପ୍ରତିଶତରୁ କମ୍, ୨୦୨୪ରେ ବି ୧ %ରୁ କମ୍ ଅଭିବୃଦ୍ଧି ହୋଇଥିଲା ଏବଂ ଚଳିତ ବର୍ଷ ୧ ପ୍ରତିଶତ ବୃଦ୍ଧି ହୋଇପାରେ। ଗତବର୍ଷ ଆମେରିକାର ଅଭିବୃଦ୍ଧି ୨% ହୋଇଥିଲାବେଳେ ଚଳିତ ବର୍ଷ ଏହା ମାନ୍ଦା ଅବସ୍ଥାର ସମ୍ମୁଖୀନ ହୋଇଛି ଏବଂ ବୁଝାପଡୁଛି ଯେ, ଏହାର ଅର୍ଥ ବ୍ୟବସ୍ଥା ସଙ୍କୁଚିତ ହୋଇଛି। ଆମେରିକା, ବ୍ରିଟେନ, ୟୁରୋପୀୟ ସଂଘ, କାନାଡା, ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡର ମୋଟ ଜନସଂଖ୍ୟା ବିଶ୍ୱ ଜନସଂଖ୍ୟାର ୧୦%। ଅର୍ଥାତ୍ ୨୦୦୯ରେ ପାଶ୍ଚାତ୍ୟ ତୁଳନାରେ ଅର୍ଥ ବ୍ୟବସ୍ଥାରେ ୯୦ ପ୍ରତିଶତ ଲୋକ ରହୁଥିବା ବିଶ୍ୱର ଅବଶିଷ୍ଟ ଦେଶଗୁଡ଼ିକର ଏକ କ୍ଷୁଦ୍ର ଅଂଶ ଥିଲା। କିନ୍ତୁ ଏଥିରେ ଶୀଘ୍ର ପରିବର୍ତ୍ତନ ଘଟୁଛି। ଏହିସବୁ ଦେଶ ମଧ୍ୟରେ ଅଭିବୃଦ୍ଧିରେ ସବୁଠୁ ଆଗରେ ଅଛି ଚାଇନା। ୧୯୯୦ରେ ବୈଶ୍ୱିକ ଜିଡିପିରେ ଏହାର ଅଂଶ ଥିଲା ୧%, ୨୦୦୦ରେ ୩%, ୨୦୧୦ରେ ୯% ଏବଂ ଏବେ ଏହା ୧୭%ରେ ପହଞ୍ଚିଛି। ୧୯୯୦ରେ ଅଭିବୃଦ୍ଧି କ୍ଷେତ୍ରରେ ଚାଇନା ସହ ଭାରତ ସମାନ ଥିଲା, କିନ୍ତୁ ବର୍ତ୍ତମାନ ବୈଶ୍ୱିକ ଜିଡିପି (ପାଖାପାଖି ୧୦୮ ଟ୍ରିଲିୟନ ଡଲାର)ରେ ଭାରତର ଅଂଶ ୩.୬%। ଭାରତ ଆପାତତଃ ଭଲ କରିଛି, କିନ୍ତୁ ବିଗତ ୩୦ ବର୍ଷ ହେଲା ବୈଶ୍ୱିକ ଅଭିବୃଦ୍ଧିର ପ୍ରକୃତ ଇଞ୍ଜିନ ଭାବେ ଚାଇନା ରହିଆସିଛି। ଚାଇନାର ଆଖିଦୃଶିଆ ଅଭିବୃଦ୍ଧି ପାଶ୍ଚାତ୍ୟ ପାଇଁ ଚିନ୍ତାର କାରଣ ହୋଇଛି। ଆଫ୍ରିକା, ଲାଟିନ୍ ଆମେରିକା ଏବଂ ଦକ୍ଷିଣ ପୂର୍ବ ଏସିଆରେ ଚାଲିଥିବା ଚାଇନାର ଭିତ୍ତିଭୂମି ପ୍ରୋଜେକ୍ଟଗୁଡ଼ିକ ଉପରେ ପାଶ୍ଚାତ୍ୟର ଗଣମାଧ୍ୟମଗୁଡ଼ିକର ଲଗାତର ଆକ୍ରମଣରୁ ଏହା ସ୍ପଷ୍ଟ ହେଉଛି। ଏହିସବୁ ଭୟ ବା ଚିନ୍ତା ଆମେରିକା ଏବଂ ୟୁରୋପର ରାଜନୀତିରେ ମଧ୍ୟ ପ୍ରକାଶ ପାଉଛି। ଆମେରିକାରେ ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତି ଭଲ ପାଇବା ବିଶେଷକରି ଦୁଇଟି ବିଷୟ ଉପରେ ଆଧାରିତ। ଗୋଟିଏ ହେଉଛି ଅଣଶ୍ୱେତାଙ୍ଗ ଦେଶଗୁଡ଼ିକରୁ ପ୍ରବାସୀଙ୍କୁ ବନ୍ଦ କରିବା ଏବଂ ଯେଉଁମାନେ ଏବେ ଆମେରିକାରେ ଅଛନ୍ତି ସେମାନଙ୍କୁ ଦେଶାନ୍ତର କରିବା। ଅନ୍ୟ ବିଷୟଟି ହେଉଛି ଆମେରିକାକୁ ରପ୍ତାନି କରୁଥିବା ଗରିବ ଦେଶଗୁଡ଼ିକର ଠକାମିକୁ ବନ୍ଦକରିବାର ଇଚ୍ଛା। ଆମେରିକାର ମୁଣ୍ଡ ପିଛା ଜିଡିପି ମେକ୍ସିକୋଠାରୁ ୬ଗୁଣ ବେଶି ଏବଂ ବାର୍ଷିକ କାନାଡାଠାରୁ ଏହା ୩୦ ହଜାର ଡଲାର ଅଧିକ ରହୁଛି, କିନ୍ତୁ ସେମାନେ ଏଥିରେ ଅସନ୍ତୁଷ୍ଟ ହେଉଛନ୍ତି।

ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ଅନୁଯାୟୀ ଆମେରିକାର ମୁଣ୍ଡ ପିଛା ଜିଡିପି ୯୦,୦୦୦ ଡଲାରରୁ କମ୍ ରହିବା ସମ୍ଭାବନା ରହିଛି। ଭାରତର ବାର୍ଷିକ ମୁଣ୍ଡ ପିଛା ଜିଡିପି ୩,୦୦୦ ଡଲାରରୁ କମ୍ ରହିବ। ଯାହା ଆକଳନ କରାଯାଉନା କାହିଁକି, ବିଶ୍ୱରେ ଆମେରିକୀୟମାନେ ସବୁଠୁ ଅଧିକ ସଫଳ ହେଉଛନ୍ତି ଓ ସୁଯୋଗ ପାଉଛନ୍ତି, ତଥାପି ସେମାନେ ଅନ୍ୟମାନଙ୍କ ଉତ୍ଥାନକୁ ସହିପାରୁନାହାନ୍ତି। ସେମାନଙ୍କ ମୁଖ୍ୟ ଟାର୍ଗେଟ ହେଉଛି ଚାଇନା। ମାନୁଫାକ୍ଚରିଂରେ ଚାଇନିଜ୍‌ମାନେ ଯେଉଁଭଳି କାମ କରୁଛନ୍ତି ଆମେରିକାରେ ଟ୍ରମ୍ପ ତାହା କରିବାକୁ ଚାହୁଁଛନ୍ତି। ୧୯୯୦ରେ ମାନୁଫାକ୍ଚରିଂରେ ଆମେରିକା ଅର୍ଥ ବ୍ୟବସ୍ଥାର ଅଂଶ ୧୬% ଥିଲା, ଏବେ ଏହା ୧୦%। ମାନୁଫାକ୍ଚରିଂ ଉତ୍ପାଦନ ୧୯୯୦ରେ ୧ ଟ୍ରିଲିୟନ ଡଲାର ଥିବାବେଳେ ଏବେ ଏହା ୩ ଟ୍ରିଲିୟନ ଡଲାର। ଏଣୁ ଅନ୍ୟ ଅର୍ଥ ବ୍ୟବସ୍ଥା ତୁଳନାରେ ଆମେରିକାର ମାନୁଫାକ୍ଚରିଂରେ ଅଭିବୃଦ୍ଧି ଘଟିଛି, କିନ୍ତୁ ମନ୍ଥର ଗତିରେ। ମାନୁଫାକ୍ଚରିଂ କ୍ଷେତ୍ରରେ ଚାକିରି ପ୍ରାୟ ୧୮ ମିଲିୟନରୁ ହ୍ରାସପାଇ ପାଖାପାଖି ୧୨ ମିଲିୟନ ରହିଛି। ଏଣୁ ଆମେରିକାର ଅଳ୍ପ ସଂଖ୍ୟକ ମାନୁଫାକ୍ଚରିଂ କର୍ମଚାରୀ ୧୯୯୦ ତୁଳନାରେ ଏବେ ୩ ଗୁଣ ଅଧିକ ଉତ୍ପାଦନ କରୁଛନ୍ତି। ଏହାର ପ୍ରମୁଖ କାରଣ ହେଉଛି ସ୍ୱୟଂଚାଳିତ ପଦ୍ଧତି ଓ ଦକ୍ଷତାର ବିକାଶ। ୧୯୯୦ରେ ଆମେରିକା ୮୦ ମିଲିଅନ ଟନ୍ ଷ୍ଟିଲ୍ ଉତ୍ପାଦନ କରୁଥିଲା, ବର୍ତ୍ତମାନ ପ୍ରାୟ ସେତିକି ଅଛି। ଷ୍ଟିଲ୍ ପ୍ଲାଣ୍ଟଗୁଡ଼ିକରେ କାମ କରୁଥିବା ଆମେରିକୀୟଙ୍କ ସଂଖ୍ୟା ୧୯୮୦ରେ ୫,୧୨,୦୦୦ ଥିଲାବେଳେ ୧୯୯୦ରେ ୨,୭୦,୦୦୦ ଓ ୨୦୨୪ରେ ୭୦,୦୦୦ ଥିଲା। ମାନୁଫାକ୍ଚରିଂରେ ଏବଂ ଅନ୍ୟତ୍ର ଆମେରିକା ତାହାର କାର୍ଯ୍ୟରତ କର୍ମଚାରୀଙ୍କୁ ସ୍ଥାନାନ୍ତର କରିବା ପାଇଁ ଚାଇନାର ଏବକାର କାର୍ଯ୍ୟ ଢାଞ୍ଚାକୁ ଯଦି ଗ୍ରହଣ କରେ ତେବେ ଆର୍ଥିକ ଉତ୍ପାଦନ ହ୍ରାସ ପାଇବ।

ତଥାପି ଏ ବିଷୟରେ ଟ୍ରମ୍ପ ପ୍ରଶାସନ ଚେଷ୍ଟା କରୁଛି। ଏହା ଦୁଇଟି ଉପାୟରେ କରାଯାଉଛି। ପ୍ରଥମଟିରେ ସବୁ ପ୍ରତିଦ୍ୱନ୍ଦ୍ୱିତାକୁ ବନ୍ଦ କରାଯାଉଛି। ଚାଇନାର ବୈଦ୍ୟୁତିକ କାର୍‌ଗୁଡ଼ିକ ଆମେରିକାକୁ ଆମଦାନୀ ହେଲେ ୧୦୦% ଟିକସ ଲାଗିବ ଅର୍ଥାତ୍ ସେସବୁର ମୂଲ୍ୟ ୨ଗୁଣରୁ ଅଧିକ ହୋଇଯିବ। ଯଦି ବି ଜଣେ ଆମେରିକୀୟ ସେହି ଟିକସ ଦିଅନ୍ତି ତେବେ ସେମାନେ ଚାଇନାର କାର୍ ଚଳାଇପାରିବେ ନାହିଁ, କାରଣ ଚାଇନିଜ କାର୍ ସଫ୍ଟୱେର ଉପରେ ପ୍ରତିବନ୍ଧକ ରହିଛି। ପ୍ରତିବନ୍ଧକର ଉଦ୍ଦେଶ୍ୟ ହେଉଛି ଉଭୟ ଆମେରିକାର କମ୍ପାନୀଗୁଡ଼ିକର ସୁରକ୍ଷା କରିବା ଏବଂ ଚାଇନାକୁ ବନ୍ଦ କରିବା। ଦ୍ୱିତୀୟ ଉପାୟ ହେଉଛି, ବିଶ୍ୱସ୍ତରୀୟ ଟାରିଫ୍ ମାଧ୍ୟମରେ, ଯାହା ଏପ୍ରିଲ ୨ରେ ସାମ୍ନାକୁ ଆସିବ। ଏହା ୟୁରୋପରେ ଥିବା ଆମେରିକାର ମିତ୍ର ଦେଶ, କାନାଡା ଏବଂ ଅଷ୍ଟ୍ରେଲିଆ ସମେତ ସମଗ୍ର ବିଶ୍ୱକୁ ପ୍ରଭାବିତ କରିବ । ଚଳିତ ଜାନୁଆରୀ ପର୍ଯ୍ୟନ୍ତ ଆମେରିକାର ବାଣିଜ୍ୟ ଅଂଶୀଦାର ରହିଥିବା ଏହିସବୁ ଦେଶ ଏବେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଆମେରିକାର ଏହି ପ୍ରତିକ୍ରିୟା ଆଗକୁ ଗରିବ ଦେଶଗୁଡ଼ିକ ତୁଳନାରେ ତଳକୁ ଖସିବନି ବୋଲି ନିଶ୍ଚିତ କରିବ ତ ? ଅବଶ୍ୟ ନୁହେଁ। ଚାଇନା, ଭାରତ, ଆଫ୍ରିକା ଏବଂ ଲାଟିନ ଆମେରିକାର ଅଭିବୃଦ୍ଧି ଜାରି ରହିବ। ଆମେ ମାନବ ଇତିହାସରେ ଏକ ନୂଆ ଯୁଗରେ ପ୍ରବେଶ କରିଛୁ। ଆମେରିକା ଓ ୟୁରୋପର ପ୍ରଭୁତ୍ୱ ଏବଂ ସେମାନଙ୍କ ପ୍ରଭାବ ଧୀରେ ଧୀରେ ହ୍ରାସ ପାଇବ। ପାଶ୍ଚାତ୍ୟ ୧୦୦ ବର୍ଷ ପୂର୍ବେ ଯାହା କରିପାରିଥିଲା ତାହା ଆଉ କରିପାରିବ ନାହିଁ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 5 | | | | |
| 7 | | 3 | | 4 | | 1 | | |
| | | 4 | | 8 | | 2 | | |
| | 2 | | | | 7 | | 3 | |
| 1 | | | | | | | | 8 |
| | | | | | 2 | 4 | | |
| | 7 | | 1 | | 9 | | 4 | 6 |
| 6 | | 2 | | | 4 | | 8 | |
| | | | | | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 9 | 4 | 3 | 6 | 2 | 5 | 1 |
| 5 | 1 | 6 | 7 | 2 | 8 | 9 | 3 | 4 |
| 3 | 2 | 4 | 1 | 5 | 9 | 8 | 7 | 6 |
| 1 | 3 | 2 | 8 | 6 | 5 | 7 | 4 | 9 |
| 6 | 8 | 7 | 9 | 4 | 1 | 5 | 2 | 3 |
| 9 | 4 | 5 | 2 | 7 | 3 | 6 | 1 | 8 |
| 7 | 9 | 8 | 3 | 1 | 2 | 4 | 6 | 5 |
| 2 | 5 | 1 | 6 | 8 | 4 | 3 | 9 | 7 |
| 4 | 6 | 3 | 5 | 9 | 7 | 1 | 8 | 2 |

ଗତକାଲିର ଉତ୍ତର

# ବୁଢ଼ା ହେଲେ ଜାଣିବ



ଚିତ୍ର ଚରିତ୍ର

**ଅଧ୍ୟାପକ ନିରଞ୍ଜନ ପାଢ଼ୀ**

ପ୍ରାୟ ଦୁଇବର୍ଷ ତଳେ ଅଶୀବର୍ଷ ବୟସରେ ପାଦଥାପିଲା ବେଳେ ସିନେମା ଜଗତର ମହାନାୟକ ଅମିତାଭ ବଚ୍ଚନଙ୍କୁ ସାମାଜିକ ଗଣମାଧ୍ୟମରେ ଜନ୍ମଦିନ ଶୁଭେଚ୍ଛା ଜଣାଇଥିବା ଲକ୍ଷ ଲକ୍ଷ ପ୍ରଶଂସକଙ୍କ ମଧ୍ୟରୁ ଜଣେ ଯୁବକ ଲେଖିଥିଲେ- ''ଏତେ ବୁଢ଼ା ହେଲା ପରେ ମଧ୍ୟ ଆପଣଙ୍କ ତେଜସ୍ୱୀ ବ୍ୟକ୍ତିତ୍ୱ ଓ ଯୁବସୁଲଭ ଉଦ୍ଦାମତ୍ତା ପାଇଁ ଆପଣ ଅନନ୍ୟ, ଅସାଧାରଣ।'' ଅଗଣିତ ପ୍ରଶଂସକଙ୍କ ଶୁଭେଚ୍ଛା ବାର୍ତ୍ତାର ପ୍ରତିବେଦନରେ ଜଣ ଜଣ କରି ସମସ୍ତଙ୍କୁ ଉତ୍ତର ଦେବାକୁ ସମ୍ଭବ ନ ଥିଲେ ବିଗ୍ ବି ବଚ୍ଚନ ସାହେବ । ସେଇ ଯୁବକଙ୍କୁ ଉତ୍ତର ଦେଇଥିଲେ- ''ହେ ମୋର ପଚାଶ ବର୍ଷ ପରେ ଏଇ ସଂସାରକୁ ଆସିଥିବା ନବଯୁବକ! ବୁଢ଼ାଙ୍କୁ ବୁଢ଼ା କହିଲେ କେମିତି ଲାଗେ ତୁମେ ବୁଢ଼ା ହେଲେ ଜାଣିବ।''

ଅମିତାଭଙ୍କ ଏଇ ମନ୍ତବ୍ୟ ଏକ ହାଲୁକା ପରିହାସ ପରି ଉପରକୁ ପ୍ରତୀୟମାନ ହେଉଥିଲେ ମଧ୍ୟ ତାହା ମଧ୍ୟରେ ଲୁଚିରହିଥିବା ବାସ୍ତବତାର ଏକ କରୁଣ ସତ୍ୟ ଥିଲା ବେଶ୍ ଭାବୋଦ୍ଦୀପକ ଓ ଗମ୍ଭୀର। ସଂସାରର ସବୁ ବୁଢ଼ାଙ୍କ ଅଭିଶପ୍ତ ତଥା ଅବହେଳିତ ବାର୍ଦ୍ଧକ୍ୟର ବିକଳ ପ୍ରତିଧ୍ୱନି ଗୁଞ୍ଜରିତ ହେଉଥିଲା ଯେମିତି ବଚ୍ଚନଙ୍କ ସେଇ କଥା ପଦକରେ! ଅନୁରଣିତ ହେଉଥିଲା ଯେମିତି ପୀଡ଼ାଦାୟୀ ହତାଶାର ଅବରୁଦ୍ଧ ହାହାକାର। ପ୍ରକୃତରେ ବାର୍ଦ୍ଧକ୍ୟର ବେଦନା ବୁଝିବା ପାଇଁ ଯୌବନର ଜୟଗାନ କରୁଥିବା ଯୁବାବର୍ଗଙ୍କ ପାଖରେ ନା ଥାଏ ସମୟ ନା ସ୍ପୃହା। ଜୋତା ପିନ୍ଧିଥିବା ଲୋକଟି ସିନା ଜାଣେ ଜୋତା କେଞ୍ଚିବାର ଯନ୍ତ୍ରଣା, ତେଣିକି ସେ ନିପଟ ପଲ୍ଲୀର ଅଜଣା ଅଶୁଣା ବୁଢ଼ାଟିଏ ହେଉ ଅବା ଯଶ, ଖ୍ୟାତି, ପ୍ରତିଷ୍ଠା ପ୍ରତିପତ୍ତିର ପାହାଡ଼ ଉପରେ ବସିଥିବା ମହାନାୟକ ଅମିତାଭ ବଚ୍ଚନ!

ସରକାରୀ ଯୋଜନା ବା ପ୍ରଶାସନିକ ବ୍ୟବସ୍ଥାରେ ବରିଷ୍ଠ ନାଗରିକ ଭାବେ ନାମିତ ବୁଢ଼ାଙ୍କ ପାଇଁ କିଛି ସୁବିଧା ସୁଯୋଗ ଉପଲବ୍ଧ ବୋଲି ଉପରକୁ ଯେତେ ପ୍ରତୀୟମାନ ହେଉଥିଲେ ମଧ୍ୟ ପ୍ରକୃତରେ ସମାଜର ବେଶ୍ ଭାଗ ଲୋକଙ୍କ ଆଚରଣ ଓ ଉଚ୍ଚାରଣରେ ପ୍ରତିଫଳିତ ହେଉଥାଏ ବାର୍ଦ୍ଧକ୍ୟର ବିଡ଼ମ୍ବନା। ବୃଦ୍ଧମାନେ ଯେମିତି ଏ ସଂସାରରେ ଅବାଞ୍ଛିତ ଅତିଥି, ସମାଜର ବୋଝ, ଏମିତି ଏକ ଅବଧାରଣା ସୃଷ୍ଟି ହୋଇଥାଏ ବିଭିନ୍ନ କ୍ଷେତ୍ରରେ। କେଇ ବର୍ଷ ପୂର୍ବରୁ କରୋନା ଯେତେବେଳେ ଆବାଳ ବୃଦ୍ଧବନିତାଙ୍କୁ ସନ୍ତ୍ରସ୍ତ କରିରଖିଥିଲା, ସେତେବେଳେ ଆମ ଦେଶରେ କରୋନା ଆକ୍ରାନ୍ତ ଅତି ବୟସ୍କ ବୃଦ୍ଧଙ୍କଠୁଁ ଅଳ୍ପବୟସ୍କ ରୋଗୀଙ୍କ ଚିକିତ୍ସା ଉପରେ ଗୁରୁତ୍ୱ ଦେବାକୁ



ଡାକ୍ତରଙ୍କ ଉପରେ ଏକ ଅଲିଖିତ ନିର୍ଦ୍ଦେଶ ଜାରି କରାଯାଇଥିଲା। ଲାଗୁଥିଲା, ସତେଯେମିତି ବୁଢ଼ା ରୋଗୀଙ୍କୁ ସ୍ପଷ୍ଟ ଭାବେ ଶୁଣାଇ ଦିଆଯାଉଥିଲା- ''ଢେର ଦିନ ବଞ୍ଚିଲଣି। ଏବେ ଟୋକାମାନଙ୍କୁ ବାଟ ଛାଡ଼ି ଆରପୁରକୁ ଲେଉଟିଯାଅ!'' ସେଇ କରୋନା କାଳରେ ଜଣେ ବୃଦ୍ଧ ଭାବେ ଏଇ ଲେଖକଙ୍କୁ ମିଳିଥିବା ଏକ ବୁକୁବିନ୍ଧକାରୀ ମନ୍ତବ୍ୟ ଏଯାଏ ବି ସ୍ମୃତିପଟ୍ଟରେ ସଂଜୀବିତ ହୋଇ ରହିଛି। ବିପଜ୍ଜନକ ସଂକ୍ରମଣ ଏଡ଼ାଇବା ପାଇଁ ଯେତେବେଳେ ଭିଡ଼ଭାଡ଼, ହାଟବଜାର, ଏପରିକି ସାଧାରଣ ଚଳପ୍ରଚଳ ଉପରେ ଅଙ୍କୁଶ ଲାଗିଥିଲା, ସେତେବେଳେ ଦିନେ ସନ୍ଧ୍ୟାରେ କ୍ଷୀର ଆଣିବାକୁ ଗଲାବେଳେ ଦୁଇଟି ବାଇକ୍ ଉପରେ ଲଗାଲଗି ହୋଇ ଚାରିଜଣ ଯୁବକଙ୍କୁ ବିନା ମାସ୍କରେ ଆଳାପ କରୁଥିବା ଦେଖି ଏ ଲେଖକ ଅଭିଭାବକୀୟ ଆକଟ କରି ଏମିତି ନ କରିବାକୁ ଚେତାଇ ଦେଇଥିଲା। ସେ ଆଶା କରୁଥିଲା, ନିରାପତ୍ତାକୁ ଦୃଷ୍ଟିରେ ରଖି ସେମାନେ ପରସ୍ପରଠୁଁ ବିଚ୍ଛିନ୍ନ ହୋଇ ବସିବେ। ମାତ୍ର କରୋନାର ଭୟାବହତାକୁ ଗୋଟିଏ ଫୁତ୍କାରରେ ଉଡ଼ାଇ ଦେଇ ଯୁବକଙ୍କ ମଧ୍ୟରୁ ଜଣେ କହିଲା, '' ତୁମେ ତୁମ ବାଟରେ ଯାଉ ନ ମଉସା ! ବୁଢ଼ା ହେଲଣି, ତଥାପି ଏ ମାଷ୍ଟ୍ରିଆ ଗୁଣ ଯାଉନାହିଁ'' ! ଚାରିଙ୍କ ମଧ୍ୟରୁ କେହି ଜଣେ ବୋଧହୁଏ ମୁଁ ଜଣେ ଅବସରପ୍ରାପ୍ତ କଲେଜ ମାଷ୍ଟର ବୋଲି ଅବଗତ ଥିଲେ।

ବାର୍ଦ୍ଧକ୍ୟର ବିଡ଼ମ୍ବନା ପ୍ରସଙ୍ଗରେ ଆଉ ଏକ ଆଖିଦେଖା ଘଟଣା । ଅଳ୍ପଦିନ ତଳେ ରାଜଧାନୀର ଏକ ଏଟିଏମ୍ କାଉଣ୍ଟର ଆଗରେ ଟଙ୍କା ଉଠାଇବା ପାଇଁ ଏ ଲେଖକ ଧାଡ଼ିରେ ଛିଡ଼ା ହୋଇଥିଲାବେଳେ ଜଣେ ଯୁବକ ମେଶିନ ଆଡ଼କୁ ମାଡ଼ି ଚାଲିଲେ। ଧାଡ଼ିରେ ଛିଡ଼ା ହୋଇଥିବା ପ୍ରାୟ ଦଶଜଣ ଅସନ୍ତୁଷ୍ଟ ହେଲେ ବି କେହି ପ୍ରତିବାଦ କରିବାକୁ ଉଚିତ ମଣିଲେ ନାହିଁ। ମାତ୍ର ଏଇ ଲେଖକ ଯେତେବେଳେ ସେଇ ଯୁବକ ଜଣଙ୍କୁ ଧାଡ଼ିରେ ଛିଡ଼ା ହେବା ପାଇଁ ତାଗିଦ କଲେ, ସେତେବେଳେ ଯୁବକଟି ଗର୍ଜିଉଠିଲେ- ''ଉପରକୁ ଯିବା ବୟସ ହେଲାଣି! ଏମିତି ରାଗୁଚୁ କାହିଁକି ?''

ବୁଢ଼ାମାନେ ତାଙ୍କ ଗଡ଼ିଯାଉଥିବା ବୟସକୁ ନେଇ କ'ଣ ଏଡ଼େ ଅବାଞ୍ଛିତ ? ତାଙ୍କ ପରିପକ୍ୱ ଚେତନାର ଆହ୍ୱାନରେ ଯୁବପିଢ଼ିଙ୍କୁ ନିୟମ ମାନି ଚଳିବା ପାଇଁ ଚେତାଇ ଦେବାକୁ କ'ଣ ଏଡ଼େ ଅଯୋଗ୍ୟ ? ଭୁଲ୍‌କୁ ଭୁଲ୍ ବୋଲି ଚିହ୍ନାଇଦେବା ବା ସ୍ଥଳ ବିଶେଷରେ ଖରାପ ବିରୋଧରେ ସ୍ୱର ଉଠାଇ ସାମାନ୍ୟ କ୍ରୋଧ ପ୍ରକଟ କରିବାକୁ ସେମାନେ ସ୍ୱାଧୀନ ନୁହନ୍ତି? କେବଳ ଏଇଥିପାଇଁ ଯେ ସେମାନଙ୍କ ବୟସ ଅତିକ୍ରାନ୍ତ! ସେମାନେ ବୁଢ଼ା!

କେବଳ ବାହାରେ ନୁହେଁ, ଘର ଭିତରେ ବି ବାର୍ଦ୍ଧକ୍ୟର ଅପମାନ ହେଉଛି। ଏବେ ତ ପରିଣତ ବୟସର ଅନେକ ବାପାମା' ପରିତ୍ୟକ୍ତ ଜୀବନ ଜିଇବାକୁ ବିବଶ ହେଉଛନ୍ତି। ପୁଅମାନେ ନିଜ ନିଜର ସଂସାର ନେଇ ବାହାରେ। ବୁଢ଼ା ମା'ବାପା ଏକା ଏକା, କେଉଁଠି ଭାଗ୍ୟ ସାହାରାରେ ତ ଅନ୍ୟ କେଉଁଠି ନିଜ ଘରର ଭଡ଼ାଟିଆଙ୍କ ହେପାଜତରେ! ଯେଉଁଠି ବି ନିଜ ଅସାମର୍ଥ୍ୟ ଅବା ବାଧ୍ୟବାଧକତାରୁ ପୁଅଟିଏ ମା'ବାପାଙ୍କ ପାଖରେ ରହୁଛି, ସେଠି ବହୁ କ୍ଷେତ୍ରରେ ବାର୍ଦ୍ଧକ୍ୟ ଏକ ଅଭିଶାପରେ ପରିଣତ ହେଉଛି। ସେଦିନ କାନକୁ ଭଲ ଶୁଭୁ ନ ଥିବା ବୁଢ଼ା ବାପା ଜଣେ ତାଙ୍କ ପୁଅକୁ କ'ଣ ପଚାରିଦେଲେ। ପୁଅଟି ବି ଉତ୍ତର ଦେଲା। ମାତ୍ର ଶୁଣି ନ ପାରିବାରୁ ବାପା ଆଉଥରେ ପଚାରିଦେଲେ। ବାସ୍ ଏତିକିରେ ପୁଅ ପାଟି କରିଉଠିଲା, ''କାନକୁ ଯଦି ଶୁଭୁନାହିଁ, ସବୁ କଥା ଜାଣିବାକୁ ଏତେ ଆଗ୍ରହ କାହିଁକି?''

ଏ କେବଳ ଜଣେ ବୁଢ଼ାବାପାର ଦୁର୍ଭାଗ୍ୟ ନୁହେଁ। ସଂସାରର ସବୁ ବୁଢ଼ାବାପାଙ୍କ ଦୁର୍ଦ୍ଦଶା ଉଣା ଅଧିକେ ବୋଧହୁଏ ଏହିଭଳି। ଅଥଚ ଏଇ ବାପାମାନେ ଯେତେବେଳେ ଯୁବା ବୟସରେ ଥିଲେ, ପୁଅଟିର ବୟସ ଯେତେବେଳେ ଥିଲା ଚାରିବର୍ଷ; ସେତେବେଳେ ଅଗଣାରେ ବସିଥିବା ଗୋଟିଏ କାଉକୁ ଦେଖାଇ 'ଏଇଟା କ'ଣ' ବୋଲି ବାପାକୁ ପଚାରିଥିଲା। ବାପା କହୁଥିଲେ 'କାଉ'। ପୁଅ ପୁଣି ପଚାରୁଥିଲା ସେଇ ଗୋଟିଏ ପ୍ରଶ୍ନ। ଥରେ ନୁହେଁ, ବାରମ୍ବାର। ବାପା ସାମାନ୍ୟ ବିରକ୍ତି ପ୍ରକାଶ ନ କରି ବାରମ୍ବାର କହି ଚାଲିଥିଲେ- 'କାଉ'। ମାତ୍ର ଆଜି ସେଇ ପୁଅ ବଡ଼ ହେଲାପରେ ତା' ବୁଢ଼ା ବାପାଙ୍କ ଶୁଣିବାର ଅସାମର୍ଥ୍ୟକୁ ନେଇ ପୁଣି ଏତେ ବିରକ୍ତ! ବାର୍ଦ୍ଧକ୍ୟର ବିଡ଼ମ୍ବନା ଆଉ କାହାକୁ କହନ୍ତି କି!

ବୁଢ଼ାଙ୍କୁ 'ବୁଢ଼ା' କହି ହତାଦର କଲେ ତାଙ୍କର କେବଳ ଅସମ୍ମାନ ହେବନି,ବରଂ ଅପମାନ ହେବ । ସଂସାରର ବିଧାନ ଅନୁଯାୟୀ ପୁଅଟିଏ କାଳକ୍ରମେ ବାର୍ଦ୍ଧକ୍ୟରେ ପହଞ୍ଚିବ। ସେଇ ବୃଦ୍ଧାବସ୍ଥାରେ ତାକୁ ଆହତ କଲାଭଳି ବାକ୍ୟବାଣ ପ୍ରୟୋଗ କରାଗଲେ, ସେ ପୁଅ ହେଉ ଅବା ଅନ୍ୟ କେହି ଉଦ୍ଦାମ ଯୁବକ; ବୟସ ଭାରରେ ନଇଁ ପଡ଼ିଥିବା ଅସହାୟ ବୁଢ଼ାଟିର ଅନ୍ତରରୁ ବାହାରି ଆସିବ ସେଇ ଯୁବକମାନଙ୍କ ଉଦ୍ଦେଶ୍ୟରେ ଏକ ଅପ୍ରକାଶ୍ୟ ଚେତାବନୀ- ''ମୋ ବେଳକାଳ ସରୁଛି, ତୋ ବୁଢ଼ାକାଳ ଆସୁଛି!'' ଏହି ଅବ୍ୟକ୍ତ ଚେତାବନୀର ଅଶ୍ରୁତ ପ୍ରତିଧ୍ୱନି ସଂସାରର ସବୁ ଯୁବା ପୁଅଙ୍କ କାନରେ ପଡ଼ନ୍ତା ସିନା!


**ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,**
**ଚକେଇଶିଆଣୀ, ଭୁବନେଶ୍ୱର**
**ମୋ: ୮୮୯୫୬୭୪୧୦୫**


# ବିଜ୍ଞାନ ଓ ମଣିଷ



**ଡ. ନରେନ୍ଦ୍ର ସେଠୀ**

ଆମର ନିତ୍ୟ ବ୍ୟବହୃତ ଟିଭି, ଶୀତତାପ ନିୟନ୍ତ୍ରିତ ମେଶିନ, ଲାଇଟ ବଲ୍‌ବ, ମାଇକ୍ରୋଓ୍ୱେଭ ଓଭନ ଏବଂ ଫ୍ୟାନ୍ ପ୍ରଭୃତି ସବୁ ବିଜ୍ଞାନର ଗୋଟେ ଗୋଟେ ଉପହାର । ଅଜାଣତରେ ବିଜ୍ଞାନ ପ୍ରତିଟି ମୁହୂର୍ତ୍ତରେ ଆମ ଜୀବନ ସହିତ ଜଡ଼ିତ ଅଛି । ତେବେ ମଣିଷ ସହିତ ବିଜ୍ଞାନର ପରିଚୟ ଆବଶ୍ୟକତା ଥିଲା ଓ ତାହା ପ୍ରସ୍ତର ଯୁଗରୁ ଆରମ୍ଭ ହୋଇଥିଲା । ସମ୍ଭବତଃ ମଣିଷର ବିଜ୍ଞାନ ସହିତ ପ୍ରଥମ ପରିଚୟ ସେହିଦିନ ହୋଇଥିଲା, ଯେଉଁଦିନ ସେ ପଥରକୁ ମୁନିଆ କରି ପଶୁ ଶିକାର କରିବାର କୌଶଳ ପ୍ରସ୍ତର ଯୁଗରେ ଜାଣିଲା । ତା'ପରେ ଚକର ଆବିଷ୍କାର ମଣିଷ ଜୀବନକୁ ଆହୁରି ସୁଗମ କରିଦେଲା। ନିଆଁକୁ ଆୟତ୍ତ କରି ରଖିବାର କୌଶଳ ମଧ୍ୟ ମଣିଷର ପ୍ରାରମ୍ଭିକ ବିଜ୍ଞାନ ସଫଳତା ଭିତରେ ଅନ୍ୟତମ ।

କୌଣସି ଦେଶର ଆର୍ଥିକ ଅଭିଭୃଦ୍ଧି ଏହାର ବୈଜ୍ଞାନିକ ଗବେଷଣା ଉପରେ ନିର୍ଭର କରେ ବୋଲି କହିଲେ ସାଧାରଣ ଜନମାନସରେ ସନ୍ଦେହ ସୃଷ୍ଟି ହୁଏ । ଯେତେବେଳେ ଭାରତର ବୁଣାକାର ହସ୍ତତନ୍ତରେ ଲୁଗା ବୁଣି ସାରା ବିଶ୍ୱରେ ଚହଳ ସୃଷ୍ଟି କରୁଥିଲେ ଠିକ୍ ସେତିକିବେଳେ ଆଧୁନିକ ସ୍ପିନିଂ ମିଲ୍ ୟୁରୋପରେ ଭାରତୀୟ ହସ୍ତତନ୍ତକୁ ରସାତଳକୁ ଠେଲି ଦେଇଥିଲା। ଊନବିଂଶ ଶତାବ୍ଦୀରେ ଜେମ୍ସ ୱାଟ୍‌ଙ୍କ ଦ୍ୱାରା ବାଷ୍ପୀୟ ଇଞ୍ଜିନ୍‌ର ଉଦ୍ଭାବନ ହେଲା, ଏହା ସମଗ୍ର ବିଶ୍ୱରେ ଏକ ବିପ୍ଳବ ଆଣିଲା । ବ୍ରିଟିଶ ବୈଜ୍ଞାନିକ ମାଇକେଲ ଫାରାଡେ ଊନବିଂଶ ଶତାବ୍ଦୀରେ ଚୁମ୍ବକୀୟ ଓ ବିଦ୍ୟୁତ୍ ଶକ୍ତି ଉପରେ ଫାରାଡେ ନିୟମ ଆବିଷ୍କାର କରି ସମଗ୍ର ପୃଥିବୀରେ ଦ୍ୱିତୀୟ ବଡ଼ ବିଜ୍ଞାନ ବିପ୍ଳବ ଆଣିଥିଲେ ; ଯାହା ସମଗ୍ର ମାନବ ସମାଜକୁ ପ୍ରଭାବିତ କରିଥିଲା। ଯଦି ଏକ ଧାତବ ତାରକୁ ଚୁମ୍ବକୀୟ କ୍ଷେତ୍ରରେ ଗତି କରାଯାଏ ତାହାଲେ, ଇଲେକ୍ଟ୍ରୋନଗୁଡ଼ିକ ଗତି କରନ୍ତି ଓ ଫଳରେ ଏକ ବୈଦ୍ୟୁତିକ ତରଙ୍ଗ ସୃଷ୍ଟି କରେ । ଏହି ସରଳ ଆବିଷ୍କାର ସମଗ୍ର ଦୁନିଆରେ ବୈଦ୍ୟୁତିକ ବିପ୍ଳବକୁ ଜନ୍ମ ଦେଲା ; ଯାହାର ଫଳ ସ୍ୱରୂପ ଜେନେରେଟର ତିଆରି ହେଲା, ବଡ଼ ବଡ଼ ଡ୍ୟାମ୍ ନିର୍ମାଣ ହେଲା, ତାପଜ ଓ ଜଳବିଦ୍ୟୁତ୍ ବିଜୁଳି କେନ୍ଦ୍ରଗୁଡ଼ିକ ଗଢ଼ି ଉଠିଲା । ଚୁମ୍ବକୀୟ କ୍ଷେତ୍ରରେ ଏକ ଚଳନ୍ତା ତାରର କରାମତିରେ ସୃଷ୍ଟି ହେଉଥିବା ବିଦ୍ୟୁତ୍ ତରଙ୍ଗ ମଣିଷ ଜୀବନକୁ ଏତେ ପ୍ରଭାବିତ କଲା ଯେ ଯାହା ବିନା ଏବେ ନିମିଷେ ରହିବା କାଠିକରପାଠ । ତେଣୁ ୟୁରୋପର ଶିଳ୍ପ ବିପ୍ଳବ ଓ ଆର୍ଥିକ ଅଗ୍ରଗତିର ପଛରେ ବିଜ୍ଞାନର ଚମତ୍କାର ହିଁ ଥିଲା ।

ମଣିଷ ଯେ ଦିନେ ଉଡ଼ିପାରିବ ତାହା ୧୭୯୯ରେ ବ୍ରିଟିଶ ବୈଜ୍ଞାନିକ ଜର୍ଜ କାଲେ ଆଧୁନିକ ବିଜ୍ଞାନ ତଥ୍ୟରେ ପ୍ରମାଣିତ କଲାପରେ ୧୯୦୩ରେ ରାଇଟ ଭ୍ରାତା ଦ୍ୱୟ ପ୍ରଥମ ଉଡ଼ାଜାହାଜ ନିର୍ମାଣ କରି ମାତ୍ର ୧୨୦୦ ମିଟର ପର୍ଯ୍ୟନ୍ତ ଉଡ଼ାଇଥିଲେ ।



ବିଜ୍ଞାନର ଏହି ଚମତ୍କାରକୁ ମଣିଷ ସଭ୍ୟତା ଥିବା ଯାଏ ଉପଯୋଗ କରୁଥିବ । ୧୮୬୭ରେ ସ୍ୱିଡେନ ଦେଶର ବୈଜ୍ଞାନିକ ଆଲ୍‌ଫ୍ରେଡ୍ ନୋବେଲ ନାଇଟ୍ରୋଗ୍ଲିସେରିନ ସହିତ କିସେଲଗୁହର ସହିତ ମିଶର ଡିନାମାଇଟ ନାମକ ବିସ୍ଫୋଟକ ଆବିଷ୍କାର କଲେ ଓ ଏହାର ସଫଳ ନିୟନ୍ତ୍ରିତ ବିସ୍ଫୋରଣ କରି ସମଗ୍ର ଦୁନିଆରେ ଚହଳ ସୃଷ୍ଟିକଲେ । ଏହି ଡିନାମାଇଟ୍‌ର ବ୍ୟବହାର ନିର୍ମାଣ, ଖଣି ଏବଂ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ବିପ୍ଳବ ଆଣିଥିଲା ; ଯାହା ଦ୍ରୁତ ଏବଂ ଅଧିକ ଦକ୍ଷ କାର୍ଯ୍ୟକୁ ସକ୍ଷମ କରିଥିଲା ଏବଂ ଶେଷରେ ନୋବେଲ ପୁରସ୍କାର ସୃଷ୍ଟିକୁ ପ୍ରେରଣା ଦେଇଥିଲା। ଡିନାମାଇଟ ନ ଥିଲେ ଏତେ ଦ୍ରୁତ ଗତିରେ ପାହାଡ଼ ପଥର କାଟି ରାସ୍ତା କିମ୍ବା ଅନ୍ୟ ନିର୍ମାଣ ସମ୍ଭବ ହୋଇ ନ ଥା'ନ୍ତା।

ସ୍ମାର୍ଟ ଫୋନ ମଣିଷ ସମାଜରେ ଏତେ ବୈପ୍ଳବିକ ପରିବର୍ତ୍ତନ ଆଣି ସାରିଛି, ଏହା ବିନା ଆମର ଦୈନନ୍ଦିନ ଜୀବନ ଅଧୁରା । ଆଧୁନିକ କମ୍ପୁଟରର ମୂଳଦୁଆ ଊନବିଂଶ ଶତାବ୍ଦୀରେ ଚାର୍ଲସ କ୍ୟାବେଜଙ୍କ ଦ୍ୱାରା ପଡ଼ିଥିଲା । ୧୯୪୦ ବେଳକୁ ଭାକ୍ୟୁମ୍ ଟ୍ୟୁବ୍ ଆଧାରିତ ପ୍ରଥମ ପିଢ଼ିର କମ୍ପୁଟର, ୧୯୫୦ ଦଶକରେ ଟ୍ରାଞ୍ଜିଷ୍ଟର ଆଧାରିତ ଦ୍ୱିତୀୟ ପିଢ଼ିର କମ୍ପୁଟର ଓ ପରେ ପରେ ଚିପ୍ସ ମାଇକ୍ରୋଚିପ୍ସ ଆଧାରିତ ଆଧୁନିକ କମ୍ପୁଟର ପଦାର୍ପଣ କରି ଦୁନିଆରେ ଚହଳ ସୃଷ୍ଟି କଲା । ଭାରତର ଆର୍ଥିକ ଅଭିଭୃଦ୍ଧିରେ କମ୍ପୁଟର ଶିଳ୍ପର ଅନନ୍ୟ ଯୋଗଦାନ ରହିଛି । ୨୦୧୩ରେ ବିଶ୍ୱର ସ୍ମାର୍ଟ ଫୋନ କାରବାର ୬୦୨ ବିଲିୟନ ଡଲାର ଥିଲା । ୧୯୮୩ରେ ଆମେରିକାର ନାସାର ଗବେଷଣାଗାରଗୁଡ଼ିକରେ ଥିବା ବୈଜ୍ଞାନିକଙ୍କ ମଧ୍ୟରେ ତଥ୍ୟ ଆଦାନ ପ୍ରଦାନ ପାଇଁ ହୋଇଥିବା ଏକ ଛୋଟ ପ୍ରୟାସ ଇଣ୍ଟରନେଟ୍‌କୁ ଜନ୍ମ ଦେଇଥିଲା। ସେତେବେଳେ କେହି କଳ୍ପନା କରି ନ ଥିଲେ ଏହି ଇଣ୍ଟରନେଟ୍ ସମଗ୍ର ବିଶ୍ୱକୁ ବଦଳାଇ ଦେବ ଓ ସମଗ୍ର ବିଶ୍ୱକୁ ପରସ୍ପର ସହିତ ସଂଯୋଗ କରିବ । ବିଜ୍ଞାନର ଏହି କେତୋଟି ବୈଜ୍ଞାନିକ ଅବଦାନ ଉପରେ ସମଗ୍ର ବିଶ୍ୱର ଅର୍ଥନୀତି ନିର୍ଭରଶୀଳ। ଏବେ ବିଶ୍ୱରେ ବିଜ୍ଞାନର ଅନ୍ୟତମ ଆବିଷ୍କାର କୃତ୍ରିମ ବୁଦ୍ଧିମତ୍ତା ମଧ୍ୟ ବିଶ୍ୱର ଆର୍ଥିକ ମେରୁଦଣ୍ଡ ହେବାକୁ ଯାଉଛି । କୃତ୍ରିମ ବୁଦ୍ଧିମତ୍ତା ଉତ୍ପାଦନ ବଢ଼ାଇବାରେ ସାହାଯ୍ୟ କରିବ ।

କରୋନା ସମୟରେ ଟିକା ଓ ଔଷଧ ଭାରତରେ ନିର୍ମାଣ ହୋଇ ସମଗ୍ର ବିଶ୍ୱକୁ ରପ୍ତାନି ହେଲା । ଜର୍ମାନୀର ବର୍ଲିନ ସହରରେ ହାନ୍ ଓ ଷ୍ଟ୍ରାସମାନ୍ ନାମକ ଦୁଇ ବୈଜ୍ଞାନିକ ଏକ ସୂକ୍ଷ୍ମ ପରମାଣୁକୁ ବିଖଣ୍ଡନ କରି ବିପୁଳ ନାଭିକୀୟ ଶକ୍ତିର ସନ୍ଧାନ କଲେ । ଯଦିଓ ଏହାର ବିଭୀଷିକା ହିରୋସୀମା ଓ ନାଗାସାକିରେ ମଣିଷ ଦେଖିବାକୁ ପାଇଲା। ଏହି ବିପୁଳ ଶକ୍ତିର ବିନିଯୋଗ କରି ମଣିଷ ତା'ର ବୈଦ୍ୟୁତିକ ଶକ୍ତି ଚାହିଦା ମେଣ୍ଟାଇବାରେ ସଫଳ ହୋଇଛି । ବିଶ୍ୱର ପ୍ରାୟ ୯ ପ୍ରତିଶତ ବିଦ୍ୟୁତ ୪୪୦ରୁ ଅଧିକ ପରମାଣୁ ବିଜୁଳି ଘରେ ଉତ୍ପାଦନ ହୋଇଥାଏ । ତେଣୁ ବିଜ୍ଞାନ ଗବେଷଣା ସର୍ବଦା ମଣିଷର ଆବଶ୍ୟକତାକୁ ମେଣ୍ଟାଇବାର ଏକମାତ୍ର ଉପାୟ କହିଲେ ଭୁଲ୍ ହେବ ନାହିଁ ।


**ମୋ: ୭୦୦୪୦୬୮୧୧୦**


## ଏଇ ଭାରତରେ

ଭାରତର ଅନେକ ଦୁର୍ଗମ ଗାଁ ଏବେ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ସରକାର ଏହି ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରୁଥିଲା ବେଳେ ବେସରକାରୀ ସ୍ତରରେ ଅନେକ ବ୍ୟକ୍ତି ସେମାନଙ୍କ ପ୍ରୟାସ ଜାରି ରଖିଛନ୍ତି। ଏଭଳି ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ମହିଳା ହେଉଛନ୍ତି ମେଘାଳୟର ଲାକମେନ ମ୍ୟାରି ନଙ୍ଗଖାଲ। ସେ ତାଙ୍କ ଗାଁ କିର୍‌ଦେମାଖିଲାର ଜଳ ସଙ୍କଟ ଦୂର କରିବାରେ ସକ୍ଷମ ହୋଇପାରିଛନ୍ତି। ଲାକମେନ ଏହି ଗାଁର ପ୍ରାଥମିକ ସ୍କୁଲରେ ୧୫ ବର୍ଷ ହେଲା ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ସେଥିରୁ ସମୟ ବାହାର କରି ଲୋକଙ୍କ ସହଯୋଗରେ ସେ ଚେକ୍ ଡ୍ୟାମ୍ ଓ ପାଣିଟାଙ୍କି ନିର୍ମାଣ କରିଛନ୍ତି। ଏହା ସହ ୬ଟି ଝରଣା କୁଣ୍ଡର ପୁନରୁଦ୍ଧାର କରିଛନ୍ତି। କେବଳ ଏତିକି ନୁହେଁ, ତାଙ୍କ ନେତୃତ୍ୱରେ ଗ୍ରାମବାସୀ ୧୬,୦୦୦ ଗଛ ଲଗାଇଛନ୍ତି। ଏହି ଗାଁର ମହିଳାମାନେ ପାଣି ପାଇଁ ଦିନକୁ ଦୁଇବେଳା ପାହାଡ଼ ଚଢ଼ି ଝରଣାକୁ ଯାଉଥିଲେ। ଏବେ ଲାକମେନ୍ ଜଳ ସଂରକ୍ଷଣ ପଦ୍ଧତି ଯୋଗୁ ସେମାନେ ଏଥିରୁ ମୁକ୍ତ ହୋଇଛନ୍ତି। ଯେଉଁ ସମୟରେ ସେମାନେ ମାଠିଆ ନେଇ ପାଣି ଆଣିବାକୁ ଯାଉଥିଲେ, ସେହି ସମୟକୁ ସେମାନେ ଏବେ ଉତ୍ପାଦକତା କାର୍ଯ୍ୟ, ଶିକ୍ଷା କିମ୍ବା ମନୋରଞ୍ଜନରେ କଟାଇପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ମାର୍ଚ୍ଚ ୧୯୭୬

- ଟେଲିଫୋନ ଭବନ ହତାରେ କଟକ ଟ୍ରଙ୍କ୍ ଟେଲିଫୋନ ଏକ୍ସଚେଞ୍ଜ ରାଧାନାଥ ରଥଙ୍କ ଦ୍ୱାରା ଉଦ୍‌ଘାଟିତ।
- ନାଗାଲାଣ୍ଡର କୋନିଆ ଓ ଛଙ୍କି ଅଞ୍ଚଳରେ ୫୫ ନିୟୁତ ଟନ କୋଇଲା ଖଣି ଆବିଷ୍କୃତ।
- ଲୋକସଭା ସଭ୍ୟ ପଦରୁ ସୋସିଆଲିଷ୍ଟ ନେତା ମଧୁଲିମାୟେଙ୍କ ଇସ୍ତଫା ପ୍ରଦାନ।
- ଚବିଶପ୍ରଗଣା ଜିଲା ଅନ୍ତର୍ଗତ ସୁନ୍ଦରବନର ଉତ୍ତରପୂର୍ବ ଭାଗରେ ଅବସ୍ଥିତ 'ନାଜାତ'ଠାରେ ଭାରତର ସର୍ବପ୍ରଥମ ଭାସମାନ ବ୍ୟାଙ୍କ ଉଦ୍‌ଘାଟିତ।

## ପାଠକ ଶ୍ରେଷ୍ଠ ବିଚାରକ

### 'ଉଡାନ ଯାତ୍ରୀ କାଫେ' ର ଆବଶ୍ୟକତା

ମହାଶୟ,

ସାଧାରଣତଃ ବିମାନବନ୍ଦରଗୁଡ଼ିକରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ବହୁତ ମହଙ୍ଗା ହୋଇଥାଏ । ଯେପରି କି ପାଣି ବୋତଲର ମୂଲ୍ୟ ଶହେ ଟଙ୍କା, ଚାହା/କଫିର ମୂଲ୍ୟ ୨୫୦ ଟଙ୍କାରୁ ଅଧିକ ଇତ୍ୟାଦି । ଅନେକ ଯାତ୍ରୀ ଉକ୍ତ ମହଙ୍ଗା ଖାଦ୍ୟ କିଣିବା ପାଇଁ ଅସମର୍ଥ ହୋଇଥାନ୍ତି ଏବଂ ଅନେକ ସମୟରେ ଭୋକିଲା ଅବସ୍ଥାରେ ଯାତ୍ରା କରିଥାଆନ୍ତି । ଏହି ସମସ୍ୟାର କିଛିଟା ସମାଧାନ ହେଉଛି ଉଡାନ ଯାତ୍ରୀ କାଫେ, ଯାହା ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ ଦ୍ୱାରା ପରିଚାଳିତ । ନିକଟରେ କୋଲକୋତା ଓ ଚେନ୍ନାଇ ବିମାନବନ୍ଦରରେ ଉଡାନ ଯାତ୍ରୀ କାଫେ କାର୍ଯ୍ୟକାରୀ ହୋଇଛି । ଉକ୍ତ କାଫେରେ ସୁଲଭ ମୂଲ୍ୟରେ ଖାଦ୍ୟ ସାମଗ୍ରୀ ଉପଲବ୍ଧ ହୋଇଥାଏ। ଯେପରି କି ପାଣିବୋତଲ, ଚାହା ପ୍ରତ୍ୟେକର ମୂଲ୍ୟ ୧୦ ଟଙ୍କା, କଫି, ସମୋସା, ବରା, ମିଠା ଇତ୍ୟାଦି ପ୍ରତ୍ୟେକ ୨୦ ଟଙ୍କାରେ ବିକ୍ରି ହୋଇଥାଏ। ଏହି ପରିପ୍ରେକ୍ଷୀରେ ଦେଶର ଅନ୍ୟାନ୍ୟ ବିମାନବନ୍ଦରଗୁଡ଼ିକରେ ଉଡାନ ଯାତ୍ରୀ କାଫେ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଅଛି ।

**-ନବନିତ ପାଣିଗ୍ରାହୀ, ରାୟଗଡ଼ା**


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


## ଚିରନ୍ତନୀ

ମୂକର ମୁଖେ ଫୁଟାଇ ରବ
ଅନ୍ଧ ଚକ୍ଷେ ଛବି ବିଭବ
ପାଷାଣ ପଥେ ବୁହାଇ ନବ ନିର୍ଝର
ଜଡ଼ର ଦେହେ ଜୀବନ ତୁମେ ସଞ୍ଚର।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଗୁପ୍ତ ସନ୍ତାନ ଥିବା ପ୍ରଘଟ କରି ଆଇସ୍‌ଲାଣ୍ଡ ମନ୍ତ୍ରୀଙ୍କ ଇସ୍ତଫା



ଆସ୍ଥିଲଦୁର ଲୋଆ ଥୋର୍ସଦୋତିର

**ରେକ୍‌ଜାଭିକ, ୨୨।୩**

ଆଇସ୍‌ଲାଣ୍ଡର ଶିକ୍ଷା ଏବଂ ଶିଶୁ ବ୍ୟାପାର ମନ୍ତ୍ରୀ ଆସ୍ଥିଲଦୁର ଲୋଆ ଥୋର୍ସଦୋତିର(୫୮) ଶନିବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହା ପୂର୍ବରୁ ଏକ ସାକ୍ଷାତ୍‌କାରରେ ଏହି ମହିଳା ମନ୍ତ୍ରୀ ତାଙ୍କର ଜଣେ ଗୁପ୍ତ ସନ୍ତାନ ଥିବା ପ୍ରଘଟ କରିଥିଲେ। ୩୬ ବର୍ଷ ତଳେ ଯେତେବେଳେ ସେ ୨୨ ବର୍ଷର ହୋଇଥିଲେ, ସେତେବେଳେ ଜଣେ ୧୫ ବର୍ଷୀୟ ବାଳକଙ୍କ ସହ ଯୌନ ସମ୍ପର୍କ ରଖିଥିଲେ । ବର୍ଷେ ପରେ ତାଙ୍କର ଏକ ପିଲା ହୋଇଥିଲା। ଆଇସ୍‌ଲାଣ୍ଡରେ ଏଭଳି ସମ୍ପର୍କ ବେଆଇନ ହୋଇଥିବାରୁ ବିରୋଧୀ ଦଳ ପକ୍ଷରୁ ଆସ୍ଥିଲଦୁରଙ୍କୁ ଟାର୍ଗେଟ କରାଯାଇଥିଲା। ଫଳରେ ସେ ଶନିବାର ଇସ୍ତଫା ଦେଇଛନ୍ତି।

### ଲେବାନନ୍ ଆକ୍ରମଣର କଡ଼ା ଜବାବ ଦିଆଯିବ: ଇସ୍ରାଏଲ୍

**ବେରୁଟ୍, ୨୨।୩**

ଗାଜାରେ ଇସ୍ରାଏଲୀ ସେନା ଆକ୍ରମଣକୁ ଜୋର୍‌ଦାର କରିବା ପରେ ଶନିବାର ସକାଳେ ଲେବାନନ୍‌ରୁ ଉତ୍ତର ଇସ୍ରାଏଲ୍‌ରେ ରକେଟ ମାଡ଼ କରାଯାଇଥିଲା। ଏହାର କଠୋର ଜବାବ ଦିଆଯିବ ବୋଲି ଇସ୍ରାଏଲ୍ ଚେତାବନୀ ଦେଇଛି। ଇସ୍ରାଏଲ୍‌ର ମେଟୁଲା ସହରକୁ ଟାର୍ଗେଟ କରି ଛଡ଼ାଯାଇଥିବା ରକେଟଗୁଡ଼ିକୁ ପ୍ରତିହତ କରାଯାଇଛି। ଇସ୍ରାଏଲ୍‌ର ଆକ୍ରମଣ ଦେଶକୁ ଏକ ନୂଆ ଯୁଦ୍ଧ ଆଡ଼କୁ ନେଇଯିବ ବୋଲି ଲେବାନନ୍ ପ୍ରଧାନମନ୍ତ୍ରୀ ନୱାଫ୍ ସଲାମ୍ କହିଛନ୍ତି। ରକେଟ ମାଡ଼ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି।

# ବ୍ୟାଙ୍କ ଠକେଇ ସିବିଆଇ ଏତଲାରେ ବର୍ମାଙ୍କ ନାଁ ଥିଲା

**ନୂଆଦିଲ୍ଲୀ, ୨୨।୩**

ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ଲୁଟିଏନ୍ସସ୍ଥିତ ସରକାରୀ ବାସଭବନରେ ଗତ ୧୪ ତାରିଖ ରାତିରେ ନିଆଁ ଲାଗିବାରୁ ଏହାକୁ ଲିଭାଇବା ପାଇଁ ଆସିଥିବା ଦମକଳ କର୍ମଚାରୀମାନେ ଷ୍ଟୋର୍ ରୁମ୍‌ରୁ ୧୫ କୋଟି ଟଙ୍କା ପାଇଥିଲେ। ଏନେଇ ଥାନାରେ ରିପୋର୍ଟ କରାଯିବା ସହ ସିଜେଆଇ ସଞ୍ଜୀବ ଖାନ୍ନାଙ୍କୁ ଅବଗତ କରାଯାଇଥିଲା। ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତି ଡି.କେ. ଉପାଧ୍ୟାୟ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନାଙ୍କୁ ରିପୋର୍ଟ ପ୍ରଦାନ କରିବା ପରେ ମାମଲାର ତଦନ୍ତ ପାଇଁ ସେ ଏକ ୩ ଜଣିଆ ବିଚାରପତି କମିଟି ଗଠନ କରିଛନ୍ତି। ପଞ୍ଜାବ ଓ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ଶୀଲ ନାଗୁଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ହିମାଚଳପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଜି.ଏସ୍. ସନ୍ଧାୱାଲିଆ ଏବଂ କର୍ନାଟକ ହାଇକୋର୍ଟ ବିଚାରପତି ଅନୁ ଶିବରାମନ ରହିଛନ୍ତି।

୨୦୧୮ର ଏକ ଚିନିକଳ ବ୍ୟାଙ୍କ ଜାଲିଆତି ମାମଲା ସହ ଜଡ଼ିତ ସିବିଆଇ ଏତଲାରେ ଯଶୱନ୍ତ ବର୍ମାଙ୍କ ନାଁ ଥିଲା। ସିବିଆଇ ପକ୍ଷରୁ ସିମ୍ଭାଓଲି ସୁଗାର ମିଲ୍ସ, ଏହାର ନିର୍ଦ୍ଦେଶକ ଓ ଅନ୍ୟମାନଙ୍କ ସମେତ ଯଶୱନ୍ତ ବର୍ମାଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା। ବର୍ମା ସେତେବେଳେ ଉକ୍ତ କମ୍ପାନୀର ଅଣକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରହିଥିଲେ। ଉକ୍ତ ଚିନିକଳ ଏକ ଜାଲିଆତି ଋଣ ଯୋଜନାରେ ସମ୍ପୃକ୍ତ ଥିବା ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ (ଓବିସି) ପକ୍ଷରୁ ଅଭିଯୋଗ ପରେ ମାମଲା ରୁଜୁ ହୋଇଥିଲା। ବ୍ୟାଙ୍କ ଅଭିଯୋଗ ଅନୁଯାୟୀ, ସାର ଓ ମଞ୍ଜି କିଣିବା ପାଇଁ ୫,୭୬୨ ଚାଷୀଙ୍କୁ ଓବିସିର ହାପୁର ଶାଖା ପକ୍ଷରୁ ୨୦୧୨ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ୧୪୮.୫୯ କୋଟି ଟଙ୍କା ଋଣ ଦିଆଯାଇଥିଲା। ଚୁକ୍ତିନାମା ଅନୁଯାୟୀ, ଚାଷୀଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ଟଙ୍କା ଯିବା ପୂର୍ବରୁ ଏକ ଥାର୍ଡପାର୍ଟି ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରାଯାଇଥିଲା। ସିମ୍ଭାଓଲି ସୁଗାର ମିଲ୍ ଋଣ ପରିଶୋଧ କରିବ ବୋଲି ଗ୍ୟାରେଣ୍ଟି ଦେଇଥିଲା। ତେବେ କମ୍ପାନୀ ଜାଲ୍ କେୱାଇସି କାଗଜପତ୍ର ଦେଇ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ଋଣରେ ଜାଲିଆତି ହୋଇଥିବା ୨୦୧୫ ମାର୍ଚ୍ଚରେ ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଋଣ ଅର୍ଥରୁ ୯୭.୮୫ କୋଟି କ୍ଷତି ହୋଇଥିବାବେଳେ ୧୦୯.୦୮ କୋଟି ବକେୟା ଥିଲା। କମ୍ପାନୀର ଉପପରିଚାଳନା ନିର୍ଦ୍ଦେଶକ ତଥା ତତ୍କାଳୀନ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ଜ୍ୱାଇଁ ଗୁରପାଲ ସିଂଙ୍କ ବିରୋଧରେ ମଧ୍ୟ ଏତଲା ହୋଇଥିଲା। ପରେ ସିବିଆଇ ଏତଲା ଆଧାରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରିଥିଲା। ଋଣ ଜାଲିଆତି ସହ ସମ୍ପୃକ୍ତ ୭ଟି ବ୍ୟାଙ୍କର ସାନି ସିବିଆଇ ତଦନ୍ତ ପାଇଁ ୨୦୨୩ରେ ଆଲ୍ଲାହାବାଦ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଋଣ ଜାଲିଆତିରେ ସୁଗାର ମିଲ୍ସ ସହ ଅନେକ ବ୍ୟାଙ୍କ ଅଧିକାରୀ ସମ୍ପୃକ୍ତ ଥିବା କୋର୍ଟ ଜାଣିବାକୁ ପାଇଥିଲେ। ୨୦୨୪ ମାର୍ଚ୍ଚରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରି ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟ ଉପରେ ସ୍ଥଗିତାଦେଶ ଲଗାଇଥିଲେ।

## ବିଚାରପତିଙ୍କ ଘରୁ ୧୫ କୋଟି ମିଳିବା ଘଟଣା



ଜଷ୍ଟିସ୍ ଯଶୱନ୍ତ ବର୍ମା

### ତଦନ୍ତ କରିବ ୩ ଜଣିଆ ବିଚାରପତି କମିଟି

## ବିଚାରପତିଙ୍କ ଘରୁ ଟଙ୍କା ମିଳିନି କଦାପି କହିନାହିଁ: ଅଗ୍ନିଶମ ମୁଖ୍ୟ

ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ବାସଭବନରେ ନିଆଁ ଲିଭାଇବା ବେଳେ ଟଙ୍କା ମିଳିନାହିଁ ବୋଲି କହିଥିବା ଖବରକୁ ଦିଲ୍ଲୀ ଅଗ୍ନିଶମ ବିଭାଗ ମୁଖ୍ୟ ଅତୁଲ ଗର୍ଗ ଖଣ୍ଡନ କରିଛନ୍ତି। ନିଆଁ ଲିଭାଇବା ବେଳେ ଦମକଳ କର୍ମଚାରୀ ଟଙ୍କା ପାଇନାହାନ୍ତି ବୋଲି ଗର୍ଗ କହିଥିବା କେତେକ ଗଣମାଧ୍ୟମ ଏବଂ ଏକ ନ୍ୟୁଜ୍ ଏଜେନ୍ସି ପ୍ରକାଶ କରିଥିଲେ। ଫଳରେ ଗର୍ଗ ସ୍ପଷ୍ଟୀକରଣ ଦେଇ ଟଙ୍କା ମିଳି ନ ଥିବା କହିଥିବା ଖବରକୁ ଖଣ୍ଡନ କରିଛନ୍ତି।

## ମଣିପୁରରେ ସୁପ୍ରିମକୋର୍ଟ ବିଚାରପତିଙ୍କ ପ୍ରତିନିଧି ଦଳ

### ଶାନ୍ତି ଫେରାଇ ଆଣିବାକୁ ଆହ୍ୱାନ

**ଇମ୍ଫାଲ, ୨୨।୩**

ସୁପ୍ରିମକୋର୍ଟ ବିଚାରପତିଙ୍କ ଏକ ଟିମ୍ ଶନିବାର ମଣିପୁର ଗସ୍ତ କରିଛି। ଚୁରାଚାନ୍ଦପୁର ଜିଲାରେ ସୁପ୍ରିମକୋର୍ଟ ଜଜ୍ ଜଷ୍ଟିସ୍ ବି. ଆର୍. ଗଭାଇଙ୍କ ନେତୃତ୍ୱରେ ୬ ଜଣିଆ ପ୍ରତିନିଧି ଦଳ ଜାତିଆଣ ହିଂସାରେ ବିସ୍ଥାପିତ ଲୋକଙ୍କୁ ଭେଟି ସ୍ଥିତି ଅନୁଧ୍ୟାନ କରିଛି। ପ୍ରତିନିଧି ଦଳରେ ଥିବା ଜଷ୍ଟିସ କୋଟିଶ୍ୱର ସିଂ ମେତେଇ ସମୁଦାୟର ହୋଇଥିବାରୁ ଚୁରାଚାନ୍ଦପୁର ଜିଲାକୁ ଗସ୍ତ କରି ନ ଥିଲେ। ଶାନ୍ତି ଭଙ୍ଗ ନ ହେଉ ସେଥିପାଇଁ ସେ ଚୁରାଚାନ୍ଦପୁର ଗସ୍ତ କରିନାହାନ୍ତି ବୋଲି ଜଷ୍ଟିସ୍ କୋଟିଶ୍ୱର କହିଛନ୍ତି। ମଣିପୁରରେ ଶାନ୍ତି ଏବଂ ସଦ୍‌ଭାବ ଫେରାଇ ଆଣିବାକୁ ରାଜ୍ୟବାସୀ ମିଳିତ ଭାବେ ପ୍ରୟାସ କରନ୍ତୁ ବୋଲି ଜଷ୍ଟିସ୍ ବି. ଆର୍ ଗଭାଇ କହିଛନ୍ତି। ତେବେ ସୁପ୍ରିମକୋର୍ଟ ଜଜ୍‌ଙ୍କ ପ୍ରତିନିଧି ଦଳର ମଣିପୁର ଗସ୍ତକୁ ନେଇ କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରାଯାଇଛି। ସୁପ୍ରିମକୋର୍ଟ ଜଜ୍‌ଙ୍କ ମଣିପୁର ଗସ୍ତକୁ ପ୍ରଶଂସା କରି ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ଏବେଯାଏ ପ୍ରଧାନମନ୍ତ୍ରୀ ମଣିପୁର ଗସ୍ତ କରିନାହାନ୍ତି, ଯାହା ଦୁର୍ଭାଗ୍ୟଜନକ।




କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଲୋକ ସଭା ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣକୁ ବିରୋଧ କରି ଶନିବାର ଚେନ୍ନାଇରେ ବସିଥିବା ପ୍ରଥମ ମିଳିତ କ୍ରିୟାନୁଷ୍ଠାନ କମିଟି (ଜେଏସି) ବୈଠକରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍, କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ପ୍ରମୁଖ ଯୋଗ ଦେଇଛନ୍ତି।

## ୫ ଲକ୍ଷ ଆପ୍ରବାସୀଙ୍କ ଲିଗାଲ ଷ୍ଟାଟସ୍ ରଦ୍ଦକଲା ଆମେରିକା

### ତୁରନ୍ତ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ

**ୱାଶିଂଟନ, ୨୨।୩**

ଆମେରିକା ସରକାର ଶୁକ୍ରବାର ୫ ଲକ୍ଷରୁ ଊର୍ଦ୍ଧ୍ୱ ଆପ୍ରବାସୀଙ୍କ ଆଇନଗତ ସ୍ଥିତିକୁ ରଦ୍ଦ କରିଛନ୍ତି। ସେମାନଙ୍କୁ ଆଗାମୀ କିଛି ସପ୍ତାହ ମଧ୍ୟରେ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ଏହି ନିଷ୍ପତ୍ତି ଫଳରେ କ୍ୟୁବା, ହାଇତି, ନିକାରାଗୁଆ, ଏବଂ ଭେନେଜୁଏଲାର ୫,୩୨,୦୦୦ ଲୋକ ପ୍ରଭାବିତ ହେବେ। ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍ ୨୦୨୨ ଅକ୍ଟୋବରରେ ଆରମ୍ଭ କରିଥିବା ସିଏଚ୍‌ଏନ୍‌ଭି ଯୋଜନାରେ ସେମାନେ ଆମେରିକା ଆସିଥିଲେ। ଆମେରିକା ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ବିଭାଗର ନିର୍ଦ୍ଦେଶନାମା ସଂଘୀୟ ରେଜିଷ୍ଟରରେ ପ୍ରକାଶ ପାଇବାର ୩୦ ଦିନ ପରେ ସେମାନେ ଆଇନଗତ ସୁରକ୍ଷା ହରାଇବେ। ଫଳରେ ସେମାନଙ୍କୁ ଏପ୍ରିଲ ୨୪ ସୁଦ୍ଧା ଆମେରିକା ଛାଡ଼ିବାକୁ ପଡ଼ିବ। ବାଇଡେନ୍ ଆରମ୍ଭ କରିଥିବା ଯୋଜନା ଅସ୍ଥାୟୀ ଥିଲା ବୋଲି ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ବିଭାଗ କହିଛି। ଆମେରିକା ଇତିହାସରେ ସର୍ବବୃହତ୍ ବହିଷ୍କାର ଅଭିଯାନ କାର୍ଯ୍ୟକାରୀ କରିବା ଏବଂ ବିଶେଷ କରି ଦକ୍ଷିଣ ଆମେରିକୀୟ ରାଷ୍ଟ୍ରଗୁଡ଼ିକରୁ ଆପ୍ରବାସନ ବନ୍ଦ ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତିଶ୍ରୁତିବଦ୍ଧ ବୋଲି ତାଙ୍କ ପ୍ରଶାସନ ପକ୍ଷରୁ କୁହାଯାଇଛି।

# ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଧମକ ଦେଲେ ଫଡ଼ନବିସ

**ନାଗପୁର, ୨୨।୩(ପି.ଟି.)**

ମୋଗଲ ସମ୍ରାଟ୍ ଔରଙ୍ଗଜେବ୍‌ଙ୍କ କବରସ୍ଥଳକୁ ନେଇ ବିବାଦରୁ ନାଗପୁରରେ ଘଟିଥିବା ସାମ୍ପ୍ରଦାୟିକ ହିଂସ ଘଟଣାର ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଶନିବାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ହିଂସାକାଣ୍ଡରେ ହୋଇଥିବା କ୍ଷୟକ୍ଷତି ଦଙ୍ଗାକାରୀମାନଙ୍କଠାରୁ ଆଦାୟ କରାଯିବ ବୋଲି ବୈଠକ ପରେ ଫଡ଼ନବିସ ଗଣମାଧ୍ୟମକୁ କହିଛନ୍ତି। ସେମାନେ ଯଦି କ୍ଷତି ଭରଣା ନ କରନ୍ତି, ତେବେ ସେମାନଙ୍କ ସମ୍ପତ୍ତି ଜବତ କରାଯାଇ ବିକ୍ରିକରି କ୍ଷତି ଭରଣା କରାଯିବ। ହିଂସା ଷଡ଼ଯନ୍ତ୍ରକାରୀଙ୍କ ବିରୋଧରେ ଉତ୍ତରପ୍ରଦେଶ ଷ୍ଟାଇଲ୍‌ର କାର୍ଯ୍ୟାନୁଷ୍ଠାନ ହେବ କି ବୋଲି ପ୍ରଶ୍ନ ହେବାରୁ ସେ କହିଥିଲେ, ଆବଶ୍ୟକ ହେଲେ ବୁଲ୍‌ଡୋଜର ଚାଲିବ ବୋଲି ଫଡ଼ନବିସ କହିଛନ୍ତି। ଆନ୍ଦୋଳନ ବେଳେ ପୋଲିସ ଉପରେ ଆକ୍ରମଣ କରିଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। କୌଣସି ଅପରାଧୀଙ୍କୁ ଛଡ଼ାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଦେଇଛନ୍ତି।

ଛତ୍ରପତି ସମ୍ଭାଜୀନଗରରେ ଔରଙ୍ଗଜେବ୍‌ଙ୍କ କବରସ୍ଥଳ ହଟାଇବା ଦାବିରେ ଗତ ୧୭ ତାରିଖରେ ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ପକ୍ଷରୁ ବିକ୍ଷୋଭ ଚାଲିଥିବାବେଳେ ମୁସଲମାନଙ୍କ ଧର୍ମୀୟ ପୁସ୍ତକର ପୃଷ୍ଠା ପୋଡ଼ିଦିଆଯାଇଥିବା ଗୁଜବ ପ୍ରଚାରରୁ ହିଂସାକାଣ୍ଡ ଘଟିଥିଲା। ଦଙ୍ଗାକାରୀମାନେ ଟେକାମାଡ଼ କରିବା ସହ କେତେକ ଗାଡ଼ି ଓ ଘର ପୋଡ଼ି ଦେଇଥିଲେ। ହିଂସାରେ ୩୩ ପୋଲିସ ଅହତ ହୋଇଥିଲେ। ସିସିଟିଭି ଫୁଟେଜ୍ ଏବଂ ଭିଡିଓ ରେକର୍ଡିଂରୁ ହିଂସାକାଣ୍ଡରେ ସମ୍ପୃକ୍ତ ଥିବା ୧୦୪ ଜଣଙ୍କୁ ଚିହ୍ନଟ କରାଯାଇଛି। ଆଇନ ଅନୁଯାୟୀ ୧୨ ନାବାଳକଙ୍କ ସମେତ ୯୨ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି।



ଦେବେନ୍ଦ୍ର ଫଡ଼ନବିସ

### ନାଗପୁର ହିଂସା କ୍ଷୟକ୍ଷତି ଦଙ୍ଗାକାରୀଙ୍କଠାରୁ ଭରଣା କରାଯିବ

# ୧୮ ମାସ ପରେ ଘରକୁ ଫେରିଲେ 'ମୃତ' ମହିଳା

**ଭୋପାଳ, ୨୨।୩**

ମଧ୍ୟପ୍ରଦେଶର ମନ୍ଦସୌର ଜିଲା ଗାନ୍ଧୀସାଗର ଥାନା ଅଞ୍ଚଳର ନାୱଲୀ ଗ୍ରାମ ନିବାସୀ ଲଳିତା ବାଈଙ୍କୁ ଦେଢ଼ ବର୍ଷ ତଳେ ମୃତ ଘୋଷିତ କରାଯାଇଥିଲା। ପରିବାର ପକ୍ଷରୁ ତାଙ୍କର ଅନ୍ତିମ ସଂସ୍କାର ମଧ୍ୟ କରାଯାଇଥିଲା। ତେବେ ଶନିବାର ଲଳିତା ପୁଣିଥରେ ନିଜ ଘରକୁ ଫେରି ଆସିଛନ୍ତି, ଯାହା ତାଙ୍କ ପରିବାର, ଗ୍ରାମବାସୀ, ସ୍ଥାନୀୟ ଲୋକ ଏବଂ ପୋଲିସକୁ ଆଶ୍ଚର୍ଯ୍ୟ କରିଛି। ଲଳିତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ସମ୍ପ୍ରତି ୪ ଜଣ ଝାବୁଆ ଜିଲାର ଥାନ୍ଦଲା ଜେଲରେ ଦଣ୍ଡ ଭୋଗୁଛନ୍ତି।

ଶନିବାର ଲଳିତା ହଠାତ ଆସି ତାଙ୍କ ଘରେ ପହଞ୍ଚିଥିଲେ। ଫଳରେ ତାଙ୍କ ବାପା ରମେଶ ନାନୁରାମ ବାଞ୍ଛଡ଼ା ତୁରନ୍ତ ତାଙ୍କୁ ଗାନ୍ଧୀସାଗର ଥାନାକୁ ନେଇଯାଇ ଲଳିତା ଜୀବିତ ଥିବା ନେଇ ସୂଚନା ଦେଇଥିଲେ। ଘଟଣାକୁ ନେଇ ଗାନ୍ଧୀ ସାଗର ଥାନା ଏସ୍‌ଆଇ ତରୁଣା ଭରଦ୍ୱାଜ କହିଛନ୍ତି, ଲଳିତା ପୋଲିସକୁ ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ମନସୌର ଜିଲା ଭାନପୁରା ଗ୍ରାମର ଶାହରୁଖ ନାମକ ଜଣେ ଯୁବକ ଲଳିତାଙ୍କୁ ୨୦୨୩ ଅଗଷ୍ଟରେ ଅପହରଣ କରି ରାଜସ୍ଥାନର କୋଟାକୁ ନେଇ ଯାଇଥିଲେ। ଏହାର ୨ ଦିନ ପରେ ଶାହରୁଖ ୫ ଲକ୍ଷ ଟଙ୍କାରେ ଲଳିତାଙ୍କୁ ଆଉ ଜଣେ ବ୍ୟକ୍ତିଙ୍କ ନିକଟରେ ବିକ୍ରି କରି ଦେଇଥିଲେ। କୋଟାରେ ତାଙ୍କୁ ନିର୍ଯାତନା ଦିଆଯାଉଥିବା କହିବା ସହ ସେଠାରୁ ସେ ଖସି ପଳାଇ ଆସିବାକୁ ସକ୍ଷମ ହୋଇଛନ୍ତି ବୋଲି ଲଳିତା ପୋଲିସ ସମ୍ମୁଖରେ ପ୍ରକାଶ କରିଛନ୍ତି। ଲଳିତାଙ୍କ ୨ ପିଲା ଥିବା ବେଳେ ତାଙ୍କ ପ୍ରତ୍ୟାବର୍ତ୍ତନ ପରେ ଘରେ ଏବେ ଖୁସିର ମାହୋଲ ରହିଛି ବୋଲି ତାଙ୍କ ବାପା ରମେଶ କହିଛନ୍ତି।

ଲଳିତା ଅପହୃତ ହେବା ପରେ ରମେଶ ଥାନାରେ ଅଭିଯୋଗ କରିଥିଲେ। ତେବେ ୨୦୨୩ ସେପ୍ଟେମ୍ବରରେ ଝାବୁଆ ଅଞ୍ଚଳରେ ହୋଇଥିବା ଏକ ହତ୍ୟାକାଣ୍ଡରେ ପୋଲିସ ଜଣେ ମହିଳାଙ୍କ ମୃତଦେହକୁ ଜବତ କରିଥିଲା। ଗାନ୍ଧୀସାଗର ଥାନାରେ ରମେଶ ଉକ୍ତ ମୃତଦେହକୁ ଦେଖିଥିଲେ। ମୃତ ମହିଳାଙ୍କ ଶରୀରରେ ଲଳିତା ନାମରେ ଏକ ଟାଟୁ ଥିଲା ଏବଂ ତାଙ୍କ ଗୋଡ଼ରେ ଏକ କଳା ସୂତା ବନ୍ଧା ହୋଇଥିଲା, ଯାହାଫଳରେ ଏହା ତାଙ୍କ ଝିଅର ମୃତଦେହ ବୋଲି ରମେଶ ଅନୁମାନ କରିଥିଲେ। ଏହାପରେ ସେ ଉକ୍ତ ମୃତଦେହର ଅନ୍ତିମ ସଂସ୍କାର କରିଥିଲେ ଏବଂ ଲଳିତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ତୁରନ୍ତ ଇମ୍ରାନ, ଶାହରୁଖ, ସୋନୁ ଏବଂ ଏଜାଜ ନାମକ ୪ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ସେବେଠାରୁ ଏହି ୪ ବ୍ୟକ୍ତି ଜେଲରେ ଦଣ୍ଡ ଭୋଗୁଛନ୍ତି।



ଲଳିତା ବାଈ

### ହତ୍ୟା ଅଭିଯୋଗରେ ୪ ଜଣ ଜେଲରେ ଦଣ୍ଡ ଭୋଗୁଛନ୍ତି

# ପାଣିପାଗର ଠିକ୍ ପୂର୍ବାନୁମାନ ବିପର୍ଯ୍ୟୟ କ୍ଷୟକ୍ଷତି ରୋକିପାରିବ

### ଆଜି ବିଶ୍ୱ ପାଣିପାଗ ବିଜ୍ଞାନ ଦିବସ

ବିଶ୍ୱ ପାଣିପାଗ ସଙ୍ଗଠନ (ଡବ୍ଲ୍ୟୁଏମ୍‌ଓ) ପ୍ରତିଷ୍ଠାର ୭୫ ତମ ବାର୍ଷିକୀ ପାଳନ ଅବସରରେ ରବିବାର ବିଶ୍ୱ ପାଣିପାଗ ବିଜ୍ଞାନ ଦିବସ ପାଳନ କରାଯିବ। ଚଳିତବର୍ଷର ବିଷୟବସ୍ତୁ ରହିଛି 'କ୍ଲୋଜିଂ ଦ ଅର୍ଲି ୱାର୍ନିଂ ଗ୍ୟାପ୍ ଟୁଗେଦର'। ଜଳବାୟୁ ପରିବର୍ତ୍ତନ ଦ୍ୱାରା ହେଉଥିବା ବିପର୍ଯ୍ୟୟ ସମ୍ପର୍କିତ ପୂର୍ବାନୁମାନ ଓ ମୁକାବିଲା ମଧ୍ୟରେ ଥିବା ବ୍ୟବଧାନ ଦୂର କରିବା ଦିଗରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ ରହିଛି। ପରିବର୍ତ୍ତିତ ଜଳବାୟୁ ଦ୍ୱାରା ଋତୁ ଅନୁସାରେ ଖରା, ବର୍ଷା କିମ୍ବା ଶୀତ ହେଉନାହିଁ। ଅସ୍ୱାଭାବିକ ପାଣିପାଗ ଅନୁଭୂତ ହେଉଥିବାବେଳେ ଏହାର ମୁକାବିଲା ପାଇଁ ପାଣିପାଗ ବିଜ୍ଞାନ କେନ୍ଦ୍ର, ପ୍ରଶାସନ ଏବଂ ବିପର୍ଯ୍ୟୟ ପରିଚାଳନା ସଂଗଠନ ଜନସଚେତନତା ସୃଷ୍ଟି ପାଇଁ ମିଳିତ ଭାବେ ଉଦ୍ୟମ କରିବା ଦରକାର। ଏନେଇ ଭାରତୀୟ ପାଣିପାଗ ବିଭାଗର ବିଶେଷଜ୍ଞ ଉମାଶଙ୍କର ଦାସ କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟ ଆମ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ପାଣିପାଗ ବିଜ୍ଞାନ କେନ୍ଦ୍ର ଶୀଘ୍ର ଓ ଠିକ୍ ସୂଚନା ପ୍ରଦାନ କଲେ, ତାହା ବିପର୍ଯ୍ୟୟ କ୍ଷୟକ୍ଷତି ରୋକିବାରେ ବିଶେଷ ସହାୟକ ହୋଇପାରିବେ। ଓଡ଼ିଶା କଥା ବିଚାରକୁ ନେଲେ, ପଣା ସଂକ୍ରାନ୍ତି ବା ବିଷୁବ ସଂକ୍ରାନ୍ତି ପରେ ବିଭିନ୍ନ ସ୍ଥାନରେ ଜଳଛତ୍ର ଆଦି ଖୋଲାଯାଇଥାଏ, ଯାହାକି ପ୍ରାୟତଃ ଏପ୍ରିଲ ମାସ ଅଧାରେ ପଡ଼ିଥାଏ। ତେବେ ବର୍ତ୍ତମାନ ଜଳବାୟୁ କାରଣରୁ ମାର୍ଚ୍ଚ ମାସରୁ ଏପ୍ରିଲ ଭଳି ଖରା ହେଉଛି। ଯଦି ଏନେଇ ଆବଶ୍ୟକ ମୁତାବକ ଜନସଚେତନତା ସୃଷ୍ଟି ହୋଇଥା'ନ୍ତା, ତେବେ ବର୍ତ୍ତମାନ ଜଳଛତ୍ର ଖୋଲାଯାଇ ସାରିଥା'ନ୍ତା। ସେହିପରି ବିଜୁଳି ଓ ଘଡ଼ଘଡ଼ିରେ ଓଡ଼ିଶାରେ ରେକର୍ଡ ସଂଖ୍ୟକ ମୃତ୍ୟୁ ଘଟୁଛି। ଯଦି କେଉଁସ୍ଥାନରେ ଓ କେଉଁ ସମୟରେ ଘଡ଼ଘଡ଼ି ବା ବିଜୁଳିର ସମ୍ଭାବନା ରହିଛି, ତାହାର ଠିକ୍ ଆକଳନ ସହ ସେହି ସୂଚନା ଲୋକଙ୍କ ପାଖରେ ପହଞ୍ଚିପାରନ୍ତା, ତେବେ ଉକ୍ତ ସମୟରେ ଲୋକମାନେ ନିଜକୁ ସୁରକ୍ଷିତ ସ୍ଥାନରେ ରଖିପାରନ୍ତେ। ପୂର୍ବାପେକ୍ଷା ଏସବୁ ପ୍ରକ୍ରିୟାରେ ଅନେକ ପରିବର୍ତ୍ତନ ଆସିଛି। ମାତ୍ର ନୂତନ ଜ୍ଞାନ କୌଶଳ ପ୍ରୟୋଗରେ ଏହାକୁ ଆହୁରି ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ଦେଶରେ ୧୨୬ଟି ରାଡାର ସ୍ଥାପନ ହେବାକୁ ଥିବାବେଳେ ଓଡ଼ିଶାରେ ୫ଟି ରାଡାର ରହିବ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨ଟି ରାଡ଼ାର କାର୍ଯ୍ୟ କରୁଥିବାବେଳେ ଅନ୍ୟ ୩ ରାଡାର ସ୍ଥାପନ ଦ୍ୱାରା ପାଣିପାଗ ଆକଳନ ଆହୁରି ସଠିକ୍ ହୋଇପାରିବ। ତେବେ ଲୋକଙ୍କ ପାଖରେ ଠିକ୍ ସୂଚନା ଶୀଘ୍ର ପହଞ୍ଚାଇବା ପାଇଁ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଛନ୍ତି।

**–ଅନୁରାଧା ମହାରଣା, ଭୁବନେଶ୍ୱର**



## ଫୁର୍‌ସତ୍

### ଜାଲିଆନାୱାଲାବାଗ୍ ନରସଂହାରକୁ ନେଇ 'କେଶରୀ ଚାପ୍ଟର-୨'

**ମୁମ୍ବାଇ**

ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ଆଗାମୀ ଫିଲ୍ମ 'କେଶରୀ ଚାପ୍ଟର-୨: ଦି ଅନଟୋଲ୍ଡ ଷ୍ଟୋରି ଅଫ୍ ଜଲିଆନାୱାଲାବାଗ୍'ର ରିଲିଜ୍ ତାରିଖ ଉପରୁ ପରଦା ହଟିଛି। ଆସନ୍ତା ମାସ ୧୮ ତାରିଖରେ ଏହି ଫିଲ୍ମ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ଏନେଇ ଫିଲ୍ମ ନିର୍ମାତା କରନ୍ ଜୋହର ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। କ୍ୟାପ୍‌ଶନରେ ସେ ଲେଖିଛନ୍ତି, କିଛି ଯୁଦ୍ଧରେ ଅସ୍ତ୍ରଶସ୍ତ୍ର ବ୍ୟବହାର କରାଯାଏ ନାହିଁ। ମାର୍ଚ୍ଚ ୨୪ରେ 'କେଶରୀ ଚାପ୍ଟର-୨'ର ଟିଜର ଏବଂ ଏପ୍ରିଲ୍ ୧୮ରେ ଏହି ଫିଲ୍ମ ରିଲିଜ୍ ହେବ। 'କେଶରୀ ଚାପ୍ଟର-୨' ଫିଲ୍ମରେ ଅକ୍ଷୟଙ୍କ ସହ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଓ ଅଭିନେତା ଆର୍ ମାଧବନ୍ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିବେ। ରଘୁ ପାଲଟ ଏବଂ ପୁଷ୍ପା ପାଲଟଙ୍କ ପୁସ୍ତକ 'ଦି କେସ୍ ଦାଟ୍ ସୁକ୍ ଦି ଏମ୍ପାୟର'କୁ ନେଇ ଏହି ଫିଲ୍ମ ଆଧାରିତ। ଜାଲିଆନାୱାଲାବାଗ ନରସଂହାରର ସତ୍ୟତାକୁ ପ୍ରକାଶ କରିବା ପାଇଁ ବ୍ରିଟିଶ୍‌ରାଜ୍ ବିରୋଧରେ ଲଢେଇ କରିଥିବା ବାରିଷ୍ଟର ସି ଶଙ୍କରନ୍ ନାୟାରଙ୍କ ଜୀବନ କାହାଣୀକୁ ନେଇ ଏହି ଫିଲ୍ମ ପର୍ଯ୍ୟବସିତ ରହିଛି। ପୂର୍ବରୁ ମାର୍ଚ୍ଚ ୧୪ରେ ଏହି ଫିଲ୍ମ ରିଲିଜ୍ ହେବ ବୋଲି ଘୋଷଣା କରାଯାଇଥିଲା। ତେବେ କୌଣସି କାରଣବଶତଃ ଉକ୍ତ ରିଲିଜ୍ ତାରିଖକୁ ସ୍ଥଗିତ ରଖାଯାଇଥିଲା। କରନ ଜୋହରଙ୍କ ଧର୍ମା ପ୍ରଡକ୍ସନ ଦ୍ୱାରା ନିର୍ମିତ ଏହି ଫିଲ୍ମର ନିର୍ଦ୍ଦେଶନା କରନ୍ ସିଂ ତ୍ୟାଗୀ ଦେଇଛନ୍ତି।



ଅକ୍ଷୟ କୁମାର



# ପ୍ରଥମ ବିମାନଯାତ୍ରା

**ଦୂର ସ୍ଥାନ ଯାତ୍ରା କରିବାକୁ ଅଧିକାଂଶ ଯୁବପିଢ଼ିଙ୍କୁ ବେଶ୍ ପସନ୍ଦ। ଆଉ ଯଦି ଏହି ଯାତ୍ରାର ସୁଯୋଗ ମିଳେ ଏରୋପ୍ଲେନ୍‌ରେ ତେବେ ଖୁସି କହିଲେ ନ ସରେ। ବିଶେଷକରି ପ୍ରଥମଥର ବିମାନଯାତ୍ରାର ଅନୁଭୂତି କାହାପାଇଁ ଥାଏ ବେଶ୍ ରୋମାଞ୍ଚକର ତ ଆଉ କାହାପାଇଁ ଥାଏ ଭୟପୂର୍ଣ୍ଣ...**

ପାଠପଢ଼ା, ଜବ୍ କିମ୍ବା ବୁଲିବା ଲାଗି ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକ ବାହାରକୁ ଯାଉଥିବା ଦେଖିବାକୁ ମିଳୁଛି। ଯେଉଁଥିପାଇଁ ଅନେକେ ଫ୍ଲାଇଟ୍‌ରେ ଯିବାକୁ ଅଧିକ ପସନ୍ଦ କରୁଛନ୍ତି। ତେବେ ପ୍ରଥମଥର ଏଥିରେ ଯାତ୍ରା କରିବା କେତେକଙ୍କ ପାଇଁ ଉତ୍ସାହପୂର୍ଣ୍ଣ ହୋଇଥିବା ବେଳେ କେହି କେହି ଏହାକୁ ନେଇ ଭୟ ମଧ୍ୟ କରିଥାନ୍ତି। ତେଣୁ ନିଜ ପ୍ରଥମ ଯାତ୍ରାର ଭରପୁର ମଜା ନେବା ସହ ଏହାକୁ ସୁରକ୍ଷିତ କରିବା ଲାଗି କେତେକ ଦିଗ ପ୍ରତି ସଜାଗ ରହିବା ଆବଶ୍ୟକ...

■ ପ୍ରଥମ ଥର ଏରୋପ୍ଲେନ୍‌ରେ ଯାତ୍ରା କରିବା ସମୟରେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ସର୍ବପ୍ରଥମେ ବାହାରିବା ପୂର୍ବରୁ ସମସ୍ତ କାଗଜପତ୍ର ଯଥା: ଟିକେଟ, ପାସ୍‌ପୋର୍ଟ ଆଦି ସାଙ୍ଗରେ ନିଅନ୍ତୁ।

■ ଫ୍ଲାଇଟ୍ ଟେକ୍‌ଅପ୍‌ର ଠିକ୍ ସମୟ ଜାଣନ୍ତୁ। ଏହି ନିର୍ଦ୍ଦିଷ୍ଟ ସମୟରେ ପହଞ୍ଚିଯିବି ଭାବି ବିଳମ୍ବ କରନ୍ତୁନି କିମ୍ବା ତରତର ହୋଇ ବାହାରନ୍ତୁ ନାହିଁ। ବରଂ ହାତରେ ଯଥେଷ୍ଟ ସମୟ ରଖି ବାହାରନ୍ତୁ। ଏହାଦ୍ୱାରା ଆପଣ ଠିକ୍ ସମୟରେ ପହଞ୍ଚିପାରିବେ ଏବଂ ଏୟାରପୋର୍ଟ ସିକ୍ୟୁରିଟି ଚେକ୍ ଲାଗି ଅଧିକ ସମୟ ଲାଗିଲେ ବି ପ୍ଲେନ୍ ମିସ୍ ହେବ ନାହିଁ।

■ ଯଦି ପ୍ରଥମ ଥର ଅଧିକ ଦୂର ଟ୍ରାଭେଲ କରୁଛନ୍ତି ତେବେ ସାଙ୍ଗରେ ଏକ ସ୍ଲିପ୍ ଟ୍ରାଭେଲ୍ କିଟ୍ ନେଇଯିବା ଭଲ।

■ ଏରୋପ୍ଲେନ୍ ଭିତରେ ଅଧିକ ସମୟ ବସିବା ପରେ ନାସାରନ୍ଧ୍ର ଶୁଖିଯିବା ସମସ୍ୟା ଦେଖାଦିଏ। କେତେକଙ୍କଠାରେ ରକ୍ତଚାପ ବଢ଼ିବା ସମସ୍ୟା ବି ଦେଖାଦେଇଥାଏ। ଏହାକୁ ଦୂରକରିବା ଲାଗି ପ୍ରଚୁର ପାଣି ପିଅନ୍ତୁ।

■ ଯଦିଓ ଏୟାର ଟ୍ରାଭେଲ ଅନ୍ୟ ସବୁ ତୁଳନାରେ ସୁରକ୍ଷିତ ତଥାପି ଫ୍ଲାଇଟ୍ ଆଟେଣ୍ଡାଣ୍ଟମାନଙ୍କ ଦ୍ୱାରା ଦିଆଯାଉଥିବା ସେଫ୍ଟି ଇନ୍‌ଫର୍ମେଶନ ଶୁଣନ୍ତୁ ଏବଂ ସେଥିପ୍ରତି ଗୁରୁତ୍ୱ ଦିଅନ୍ତୁ। ଆବଶ୍ୟକ ହେଲେ ଫ୍ଲାଇଟ୍ କ୍ରୁ ମେମ୍ବରଙ୍କ ସହାୟତା ନିଅନ୍ତୁ।

■ ସାଙ୍ଗରେ ଆବଶ୍ୟକ ସାମଗ୍ରୀ ହିଁ ନିଅନ୍ତୁ ଏବଂ ଲଗେଜ୍‌ର ଓଜନ ଯେପରି ଅଧିକ ନ ହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ନ ହେଲେ ଏଥିପାଇଁ ଆପଣଙ୍କୁ ଫାଇନ୍ କିମ୍ବା ଅଧିକ ଟଙ୍କା ଦେବାକୁ ପଡ଼ିପାରେ।

■ ବ୍ୟାଗ୍‌ରେ ଛୁରି କିମ୍ବା ଅନ୍ୟ କୌଣସି ଆପତ୍ତିଜନକ ସାମଗ୍ରୀ ରଖନ୍ତୁ ନାହିଁ। କାରଣ ଏକ୍ସ-ରେ ମେସିନରେ ଏହା ଜଣାପଡ଼ିଯାଇଥାଏ। ତେବେ କେଉଁ ସାମଗ୍ରୀ ସାଙ୍ଗରେ ନେବେ ନାହିଁ ଏହାର ଲିଷ୍ଟ ଜାଣିବା ଲାଗି ଟ୍ରାନ୍ସପୋର୍ଟେଶନ ସିକ୍ୟୁରିଟି ଆଡ୍‌ମିନିଷ୍ଟ୍ରେଶନ ୱେବ୍‌ସାଇଟ୍ ଚେକ୍ କରି ନିଅନ୍ତୁ।

## ଫ୍ଲାଇଟ୍ ଫୋବିଆ

**ଅନେକଙ୍କୁ ବିମାନଯାତ୍ରାକୁ ନେଇ ଡର ଥାଏ, ଯାହାକୁ ଫ୍ଲାଇଟ୍ ଫୋବିଆ ବୋଲି କୁହାଯାଏ। ଯଦି ଆପଣଙ୍କର ବି ଏଭଳି ସମସ୍ୟା ରହିଛି ତେବେ କେତୋଟି କଥା ପ୍ରତି ଧ୍ୟାନ ଦେଲେ ଏହି ଡର ଦୂର ହୋଇପାରିବ ଏବଂ ଆରାମରେ ଯାତ୍ରା କରିପାରିବେ...**



⏩ବିମାନଯାତ୍ରା ଅନ୍ୟ ସମସ୍ତ ପରିବହନ ବ୍ୟବସ୍ଥା ମଧ୍ୟରେ ସବୁଠୁ ସୁରକ୍ଷିତ ଯାତ୍ରା ବୋଲି ଅନେକ ରିସର୍ଚ୍ଚରୁ ଜଣାପଡ଼ିଛି। ଏହି କଥାକୁ ମନରେ ରଖି ଆରାମରେ ବସନ୍ତୁ। ଟେକ୍‌ଅପ୍ ପୂର୍ବରୁ ଦୀର୍ଘ ନିଃଶ୍ୱାସ ନିଅନ୍ତୁ ଏବଂ ଡର ବଦଳରେ ଉଡ଼ାଣର ରୋମାଞ୍ଚକର ସମୟ ପ୍ରତି ଧ୍ୟାନ ଦିଅନ୍ତୁ ଦେଖିବେ ଫୋବିଆ ଦୂର ହୋଇଯିବ।

⏩ଫ୍ଲାଇଟ୍ ଟେକ୍‌ଅପ୍ କିମ୍ବା ଲ୍ୟାଣ୍ଡିଂ ବେଳେ ଅନେକଙ୍କୁ ଖୁବ୍ ଡର ଲାଗିଥାଏ। ହେଲେ ଏହି ସମୟରେ ମ୍ୟୁଜିକ୍ ଶୁଣିଲେ କିମ୍ବା ନିଜ ପସନ୍ଦର କୌଣସି ସାମଗ୍ରୀ ଧରି ନିଜକୁ ଅନ୍ୟମନସ୍କ ରଖିଲେ ଆଦୌ ଡର ଲାଗି ନ ଥାଏ।

⏩ଜଣେ ଜଣେ ଉଚ୍ଚ ସ୍ଥାନକୁ ଭୟ କରିଥାନ୍ତି। ତେଣୁ ଏରୋପ୍ଲେନ୍ ଯାହାକୁ ନେଇ ଆପଣଙ୍କ ମନରେ ଫୋବିଆ ଥିଲେ ଦୂର କରନ୍ତୁ। ନଚେତ୍ ଉଡ଼ାଣ ମାତ୍ରେ ଆପଣ ରକ୍ତଚାପ ବଢ଼ିବା କିମ୍ବା ଅସୁସ୍ଥ ହେବା ଭଳି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

⏩ଝରକା ବାହାରକୁ ଦେଖିଲେ ଆକାଶ, ବାଦଲ ଆଦି ଦେଖାଯିବା ଦ୍ୱାରା ଅନେକେ ପୃଥିବୀରୁ ଏତେ ଉପରେ ଅଛି ଭାବି ଡରି ଯାଆନ୍ତି। ତେଣୁ ୱିଣ୍ଡୋ ସ୍କ୍ରିନ୍ ପକାଇ ରଖନ୍ତୁ। ହେଡ୍‌ଫୋନ୍ ଏବଂ ଆଇ ମାସ୍କ ବି ବ୍ୟବହାର କରିପାରିବେ।

⏩ନିଜ ଫୋନ୍, ଟ୍ୟାବ୍, ଲାପ୍‌ଟପ୍ ଆଦିରେ ପସନ୍ଦର ଫିଲ୍ମ, ମ୍ୟୁଜିକ୍ ଆଦି ଡାଉନ୍‌ଲୋଡ୍ କରିରଖନ୍ତୁ। ଫ୍ଲାଇଟ୍‌ରେ ବସି ଏହାକୁ ଦେଖିଲେ କିମ୍ବା କିଛି ବହି ପଢ଼ିଲେ ବି ଡର କମିଯିବ।

⏩ଯଦି ଫ୍ଲାଇଟ୍ ଫୋବିଆ ଅଛି ତେବେ ଫ୍ଲାଇଟ୍‌ରେ ବସିବାର କିଛି ସମୟ ପୂର୍ବରୁ କଫି, ଏନର୍ଜି ଡ୍ରିଙ୍କ୍ କିମ୍ବା ଅନ୍ୟ କୌଣସି ମିଠା ଜୁସ୍ ପିଅନ୍ତୁ ନାହିଁ କିମ୍ବା ମିଠା ଖାଦ୍ୟ ଖାଆନ୍ତୁ ନାହିଁ, ନ ଚେତ୍ ପ୍ଲେନ୍ ଭିତରେ ବାନ୍ତି ହୋଇପାରେ।

### କ'ଣ କୁହନ୍ତି ଏମାନେ..



**ସୋଫିଆ ୟାସ୍ମିନ୍(ଛାତ୍ରୀ, ଧଉଳି ଚାରୁକଳା ମହାବିଦ୍ୟାଳୟ, ଭୁବନେଶ୍ୱର)-** ଗତବର୍ଷ ମୁମ୍ବାଇରେ ଆୟୋଜିତ ଏକ ଆର୍ଟ ଏକ୍‌ଜିବିଶନ୍‌ରେ ଯୋଗ ଦେବାକୁ ଯାଇଥିଲି। ହଠାତ୍ ଏକ ଜରୁରୀ କାମ ପଡ଼ିବାରୁ ଘରକୁ ଫେରିବାକୁ ପଡ଼ିଲା। ତେଣୁ ଇଣ୍ଡିଗୋ ଫ୍ଲାଇଟ୍‌ରେ ମୁମ୍ବାଇରୁ ଭୁବନେଶ୍ୱର ଟିକେଟ୍ କଲି। ତାହାଥିଲା ମୋର ପ୍ରଥମ ବିମାନଯାତ୍ରା। ଏକା କିଭଳି ଯିବି, ଏତେ ଉଚ୍ଚତାରେ ଫ୍ଲାଇଟ୍ ଉଡ଼ିଲେ ଭୟ ଲାଗିବନି ତ ଏଭଳି ଅନେକ କଥା ମନକୁ ଆସୁଥିଲା। କିନ୍ତୁ ଫ୍ଲାଇଟ୍‌ରେ ବସିବା ପରେ ଏସବୁ ଚିନ୍ତା ଦୂର ହୋଇଗଲା। ଓହ୍ଲାଇବା ପରେ କେବଳ କିଛି ସମୟ ପାଇଁ କାନରେ ଟିକେ ସମସ୍ୟା ହୋଇଥିଲା। ଯାତ୍ରା ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ନିରାପଦ ଥିଲା। ସେବେଠୁ ଫ୍ଲାଇଟ୍ ଫୋବିଆ ସମ୍ପୂର୍ଣ୍ଣ ଦୂର ହୋଇଯାଇଛି।



**ପ୍ରକାଶ ମହାପାତ୍ର**(କର୍ମଜୀବୀ, ଖୋର୍ଦ୍ଧା)- ମୋ ପାଇଁ ପ୍ରଥମ ଫ୍ଲାଇଟ୍ ଯାତ୍ରା ବେଶ୍ ରୋମାଞ୍ଚକର ଥିଲା। ଆମେ କେତେଜଣ ସାଙ୍ଗ ପୁଣେରୁ ଦୁବାଇ ଯାଉଥିଲୁ। ଫ୍ଲାଇଟ୍ ଟେକ୍‌ଅପ୍ ବେଳେ ମଜା ଲାଗିଲା, ହେଲେ ଏକ ରୁ ଦେଢ଼ଘଣ୍ଟା ପରେ ପ୍ଲେନ୍ ହଠାତ୍ ଥରିବାକୁ ଲାଗିଲା। ସମସ୍ତ ଯାତ୍ରୀ ଭୟରେ ପାଟି କରିବା ଆରମ୍ଭ କରିଦେଲେ। ଏହା କୌଣସି ଯାନ୍ତ୍ରିକ ତ୍ରୁଟି କିମ୍ବା ଅସୁବିଧା ନୁହେଁ ବୋଲି ସୂଚନା ମିଳିବା ପରେ ଆମେ ଆଶ୍ୱସ୍ତ ହେଲୁ। ହେଲେ ସେଠାରେ ପହଞ୍ଚିବା ପରେ କାନ ତାବ୍‌ଦା ହୋଇଯାଇଥିଲା। ସମସ୍ତେ କଥା ହେଉଥିଲୁ ସତ ହେଲେ କେହି କାହା କଥା ଭଲରେ ଶୁଣି ପାରୁ ନ ଥିଲୁ। ଦୁଇ ଦିନ ପରେ ସମସ୍ତଙ୍କ କାନର ଅବସ୍ଥା ଏପରି ହୋଇଥିଲା ଏବଂ କେହି କାହାକୁ ଜଣାଇ ନ ଥିଲୁ ବୋଲି ଖୁବ୍ ହସ ଲାଗିଥିଲା।





## ମାନସିକ ଶାନ୍ତି

**ମାନସିକ ଶାନ୍ତି ମଣିଷକୁ ସବୁବେଳେ ଖୁସି ଏବଂ ସୁସ୍ଥ ରଖେ। କିନ୍ତୁ ବର୍ତ୍ତମାନ ଅଧିକାଂଶଙ୍କଠାରେ ଯେମିତି ରହିଛି ଏହାର ଘୋର ଅଭାବ। କିଏ କହୁଛି ଭାରି ଟେନ୍‌ଶନ୍ ତ ଆଉ କିଏ କହୁଛି ଯାହା କଲେ ବି ମିଳୁନି ଟିକେ ଶାନ୍ତି। ତେବେ ଏଥିପାଇଁ କେବେ କେବେ ନିଜର କେତେକ ଅଭ୍ୟାସ ମଧ୍ୟ ଦାୟୀ। ଜାଣନ୍ତୁ କ'ଣ ଏହିସବୁ ଅଭ୍ୟାସ ଏବଂ କିପରି ଏହାକୁ ଦୂର କରି ମାନସିକ ଶାନ୍ତି ପାଇପାରିବେ ...**

**ଓଭର ଥିଙ୍କିଙ୍ଗ୍:** କୌଣସି କଥା ବିଷୟରେ ବାରମ୍ବାର ଭାବିବା ବିଶେଷ କରି ଯାହା ଆପଣଙ୍କ ଆୟତ୍ତରେ ନାହିଁ ସେ ସମ୍ପର୍କରେ ଅଧିକ ଚିନ୍ତା କରିବା ଦ୍ୱାରା ଶରୀରର ଏନର୍ଜି କମିଯାଏ ଏବଂ ମସ୍ତିଷ୍କ ମଧ୍ୟ ଥକିଯାଏ। ଫଳରେ ମନ ଭାରାକ୍ରାନ୍ତ ହୋଇପଡ଼େ। ତେଣୁ କୌଣସି କଥାକୁ ନେଇ ବେଶି ଚିନ୍ତା କରନ୍ତୁ ନାହିଁ, ଏହାର ସମାଧାନ ବାଟ ନ ମିଳିଲେ ସେଥିରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ ଦେଖିବେ ମାନସିକ ଶାନ୍ତି ନିଶ୍ଚିତ ମିଳିବ।

**ନକାରାତ୍ମକ ଭାବନା:** ନକାରାତ୍ମକ ଭାବନା ମଣିଷକୁ ନିରାଶ କରିଥାଏ। ହେଲେ ଯେକୌଣସି ପରିସ୍ଥିତିରେ ବି ଯଦି ଭାବନା ସକାରାତ୍ମକ ହୁଏ ତେବେ ତାହା ମଣିଷକୁ ଆଶାବାଦୀ କରିଥାଏ। କାରଣ ସକାରାତ୍ମକ ଭାବନାର ଶକ୍ତି ଏତେ ଅଧିକ ଯାହାକି ଜଣଙ୍କୁ ଯେକୌଣସି ଅପ୍ରୀତିକର ଏବଂ କଷ୍ଟକର ପରିସ୍ଥିତିରୁ ମଧ୍ୟ ମୁକୁଳି ଆସିବାର ସାହସ ଯୋଗାଇଥାଏ। ତା'ଛଡା ଏହାଦ୍ୱାରା କୌଣସି କାର୍ଯ୍ୟକୁ ନେଇ ମନ ଭିତରେ ଥିବା ଚିନ୍ତା, ଚାପ କିମ୍ବା ବିଫଳତାର ଅବସାଦ ଆଦି ଦୂର ହୋଇଥାଏ ଏବଂ ମାନସିକ ଶାନ୍ତି ମିଳିଥାଏ।

**ସବୁବେଳେ ଅନ୍ୟଙ୍କୁ ଖୁସି ରଖିବା:** ଅନେକେ ଅଛନ୍ତି ଯେଉଁମାନେ ସର୍ବଦା ଏଭଳି କାର୍ଯ୍ୟ କରିବାକୁ ଚାହାନ୍ତି ଯାହାଦ୍ୱାରା ଅନ୍ୟମାନେ ଖୁସି ହେବେ ଏବଂ ତାଙ୍କୁ ପ୍ରଶଂସା କରିବେ। ହେଲେ କେବେ କେବେ ଏହାଦ୍ୱାରା ନିଜର ଖୁସି ପଛରେ ରହିଯାଏ, ଏମିତିକି ଅନେକେ ଏଥିପାଇଁ ଆତ୍ମସମ୍ମାନ ବି ହରାଇବସନ୍ତି ଏବଂ କୌଣସି କାରଣରୁ ନିଜ କାର୍ଯ୍ୟଦ୍ୱାରା ଅନ୍ୟକୁ ଖୁସି ନ କରାଇ ପାରିଲେ ସେମାନେ ମାନସିକ ଅବସାଦର ଶିକାର ହୋଇଥାନ୍ତି। ହେଲେ ମନେରଖନ୍ତୁ ଲୋକଦେଖାଣିଆ କାର୍ଯ୍ୟ ନ କରି ସବୁବେଳେ ଏଭଳି କାର୍ଯ୍ୟ କରନ୍ତୁ ଯାହାଦ୍ୱାରା ନିଜର ଆତ୍ମସମ୍ମାନ ରହିବା ସହ ଆତ୍ମସନ୍ତୋଷ ମଧ୍ୟ ମିଳିବ।



**ନିଜକୁ ଅନ୍ୟ ସହ ତୁଳନା:** ଅନେକେ ଅଛନ୍ତି ଯେଉଁମାନେ ନିଜକୁ ସବୁବେଳେ ଅନ୍ୟ ସହ ତୁଳନା କରନ୍ତି। ଅନ୍ୟଠାରୁ କୌଣସି ଗୁଣରେ କମ୍ ହେଲେ ସେମାନେ ଦୁଃଖୀ ହୋଇପଡନ୍ତି କିମ୍ବା ଈର୍ଷାପରାୟଣ ହୋଇପଡ଼ନ୍ତି। ହେଲେ ଏଭଳି ଭାବନା ଯେ ସେମାନଙ୍କ ମାନସିକସ୍ତରରେ ନକାରାତ୍ମକ ପ୍ରଭାବ ପକାଉଛି ସେକଥା ସେମାନେ ଜାଣି ପାରନ୍ତି ନାହିଁ। ତେଣୁ ନିଜକୁ କେବେ ଅନ୍ୟ ସହ ତୁଳନା ନ କରି ନିଜର କ୍ଷମତା ଏବଂ ଦକ୍ଷତାକୁ ଚିହ୍ନନ୍ତୁ ଏବଂ ଏହାକୁ ବିକଶିତ କରିବାକୁ ଚେଷ୍ଟା କରନ୍ତୁ ଦେଖିବେ ମନ ଖୁବ୍ ଭଲ ରହିବ।

## ଏ ସପ୍ତାହର ପ୍ରଶ୍ନ

୧- ସଜ୍ଜନଗଡ଼ ୱାଇଲ୍ଡ ଲାଇଫ୍ ସାଞ୍ଚୁଆରି ......... ଠାରେ ଅବସ୍ଥିତ ?
୨- ନ୍ୟାଶନାଲ୍ ଭ୍ୟାକ୍ସିନେଶନ୍ ଡେ' ............. ତାରିଖରେ ପାଳନ କରାଯାଏ ?
୩- ଫୁଏଗୋ ଆଗ୍ନେୟଗିରି .......... ଦେଶରେ ଅବସ୍ଥିତ ?
୪- ମହାରାଷ୍ଟ୍ର ସରକାରଙ୍କ ଦ୍ୱାରା ......... ଜିଲାରେ ଛତ୍ରପତି ଶିବାଜୀ ମନ୍ଦିର ସ୍ଥାପନା କରାଯାଇଛି ?
୫- ଇଣ୍ଟରନ୍ୟାଶନାଲ୍ ଆଟମିକ୍ ଏନର୍ଜି ଏଜେନ୍ସିର ହେଡ୍‌କ୍ୱାର୍ଟର .......... ଠାରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ତୁହିନକାନ୍ତ ପାଣ୍ଡେ
୨ କେରଳ
୩ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ
୪ ଜମ୍ମୁ ଏବଂ କଶ୍ମୀର
୫ ନାଗାଲାଣ୍ଡ

## ଉତ୍ତରଦାତା



ଶକ୍ତିପ୍ରସାଦ ସିଂ
ଭୁବନେଶ୍ୱର



ସୁନୀଲ କୁମାର ବେହେରା
ବ୍ରହ୍ମପୁର

## ଟପ୍ ୧୦

### ସର୍ବାଧିକ ଉଲ୍ ଉତ୍ପାଦନକାରୀ ଦେଶ



୧- ଚାଇନା ........................................ ୩୫୬,୨୧୬ ଟନ୍
୨- ଅଷ୍ଟ୍ରେଲିଆ ........................................ ୩୪୮,୬୦୮ଟନ୍
୩- ନ୍ୟୁଜିଲାଣ୍ଡ ........................................ ୧୨୫,୭୭୨.୧୭ ଟନ୍
୪- ତୁର୍କି ........................................ ୭୯,୭୫୪ ଟନ୍
୫- ୟୁନାଇଟେଡ୍ କିଙ୍ଗଡମ୍........................................ ୭୦,୪୪୭.୫୬ ଟନ୍
୬- ମରକ୍କୋ ........................................ ୬୨,୬୭୦.୧୬ ଟନ୍
୭- ଇରାନ୍ ........................................ ୫୨,୫୦୪ ଟନ୍
୮- ରୁଷିଆ ........................................ ୪୭,୮୩୮ ଟନ୍
୯- ସାଉଥ୍ ଆଫ୍ରିକା ........................................ ୪୨,୪୦୬.୩୪ ଟନ୍
୧୦- ପାକିସ୍ତାନ ........................................ ୪୩,୩୨୮ ଟନ୍

## ଜାଣନ୍ତୁ ଦୁନିଆ

### ଅଜବ ବିଶ୍ୱ ରେକର୍ଡ

**ବିଭିନ୍ନ ଅଜବ କାରନାମା ଦେଖାଇ ଅନେକେ ବିଶ୍ୱ ରେକର୍ଡ କରିଥାନ୍ତି। ହେଲେ ଏମିତି ବି କେତେଜଣ ଅଛନ୍ତି ଯେଉଁମାନେ ନିଜର ଅଜବ ଶାରୀରିକ ଗଠନ ପାଇଁ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ଜାଣନ୍ତୁ ସେଭଳି କେତେଜଣଙ୍କ ସମ୍ପର୍କରେ...**



**ବଡ଼ ପାଟି:** ଜଣେ ମଣିଷ ନିଜ ପାଟିକୁ କେତେ ବଡ଼ କରି ଖୋଲି ପାରିବେ ? ନିଜ ପାଟିଠୁ ଅତି ବେଶିରେ ଏକରୁ ଦୁଇ ଇଞ୍ଚ ଅଧିକ। ହେଲେ ଆଙ୍ଗୋଲାର ଫ୍ରାନ୍ସିସ୍କୋ ଡୋମିଙ୍ଗୋ ଜୋଆକ୍ୱିମ୍ ନାମକ ଜଣେ ଯୁବକ ନିଜ ପାଟିରେ ଏକ କୋଲ୍ଡଡ୍ରିଙ୍କ୍ସ କେନ୍ ରଖିପାରନ୍ତି। ତାଙ୍କ ପାଟିର ଲମ୍ବ ୧୭ ସେଣ୍ଟିମିଟର(୬.୬୯ ଇଞ୍ଚ) ହୋଇଥିବାରୁ ୨୦୧୦ ମାର୍ଚ୍ଚ ୧୮ରେ ତାଙ୍କ ନାମକୁ ଗିନିଜ ୱାର୍ଲ୍ଡ ରେକର୍ଡରେ ଅନ୍ତର୍ଭୁକ୍ତ କରାଯାଇଥିଲା।




**ସରୁ ଅଣ୍ଟା:** ଅଣ୍ଟା ସରୁ ହେଲେ ଫିଗର ଆକର୍ଷଣୀୟ ଲାଗେ। କେବେ ଏଥିପାଇଁ ବି କେହି ବିଶ୍ୱ ରେକର୍ଡ କରିପାରନ୍ତି ସେକଥା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ଆମେରିକାର କ୍ୟାଥୀ ଜଙ୍ଗ ନାମ୍ନୀ ଜଣେ ମହିଳାଙ୍କ ଅଣ୍ଟାର ଗୋଲେଇ ମାତ୍ର ୧୫ ଇଞ୍ଚ। ଯେଉଁଥିଲାଗି ୧୯୯୯ରେ ତାଙ୍କ ନାମକୁ ବିଶ୍ୱର ସବୁଠୁ ସରୁଅଣ୍ଟା ଭାବେ ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ କରାଯାଇଥିଲା।

**ଲମ୍ବା ଆଇବ୍ରୋ:** ଆଇବ୍ରୋର ଲମ୍ବ ସାଧାରଣତଃ ସ୍ୱାଭାବିକ ବା ଛୋଟ ଥିବାରୁ ଏହାକୁ ମୁଣ୍ଡ କେଶ ଭଳି କାଟିବାକୁ ପଡି ନ ଥାଏ। ହେଲେ ଚାଇନାର ୮୧ ବର୍ଷୀୟ ଝେଙ୍ଗ୍ ସୁଶେନ୍ ୧୯.୧ ସେମି ଲମ୍ବବିଶିଷ୍ଟ ସବୁଠାରୁ ଲମ୍ବା ଆଇବ୍ରୋ ପାଇଁ ୨୦୧୬ରେ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ଖାଇବା ସମୟରେ ତାଙ୍କ ଆଇବ୍ରୋ ଆସି ପାଟିରେ ବାଜୁଥିବାରୁ ସେ ଏହାକୁ କାନରେ ଜାକି ରଖୁଥିଲେ। ପରେ ସେ ବିଶ୍ୱରେକର୍ଡ ପାଇଁ ଆବେଦନ କରିଥିଲେ ଏବଂ ରେକର୍ଡ ହାସଲ କରିବାରେ ସଫଳ ମଧ୍ୟ ହୋଇଥିଲେ।

# କେଫିନ୍‌ଟେକ୍ ସହ ଓୟୁଟିଆର୍‌ର ବୁଝାମଣା

ଭୁବନେଶ୍ୱର,୨୨।୩


ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ଉଭୟ କେଫିନ୍‌ଟେକ୍ ଏବଂ ଓୟୁଟିଆର୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ (ଓୟୁଟିଆର୍) ଏବଂ କେଫିନ୍ ଟେକ୍ନୋଲୋଜିସ୍ ଲିମିଟେଡ୍ (କେଫିନ୍‌ଟେକ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି।

ଏପରିକି ଏହି ସହଭାଗିତା ଇଣ୍ଟର୍ନସିପ୍, ପ୍ରି-ପ୍ଲେସ୍‌ମେଣ୍ଟ ଅଫର, ଲାବ୍ ପରିଦର୍ଶନ ଏବଂ ଶିଳ୍ପ-ପ୍ରାସଙ୍ଗିକ ତାଲିମକୁ ସହଜ କରିବ। ଛାତ୍ରୀଛାତ୍ରମାନଙ୍କୁ ଶିଳ୍ପ ଚାହିଦା ପୂରଣ କରିବା ପାଇଁ ବ୍ୟବହାରିକ ଦକ୍ଷତା ସହିତ ସଜ୍ଜିତ କରିବ।

ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ବୁଝାମଣାପତ୍ର (ଏମ୍‌ଓୟୁ) କାର୍ଯ୍ୟକ୍ରମରେ ଓୟୁଟିଆର୍‌ର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, ରେଜିଷ୍ଟ୍ରାର ଆଶିଷ କୁମାର ଜେନା, ଡିନ୍ ଏକାଡେମିକ୍ସ ପ୍ରଫେସର ଅଚ୍ୟୁତାନନ୍ଦ ଆଚାର୍ଯ୍ୟ, ତାଲିମ ଏବଂ ନିଯୁକ୍ତି ଅଧିକାରୀ ପ୍ରଫେସର ବିଭୁପ୍ରସାଦ ଦାଶ ଏବଂ ଉପ ତାଲିମ ଏବଂ ନିଯୁକ୍ତି ଅଧିକାରୀ ଡ. ସମରଜିତ ପଟ୍ଟନାୟକଙ୍କ ସମେତ କେଫିନ୍‌ଟେକ୍‌ର ମୁଖ୍ୟ ପ୍ରଯୁକ୍ତିବିଦ୍ୟା ଅଧିକାରୀ ଭେଙ୍କଟଗିରି ଭୋଙ୍କାୟଲା, ସିପିଓ ସୁଜୟ ପୁଥରାନ, ଉପାଧ୍ୟକ୍ଷ ସୁବର୍ଣ୍ଣ ମିଶ୍ର ଏବଂ କାର୍ଯ୍ୟକ୍ରମ ପରିଚାଳିକା ସୁମନ୍ତ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଉଭୟ ପ୍ରତିଷ୍ଠାନ ପ୍ରତିଭାକୁ ପୋଷଣକରିବା ଏବଂ ଶିକ୍ଷା ଏବଂ ଶିଳ୍ପ ମଧ୍ୟରେ ଥିବା ପାର୍ଥକ୍ୟ ଦୂରକରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃ ପ୍ରକାଶ କରିଥିଲେ। ଏହି ସହଯୋଗ ଓୟୁଟିଆର୍‌ର ନିଯୁକ୍ତି ଯୋଗ୍ୟତା ଏବଂ ଶିଳ୍ପ ସମ୍ପୃକ୍ତି ବୃଦ୍ଧିକରିବା ଲକ୍ଷ୍ୟ ସହ ସମନ୍ୱିତ, ବୈଷୟିକ ଶିକ୍ଷାରେ ଏକ ନେତା ଭାବେ ଏହାର ସ୍ଥିତିକୁ ସୁଦୃଢ଼ କରୁଛି।

ଉଲ୍ଲେଖଯୋଗ୍ୟ, ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ/ଓଡ଼ିଶା ବୈଷୟିକ ଏବଂ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ରେ ଶିଳ୍ପ-ଶିକ୍ଷାକ୍ଷେତ୍ର ସହଯୋଗକୁ ସୁଦୃଢ଼ କରିବା ପାଇଁ କେଫିନ୍ ଟେକ୍ନୋଲୋଜିସ୍ ଲିମିଟେଡ୍ (କେଫିନ୍‌ଟେକ୍) ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ନିକଟରେ ସ୍ୱାକ୍ଷର କରିଛି ।

# ଓଡ଼ିଶା ବଜାର ସମ୍ଭାବନାରେ ପରିପୂର୍ଣ୍ଣ

**ଫର୍ନିଚର ମାନୁଫାକ୍ଚରିଂ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜିଥିବା ବ୍ୟକ୍ତିତ୍ୱ ଜଣକ ହେଲେ ଦେବାଶିଷ ପଟ୍ଟନାୟକ। ପ୍ରଥମେ ଏୟାରକ୍ରାଫ୍ଟ ଇଞ୍ଜିନିୟର ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ମାତ୍ର କାଠ ଏବଂ ମଡ୍ୟୁଲାର ଫର୍ନିଚର ପ୍ରତି ତାଙ୍କର ଖୁବ୍ ଆଗ୍ରହ ରହୁଥିଲା। ୟୁରୋପର ବିଭିନ୍ନ ଦେଶ ପରିଭ୍ରମଣ ସମୟରେ ସେ ନୂଆ ନୂଆ ଡିଜାଇନର ଫର୍ନିଚର ଦେଖିବାକୁ ପାଇଥିଲେ। ତାହା ତାଙ୍କୁ ଏତେମାତ୍ରାରେ ପ୍ରଭାବିତ କରିଥିଲା ଯେ, ସେ ଏ କ୍ଷେତ୍ରରେ ବ୍ୟବସାୟ ଆରମ୍ଭ କରିଥିଲେ। ସେ ଟ୍ରାନ୍ସଫର୍ମ ଫର୍ନିଚର ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଥିବାବେଳେ ତାଙ୍କ କମ୍ପାନୀର ଉତ୍ପାଦଗୁଡ଼ିକ 'ଭାଇବ୍' ନାମରେ ବେଶ୍ ପରିଚିତ। ନିଷ୍ଠା ଓ ପରିଶ୍ରମ ବଳରେ ସଫଳ ଉଦ୍ୟୋଗୀ ପାଲଟିଥିବା ଦେବାଶିଷଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଲୋଚନା...**


ଦେବାଶିଷ ପଟ୍ଟନାୟକ

**ପ୍ର- ଫର୍ନିଚର ମାନୁଫାକ୍ଚରିଂ ଉଦ୍ୟୋଗର ପ୍ରାରମ୍ଭିକ ଯାତ୍ରା କିପରି ଥିଲା?**

ଉ- ୧୯୯୮ରେ ଏକ ଛୋଟ ଉଦ୍ୟୋଗ ଭାବେ ମଡ୍ୟୁଲାର କିଚେନରୁ ମୋର ବ୍ୟବସାୟିକ ଯାତ୍ରା ଆରମ୍ଭ କରିଥିଲି। ମୋର ଟେକ୍ନିକାଲ ବ୍ୟାକ୍‌ଗ୍ରାଉଣ୍ଡ ଓ ନୂଆ ନୂଆ ଡିଜାଇନ୍ ପ୍ରତି




ରହିଥିବା ଅହେତୁକ ଦୁର୍ବଳତା ହିଁ ମୋତେ ସ୍ୱତନ୍ତ୍ର ଡିଜାଇନ୍‌ର ଫର୍ନିଚର ମାନୁଫାକ୍ଚରିଂରେ ଭବିଷ୍ୟତ ଗଢ଼ିବାକୁ ପ୍ରେରିତ କରିଥିଲା।

**ପ୍ର- ଓଡ଼ିଶାରେ ଫର୍ନିଚର ମାନୁଫାକ୍ଚରିଂ ଶିଳ୍ପର କିପରି ଚାହିଦା ରହିଛି?**

ଉ- ସ୍ଥାନୀୟ ବଜାରରେ ଏହାର ଯଥେଷ୍ଟ ଚାହିଦା ଓ ଅଭିବୃଦ୍ଧି ନିକଟରୁ ଦେଖିଛି। ଉତ୍ତମ ମାନର ସ୍ୱତନ୍ତ୍ର ଡିଜାଇନ୍‌ଯୁକ୍ତ ଏବଂ ମଡ୍ୟୁଲାର ସଲ୍ୟୁଶନ ସହିତ ଏହି ଶିଳ୍ପ ଲୋକପ୍ରିୟ ହେଉଛି। ଘରୋଇ ହେଉ କି ବ୍ୟବସାୟିକ, ଲୋକମାନେ କମ୍ ସ୍ଥାନରେ କିପରି ସୁସଜ୍ଜିତ ଆସବାବପତ୍ର ବ୍ୟବହାର କରିପାରିବେ, ସେ ଦିଗରେ ସଚେତନ ହେଉଛନ୍ତି। ମଧ୍ୟବିତ୍ତବର୍ଗଙ୍କ କ୍ଷେତ୍ରରେ ଏପରି ଫର୍ନିଚର ଚାହିଦା ଅଧିକ ରହୁଛି। ରାଜ୍ୟର ଭିତ୍ତିଭୂମି ବିକାଶ, ସହରୀକରଣ ଏବଂ ବଢ଼ୁଥିବା ରିଏଲ ଇଷ୍ଟେଟ କ୍ଷେତ୍ର ଫର୍ନିଚର ଚାହିଦା ବୃଦ୍ଧିରେ ସହାୟକ ହୋଇଛି। କେବଳ ପାରମ୍ପରିକ କାଠ କାର୍ଯ୍ୟରେ ନୁହେଁ, ବରଂ ଅଧିକ ସ୍ଥାୟୀ ଏବଂ ଅଭିନବ ସାମଗ୍ରୀ ପ୍ରସ୍ତୁତ ଫର୍ନିଚର ପ୍ରତି ଲୋକଙ୍କ ଆଗ୍ରହ ରହୁଛି। ଓଡ଼ିଶା ବଜାର ସମ୍ଭାବନାରେ ପରିପୂର୍ଣ୍ଣ ଏବଂ ଉଚ୍ଚ-ଗୁଣାତ୍ମକ, ସ୍ଥାୟୀ ଏବଂ ଷ୍ଟାଇଲିଶ ଆସବାବପତ୍ରର ଚାହିଦା ବଢ଼ିବାରେ ଲାଗିଛି। ଏହି ପରିବର୍ତ୍ତନଶୀଳ ଯାତ୍ରାର ଏକ ଅଂଶ ହୋଇ ଆମେ ଉତ୍ସାହିତ।

**ପ୍ର- ଦରବୃଦ୍ଧି ଆପଣଙ୍କ ବ୍ୟବସାୟ ଉପରେ କିଛି ପ୍ରଭାବ ପକାଇଥାଏ ?**

ଉ- ଅନ୍ୟ ବ୍ୟବସାୟ ଭଳି ଫର୍ନିଚର ଇଣ୍ଡଷ୍ଟ୍ରିରେ ମଧ୍ୟ ବ୍ୟବହାର ହେଉଥିବା କଞ୍ଚାମାଲ ଦରଦାମ ଉପରତଳ ହୋଇଥାଏ। କାଠ, ହାର୍ଡୱେର ଓ ଅନ୍ୟାନ୍ୟ ସାମଗ୍ରୀର ଦର ବଢ଼ିଥାଏ। ଫଳରେ ନିର୍ଦ୍ଧାରିତ ଦରରେ ଫର୍ନିଚର ଗୁଣବତ୍ତା ବଜାୟ ରଖିବା ଉତ୍ପାଦକଙ୍କ ପାଇଁ କଷ୍ଟସାଧ୍ୟ ହୋଇଥାଏ। ତେଣୁ କେତେକ ସମୟରେ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବିକଳ୍ପ କଞ୍ଚାମାଲ ବାଛିବାକୁ ପଡ଼େ, କଞ୍ଚାମାଲ ନଷ୍ଟ ଯେପରି ନ ହୁଏ, ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼େ। ତେଣୁ କଞ୍ଚାମାଲ ଦରବୃଦ୍ଧି ସମ୍ପର୍କରେ ଗ୍ରାହକଙ୍କୁ ଅବଗତ କରାଇବା ମଧ୍ୟ ଜରୁରୀ। ସେମାନଙ୍କ ସହ ନିୟମିତ ଯୋଗାଯୋଗରେ ରହିବାକୁ ହୁଏ।

**ପ୍ର- ଫର୍ନିଚର ଶିଳ୍ପରେ ସଫଳତାର ସୂତ୍ର କ'ଣ?**

ଉ- ସଫଳତାର ପ୍ରଥମ ସୂତ୍ର ହେଉଛି ଉତ୍ପାଦରେ ଉତ୍ତମ ଗୁଣବତ୍ତାକୁ ଗୁରୁତ୍ୱ। କମ୍ ସ୍ଥାନରେ ଅଧିକ ଆକର୍ଷଣୀୟ ତଥା ଅତ୍ୟାଧୁନିକ ଫର୍ନିଚର ସହ ଉତ୍ତମ ସେବା ଯୋଗାଇବା ଦ୍ୱାରା ଗ୍ରାହକ ଆକୃଷ୍ଟ ହେଉଛନ୍ତି। ବର୍ତ୍ତମାନ ମଡ୍ୟୁଲାର କିଚେନ୍‌ର ସର୍ବାଧିକ ଚାହିଦା ରହିଛି। ଗ୍ରାହକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଉତ୍ପାଦ ପ୍ରସ୍ତୁତ କରିବା ଏବଂ ନିର୍ଦ୍ଧାରିତ ସମୟରେ ଏହାକୁ ହସ୍ତାନ୍ତର କରିବା ଦ୍ୱାରା ବ୍ୟବସାୟ ଆଗକୁ ବଢ଼ିଚାଲିଛି।

**ପ୍ର- ଯୁବ ଉଦ୍ୟୋଗୀଙ୍କୁ କ'ଣ ପରାମର୍ଶ ଦେବେ?**

ଉ- ମୋର ବ୍ୟବସାୟିକ ଯାତ୍ରାରେ ବହୁତ କିଛି ଶିଖିବାକୁ ପାଇଛି, ଅନେକ ଆହ୍ୱାନର ମୁକାବିଲା କରିଛି ଏବଂ ଅନେକ ସମ୍ମାନ ମଧ୍ୟ ପାଇଛି। ୧୯୯୮ରେ ଏକ ଛୋଟ ବ୍ୟବସାୟ କ୍ଷେତ୍ରରୁ ଯାତ୍ରା ଆରମ୍ଭକରି ଆଜି ଏଠାରେ ପହଞ୍ଚିଛି। ତେଣୁ ଯୁବ ଉଦ୍ୟୋଗୀ ବିଶେଷକରି ଫର୍ନିଚର ମାନୁଫାକ୍ଚରିଂ କ୍ଷେତ୍ରରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିବା ବ୍ୟକ୍ତିବିଶେଷଙ୍କୁ କହିବାକୁ ଚାହିଁବି, ଏହା କେବଳ ନିଷ୍ଠାପର ମନୋଭାବ, କଠିନ ପରିଶ୍ରମ, ନୂଆ ନୂଆ ଉଦ୍ଭାବନ ଦ୍ୱାରା ସଫଳତା ସମ୍ଭବ। ତୃଣମୂଳସ୍ତରରୁ ଶିଖିବା ସହ ନୂଆ ଜ୍ଞାନକୌଶଳ ପ୍ରୟୋଗକରି କିଛି ନୂଆ କରିବାକୁ ଚେଷ୍ଟା କରନ୍ତୁ। ଭୁଲ୍‌ରୁ ଶିଖନ୍ତୁ ଓ ନିଜକୁ ମାର୍ଜିତ କରନ୍ତୁ।

-ସାକ୍ଷାତ୍‌କାର: **ଅନୁରାଧା ମହାରଣା,** ଭୁବନେଶ୍ୱର

# ରାଇଜ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୨୨।୩

ନିଭା ବୁପା ହେଲ୍‌ଥ ଇନ୍ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍‌ର ଏକ ନୂତନ ସ୍ୱାସ୍ଥ୍ୟ ବୀମା ଯୋଜନା 'ରାଇଜ୍'ର ଶୁଭାରମ୍ଭ ହୋଇଯାଇଛି। ଏପରିକି ଭାରତର 'ମିସିଂ ମିଡିଲ' ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଅଧିକ ପହଞ୍ଚଯୋଗ୍ୟ କରିବା ପାଇଁ ଡିଜାଇନ କରାଯାଇଥିବା ଏହି ସ୍ୱାସ୍ଥ୍ୟ ବୀମା ଯୋଜନାକୁ ନିକଟରେ ଉନ୍ମୋଚନ କରାଯାଇଛି। ଏ ସମ୍ପର୍କରେ ନିଭା ବୁପା ହେଲ୍‌ଥ ଇନ୍ସ୍ୟୁରାନ୍ସର ଅଣ୍ଡରରାଇଟିଂ, ପ୍ରଡକ୍ଟସ ଆଣ୍ଡ କ୍ଲେମ୍‌ସ ବିଭାଗର ନିର୍ଦ୍ଦେଶକ ଡ. ଭାବତୋଷ ମିଶ୍ର କହିଛନ୍ତି, ଆମେ ଆମର ନୂତନ ଯୋଜନାକୁ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଗ୍ରାହକଙ୍କ ବିକଶିତ ଆବଶ୍ୟକତା ପୂରଣ କରୁଥିବା ଅଭିନବ ସମାଧାନ ପ୍ରଦାନ କରିବା ପାଇଁ ଆମେ ପ୍ରତିବଦ୍ଧ ରହିଛୁ। ରାଇଜ୍ କେବଳ ଭାରତର ମିସିଂ ମିଡିଲ ପାଇଁ ବୀମା ଅନ୍ତରକୁ ଦୂରକରିବା କ୍ଷେତ୍ରରେ ଏକ ପଦକ୍ଷେପ ନୁହେଁ ବରଂ ଏହା ଆଇଆର୍‌ଡିଏଆଇର ୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା ଲକ୍ଷ୍ୟ ସହ ଜଡ଼ିତ ରହିଛି ।

# ରିଲାଏନ୍ସ ଟ୍ରେଣ୍ଡସ୍‌ର ନୂତନ ଅଭିଯାନ




ମୁମ୍ବାଇ,୨୨।୩

ରିଲାଏନ୍ସ ଗ୍ରୁପ୍‌ର ଗାର୍ମେଣ୍ଟସ ବ୍ରାଣ୍ଡ ରିଲାଏନ୍ସ ଟ୍ରେଣ୍ଡସ୍‌ର ନୂତନ ଅଭିଯାନ 'ନୂଆ ସମୟ, ନୂଆ ଟ୍ରେଣ୍ଡସ୍' ସାଙ୍ଗକୁ ବ୍ରାଣ୍ଡ ପକ୍ଷରୁ 'ସମର ଅକେଜନ ୱେର କଲେକ୍ସନ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଆସନ୍ତା ଗ୍ରୀଷ୍ମଛୁଟିରେ ଫ୍ୟାଶନର ଆବଶ୍ୟକତାକୁ ଧ୍ୟାନରେ ରଖି ବ୍ରାଣ୍ଡ ପକ୍ଷରୁ ସୁପରଷ୍ଟାର ମହେଶ ବାବୁ ଏବଂ ତାଙ୍କ ଝିଅ ସୀତାରାଙ୍କ ସହ ଏହି ନୂତନ ସମ୍ଭାରର ଶୁଭାରମ୍ଭ କରାଯାଇଛି । ଏଥିରେ ଉଭୟ ତାରକା ଆକର୍ଷଣୀୟ କାଜୁଆଲ ପୋଷାକଠାରୁ ଆରମ୍ଭକରି ୱେଷ୍ଟର୍ନ ଏବଂ ପାର୍ଟି ଏଥ୍‌ନିକ୍ ପୋଷାକ ପିନ୍ଧିଥିବା ଦେଖାଯାଇଛି। ରିଲାଏନ୍ସ ଟ୍ରେଣ୍ଡସ୍‌ର ନୂତନ ସମ୍ଭାର ଗ୍ରାହକମାନଙ୍କୁ ଏପରି ଏକ ଦୁନିଆକୁ ନେଇଯିବ, ଯେଉଁଠାରେ ପରମ୍ପରା ଏବଂ ଆଧୁନିକତା ଏକାଠି ଚାଲିଥାଏ। ଏହି ସମ୍ଭାରରେ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ସହ ଟ୍ରେଣ୍ଡି ଡିଜାଇନ ଏବଂ ଫ୍ୟାଶନର ଅପୂର୍ବ ଝଲକ ପ୍ରତିଫଳିତ ହୋଇଛି, ଯଦିଓ ଏହି ନୂତନ ସମ୍ଭାର ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ଡିଜାଇନ କରାଯାଇଛି।

ରିଲାଏନ୍ସ ଟ୍ରେଣ୍ଡସ୍‌ରେ ବର୍ଷ ସାରା ଏବଂ ପ୍ରତ୍ୟେକ ଅବସର ଓ ଋତୁ ପାଇଁ ବିଶାଳ ସମ୍ଭାର ଉପଲବ୍ଧ ହୋଇଥାଏ। ଏପରିକି ଉତ୍ସବକାଳୀନ ପୋଷାକ ହେଉ, କାଜୁଆଲ ପୋଷାକ ହେଉ କିମ୍ବା ଟ୍ରେଣ୍ଡି ପୋଷାକ ରିଲାଏନ୍ସ ଟ୍ରେଣ୍ଡସ୍‌ରେ ସମସ୍ତଙ୍କ ପାଇଁ କିଛି ନା କିଛି ନିଶ୍ଚୟ ରହିଛି। ବ୍ରାଣ୍ଡ ପକ୍ଷରୁ କୁହାଯାଇଛି 'ଏହି ସିଜନରେ ରିଲାଏନ୍ସ ଟ୍ରେଣ୍ଡସ୍ ଏହାର ସବୁଠାରୁ ନୂତନତମ କଲେକ୍ସନ ପ୍ରସ୍ତୁତ କରିଛି।

# ସଞ୍ଜୀବ ଏଚ୍‌ସିଏଲ୍‌ର ନୂଆ ଅଧ୍ୟକ୍ଷ


ସଞ୍ଜୀବ କୁମାର ସିଂ

ନୂଆଦିଲ୍ଲୀ,୨୨।୩

ହିନ୍ଦୁସ୍ଥାନ କପର ଲିମିଟେଡ୍ (ଏଚ୍‌ସିଏଲ୍)ର ନୂଆ ଅଧ୍ୟକ୍ଷ ତଥା ଏମ୍‌ଡି ଭାବେ ସଞ୍ଜୀବ କୁମାର ସିଂ ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏ ନେଇ ଖଣି ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ୨୦୨୫ ମାର୍ଚ୍ଚ ୨୧ରେ କାର୍ଯ୍ୟକାରୀ ହୋଇଛି। ତାଙ୍କର ଏହି ନିଯୁକ୍ତି ୨୦୨୬ ଜୁନ୍ ୩୦ ପର୍ଯ୍ୟନ୍ତ ବଳବତ୍ତର ରହିବ। ସିଂ ୨୦୨୨ ମାର୍ଚ୍ଚଠାରୁ ଏଚ୍‌ସିଏଲ୍‌ର ନିର୍ଦ୍ଦେଶକ (ଖଣି) ଭାବେ କାର୍ଯ୍ୟ କରିଆସୁଥିଲେ। ଏପରିକି ଖଣି ଯୋଜନା, ଡିଜାଇନ, ବୈଧାନିକ ମଞ୍ଜୁରୀ ଏବଂ ପ୍ରକଳ୍ପଗୁଡ଼ିକର ଆର୍ଥିକ ମୂଲ୍ୟାଙ୍କନ କ୍ଷେତ୍ରରେ ତାଙ୍କର ୩୮ବର୍ଷରୁ ଊର୍ଦ୍ଧ୍ୱ ସମୟର ଅଭିଜ୍ଞତା ରହିଛି। ୧୯୮୭ ରେ ସିଂ କେନ୍ଦ୍ରୀୟ ଖଣି ଯୋଜନା ଏବଂ ଡିଜାଇନ ପ୍ରତିଷ୍ଠାନରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୮ରେ ସେ ଏନ୍‌ଟିପିସି ଲିମିଟେଡ୍‌ରେ ଖଣି ଯୋଜନା ଏବଂ ଡିଜାଇନ ମୁଖ୍ୟ ଭାବେ ଯୋଗଦେଇଥିଲେ। ଖଣି କ୍ଷେତ୍ରରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି।

# ଗଣେଶ ସିଲ୍କରେ ଆକର୍ଷଣୀୟ କଲେକ୍ସନ

ଭୁବନେଶ୍ୱର,୨୨।୩ (ଅଭୟ ଦାଶ)



ପ୍ରତିବର୍ଷ ଭଳି ଚଳିତ ବର୍ଷର ଜାତୀୟ ସ୍ତରୀୟ ହସ୍ତତନ୍ତ୍ର ମେଳାରେ ତାମିଲନାଡୁର ପ୍ରମୁଖ ଗାର୍ମେଣ୍ଟସ ବ୍ରାଣ୍ଡ ଗଣେଶ ସିଲ୍କ ସାମିଲ ହୋଇଛି। ଏପରିକି ମେଳାର ପ୍ରଥମ ଗ୍ୟାଲେରିର ୧୧ନଂ. ଷ୍ଟଲ୍‌ରେ ଗଣେଶ ସିଲ୍କର ଏକ୍ସକ୍ଲୁସିଭ ଷ୍ଟଲ୍ ଖୋଲାଯାଇଛି। ଏହି ଷ୍ଟଲ୍ ଜରିଆରେ ବ୍ରାଣ୍ଡ ବିଭିନ୍ନ ବର୍ଗର ପ୍ରିମିୟମ ଶାଢ଼ି ବିକ୍ରି କରୁଛି। ଏପରିକି ୨୦୦୦ ଟଙ୍କାରୁ ପ୍ରାୟ ୩ଲକ୍ଷ ଟଙ୍କା ମୂଲ୍ୟର ହସ୍ତତନ୍ତ୍ର ଏବଂ ସିଲ୍କ ବ୍ରାଣ୍ଡର ଶାଢ଼ି ଉପଲବ୍ଧ। ସେହିଭଳି ଗଣେଶ ସିଲ୍କରେ ମହୀଶୂର, କାଞ୍ଚିଭରମ, ପଞ୍ଚମପଲ୍ଲୀ, ଉପାଡା, ଇକତ, ଧରମପୁର ଭଳି ପ୍ରିମିୟମ ବର୍ଗର ଆକର୍ଷଣୀୟ କଲେକ୍ସନ ଆଦି ରହିଛି। ଏପରିକି ବିବାହ ଓ ଶୁଭକାର୍ଯ୍ୟ ପାଇଁ ସର୍ବନିମ୍ନ ଓଜନର ଆକର୍ଷଣୀୟ ଓ ଡିଜାଇନ ଶାଢ଼ି ଉପରୋକ୍ତ ବର୍ଗର ଶାଢ଼ିଗୁଡିକୁ ଉଭୟ ବିକ୍ରି ଓ ପ୍ରଦର୍ଶନୀ କରାଯାଉଛି।

ସେହିପରି ଏଠାରେ ସମସ୍ତ ବର୍ଗର ସିଲ୍କ ଶାଢ଼ି ଏବଂ ହସ୍ତତନ୍ତ୍ର ଶାଢ଼ି ସହି ସ୍ୱତନ୍ତ୍ର ଭାବେ ଡିଜାଇନିଂ କରାଯାଇଥିଲା ବିବାହ ସଂଗ୍ରହ (ୱେଡିଂ କଲେକ୍ସନ)ର ବ୍ୟାପକ ସମ୍ଭାର ଉପଲବ୍ଧ ରହିଛି।

# ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସେନ୍‌ସୋଡାଇନ୍

**ନୂଆଦିଲ୍ଲୀ,୨୨।୩:** ହାଲିଅନ୍‌ର ଅଗ୍ରଣୀ ଓରାଲ କେୟାର ବ୍ରାଣ୍ଡ ସେନ୍‌ସୋଡାଇନ୍ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସାମିଲ ହୋଇଛି। ଏପରିକି ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ଅନ୍‌ଲାଇନ ଡେଣ୍ଟାଲ ସ୍କ୍ରିନିଂ ଟେଷ୍ଟ ସଫଳତାର ସହ ସମ୍ପୂର୍ଣ୍ଣ କରିବା ପାଇଁ ବ୍ରାଣ୍ଡ ଏକ ଗିନିଜ୍ ୱାର୍ଲ୍ଡ ରେକର୍ଡ ସ୍ଥାପନ କରିଛି। ୨୦୨୫ ମହାକୁମ୍ଭରେ ଆୟୋଜିତ ଏହି ରେକର୍ଡ-ବ୍ରେକିଂ ପଦକ୍ଷେପରେ ୨୭,୦୦୦ରୁ ଅଧିକ ଲୋକ ନିଜର ଦାନ୍ତ ଓ ମାଢ଼ି ଯାଞ୍ଚ କରାଇଥିଲେ, ଯାହା ସକ୍ରିୟ ମୁଖ ତଥା ପାଟି ଯତ୍ନର ମହତ୍ତ୍ୱ ସମ୍ପର୍କରେ ଭାରତୀୟମାନଙ୍କୁ ସଚେତନ କରିବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଚିହ୍ନିତ କରୁଛି। ଏ ସମ୍ପର୍କରେ ହାଲିଅନ୍ ଇଣ୍ଡିଆ ସବ୍‌କଣ୍ଟିନେଣ୍ଟର ଓରାଲ ହେଲ୍‌ଥ ବିଭାଗର କାଟାଗୋରି ଲିଡ୍ କିସ୍‌ଲେ ସେଠ୍ କହିଛନ୍ତି, ସେନ୍‌ସୋଡାଇନ୍‌ରେ ଆମର ଲକ୍ଷ୍ୟ ହେଉଛି ଲୋକମାନଙ୍କୁ ସେମାନଙ୍କର ମୁଖ ସ୍ୱାସ୍ଥ୍ୟ ଦିଗରେ ପ୍ରଥମ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରୋତ୍ସାହିତ କରିବା। ମହାକୁମ୍ଭ ୨୦୨୫ରେ ଏକ ଗିନିଜ୍ ୱାର୍ଲ୍ଡ ରେକର୍ଡ ସ୍ଥାପନ କରିବା କେବଳ ଏକ ସଂଖ୍ୟା ସହ ଜଡ଼ିତ ନୁହେଁ-ବରଂ ଅନେକ ହଜାର ଲୋକଙ୍କ ନିକଟରେ ପହଞ୍ଚି ସଚେତନତା ସୃଷ୍ଟିକରି ଓ ପ୍ରତିଦିନ ଉତ୍ତମ ମୁଖ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତକରି ଆମେ ସୃଷ୍ଟିକରିବାକୁ ଚାହୁଁଥିବା ପ୍ରଭାବ ସହ ମଧ୍ୟ ଜଡ଼ିତ ରହିଛୁ। ଏପରିକି ଆମେ ବିଶ୍ୱ ମୁଖ ସ୍ୱାସ୍ଥ୍ୟ ମାସରେ ସଚେତନତା ସୃଷ୍ଟିକରି ଏବଂ ମାଗଣା ଡିଜିଟାଲ ଡେଣ୍ଟାଲ ଚେକ୍ ଅପ୍ ପ୍ରଦାନକରି ଏହି ଅଭିଯାନକୁ ଆଗକୁ ବଢ଼ାଉଛୁ।

## ଅନ୍ୟାନ୍ୟ ଖବର

# ରାଜ୍ୟରେ ଦିନକୁ ୩ ବାଲ୍ୟବିବାହ

**ରାଜ୍ୟରେ ଦିନକୁ ୩ ବାଲ୍ୟବିବାହ**

## ନବରଙ୍ଗପୁର ଆଗରେ, ଦ୍ୱିତୀୟରେ ଗଞ୍ଜାମ

ଭୁବନେଶ୍ୱର,୨୨।୩ (ପି.ଟି.)

ଓଡ଼ିଶାରେ ବାଲ୍ୟବିବାହ ସ୍ଥିତି ଚିନ୍ତାଜନକ ରହିଛି। ଏହାକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ତାହା ପ୍ରଭାବୀ ହୋଇପାରୁନାହିଁ। ଗତ ୬ ବର୍ଷ ମଧ୍ୟରେ ରାଜ୍ୟରେ ଦୈନିକ ୩ଟି ବାଲ୍ୟବିବାହ ଘଟୁଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ୨୦୧୯ରୁ ୨୦୨୫ ଫେବୃଆରୀ ମଧ୍ୟରେ ସାରା ରାଜ୍ୟରେ ମୋଟ ୮,୧୫୯ ବାଲ୍ୟବିବାହ ଘଟଣା ଘଟିଛି। ସେଥିମଧ୍ୟରୁ ୧,୩୪୭ ଘଟଣା କେବଳ ନବରଙ୍ଗପୁର ଜିଲାରେ ଘଟିଛି, ଯାହାକି ରାଜ୍ୟରେ ସର୍ବାଧିକ। ଏହାପଛକୁ ଗଞ୍ଜାମ ଜିଲା ରହିଛି। ଏଠାରେ ସେହି ସମୟ ମଧ୍ୟରେ ୯୬୬ ବାଲ୍ୟବିବାହ ହୋଇଛି। ସେହିପରି କୋରାପୁଟରେ ୬୩୬, ମୟୂରଭଞ୍ଜରେ ୫୯୪, ରାୟଗଡ଼ାରେ ୪୦୮, ବାଲେଶ୍ୱରରେ ୩୬୧, କେନ୍ଦୁଝରରେ ୩୨୮, କନ୍ଧମାଳରେ ୩୦୮ ଏବଂ ନୟାଗଡ଼ରେ ୩୦୮ ବାଲ୍ୟବିବାହ ସମ୍ପନ୍ନ ହୋଇଛି। ଏହି ତାଲିକାର ସବୁଠୁ ତଳେ ରହିଛି ଝାରସୁଗୁଡ଼ା ଜିଲା, ଯେଉଁଠି ୬ବର୍ଷରେ ଏଭଳି ୫୭ ଘଟଣା ଘଟିଥିବା ସରକାରୀ ତଥ୍ୟ ଦର୍ଶାଇଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ନମ୍ରତା ଚଢ଼ା କହିଛନ୍ତି ଯେ, ବାଲ୍ୟବିବାହ ରାତାରାତି ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇପାରିବ ନାହିଁ। ଆମକୁ ଏଭଳି ପରିବେଶ ତଥା କନ୍ୟାସନ୍ତାନ ଓ ସେମାନଙ୍କ ଅଭିଭାବକଙ୍କ ପାଇଁ ସୋସାଇଟି ଗଠନ କରିବାକୁ ପଡ଼ିବ, ଯାହା ସେମାନଙ୍କୁ ଏଭଳି ପଦକ୍ଷେପ ନେବାକୁ ଦେବ ନାହିଁ। ଆଦିବାସୀ ବିଶେଷକରି ଶିକ୍ଷା, ସାମାଜିକ ଏବଂ ଆର୍ଥିକ ଦୃଷ୍ଟିକୋଣରୁ ଦୁର୍ବଳ ଥିବା ପିଭିଟିଜି ବର୍ଗ ଆଦିବାସୀଙ୍କ କ୍ଷେତ୍ରରେ ଅପ୍ରାପ୍ତ ବୟସ୍କ ପିଲାଙ୍କ ବିବାହ ଏକ ପ୍ରଥା ଭାବେ ରହିଆସିଛି। ସେହିପରି ସାଧାରଣତଃ ଜୀବିକା ପାଇଁ ଅନ୍ୟ ସ୍ଥାନକୁ ପଳାୟନ କରୁଥିବା ଅଭିଭାବକମାନେ ସେମାନଙ୍କ କନ୍ୟାସନ୍ତାନଙ୍କୁ ବୈଧ ବୟସ ପୂର୍ବରୁ ବିବାହ କରାଇ ଦେଉଛନ୍ତି। କାରଣ ସେମାନେ ଆଶା କରୁଛନ୍ତି ଯେ, ଏହାଦ୍ୱାରା ସେମାନଙ୍କ କନ୍ୟାସନ୍ତାନଙ୍କ ଭବିଷ୍ୟତ ସୁରକ୍ଷିତ ରହିବ। ଏହାସହ ଝିଅମାନେ ବିବାହ ପୂର୍ବରୁ ଅନ୍ୟ କାହାସହିତ ପଳାଇ ଯାଇ ପରିବାର ପାଇଁ ନିନ୍ଦା ଆଣିବାର ଭୟ ଆଉ ରହିବ ନାହିଁ ବୋଲି ପ୍ରବାସୀ ଅଭିଭାବକମାନେ ଭାବୁଥିବା ସାମାଜିକ କର୍ମୀ ଚଢ଼ା କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ସରକାର ବାଲ୍ୟବିବାହ ରୋକିବା ପାଇଁ ପ୍ରତି ତିନିମାସରେ ପଞ୍ଚାୟତ, ବ୍ଲକ ଓ ଅଙ୍ଗନୱାଡି ସ୍ତରରେ ବ୍ୟାପକ ସଚେତନତା ଅଭିଯାନ ଆୟୋଜନ କରୁଛନ୍ତି ବୋଲି ଜଣେ ସରକାରୀ ଅଧିକାରୀ କହିଛନ୍ତି। ସରକାରୀ ବ୍ୟବସ୍ଥା ଅନୁଯାୟୀ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଆବାସିକ ହଷ୍ଟେଲଗୁଡ଼ିକର ୱାର୍ଡେନ୍/ମାଟ୍ରୋନମାନେ ଚିଫ୍ ମ୍ୟାରେଜ୍ ପ୍ରୋହିବିଶନ ଅଫିସର ଭାବେ କାର୍ଯ୍ୟ ତୁଲାଉଛନ୍ତି। ସେହିପରି ସ୍କୁଲ ଓ କଲେଜଗୁଡ଼ିକର ମୁଖ୍ୟମାନଙ୍କୁ ଚିଫ୍ ମ୍ୟାରେଜ୍ ଇନ୍‌ଫରମେଶନ ଅଫିସର ଭାବେ ନିଯୁକ୍ତ କରାଯାଇଛି। ବାଲ୍ୟବିବାହ ନିରୋଧ ଆଇନ ଅନୁଯାୟୀ ଗଠିତ ରାଜ୍ୟସ୍ତରୀୟ କମିଟିର ବୈଠକ ପ୍ରତି ୬ ମାସରେ ଥରେ ଅନୁଷ୍ଠିତ ହୋଇଥାଏ ବୋଲି ଅଧିକାରୀ ଜଣକ କହିଛନ୍ତି।

# ରାସ୍ତାପାର୍ଶ୍ୱକୁ ଓଲଟିଲା ବସ୍, ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ



ବାଲୁଗାଁ,୨୨।୩(ସଂଗ୍ରାମ ପାଇକରାୟ)

୧୬ ନମ୍ବର ଜାତୀୟ ରାଜପଥର ବାଲୁଗାଁ ବାଇପାସ୍ ରାସ୍ତା ବ୍ରାହ୍ମଣକୁଶ ଛକଠାରେ ଶନିବାର ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ବିଲକୁ ଓଲଟିପଡ଼ିଛି। ଫଳରେ ବସ୍‌ରେ ଥିବା ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ମୁତାବକ, ସିଲ୍କ ସିଟି ନାମକ ଏକ ବସ୍(ଓଡି ୧୫ଇ ୬୪୫୬) କଟକରୁ ପ୍ରାୟ ୨୫ଜଣ ଯାତ୍ରୀଙ୍କୁ ନେଇ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଅପରାହ୍ଣ ୪ଟାରେ ବାଲୁଗାଁ ବାଇପାସ୍ ରାସ୍ତାର ବ୍ରାହ୍ମଣକୁଶ ଛକଠାରେ କୌଣସି କାରଣରୁ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ବିଲକୁ ଓଲଟି ପଡ଼ିଥିଲା। ଖବରପାଇ ବାଲୁଗାଁ ଥାନାର କାର୍ଯ୍ୟରତ ହାଇୱେ ପାଟ୍ରୋଲିଂ ଗାଡ଼ି ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍‌ରୁ ୨୦ରୁ ଊର୍ଦ୍ଧ୍ୱ ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଯାତ୍ରୀମାନେ ସାମାନ୍ୟ ଆହତ ହୋଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ଅନ୍ୟ ଏକ ବସ୍‌ରେ ସମସ୍ତଙ୍କୁ ବ୍ରହ୍ମପୁର ପଠାଇ ଦିଆଯାଇଛି। ଦୁର୍ଘଟଣା ପରେ ବସ୍ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବସକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି ।

# ହାତୀର ଗଳିତ ମୃତଦେହ ଜବତ



ବନ୍ତଲା,୨୨।୩(ସୁଶିତ ସାହୁ)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର ପମ୍ପାସର ବନାଞ୍ଚଳ କନ୍ତାରସିଙ୍ଗା ଝରଣା ଭିତରୁ ଏକ ହାତୀର ଗଳିତ ମୃତଦେହ ଶନିବାର ବନ ବିଭାଗ ଉଦ୍ଧାର କରିଛି। ମୃତ ହାତୀର ମୁହଁ ଫାଟିଥିବାରୁ କିଛି ବିସ୍ଫୋରକ ପଦାର୍ଥ ଖାଇବା ଦ୍ୱାରା ଏମିତି ହୋଇଥିବା ସନ୍ଦେହ କରାଯାଉଛି। ହାତୀର ମୃତଦେହ ସମ୍ପର୍କରେ ଗତ ୨୧ ତାରିଖରେ ବନ ବିଭାଗକୁ ସୂଚନା ମିଳିଥିଲା। ମୃତଦେହ ବ୍ୟବଚ୍ଛେଦ କରିଥିବା ସାତକୋଶିଆ ପ୍ରାଣୀ ଚିକିତ୍ସକ ଡା. କିଶୋର ସାହୁ ଓ ବନ୍ତଲା ପ୍ରାଣୀ ଚିକିତ୍ସକ ଡା. ଦେବାଶିଷ ପଣ୍ଡା କହିଛନ୍ତି, ପ୍ରାୟ ୫ ଦିନ ପୂର୍ବରୁ ହାତୀର ମୃତ୍ୟୁ ହୋଇଛି। ପାଣି ଭିତରେ ପଡିଥିବାରୁ ମୃତଦେହ ପଚି ଯାଇଛି। ମୃତ ହାତୀର ବୟସ ୫ ବର୍ଷ ହେବ ଓ ମୁହଁ ହାଡ଼ ଭାଙ୍ଗିଯାଇଛି। ଅନ୍ୟପକ୍ଷରେ ବନବିଭାଗର ନିଷ୍କ୍ରିୟତା କାରଣରୁ ହାତୀଟିର ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀ ସ୍ଥିତି ପରଖୁ ନ ଥିବାରୁ ଶିକାରୀମାନଙ୍କ ଅବାଧ ଶିକାର ବଢ଼ିଥିବା ଅଭିଯୋଗ ହେଉଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ନୁମାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତର ୱେଷ୍ଟଇଣ୍ଡିଜ, ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ପାଇଁ କାର୍ଯ୍ୟସୂଚୀ

**କୋଲକାତା, ୨୨।୩ (ପି.ଟି.)**

ଭାରତ ୧୨ବର୍ଷ ପରେ ୱେଷ୍ଟଇଣ୍ଡିଜ ବିପକ୍ଷ ଏକ ଦୁଇ ମ୍ୟାଚ ବିଶିଷ୍ଟ କ୍ରିକେଟ ଟେଷ୍ଟ ସିରିଜ ଆୟୋଜନ କରିବାକୁ ଯାଉଥିବା ବେଳେ ନଭେମ୍ବରରେ ଦକ୍ଷିଣ ଆଫ୍ରିକା ଏକ ଅଲ୍ ଫର୍ମାଟ ଟୁର୍‌ରେ ଦେଶକୁ ଆସିବ। ଭାରତ ଅକ୍ଟୋବର ୨ରୁ ମୋହାଲିଠାରେ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ଏବଂ ଅକ୍ଟୋବର ୧୦ରୁ କୋଲକାତାର ଇଡେନଗାର୍ଡେନ୍ସଠାରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଖେଳିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଉପସଭାପତି ରାଜୀବ ଶୁକ୍ଳା ସୂଚନା ଦେଇଛନ୍ତି। ଏହି ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଶେଷ ହେବା ପରେ ଭାରତ ଗସ୍ତରେ ଦକ୍ଷିଣ ଆଫ୍ରିକା ଆସିବ। ଭ୍ରମଣକାରୀ ଦଳ ଦେଶରେ ଦୁଇଟି ଟେଷ୍ଟ, ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ୫ ଅନ୍ତର୍ଜାତୀୟ ଟି୨୦ ଖେଳିବ। ପ୍ରଥମ ଟେଷ୍ଟ ଦିଲ୍ଲୀରେ ଏବଂ ଦ୍ୱିତୀୟ ଟେଷ୍ଟ ଗୁଆହାଟୀରେ ଖେଳାଯିବ ବୋଲି ଶୁକ୍ଳା ପ୍ରକାଶ କରିଛନ୍ତି। ଗୁଆହାଟୀରେ ପ୍ରଥମ ଥର ଟେଷ୍ଟ ମ୍ୟାଚ ଖେଳାଯିବ। ଆସାମର ଏହି ସହର ପୂର୍ବରୁ ଅନେକ ଥର ହ୍ୱାଇଟବଲ୍ ଏବଂ ଗତ ଦୁଇ ସିଜନ ଆଇପିଏଲ୍ ମ୍ୟାଚ ଆୟୋଜନ କରିଛି। ଟେଷ୍ଟ ମ୍ୟାଚ ପରେ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ନଭେମ୍ବର ୩୦ରେ ରାଞ୍ଚିରେ ଏବଂ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ଡିସେମ୍ବର ୩ରେ ରାୟପୁରରେ ଖେଳାଯିବ। ଅନ୍ତିମ ଦିନିକିଆ ଡିସେମ୍ବର ୬ରେ ବିଶାଖାପାଟଣାଠାରେ ଖେଳାଯିବ। ସେହିପରି ପ୍ରଥମ ଅନ୍ତର୍ଜାତୀୟ ଟି୨୦ ଡିସେମ୍ବର ୯ରେ ଖେଳାଯିବାକୁ ଥିବାବେଳେ ଅନ୍ୟ ମ୍ୟାଚ୍‌ଗୁଡ଼ିକ ଡିସେମ୍ବର ୧୧, ୧୪, ୧୭ ଓ ୧୯ରେ ଖେଳାଯିବ।

## ମହିଳା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ କାର୍ଯ୍ୟସୂଚୀ

ଭାରତ ସେପ୍ଟେମ୍ବରରେ ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଆୟୋଜନ କରିବ। ଏଥିପାଇଁ ଦିନ ଧାର୍ଯ୍ୟ ହୋଇନାହିଁ। ତେବେ ବିଶାଖାପାଟଣାରେ ଓପନିଂ ମ୍ୟାଚ ଖେଳାଯିବାକୁ ଥିବାବେଳେ ଅନ୍ୟଗୁଡ଼ିକ ଗୁଆହାଟୀ, ମୁଲାନପୁର(ପଞ୍ଜାବ), ଥିରୁଭାନନ୍ତପୁରମ ଓ ଇନ୍ଦୋରରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଫାଇନାଲ ପାଇଁ ଭେନ୍ୟୁ ଧାର୍ଯ୍ୟ ହୋଇ ନ ଥିବା ଶୁକ୍ଳା କହିଛନ୍ତି।

# ହେଭିୱେଟ୍ ଚାମ୍ପିୟନ ଫୋରମ୍ୟାନ୍‌ଙ୍କ ପରଲୋକ

**ଅଷ୍ଟିନ୍ (ୟୁଏସ୍ଏ), ୨୨।୩ (ଏପି)**

ପୂର୍ବତନ ହେଭିୱେଟ୍ ଚାମ୍ପିୟନ ଜର୍ଜ ଫୋରମ୍ୟାନ୍‌ଙ୍କ ୭୬ବର୍ଷ ବୟସରେ ଶୁକ୍ରବାର ପରଲୋକ ଘଟିଛି। ସେ ଜଣେ ସଫଳ ବିଜ୍‌ନେସ୍‌ମ୍ୟାନ ମଧ୍ୟ ଥିଲେ। ଫୋରମ୍ୟାନ୍‌ଙ୍କ ପରିବାର ତାଙ୍କ ମୃତ୍ୟୁ ଖବର ସୋସିଆଲ ମିଡିଆରେ ଘୋଷଣା କରିଥିଲେ। ତେବେ ତାଙ୍କର କିପରି ଓ କେଉଁଠାରେ ମୃତ୍ୟୁ ଘଟିଥିଲା ସେ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। ଟେକ୍ସାନ ବାସିନ୍ଦା ଫୋରମ୍ୟାନ ଜଣେ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଭାବେ ତାଙ୍କ ପ୍ରଫେଶନାଲ ବକ୍ସିଂ କ୍ୟାରିୟର ଆରମ୍ଭ କରିଥିଲେ। ୧୯୭୩ରେ ସେ ଜୋ ଫ୍ରେଜିରଙ୍କୁ ପରାସ୍ତ କରି ହେଭିୱେଟ୍ ଡିଭିଜନର ଶୀର୍ଷରେ ପହଞ୍ଚିଥିଲେ। ମାତ୍ର ଏହାର ବର୍ଷକ ପରେ ଜାଇରେଠାରେ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ମହମ୍ମଦ ଅଲ୍ଲୀଙ୍କଠାରୁ ପରାଜିତ ହୋଇ ସେ ତାଙ୍କ ବେଲ୍ଟ ହରାଇଥିଲେ। ବକ୍ସିଂ ଇତିହାସରେ ଏହା ଏକ ସ୍ମରଣୀୟ ଫାଇଟ୍ ଥିଲା। ଏହି ବାଉଟ୍‌ରେ କିଏ ଜିତିବ ସେ ନେଇ ଖୁବ୍ ବେଟିଂ ହୋଇଥିଲା। ଫୋରମ୍ୟାନ୍ ଏହା ପରେ କିଛି ବର୍ଷ ବକ୍ସିଂ ଛାଡ଼ି ଦେଇଥିଲେ।

# ଓଡ଼ିଶାର ସୁଚିତ୍ରାଙ୍କୁ ଜାଭେଲିନ୍‌ରେ ସ୍ୱର୍ଣ୍ଣ



ସ୍ୱର୍ଣ୍ଣ ପଦକ ସହ ସୁଚିତ୍ରା ପରିଡ଼ା।

**ଭୁବନେଶ୍ୱର, ୨୨।୩ (ବିଜୟ ରଣା)**

ଓଡ଼ିଶା ପାରା-ଆଥଲେଟ୍ ସୁଚିତ୍ରା ପରିଡ଼ା ନୂଆଦିଲ୍ଲୀରେ ଚାଲିଥିବା ସମ୍ମାନଜନକ ଖେଲୋ ଇଣ୍ଡିଆ ପାରା ଗେମ୍ସ ୨୦୨୫ ମହିଳା ଏଫ୍-୫୫ ଜାଭେଲିନ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ପ୍ରଭାବୀ ୧୮.୫୭ ମିଟର ଥ୍ରୋ କରି ତାଙ୍କ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପଛରେ ପକାଇ ଦେଇଥିଲେ। ଏହି ଇଭେଣ୍ଟରେ ଉତ୍ତରାଖଣ୍ଡର ଗାରିମା ଜୋଶି ୧୫.୨୪ ମିଟର ଥ୍ରୋ କରି ରୌପ୍ୟ ଜିତିଥିବା ବେଳେ

**ଖେଲୋ ଇଣ୍ଡିଆ ପାରା ଗେମ୍ସ**

ଉତ୍ତରପ୍ରଦେଶର ସାକ୍ଷୀ କାସାନା (୧୪.୪୧ ମିଟର) ବ୍ରୋଞ୍ଜ ପଦକ ପାଇଥିଲେ। ପୂର୍ବରୁ ଶୁକ୍ରବାର ଓଡ଼ିଶାର ଜୟନ୍ତୀ ବେହେରା ସ୍ୱର୍ଣ୍ଣ ଓ ଜାନକୀ ଓରାମ ରୌପ୍ୟ ପଦକ ହାସଲ କରିଛନ୍ତି। ଜୟନ୍ତୀ ମହିଳା ୧୦୦ ମିଟର ଟି-୪୭ ବର୍ଗରେ ୧୩.୭୧ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ପ୍ରତିଯୋଗିତାରେ ଓଡ଼ିଶାର ଏହା ଥିଲା ପ୍ରଥମ ପଦକ। ସେହିପରି ମହିଳା ୧୦୦ ମିଟର ଟି-୧୨ ବର୍ଗରେ ଜାନକୀ ୧୪.୭୯ ସେକେଣ୍ଡ ସହ ରୌପ୍ୟ ପଦକ ଜିତିଥିଲେ।

# ଜାତୀୟ ଆଂଶିକ ଦୃଷ୍ଟିବାଧିତ ଫୁଟବଲ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୨୨।୩ (ତପନ ସ୍ୱାଇଁ)**

ମଧ୍ୟପ୍ରଦେଶର ଗ୍ୱାଲିଠାରେ ହେବାକୁ ଯାଉଥିବା ପ୍ରଥମ ଜାତୀୟ ଆଂଶିକ ଦୃଷ୍ଟିବାଧିତ ଫୁଟବଲ ଟୁର୍ନାମେଣ୍ଟରେ ଓଡ଼ିଶା ଦଳ ଭାଗନେବ। ବ୍ଲୁଆଇ ଅନୁଷ୍ଠାନ ପକ୍ଷରୁ ମନୋନୀତ ଓଡ଼ିଶା ଦଳ ଏଥିପାଇଁ ଶନିବାର ମଧ୍ୟପ୍ରଦେଶ ଯାତ୍ରା କରିଛି। ଏହି ଟୁର୍ନାମେଣ୍ଟରେ ଓଡ଼ିଶା ସମେତ ମଧ୍ୟପ୍ରଦେଶ, ଦିଲ୍ଲୀ, ଉତ୍ତରାଖଣ୍ଡ, କେରଳ, ପଶ୍ଚିମବଙ୍ଗ, ହରିୟାଣା ଓ ତାମିଲନାଡୁ ଆଦି ଭାରତର ୮ଟି ରାଜ୍ୟ ଦଳ ଭାଗ ନେବେ। ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ରାମଦାସ ମୁର୍ମୁ (ଅଧିନାୟକ), ଶରତ ରଞ୍ଜନ ସିଂ, ବୈଦ୍ୟନାଥ ହାଁସଦା, ବାଲିଆ କିସ୍କୁ, ଗୁରୁଭା ମୁର୍ମୁ, ହିକିମି ମୁର୍ମୁ ଓ ଆକାଶ ପଡ଼ିଆମୀ(ଗୋଲକିପର)। କୋଚ ତ୍ରିଲୋଚନ ବେଉରା ଦଳସହ ଯାତ୍ରା କରିଛନ୍ତି। ସାମାଜିକକର୍ମୀ ସନ୍ତୋଷିନୀ ଜୈନ, ବିଭୂତି ଭୂଷଣ ଶତପଥୀ ଓ ବ୍ଲୁଆଇର କୋଷାଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଦାୟୀ ସମ୍ବର୍ଦ୍ଧନା ଦେଇଛନ୍ତି।



ଜାତୀୟ ଆଂଶିକ ଦୃଷ୍ଟିବାଧିତ ଫୁଟବଲ ଟୁର୍ନାମେଣ୍ଟ ପାଇଁ ଗ୍ୱାଲିୟର ଯାତ୍ରା ପୂର୍ବରୁ ଓଡ଼ିଶା ଦଳ।

# ଉଦିତା-ମନଦୀପଙ୍କ ବିବାହ ସମ୍ପନ୍ନ



ମନଦୀପ ସିଂ ଓ ଉଦିତା ଦୁହାନ।

**ଜଲନ୍ଧର, ୨୨।୩**

ସାତବର୍ଷ ତଳେ ହକି ପଡ଼ିଆରେ ସୃଷ୍ଟି ହୋଇଥିବା ପ୍ରେମ ସମ୍ପର୍କ ଶେଷରେ ବିବାହରେ ରୂପାନ୍ତରିତ ହୋଇଛି। ଭାରତର ଦୁଇ ହକି ଅଲିମ୍ପିଆନ ଉଦିତା ଦୁହାନ ଓ ମନଦୀପ ସିଂ ଜୀବନର ନୂଆ ଇନିଂସ ଆରମ୍ଭ କରିଛନ୍ତି। ଶୁକ୍ରବାର ଜଲନ୍ଧରର ମଡେଲ ଟାଉନସ୍ଥିତ ଗୁରୁଦ୍ୱାରା ସିଂ ସଭାରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି ଉତ୍ସବରେ ଭାରତୀୟ ମହିଳା ଓ ପୁରୁଷ ହକି ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ଉଦିତା ଭାରତୀୟ ମହିଳା ହକି ଦଳରେ ଜଣେ ନିର୍ଭରଯୋଗ୍ୟ ଡିଫେଣ୍ଡର ହୋଇଥିବାବେଳେ ପୁରୁଷ ହକି ଦଳରେ ମନଦୀପ ଜଣେ ଦକ୍ଷ ଫରୱାର୍ଡ। ୨୦୨୦ ଟୋକିଓ ଅଲିମ୍ପିକ୍ସ ଖେଳିଥିବା ଭାରତୀୟ ଦଳରେ ଦୁହେଁ ସାମିଲ ଥିଲେ। ଭାରତୀୟ ପୁରୁଷ ଦଳ ଐତିହାସିକ ବ୍ରୋଞ୍ଜ ପଦକ ଜିତିଥିବାବେଳେ ମହିଳା ଦଳ ଅଳ୍ପକେ ବଞ୍ଚିତ ହୋଇ ୪ର୍ଥ ସ୍ଥାନ ହାସଲ କରିଥିଲା। ମନଦୀପ ଜଲନ୍ଧର ମିଥାପୁର ଗ୍ରାମର ହୋଇଥିବାବେଳେ ଉଦିତା ହରିୟାଣାର ହିସାର ବାସିନ୍ଦା। ୨୦୧୮ରେ ବେଙ୍ଗାଲୁରୁଠାରେ ଏସିଆନ ଗେମ୍ସ ପାଇଁ ପ୍ରାକ୍ଟିସ ଅବସରରେ ଦୁହିଁଙ୍କ ମଧ୍ୟରେ ପ୍ରଥମେ ଦେଖା ହୋଇଥିଲା। ପରେ ଏହା ପ୍ରେମ ସମ୍ପର୍କରେ ପରିଣତ ହୋଇଥିଲା। ସେବେଠାରୁ ଉଭୟ ଭଲ ବନ୍ଧୁଭାବେ ରହି ଆସିଥିଲେ।

ବିବାହ ପୂର୍ବରୁ ଗତ ୧୮ ତାରିଖରେ ଦୁହେଁ ପ୍ରି-ୱେଡିଂ କର୍ମକର୍ମାଣି ସ୍ୱତନ୍ତ୍ର ମୁହୂର୍ତ୍ତର ଫଟୋ ଶେୟାର କରିଥିଲେ। ୨୦୨୪ ମାର୍ଚ୍ଚରେ ୩୦ ବର୍ଷୀୟ ମନଦୀପ ପଞ୍ଜାବ ପୋଲିସରେ ଡିଏସ୍‌ପି ଭାବେ ନିଯୁକ୍ତି ପାଇଥିଲେ। ୨୦୧୩ରେ ଜାତୀୟ ସିନିୟରରେ ଡେବ୍ୟୁ କରିଥିବା ଏହି ଫରୱାର୍ଡ ଖେଳାଳି ଏପର୍ଯ୍ୟନ୍ତ ୨୬୦ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳି ୧୨୦ଟି ଗୋଲ ସ୍କୋର କରି ସାରିଛନ୍ତି। ଅନ୍ୟପକ୍ଷରେ ଉଦିତା ୨୦୧୭ରେ ଜାତୀୟ ସିନିୟର କ୍ୟାରିୟର ଆରମ୍ଭ କରି ୧୪ଟି ଗୋଲ ଦେଇଛନ୍ତି। ଭାରତୀୟ ଅଲିମ୍ପିଆନ ଯୋଡ଼ି ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ-ପାରୁପଲ୍ଲୀ କାଶ୍ୟପ, ଆର୍ଚର ଦୀପିକା କୁମାରୀ-ଅତନୁ ଦାସ ଏବଂ ହକି ଖେଳାଳି ମୋନିକା ମଲିକ-ଆକାଶଦୀପ ସିଂଙ୍କ କ୍ଲବରେ ଏବେ ଉଦିତା-ମନଦୀପ ସାମିଲ ହୋଇଛନ୍ତି। ହକି ଇଣ୍ଡିଆ ପକ୍ଷରୁ ନବ ଦମ୍ପତିଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।


# Classified Everyday

0674-2580101, 9692975378



MATRIMONIAL

BRIDE WANTED

Handsome Brahmin Boy 1987, 5'7" B.Tech Serving Engineer, Hyderabad. "SUNASANSAR". 9937512659. D-75251

Brahmin Boy 1980 5'7" Ph.d. Serving Lecturer. Govt College, "SUNASANSAR". 9937512659. D-76252



AUTOMOBILE

SALE

Tata Magic OD02 AZ 6002 new condition 25800 KMS 1st Owner No finance for sale 9040413717, 9861122959. D-3339



REAL ESTATE

SALE

**Duplex sale with gated society near AIIMS Hospital, Bhubaneswar. 9777433701.** D-76248

Gharabari, Boundary Full plot sale at Bankuala (Tankapani Road). 7008492511. D-3380

ଗଙ୍ଗପଡ଼ା **Gift** କଲେଜ **Backside**ରେ **NH. 16** ରୁ **100 mtr** ଦୂରରେ ଘରବାରି, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ମିଳୁଅଛି- **7978676652, 9439087845.** D-76249

ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft., 5,55,000/-ରେ ପ୍ଲଟ୍ ବିକ୍ରିହେବ। (Outright). 9348232008. D-76250

Contact for complete House Construction (Simplex/ Duplex/ Apartment) and Interior design (Modular Kitchen/ TV Unit/ Wardrobe) by experts. 7008550473. D-3372



CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-3219

GENERAL

SALE

UCALY PATAS PLANT for sale Rs. 300000 against purchase cost Rs. 650000. 7809525452. D-76430

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



All types hair cutting, body massage by smart lady room services available. Contact: 7077240328. D-71396

**Relax, Refresh your body, mind at Saikrupa Spa with best therapies. 7848011468.** D-3288

Full body massage by Odia therapist in homely atmosphere. 9556498382. D-75366

**Full body massage experience, good looking therapist @999 (Bhubaneswar). 9078484455.** D-3280

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

I, MANJUSHREENAYAK (44), D/o- Sudarshan Nayak, Resident of Ghantasunipara, At/ P.O.- Titilagarh, Dist.- Bolangir, PIN- 767033 have changed my name to Manjushree Nayak as per affidavit No.- 661, dated 21.03.2025 sworn before the Executive Magistrate, Berhampur, Ganjam Odisha. D-3386

By virtue of an affidavit in the Court of Executive Magistrate, Bhubaneswar, I, Rabindra Kumar Nayak, F/o- Rithu Purna Nayak, Plot No. 94/ 395/ 396, Basuaghai, P.O.- Bankual, P.S.- Badagada, Dist.- Khorda, PIN - 751002 do hereby declare that I have changed my minor daughter's name from Rithu Purna Nayak to Ritupuna Nayak by this affidavit C.F No. 91, Dt.19.03.2025. Henceforth, she will be known as Ritupuna Nayak for all future purposes.
Rabindra Kumar Nayak
Deponent
D-3391

By virtue of an affidavit No.- 5601, dt- 19.03.2025, before Executive Magistrate, Cuttack, I, Chinmayee Jena, W/o- Dibya Sankar Jena, At- Rajendra Nagar, P.O./ P.S.- Madhupatna, Cuttack-753010, States that I have changed my name from Chinmayee Rout to Chinmayee Jena, Chinmayee Jena and Chinmayee Rout is one and same person. Henceforth, I shall be known as Chinmayee Jena for Bank, Educational Certificate & all purposes. D-3388

By virtue of an affidavit CF No.- 297, dated 18.03.25 sworn before the Executive Magistrate, Bargarh, I, Sanjukta Naik, D/o- Laxman Naik, W/o- Gobardhan Taria, R/o- Kendpali, P.O.- Chakarkend, Dist.- Bargarh declare that after marriage I have changed my surname from Naik to Taria. That the names Sanjukta Naik and Sanjukta Taria is one and same person. D-3390

By virtue of an affidavit sworn before the Notary Public, Bhubaneswar, dated- 25.11.2024, I, Muralidhar Sahoo, Address: At- Plot No- 70, Unit- III, Kharavela Nagar, P.O.- GPO, P.S.- Kharavela Nagar, Bhubaneswar, Dist.- Khordha, Odisha- 751001, declare that I have changed my name from Muralidhara Sahoo to Muralidhar Sahoo. Henceforth, I shall be known as Muralidhar Sahoo for all future purposes.
Muralidhar Sahoo
D-76804

By virtue of an affidavit sworn before Executive Magistrate, Bonth, dated 21.03.2025 I, Bharati Jena (50 yrs), W/o- Bharat Jena, Address: Vill/ P.O.- Ramachandrapur, P.S. – Bonth, Dist.- Bhadrak, PIN- 756114, Odisha declare that I have changed my Son's name from Akash Jena to Bikash Jena. Henceforth, He shall be known as Bikash Jena for all purposes. D-3389

## ସଂକ୍ଷେପରେ

### ସମରା ଓରାମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**ଲହୁଣୀପଡା,୨୨।୩(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ କଲେଇପୋଷ ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଡ଼ିହି ସ୍ଥିତ ସମରା ଓରାମ କମ୍ପ୍ଲେକ୍ସଠାରେ ଶନିବାର ସମରା ଓରାମ ଏଜୁକେସନ ଟ୍ରଷ୍ଟ ଆନୁକୂଲ୍ୟରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ୬୪ତମ ଜନ୍ମ ଦିନରେ ତାଙ୍କ ଅଜା ସ୍ୱର୍ଗତଃ ସମରା ଓରାମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିମୂର୍ତ୍ତି ଅନାବରଣ ସମାବେଶରେ ତଳସରା ବିଧାୟକ ତଥା ଓଡିଶା ବିଧାନ ସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ବଣାଇଁ ରାଜା କୁମାର ପି. ଭ୍ରିଗରାଜ ଦେଓ, ଶିଳ୍ପପତି ପଦ୍ମିନୀ ପାଣିଗ୍ରାହୀ, ଭାଜପା ରାଜ୍ୟ ଉପ ସଭାପତି ସୁକେଶୀ ଓରାମ, ଲହୁଣୀପଡା ମଣ୍ଡଳ ସଭାପତି ପୂର୍ଣ୍ଣ ଚନ୍ଦ୍ର ଓରାମ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଅନାଦି ମାହାନ୍ତ, ଓରାମ ସମାଜ ବୁଢ଼ୀପାଲି ଡ଼ାଳି ପାଢ଼ାର ବେଲ ଧୁନ୍ଦୁରୁ ଓରାମ, ଦେୱାନ ମାଦୀ ଓରାମ, ଓରାମ ସମାଜର ପଦାଧିକାରୀ ବଲୁ ଓରାମ, ଏତୁଆ ଓରାମ, ରାମ ଓରାମ, ଲୁଆର୍ ଓରାମ, ଦମୟନ୍ତୀ ଓରାମ, ପାତ୍ରାସ ଏକ୍କା, ରଞ୍ଜନ ଓରାମ ବୁଦ୍ଧୁରାମ ଓରାମ, ଶାନ୍ତି ଓରାମ ଓ ଓରାମ ସମାଜର ଭଉଣୀ ଭାଇ ତଥା ଭାରତୀୟ ଜନତା ପାର୍ଟିର ନେତୃମଣ୍ଡଳୀ, କାର୍ଯ୍ୟକର୍ତ୍ତା ତଥା କେନ୍ଦ୍ର ମନ୍ତ୍ରୀଙ୍କ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଗୁରୁଚରଣ ଓରାମ ଓ ମନୋଜ ଓରାମଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

### ଆହତ ହରିଣ ଉଦ୍ଧାର



**ଟେନ୍ସା,୨୧।୩(ସମୀର କୁମାର ପାଢ଼ୀ):** ସୁନ୍ଦରଗଡ଼ ଜିଲା କୋଇଡା ଫରେଷ୍ଟ ରେଞ୍ଜ ଅଞ୍ଚଳରୁ ଶନିବାର ଏକ ଆହତ ହରିଣକୁ ଗ୍ରାମବାସୀ ଉଦ୍ଧାର କରି କୋଇଡା ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ସେହିପରି ଗତ ୧୩ ତାରିଖରେ ବନ ବିଭାଗ କାର୍ଯ୍ୟାଳୟ ନିକଟରେ ଏକ ଗୁରୁତର ଆହତ ଅବସ୍ଥାରେ ଏକ ୧୫ ବର୍ଷର ହରିଣକୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ପଶୁ ଡାକ୍ତରଖାନାରେ ଚିକିତ୍ସା କରାଯାଉଥିଲା। କିଛିଦିନ ପରେ ହରିଣର ମୃତ୍ୟୁ ଘଟିଥିଲା।

### ଗଛପଡ଼ି ଗର୍ଭବତୀଙ୍କ ମୃତ୍ୟୁ

**ଭବାନୀପାଟଣା,୨୨।୩(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ଶନିବାର ଅପରାହ୍ନରେ କାଳବୈଶାଖୀ ବର୍ଷା ସହ ପବନ ହୋଇଥିଲା। ପବନ ଯୋଗୁ ଅନେକ ସ୍ଥାନରେ ବଡ ବଡ ଗଛ ଗୁଡିକ ଉପୁଡିଯାଇଥିଲା। ସହରର ଲକ୍ଷ୍ମୀସାଗର ପଡାର କୌଶଲ୍ୟା ବେହେରା(୨୬) ନାମକ ଜଣେ ଗର୍ଭବତୀଙ୍କ ଉପରେ ଗଛ ପଡିଯିବାରୁ ଚାପି ହୋଇ ତାଙ୍କର ମୃତ୍ୟୁ ଘଟିଛି। ବଡ ଅଘଟଣରୁ ତାଙ୍କ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେହିପରି କାଳବୈଶାଖୀ ଯୋଗୁ ଦୀର୍ଘ ସମୟ ଧରି ଅଞ୍ଚଳରେ ବିଦ୍ୟୁତ ସରବରାହ ମଧ୍ୟ ବନ୍ଦ ରହିଥିଲା।

# ୨୫ରୁ ୬ ରେଳ ସାଇଡିଂରୁ ପରିବହନ ବନ୍ଦ

**ଟେନ୍ସା,୨୨।୩(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା କୋଇଡା ଅଞ୍ଚଳରେ ୬ଟି ରେଲୁଏ ସାଇଡିଂ ରହିଛି। ଏହି ସାଇଡିଂରେ ୧୫ ହଜାର ଆଦିବାସୀ ଶ୍ରମିକ ଏବେ ବେରୋଜଗାର ହେବା ଆଶଙ୍କା ନେଇ ଶନିବାର ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା କ୍ଷୋଭ ପ୍ରକାଶ କରିଛନ୍ତି। ଏନେଇ କୋଇଡା ଖଣି ସେକ୍ଟର ରକ୍ସି ସାଇଡ଼ିଂ ସଂଘ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ଆସନ୍ତା ୨୫ରୁ କୋଇଡ଼ା ଖଣି ସେକ୍ଟରରେ ଥିବା ରକ୍ସି, ବରସୁଆଁ, ପଟାସାହି, ରେଞ୍ଜଡା, ବିମଳାଗଡ଼, ଚାନ୍ଦିପୋଷ କ ରେଳ ସାଇଡ଼ିଂ ଓ ପରିବହନ ବନ୍ଦ କରିବା ସହ ଅର୍ଥନୈତିକ ଅବରୋଧ କରିବା ନେଇ କହିଛନ୍ତି। ଏଥିସହ ଗତ ୧୧/୩/୨୦୨୫ରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ ଯେ, ବଣାଇଁ ଉପଖଣ୍ଡ ଏକ ପଛୁଆ ଅଞ୍ଚଳ। ଦାରିଦ୍ର ସୀମାରେଖା



ବଣାଇଁ ବିଧାୟକଙ୍କ ସହ ଅନ୍ୟମାନେ।

**ଅର୍ଥନୈତିକ ଅବରୋଧ ପାଇଁ ବିଧାୟକଙ୍କ ଚେତାବନୀ**

ତଳେ ଆଦିବାସୀ ରହୁଥିବା ବେଳେ ଖଣିଜ ପଦାର୍ଥରେ ଭରପୂର। ପରିବାରଙ୍କ ମୁଖ୍ୟତଃ ଆୟ ଖଣି ଏବଂ ଲୋଡିଂ କ୍ଷେତ୍ରରୁ ଆସିଥାଏ। ଏହା ବ୍ୟତିତ ବଣାଇଁ ହେଉଛି ଏକ ମାଓବାଦୀ ଅଞ୍ଚଳ। ବହୁ ସମୟରେ ମାଓବାଦୀଙ୍କ ସହ ଯୋଗଦେବା ପାଇଁ ମାଓବାଦୀ ସଂଗଠନ ସର୍ବଦା ସ୍ଥାନୀୟ ସରଳ ଆଦିବାସୀଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରନ୍ତି। ସ୍ଥାନୀୟ ଲୋକେ ଲୁହାପଥର ରେଳ ସାଇଡିଂରେ ଲୋଡିଂ ଶ୍ରମିକ ଭାବରେ କାର୍ଯ୍ୟ କରୁଛନ୍ତି। ଗତ କିଛି ମାସ ହେଲା ଏହି ୬ଟି ରେଲୁଏ ସାଇଡିଂକୁ ରେଳ ରେକ ନ ଦିଆଯାଇ ପଡୋଶୀ ଜିଲା କେନ୍ଦୁଝରକୁ ପଠାଯାଉଛି। ସ୍ଥାନୀୟ ରେଳ ସାଇଡ଼ିଂ ଗୁଡିକରେ ରେଳ ରେକ ସଂଖ୍ୟା ହ୍ରାସ ହେବା ଦ୍ୱାରା ବିମଳାଗଡ ରେଳ ସାଇଡିଂରେ ୩୫୦୦, ପାଟାସାହିରେ ୨୦୦୦, ରକ୍ସି ୧୩୮୦, ରେଞ୍ଜଡା ୧୧୦୦, ଚାନ୍ଦିପୋଷ ୧୧୦୦ ଏବଂ ବାରସୁଆଁ ୧୦୦୦ ରେଲୱେ ଲୋଡିଂ ସାଇଡିଂରେ କାମ କରୁଥିବା ଶ୍ରମିକ ମାନଙ୍କ କାର୍ଯ୍ୟ ବନ୍ଦ ହେବାରେ ଲାଗିଛି। ନିରୀହ ଶ୍ରମିକମାନେ ରୋଜଗାର ନ ପାଇ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଶ୍ରମିକଙ୍କ ଅସୁବିଧାକୁ ଦୂର କରିବା ପାଇଁ ଏହି ୬ଟି ରେଲୁଏ ସାଇଡିଂକୁ ଅଧିକ ସଂଖ୍ୟାରେ ରେଳ ରେକ ଯୋଗାଇ ଦିଆଯାଉ ବୋଲି ପ୍ରକାଶ କରିଥିଲେ। ଉକ୍ତ ସମ୍ମିଳନୀରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସମେତ ସିପିଆଇଏମ ଜିଲା ସାଧାରଣ ସମ୍ପାଦକ ପ୍ରମୋଦ ସାମଲ, ସିଆଇଟିୟୁ ରାଜ୍ୟ ସମ୍ପାଦକ ପ୍ରଭାତ ପଣ୍ଡା, ରକ୍ସି ପଞ୍ଚାୟତ ସରପଞ୍ଚ ଆନନ୍ଦମାସୀ ହର, ଜାମୁଡିହି ସରପଞ୍ଚ ନେଲସନ ମୁଣ୍ଡା, ଜିଲା ପରିଷଦ ସଦସ୍ୟା ସୁଶିଳା ମୁଣ୍ଡା, ପୂର୍ବତନ ସଦସ୍ୟ ଗୋପିନାଥ ମହାନ୍ତ, ଧୀରେଶ ବଳ ପ୍ରମୁଖ ଉପସ୍ଥିତ ଥିଲେ।




ତାଲିମ ନେଇଥିବା ଛାତ୍ରୀ।

## ୩୮ ଛାତ୍ରୀ ନେଲେ ଆତ୍ମରକ୍ଷା ପ୍ରଶିକ୍ଷଣ

**ସବଡେଗା,୨୨।୩(ଅନନ୍ତ ପଟେଲ)**

ସୁନ୍ଦରଗଡ ଜିଲା ସବଡେଗା ବ୍ଲକ ହମିରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୬ଷ୍ଠ ରୁ ୮ମ ଶ୍ରେଣୀ, ନବମ, ଦଶମ ଶ୍ରେଣୀର ଛାତ୍ରୀଙ୍କୁ ୩ଟି ପର୍ଯ୍ୟାୟରେ ୧୫ଦିନ ବ୍ୟାପୀ ରାଣୀ ଲକ୍ଷ୍ମୀ ବାଇ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଆତ୍ମ ରକ୍ଷା ତାଲିମ ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷକ ଅନନ୍ତ କୁମାର ନାଏକଙ୍କ ତତ୍ତ୍ୱାବଧାନରେ କ୍ରୀଡା ଶିକ୍ଷୟିତ୍ରୀ ମମତା ପଟେଲ, ସୁକନ୍ୟା କାଲୋ ପ୍ରମୁଖ ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବେ ଯୋଗଦାନ କରି ଆତ୍ମରକ୍ଷାର ବିଭିନ୍ନ କୌଶଳ ଗୁଡିକ ବିଷୟରେ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ ପାଇ ଛାତ୍ରୀମାନେ ନିଜକୁ ସୁରକ୍ଷା ପ୍ରଦାନ କରିବା ସାଙ୍ଗେ ସାଙ୍ଗେ ନିଜ ପରିବାରକୁ ମଧ୍ୟ ସୁରକ୍ଷା ଦେଇପାରିବେ। ବିଦ୍ୟାଳୟର ୬ଷ୍ଠ ରୁ ୮ମ ପର୍ଯ୍ୟନ୍ତ ୨୩ ଜଣ ଓ ନବମ ଓ ଦଶମ ଶ୍ରେଣୀରୁ ୧୫ ଜଣ ମୋଟ ୩୮ଜଣ ଛାତ୍ରୀ ଏହି ତାଲିମ ଗ୍ରହଣ କରିଥିଲେ।

## କଳା, ହସ୍ତଶିଳ୍ପ ମାନବ ଜୀବନର ଅଂଶବିଶେଷ

**ସୁନ୍ଦରଗଡ,୨୨।୩(ଜୟ ନାରାୟଣ ମେଣ୍ଢୁଲି)**

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ, ଶିକ୍ଷକ-ଶିକ୍ଷା ବିଭାଗ ଦ୍ୱାରା "କଳା ଏବଂ ହସ୍ତଶିଳ୍ପ ପ୍ରସ୍ତୁତି" ବିଷୟରେ ୩ଦିନିଆ କର୍ମଶାଳା ଅୟୋଜିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ପଟେଲ କର୍ମଶାଳାର ଉଦ୍‌ଘାଟନ କରି କଳା ଏବଂ ହସ୍ତଶିଳ୍ପର ମୂଲ୍ୟବୋଧ ଉପରେ ଆଲୋଚନା କରିଥିଲେ। କଳା ଏବଂ ହସ୍ତଶିଳ୍ପ ମାନବ ଜୀବନର ଅଂଶବିଶେଷ। ଏହା ମନୋବିକାଶ ଏବଂ ସ୍ୱୟଂପ୍ରକାଶ ପାଇଁ ଏକ ଉତ୍ତମ ଉପାୟ ବୋଲି ମତପ୍ରକାଶ କରିଥିଲେ। ଏହି କର୍ମଶାଳାରେ କଲେଜର ବରିଷ୍ଠ ପ୍ରାଧ୍ୟାପକ ଅଲୋକ କୁମାର ନାଏକ କଳାତ୍ମକ କାର୍ଯ୍ୟକଳାପ କିପରି ଜଣେ ବ୍ୟକ୍ତିକୁ ଆଦର୍ଶ ମାନବ ଗଢିପାରିଥାଏ ତାହା ପ୍ରତିପାଦନ କରିଥିଲେ। କର୍ମଶାଳାର ପ୍ରାରମ୍ଭରେ ଶିକ୍ଷକ-ଶିକ୍ଷା ବିଭାଗର ମୁଖ୍ୟ ଡ. ବସନ୍ତ କୁମାର ମାହାକୁର ଉଦବୋଧନ



କର୍ମଶାଳା ଉଦ୍‌ଘାଟନୀ ଅବସରରେ ଅତିଥିମାନେ।

ଦେଇଥିବାବେଳେ ଲଳିତ କଳା ଅଧ୍ୟାପିକା ସତାବ୍ଦୀ ସିତାନ୍ତିକା ଅନେକ କଳା ଶୈଳୀ ଏବଂ ଏହାର ପ୍ରସ୍ତୁତି ପଦ୍ଧତି ବିଷୟରେ ଧାରଣା ପ୍ରଦାନ କରିଥିଲେ। ତିନିଦିନିଆ କର୍ମଶାଳାରେ ଛାତ୍ରୀଛାତ୍ରମାନେ ତାଙ୍କ ନିର୍ଦ୍ଦେଶନାରେ ଅନେକ କଳା ଏବଂ ହସ୍ତଶିଳ୍ପ ପ୍ରସ୍ତୁତି କରିବାର ଅବସର ପାଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଦୀପାଞ୍ଜଳି ମେହେର ସଫଳ ସଞ୍ଚାଳନ କରିଥିବାବେଳେ ସହକାରୀ ପ୍ରାଧ୍ୟାପକ ଡ. ଶମ୍ଭୁ ଶଙ୍କର ଦୀପ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି କର୍ମଶାଳାରେ ବିଭାଗର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀମାନେ କାର୍ଯ୍ୟକ୍ରମକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଏହି କର୍ମଶାଳା ମାଧ୍ୟମରେ ଛାତ୍ରୀଛାତ୍ରମାନେ ନୂତନ କଳା ଅଭିକ୍ଷମତା ଉନ୍ନତ କରିବା ସହ ନୂତନ ପରିଚୟ ଗଢ଼ିବାରେ ସମର୍ଥ ହେବେ ବୋଲି ଅଧ୍ୟାପକମାନେ ଆଶାବ୍ୟକ୍ତ କରିଛନ୍ତି।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଲହୁଣୀପଡା,୨୨।୩(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଖୁଣ୍ଟଗାଁ ପଞ୍ଚାୟତ ପରିସରରେ ଶନିବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଲହୁଣୀପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁରାଗ ମିଶ୍ର, ଏସଏସଓ ଅଜୟ କୁମାର ସାହୁ, ବିଏସଏସଓ ଜାହ୍ନବୀ ମାହାନ୍ତ, ସିଡିପିଓ ପୁଷ୍ପାଲତା ନାୟକ, ଏପିଓ ବିଷ୍ଣୁ ମୋହନ ନାୟକ, ଖୁଣ୍ଟଗାଁ ସରପଞ୍ଚ ସୁମିତ୍ରା ଚାର୍ଦିଆ, ଏବିଇଓ ନରହରି କିଷାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶାରୀରିକ ଅକ୍ଷମ, ମୁକ ଓ ବଧିର, ଦୃଷ୍ଟି ହୀନତା, ମାନସିକ ଅନଗ୍ରସର ବିଭାଗରେ ମୋଟ ୨୫୧ ଜଣଙ୍କ ନାମ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୨୪୫ ଜଣଙ୍କ ମୂଲ୍ୟାୟନ ହୋଇଥିଲା। ଅସ୍ଥିଶଲ୍ୟ ବିଶେଷଜ୍ଞ ଡା,ଏସ କେ ନାୟକ, ଚକ୍ଷୁ ବିଶେଷଜ୍ଞ ଡା.ସମୀର ପାତ୍ର, କାନ, ନାକ, ଗଳା ବିଶେଷଜ୍ଞ ଡା,ଏମ କେ ପାଣିଗ୍ରାହୀ, ଭେଷଜ ବିଶେଷଜ୍ଞ ଡା,ଦୁଖିଆ ମୁର୍ମୁ ଓ ସହଯୋଗୀଙ୍କ ସହିତ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ପରାମର୍ଶ ଦେଇଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ପିଇଓ, ଏଡିଇଓ ଉପସ୍ଥିତ ଥିବା ବେଳେ ରଜତ ସାହୁ, ଦେବରାଜ ମାହାନ୍ତ, ରାଜ କିଶୋର କିଷାନ, ଶ୍ରୀକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆଇସିଡିଏସ ବିଭାଗର ଅଙ୍ଗନୱାଡି କର୍ମୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ସୁନ୍ଦରଗଡ଼ରେ ୨୫.୮୨ମିମି ବର୍ଷା ରେକର୍ଡ

**ସୁନ୍ଦରଗଡ,୨୨।୩(ଜୟ ନାରାୟଣ ମେଣ୍ଢୁଲି):** ସୁନ୍ଦରଗଡ଼ ଜିଲାରେ କାଳ ବୈଶାଖୀ ବର୍ଷା ଯୋଗୁ ତାପମାତ୍ରା ହ୍ରାସ ପାଇଛି। ଜିଲାରେ ଶନିବାର ସକାଳ ସୁଦ୍ଧା ୨୫.୮୨ ମିଲିମିଟର ବର୍ଷା ହୋଇଥିବା ରେକର୍ଡ ହୋଇଛି। ଜିଲାର ରାଜଗାଙ୍ଗପୁର ବ୍ଲକରେ ସର୍ବାଧିକ ୭୦.୨ମିମି ବର୍ଷା ହୋଇଛି। ସେହିପରି ସୁନ୍ଦରଗଡରେ ୧୬.୬ ମିମି, ଲାଠିକଟାରେ ୫୩, ନୁଆଗାଁରେ ୫୨, ବଣାଇଁରେ ୧୭, ଲହୁଣୀପଡାରେ ୧୮, କୁତ୍ରାରେ ୪୬, କୁଆଁରମୁଣ୍ଡାରେ ୩୬.୪, ବିଶ୍ରାରେ ୩୦.୪, ବଡଗାଁରେ ୮.୨, ସବ୍‌ଡେଗାରେ ୨୮, ବାଲିଶଙ୍କରାରେ ୪୫, ଟାଙ୍ଗରପାଲିରେ ୭.୪, ଲେଫ୍ରିପଡାରେ ୧୦, ହେମଗିରିରେ ୬.୮, ଗୁରୁଣ୍ଡିଆରେ ୮, କୋଇଡାରେ ୬, ରାଉରକେଲା ପୌରନିଗମ ଅଞ୍ଚଳରେ ୫.୪ମିମି ବର୍ଷା ରେକର୍ଡ ହୋଇଛି।

## କଂଗ୍ରେସର ଖବରଦାତା ସମ୍ମିଳନୀ



ଖବରଦାତା ସମ୍ମିଳନୀରେ କଂଗ୍ରେସର କର୍ମକର୍ତ୍ତାମାନେ।

**ସୁନ୍ଦରଗଡ,୨୨।୩(ଜୟ ନାରାୟଣ ମେଣ୍ଢୁଲି)**

ମହିଳାଙ୍କୁ ସୁରକ୍ଷା ଯୋଗାଇଦେବାରେ ରାଜ୍ୟର କ୍ଷମତାସୀନ ଭାଜପା ସରକାର ବିଫଳ ହୋଇଛି। ଓଡ଼ିଶା ଆଜି ସାରା ଦେଶରେ ମହିଳା ଅତ୍ୟାଚାର କ୍ଷେତ୍ରରେ ଚତୁର୍ଥ ସ୍ଥାନ ଅଧିକାର କରିଛି। ଯାହାକି ଏହା ଆମ ଅସ୍ମିତା ପ୍ରତି ଏକ ବଡ ପ୍ରଶ୍ନ ବାଚୀ ସୃଷ୍ଟି କରିଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଶନିବାର ଅପରାହ୍ନରେ ସ୍ଥାନୀୟ ସର୍କିଟ ହାଉସଠାରେ ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ପ୍ରଦେଶ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ବିଜୟା ନନ୍ଦ ଚାଉଲିଆ ଏହା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ନୂଆ ସରକାର ସମୟରେ ବର୍ତ୍ତମାନ ସୁଦ୍ଧା ୫୪ଟି ଧର୍ଷଣ, ଗଣ ବଳାତ୍କାର ଓ ହତ୍ୟା ଘଟଣା ବିଭିନ୍ନ ଥାନାରେ ପଞ୍ଜିକୃତ ହୋଇଛି। ସରକାରୀ ହାଇସ୍କୁଲର ଛାତ୍ରୀମାନେ ମଧ୍ୟ ଅସୁରକ୍ଷିତ। ହାଇସ୍କୁଲ ପରୀକ୍ଷାର୍ଥୀମାନେ ମାତୃତ୍ୱ ଲାଭ କରୁଛନ୍ତି। ସେହିପରି ଅନୁଗୁଳ ଜିଲାରେ ୫ବର୍ଷ ଶିଶୁ କନ୍ୟା ବଳାତ୍କାର ଓ ନବରଙ୍ଗପୁର ଜିଲା ଉମରକୋଟରେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଗଣ ବଳାତ୍କାର ଘଟଣା ଓଡିଶାକୁ ଦେଶରେ ଲଜ୍ଜିତ କରୁଛି। ଆଗାମୀ ଦିନରେ ଏ ସବୁ ପ୍ରସଙ୍ଗକୁ ନେଇ କଂଗ୍ରେସ ବ୍ୟାପକ ଆନ୍ଦୋଳନ କରିବ। ଆସନ୍ତା ୨୭ତାରିଖରେ ବିଧାନସଭା ଘେରାଉ ସହ ପରେ ସମସ୍ତ ବ୍ଲକ ଓ ଥାନା ଘେରାଉ ଆଦି କାର୍ଯ୍ୟକ୍ରମ କଂଗ୍ରେସ କରିବ ବୋଲି ସେ କହିଛନ୍ତି। ଅନ୍ୟତମ ପର୍ଯ୍ୟବେକ୍ଷକ ସିୟାରାମ ଦାଶ ଯୋଗଦେଇ ରାଜ୍ୟ ସରକାର ମହିଳାଙ୍କ ସୁରକ୍ଷା ପ୍ରଦାନ ଦିଗରେ ବିଫଳତା ହୋଇଥିବା କହିବା ସହିତ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଉଥିବା କଂଗ୍ରେସ ବିଧାୟକଙ୍କ ସ୍ୱର ବନ୍ଦ କରିବାକୁ ଚାପ କରୁଛନ୍ତି। ଜିଲା ସଭାପତି ଜନାର୍ଦ୍ଦନ ଦେହୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ଜିଲା ସଭାପତି ବେଣୁମାଧବ ତ୍ରିପାଠୀ, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ନିର୍ମଳ ନାଏକ, କଂଗ୍ରେସ ନେତା ପର୍ଶୁରାମ ସାହୁ, ଆଲବର୍ଟ କିଣ୍ଡୋ, ଶୁଭେନ୍ଦୁ ନାଏକ, ଦେବାଶିଷ ଦାସ, ଚିନ୍ତା ମଣି ସାହୁ, ବିଷ୍ଣୁଦେବ ସିଂ, ରାଜା ପଟ୍ଟନାୟକ, ଶ୍ୟାମ ସାହା, ନେପାଳ ସାହୁ, ମୁନୁ ସରାଫ, କଂଗ୍ରେସ ନେତ୍ରୀ ଗେରୋଟି ଖେସ, କଳ୍ପନା ଆପଟ ପ୍ରମୁଖ ଉପସ୍ଥିତ ଥିଲେ।

## ରାମ ନବମୀ ଶୋଭାଯାତ୍ରା ପାଇଁ ବୈଠକ

**ରାଜଗାଙ୍ଗପୁର,୨୨।୩(ଅଶୋକ ପାଣି)**

ରାଜଗାଙ୍ଗପୁରରେ ରାମ ନବମୀ ଉତ୍ସବ ପାଳନ ନେଇ ଜିଲା ପ୍ରଶାସନ ତରଫରୁ ଶୋଭାଯାତ୍ରାରେ ସାମିଲ ହେବାକୁ ଥିବା ସମସ୍ତ ଆଖଡ଼ା କମିଟିର ଏକ ବୈଠକ ସ୍ଥାନୀୟ ବସ ଷ୍ଟାଣ୍ଡ ସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୁନ୍ଦରଗଡ଼ ଏସପି ପ୍ରତ୍ୟୁଷ ଦିବାକର, ଉପ ଜିଲାପାଳ ଦାଶରଥୀ ସରାବୁ, ଡିଆଇଜି ଅତିରିକ୍ତ ଏସପି ମହେନ୍ଦ୍ର ମୁର୍ମୁ, ରାଜଗାଙ୍ଗପୁର ଏସଡିପିଓ ବିଭୁତି ଭୂଷଣ ଭୋଇ, ରାଜଗାଙ୍ଗପୁର ତହସିଲଦାର ଜଗବନ୍ଧୁ ମଲ୍ଲିକ, ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ଭିକ୍ଟର ସୋରେଙ୍ଗ, ପୂର୍ତ୍ତ ବିଭାଗ ଏସଡିଓ ରୋଶନ ତିଗ୍ଗା, ରାଜଗାଙ୍ଗପୁର ଆଇଆଇସି ମନୋରଞ୍ଜନ ପ୍ରଧାନ, ଅତିରିକ୍ତ ଆଇଆଇସି ଅଜୟ ଦାସଙ୍କ ସହିତ ରାଜଗାଙ୍ଗପୁର ଥାନାର ବିଭିନ୍ନ ଅଫିସରମାନେ ଉପସ୍ଥିତ ଥିଲେ। ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ବୈଠକକୁ ପରିଚାଳନା କରି ପ୍ରଶାସନ ତରଫରୁ ବିଗତ ବର୍ଷ ଗୁଡିକ ପରି ଚଳିତ ବର୍ଷ ମଧ୍ୟ ଶାନ୍ତିଶୃଙ୍ଖଳାର ସହିତ ନିର୍ଦ୍ଧାରିତ ସମୟରେ ଶୋଭାଯାତ୍ରା ବାହାର କରି ଉତ୍ସବକୁ ଭଲଭାବେ ପାଳନ କରିବାକୁ କହିଥିଲେ। ଏସପି ପ୍ରତ୍ୟୁଷ ଦିବାକର ନିଜର ବକ୍ତବ୍ୟରେ ପ୍ରଶାସନର ଗାଇଡ ଲାଇନ ଅନୁସାରେ ଠିକ ସମୟରେ ଶୋଭାଯାତ୍ରା ବାବାତଲାବରୁ ବାହାରି ନିର୍ଦ୍ଧାରିତ ରୁଟରେ ଯାଇ ଠିକ୍ ସମୟରେ ଲିପଲୋଇରେ ପହଞ୍ଚିଲେ ସାଧାରଣ ଜନତା ଏହାକୁ ଉପଭୋଗ କରିପାରିବେ ବୋଲି କରିଥିଲେ। ଶୋଭାଯାତ୍ରାରେ କମ ଶବ୍ଦରେ ବାଜା ବଜାଇବା, ଅଶ୍ଳୀଳ ଗୀତ ନ ବଜାଇବା, ମଦ ପାନ କରି କେହି ଯେପରି ଶୋଭାଯାତ୍ରାରେ ସାମିଲ ନହେବା, ସୋସିଆଲ ମିଡ଼ିଆରେ କୌଣସି ଧର୍ମ ଉପରେ କଟାକ୍ଷ ନ କରିବା ଉପରେ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ବୈଠକରେ ସହରର ୨୩ଟି ଆଖଡ଼ାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ପୋଲିସ ଅଧିକାରୀଙ୍କ ସହ ଅନ୍ୟମାନେ।

## କୁତ୍ରାରେ ବିଶ୍ୱ ଜଳ ଦିବସ

**କୁତ୍ରା,୨୨।୩ (ଦେବାଶିଷ ସାହୁ)**

କୁତ୍ରା ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ଶନିବାର ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ଡ.ବିଭୀଷଣ ବାରିକ ଯୋଗଦେଇ ଦେଶରେ ଦେଖାଦେଇଥିବା ଜଳ ସଙ୍କଟ ଏବଂ କିଭଳି ଲୋକେ ପାଣି ପାଇଁ ହାହାକାର ହେଉଛନ୍ତି, କିପରି ତାର ସଂରକ୍ଷଣ କରିପାରିବା ସେ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଦୀପିକା କେର୍କେଟା , ଜସ୍ମିନ ମିଞ୍ଜ, ଅବିନାଶ କର ପ୍ରମୁଖ ଉପସ୍ଥିତ ରହି ଜଳର ଉପାଦେୟ ବିଷୟରେ କହିଥିଲେ। ସଭାକାର୍ଯ୍ୟକୁ ଛାତ୍ରୀ ଦିପାଞ୍ଜଳୀ ବାର୍ଲା ପରିଚାଳନା କରିଥିବା ବେଳେ ଅଞ୍ଜନା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଶୁକ୍ରବାର ଅନୁଷ୍ଠାନର ସବୁଜ ବାହିନୀ ଛାତ୍ରୀଛାତ୍ରଙ୍କ ତରଫରୁ ବିଶ୍ୱ ଜଙ୍ଗଲ ଦିବସ ପାଳିତ ହୋଇ ଥିବା ବେଳେ ଛାତ୍ରୀଛାତ୍ର ଜଙ୍ଗଲ ସୁରକ୍ଷା ପାଇଁ ଶପଥ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ୩ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ ।



କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର।

## କାଳବୈଶାଖୀ ତାଣ୍ଡବ: ୭ ଶହରୁ ଉର୍ଦ୍ଧ୍ୱ ଘର କ୍ଷତିଗ୍ରସ୍ତ

**ବଡ଼ଗାଁ,୨୨।୩(ଅଶୋକ ଷଡ଼ଙ୍ଗୀ)**

**କ୍ଷୟକ୍ଷତି ଆକଳନ କଲା ପ୍ରଶାସନ**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଲକ୍ରାଘରା, ପେଟଫୋଡ, ଏକମା, ପଦମପୁର ଓ ଆଲୁଡେଗା ଗ୍ରାମରେ ଶୁକ୍ରବାର ଅପରାହ୍ନରେ କୁଆପଥର ବର୍ଷା ହୋଇଥିଲା। କୁଆପଥର ବର୍ଷା ଯୋଗୁ ଶହଶହ ଘରର ଖପର ଓ ଆଜବେଷ୍ଟସ ଭାଙ୍ଗି ଯାଇଥିଲା। ଗୃହପାଳିତ ପ୍ରାଣୀଙ୍କ ଉପରେ କୁଆପଥର ପଡିବାରୁ ଅନେକଙ୍କ ମୃତ୍ୟୁ ଘଟିଛି। ଏଥିସହ ପନିପରିବା ଚାଷ ମଧ୍ୟ ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ, ଲକ୍ରାଘରା ଗ୍ରାମର ୧୦୦ଟି ଆଜବେଷ୍ଟସ ଘର ଓ ୮୦ଟି ଖପର ଘର ଭାଙ୍ଗିଯାଇଛି। ପେଟଫୋଡ ଗ୍ରାମର ୧୦୦ରୁ ଉର୍ଦ୍ଧ୍ୱ ପରିବାରର ଘର ଭଙ୍ଗିଥିଲାବେଳେ ଏହି ଗ୍ରାମର ଚୂଡ଼ାମଣି ବେହେରା, ରମାକାନ୍ତ ବେହେରା, ଅଶୋକ ଭେଂଗ୍ରା, ଦୟାନିଧି ବେହେରା, ଦୀପକ ଖୁଣ୍ଟିଆଙ୍କ ସହିତ ୧୫ ଜଣ ଚାଷୀ କରିଥିବା ଝୁଡୁଙ୍ଗ, ତରଭୁଜ, ଆଖୁ, ବିଲାତି, ଗହମ, ପିଆଜ ଆଦି ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସେହିପରି ଆଲୁଡେଗା ଗ୍ରାମର ୨୫୩ ଟି ପରିବାରର ଖପର ଓ ଆଜବେଷ୍ଟସ ଘର ଭାଙ୍ଗିଥିଲାବେଳେ ଚାଷୀ କଷ୍ଟିନ କୁଜୁର, ଯୋଶେଫ କୁଜୁର, ମଧୁସୂଦନ ନାଏକ, ଦମନିକ ମିଞ୍ଜ, ସୁଶିଲ ବାର୍ଲାଙ୍କ ସହିତ ୩୫ ଜଣ କରିଥିବା ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ଏହି ଗ୍ରାମର ସୁଜିତ ମିଞ୍ଜ, ବିପିନ ଟିଡୋ, ମନୋଜ କୁଜୁର ଓ ସୁଶିଲ ମିଞ୍ଜଙ୍କ ବାଛୁରୀ, ଛେଳି କୁକୁଡ଼ା ମାରିଥିଲାବେଳେ ଅନେକ ଆହତ ହୋଇଛନ୍ତି। କାଳବୈଶାଖୀର ତାଣ୍ଡବ ପଦମପୁର ଗ୍ରାମରେ ମଧ୍ୟ ଦେଖାଯାଇଥିଲା। ଏହି ଗ୍ରାମର ବହୁ ସଂଖ୍ୟକ ଘର ଭାଙ୍ଗି ଯାଇଥିଲାବେଳେ ଚାଷ ନଷ୍ଟ ହୋଇଥିବା ଗ୍ରାମବାସୀଙ୍କ ଠାରୁ ଜଣାପଡିଛି। ତେବେ ଏହି ଘଟଣା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଛି। ବଡ଼ଗାଁ ତହସିଲଦାର ଝରଣା ପ୍ରଧାନ, ସାହାଜବାହାଲ, ପାମରା ଓ ଇତମା ପଞ୍ଚାୟତର ରାଜସ୍ୱ ନୀରିକ୍ଷକ, ବଡ଼ଗାଁ କୃଷି ଅଧିକାରୀ ରିତୁ ରାଣୀ କାଲୋ, ଉଦ୍ୟାନ କୃଷି ଅଧିକାରୀ ପୁଣ୍ୟ ଶ୍ଳୋକ ନନ୍ଦ, କ୍ଷେତ୍ର କର୍ମଚାରୀ ଦିଲ୍ଲୀପ ଡନସନା, ମହେଶ କୁମାର ସାହୁ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କ ଘର ଓ ଚାଷ ଜମିକୁ ଯାଇ କ୍ଷୟକ୍ଷତି ଆକଳନ କରିଛନ୍ତି। ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ତାରପୋଲିନ ବଣ୍ଟନ କରାଯାଇଛି।

## ଭେଷଜ ପଟେଲ ମହାବିଦ୍ୟାଳୟରେ ଜଳ ଦିବସ

**ହେମଗିର,୨୨।୩(ଚୈତନ୍ୟ ପଟେଲ)**

ହେମଗିର ବ୍ଲକ ସ୍ଥିତ ଭେଷଜ ପଟେଲ ମହାବିଦ୍ୟାଳୟ ଡୁଡୁକାଠାରେ "ବିଶ୍ୱ ଜଳ ଦିବସ" ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଏନ.ଏସ.ଏସ ବିଭାଗ ଓ ସୁନ୍ଦରଗଡର ନେହେରୁ ଯୁବ କେନ୍ଦ୍ରର ମିଳିତ ଉଦ୍ୟମରେ ଏହି ଦିବସ ପାଳିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଭାରପ୍ରାପ୍ତ ଅଧ୍ୟକ୍ଷା ମିନତି ମିଶ୍ର ଯୋଗଦେଇ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସେବା ସଂସ୍ଥାର ଜିଲା ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଟେଲ ଯୋଗଦେଇ ଜଳ ସଂକଟ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ବିଭୁତି ମିଶ୍ର, ପ୍ରମୋଦ କୁମାର ପଣ୍ଡା, ଡ. ଉମାକାନ୍ତ ମହାରଣା, ଡ.ସୌଦାମିନୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବକ୍ତୃତା ଓ କୁଇଜ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ଉପସ୍ଥିତ ଅତିଥିମାନେ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରିଥିଲେ। ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ନମିତା ମାଝି ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ହେନା ପଟ୍ଟା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## କ୍ଷୁଦ୍ର ଶିଳ୍ପ ସମ୍ପର୍କିତ ସଚେତନତା ଶିବିର

ପାଟଣାଗଡ,(ସଚ୍ଚିଦାନନ୍ଦ ମହାକୁର): ପାଟଣଗଡ ବ୍ଲକ ଘୁଚେପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ କ୍ଷୁଦ୍ର ଶିଳ୍ପ ସମ୍ପର୍କିତ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଶିଳ୍ପ କେନ୍ଦ୍ରର ସହକାରୀ ଶିଳ୍ପ ଅଧିକାରୀ ଶିବିରରେ ଯୋଗଦେଇ କିପରି ବେକାର ଯୁବତୀଯୁବକ ତଥା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ ସେନେଇ ଆଲୋଚନା କରାଯାଇଥିଲା ।

# ଆୟୁଷ ଡାକ୍ତର ପିନ୍ଧିଲେ କଳାବ୍ୟାଜ୍



ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ ଡାକ୍ତରମାନେ ଦାବିପତ୍ର ପ୍ରଦାନ କରୁଛନ୍ତି ।

**ଦେଓଗାଁ,୨୨।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ ଡାକ୍ତରମାନେ ଗତ ୨୦ ତାରିଖରୁ କଳା ବ୍ୟାଜ୍ ପିନ୍ଧି କାମ କରୁଥିବା ବେଳେ ୨୭ ତାରିଖରୁ ଭୁବନେଶ୍ୱରଠାରେ ହେବାକୁ ଥିବା ଧାରଣାରେ ବସିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଡା. ମମତାମୟୀ ଦାଶ. ଡା.ସୁମିତ୍ରା ଦାଶ ଓ ଡା. ଲଳିତ କୁମାର ସାହୁ ପ୍ରମୁଖ ଶନିବାର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା.ଚିତ୍ତରଞ୍ଜନ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଡାକ୍ତରଙ୍କ ଦାବି ଅନୁସାରେ ସରକାରଙ୍କ ଆୟୁଷ ଡାକ୍ତର ନିଯୁକ୍ତି ବିଜ୍ଞାପନ ପତ୍ର ସଂଖ୍ୟା ୧୮/୨୪।୬।୨୦୦୮ ଜାତୀୟ ସ୍ୱାସ୍ଥ୍ୟମିଶନ ଦ୍ୱାରା ଜାରି କରାଯାଇଥିଲା । ଯେଉଁଥିରେ ସ୍ପଷ୍ଟ ଭାବେ ଲେଖାଯାଇଥିଲା ଏହି ପଦବୀ ଓଡିଶା ସଂରକ୍ଷଣ ନୀତି ଓଆରଭି ଆକ୍ଟ ଅନୁସାରେ ଭବିଷ୍ୟତରେ ଚାକିରି ନିୟମିତ ହୋଇପାରେ । ୧୭ ବର୍ଷ ହେଲା ସରକାର ଏ ଦିଗରେ କୌଣସି ଯୋଜନା କରିନାହାନ୍ତି ଅବା ଆଗକୁ ମଧ ଏନେଇ ସରକାରଙ୍କ କୌଣସି ଯୋଜନା ନ ଥିବା ବିଭାଗୀୟ ମନ୍ତ୍ରୀ ମତ ଦେବାପରେ ରାଜ୍ୟ ସଂଘ ଆହ୍ୱାନକ୍ରମେ ୨୭ରୁ କାର୍ଯ୍ୟବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଥିବା ଆୟୁଷ ଡାକ୍ତରମାନେ ପ୍ରକାଶ କରିଛନ୍ତି। ଆଗକୁ ଆୟୁଷ ଡାକ୍ତରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ରହିଲେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ବ୍ୟାହତ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଜନମୁକ୍ତି ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଳିତ

**ମୁରିବାହାଲ,୨୨।୩(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଭୋଇପଡା ଜନମୁକ୍ତି ଅନୁଷ୍ଠାନର ୨୯ତମ ବାର୍ଷିକ ଉତ୍ସବ ହଳଦୀ ଗ୍ରାମର କଲ୍ୟାଣମଣ୍ଡପଠାରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ମୁରିବାହାଲ ବ୍ଲକର ୫ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜନମୁକ୍ତି ଅନୁଷ୍ଠାନର ସମ୍ପାଦକ ଭଜରାମ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ । ସେ ତାଙ୍କ ବକ୍ତବ୍ୟରେ ଜନମୁକ୍ତି ଅନୁଷ୍ଠାନ ମୁରିବାହାଲ ବ୍ଲକରେ ଜନସାଧାରଣ ପାଇଁ ଦୀର୍ଘ ବର୍ଷ ଧରି ନିଷ୍ଠାର ସହ କରିଥିବା କାର୍ଯ୍ୟ ଉପରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ ୨୯ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ପାଣିଗ୍ରାହୀ, ବିଧାୟକଙ୍କ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା, ଡା. ସୁବ୍ରତ ମହାକୁର, ଦୁର୍ଗାନନ୍ଦ ମହାକୁର, ଗୋଇମୁଣ୍ଡ ସରପଞ୍ଚ କାଳିଆ ସରାଫ ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ମହିଳାମାନଙ୍କୁ ସଙ୍ଗଠିତ କରିବା, ପରିବେଶ ଉପରେ ସଚେତନ କରିବା, ଚାଷୀମାନଙ୍କୁ କୃଷି ଉତ୍ପାଦନ ବିଷୟରେ ସଚେତନ କରିବା, ଦାଦନ ରୋକିବା ପାଇଁ କରାଯାଇଥିବା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶିଷ୍ଟ ସଂଗଠକ ଓ ସାମାଜିକ କର୍ମୀ ଭାବରେ ଶ୍ରୀବତ୍ସ ବେହେରା, ରାଜନୈତିକ ବ୍ୟକ୍ତିତ୍ୱ ଭାବରେ ହଂସରାଜ ଜୈନ, ବରିଷ୍ଠ ସାମ୍ବାଦିକ ଭାବେ ଡା. ଭଗବାନ ମହାନ୍ତି, କୋଶଲି କବି ଭାବରେ ମଧୁସୂଦନ ନାଗ, ଯମୁନାର ଉତ୍ପାଦକ ଗୋଷ୍ଠୀର ସଦସ୍ୟାଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ରଞ୍ଜିତା ହରପାଳ, ଚିତ୍ରଲେଖା ସାହୁ, କିରନ ଜାଲ, ହିମାଂଶୁ ପଣ୍ଡା ପ୍ରମୁଖ ସଂଯୋଜନା କରିଥିଲେ। ସଞ୍ଜୟ କୁମାର ବାରିକ, ସୁବର୍ଣ୍ଣ ବାଗ, ଟେଭା ସାଗରିଆ, କପିଳାସ ଭାଇ, ପ୍ରକାଶ ବାଣ୍ଡିଛୋର, ସଞ୍ଜିତା ହାତୀ, ଆଶିଷ ସା ପ୍ରମୁଖ ସହଯୋଗ କରିଥିଲେ। ଲଳିତ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ପାଟଣେଶ୍ୱରୀ ମନ୍ଦିର ଗମ୍ଭୀରା ଘର ବିପନ୍ନ

### ଦେବାଳୟ ସୁରକ୍ଷା କମିଟି ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର

**ବଲାଙ୍ଗୀର,୨୨।୩(ବୀରେନ୍ଦ୍ର କୁମାର ଝାଙ୍କର)**

ପାଟଣା ଅଧିଷ୍ଠାତ୍ରୀ ଦେବୀ ପାଟଣେଶ୍ୱରୀ ମନ୍ଦିର ଗମ୍ଭୀରା ଭିତର ବିପନ୍ନ ହୋଇପଡିଛି। ସେଠାରେ ଥିବା ପଥର ଖସିବା ସ୍ଥିତିରେ ରହିଥିବା ନେଇ ଦେବାଳୟ ଏବଂ ଐତିହ୍ୟ ସୁରକ୍ଷା କମିଟି ପକ୍ଷରୁ ଉପଜିଲାପାଳଙ୍କୁ ଶୁକ୍ରବାର ଦାବିପତ୍ର ଦିଆଯାଇଛି। ତୁରନ୍ତ ଏ ଦିଗରେ ଜିଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁ ବୋଲି ଦାବି କରାଯାଇଛି।

ଦେବାଳୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ କମିଟି ସଦସ୍ୟମାନେ ୪ ଦଫା ସମ୍ବଳିତ ଦାବିପତ୍ର ଉପଜିଲାପାଳ ଆଲୋକ କୁମାର ପଟେଲଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ମନ୍ଦିର ଗମ୍ଭୀର ଭିତରର ଆବଶ୍ୟକ ସୁରକ୍ଷା ଏବଂ ଅନ୍ୟାନ୍ୟ ଉନ୍ନତୀକରଣ କରିବାକୁ ଦାବି ହୋଇଛି। ଗତ ଜାନୁୟାରୀ ୩ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ମନ୍ଦିର ରକ୍ଷଣାବେକ୍ଷଣ



ପାଟଣେଶ୍ୱରୀ ମନ୍ଦିର ରକ୍ଷଣାବେକ୍ଷଣ ସକାଶେ ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

ଏବଂ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିପାଇଁ ୧ କୋଟି ୧୨ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିବା ସୂଚନା ଦିଆଯାଇଥିଲା। ମନ୍ଦିର ଉନ୍ନତୀକରଣର ଡିପିଆର ପ୍ରସ୍ତୁତ କରାଯାଇ ମନ୍ଦିର ଯଜ୍ଞ ମଣ୍ଡପ, ରୋଷେଇଶାଳା, ଭୋଗ ମଣ୍ଡପ, ସେବାୟତ ପାଇଁ ବିଶ୍ରାମ ଗୃହ, ସୌନ୍ଦର୍ଯ୍ୟକରଣ ଓ ପରିକ୍ରମା ପ୍ରକଳ୍ପ, ମୁଖ୍ୟ ଗେଟ ତିଆରି କରାଯିବା କଥା ସ୍ଥାନ ପାଇଥିଲା । ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ କେବଳ ମନ୍ଦିର ମୁଖ୍ୟ ଗେଟ ନିର୍ମାଣ କାମ ଓ ମନ୍ଦିର ପାର୍ଶ୍ୱ ଉନ୍ନତିକରଣ ଛଡା ଅନ୍ୟ କାମ ଉପରେ ଧ୍ୟାନ ଦିଆଯାଉନାହିଁ। ଇତିମଧ୍ୟରେ ଡିପିଆର ବଦଳି ଯାଇଥିବା ସନ୍ଦେହ କରାଯାଇଛି। ଫଳରେ ଶ୍ରଦ୍ଧାଳୁଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ବଲାଙ୍ଗୀର ପାଟଣେଶ୍ୱରୀ ମନ୍ଦିରର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବଲାଙ୍ଗୀର ସହର ପ୍ରବେଶ ଦ୍ୱାରରେ ଏକ ମୁଖ୍ୟ ଗେଟ ନିର୍ମାଣ କରିବା ପାଇଁ କମିଟି ପକ୍ଷରୁ ଦାବି କରାଯାଇଛି। ବଲାଙ୍ଗୀର ସହରର ୯ଟି ମନ୍ଦିର ଉନ୍ନତି, ପ୍ରାଚୀନ ମନ୍ଦିର ସଂକ୍ରାନ୍ତୀୟ ସାଇନବୋର୍ଡ ଲଗାଯିବା ଏବଂ ଦେବୋତ୍ତର ବିଭାଗ ପକ୍ଷରୁ ମନ୍ଦିର ଐତିହ୍ୟ ପୁସ୍ତକ ପ୍ରକାଶ କରାଯିବାକୁ ଦାବି କରାଯାଇଛି। ଉପଜିଲାପାଳ ପଟେଲଙ୍କ ସହ ନାଗରିକ କମିଟି ସମ୍ପାଦକ ମଧୁସୂଦନ ନାୟକ, ଶମ୍ଭୁପ୍ରସାଦ ଶତପଥୀ, ରିଣ୍ଟୁ ସାହୁ, ପ୍ରଶାନ୍ତ ମହାକୁର, ପ୍ରସନ୍ନ ମିଶ୍ର, ନରେନ୍ଦ୍ର କବାଟ, ସୁରେନ୍ଦ୍ର ନେଗୀ ଆଲୋଚନା କରିଥିବା ସୂଚନା ଦିଆଯାଇଛି।

# ଅଦିନିଆ ବର୍ଷା, କୁଆପଥର ମାଡ଼



ରେଙ୍ଗାଲି ଗାଁରେ ପଡିଥିବା କୁଆପଥର ।

**ଖପ୍ରାଖୋଲ,୨୨।୩(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଶନିବାର ଅପରାହ୍ନରେ ଅଦିନିଆ ବର୍ଷା ସାଙ୍ଗକୁ କୁଆପଥର ମାଡ ହୋଇଥିବା ଜଣାଯାଇଛି। ବ୍ଲକର ରେଙ୍ଗାଲି, ତେଲେନପାଲି, ମହରାପଦର୍, ଖପ୍ରାଖୋଲ, ଓଡିଆପାଲି, ଧଣ୍ଡାମୁଣ୍ଡା, ଘୁନସର୍ ପଞ୍ଚାୟତର ବିଭିନ୍ନ ଗାଁରେ ବର୍ଷା ଓ କେତେକ ସ୍ଥାନରେ କୁଆପଥର ମାଡ ହୋଇଛି। ବର୍ଷା ହେବା ଫଳରେ ଗରମରୁ ତ୍ରାହି ମିଳିଥିବା ବେଳେ କୁଆପଥର ମାଡ ଯୋଗୁ ବିଭିନ୍ନ ଫସଲ ନଷ୍ଟ ହେବା ଆଶଙ୍କା ରହିଛି।

# ବଲାଙ୍ଗୀର ଜିଲା କଂଗ୍ରେସ କମିଟିର ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ କଂଗ୍ରେସ ନେତା।

### ୨୭ରେ କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ କାର୍ଯ୍ୟକ୍ରମ

**ବଲାଙ୍ଗୀର,୨୨।୩(ବୀରେନ୍ଦ୍ର କୁମାର ଝାଙ୍କର)**

ଓଡିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ଆସନ୍ତା ୨୭ ତାରିଖ ଦିନ ବିଧାନସଭା ଘେରାଉ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ଉପଲକ୍ଷେ ଶନିବାର ବଲାଙ୍ଗୀର କଂଗ୍ରେସ ଭବନଠାରେ ଜିଲା କଂଗ୍ରେସ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଜିଲା କଂଗ୍ରେସ ପ୍ରଭାରୀ ଚିନ୍ମୟ ଦାସ ଏହି ବୈଠକରେ ଯୋଗଦେଇ କଂଗ୍ରେସ ଦଳ ପକ୍ଷରୁ ହେବାକୁ ଥିବା ବିଧାନସଭା ଘେରାଉ ଓ ବିକ୍ଷୋଭକୁ ସଫଳ କରିବା ନେଇ ଜିଲା କାର୍ଯ୍ୟକର୍ତ୍ତାଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଓଡିଶାରେ ମହିଳାମାନଙ୍କ ପ୍ରତି ବୃଦ୍ଧି ପାଉଥିବା ଅତ୍ୟାଚାର ଉପରେ ଆଲୋଚନା ହୋଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଆଖି ଆଗରେ ରଖି ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାଶଙ୍କ ନେତୃତ୍ୱରେ ଆସନ୍ତା ୨୭ ତାରିଖ ଦିନ ରାଜ୍ୟର ସବୁ ପ୍ରାନ୍ତରୁ କଂଗ୍ରେସ କର୍ମୀ ଏକାଠି ହୋଇ ବିଧାନସଭା ଘେରାଉ କରିବେ ଏବଂ ରାଜ୍ୟର ମହିଳାଙ୍କ ସୁରକ୍ଷା ଦାବି କରି ଭାଜପା ସରକାର ଉପରେ ଚାପ ସୃଷ୍ଟି କରିବେ ବୋଲି ସେ କହିଥିଲେ। ଜିଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ମନୀଷ ମିଶ୍ରଙ୍କ ସଭାପତିତ୍ୱରେ ଏବଂ କାର୍ଯ୍ୟକାରୀ ସଭାପତି ସନ୍ତକ ବହିଦାରଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ବୈଠକରେ ଟାଉନ କଂଗ୍ରେସ ସଭାପତି ବୁଲୁ ଦାନୀ, ବିଧାୟକ ପ୍ରାର୍ଥୀ ବୀରେନ୍ଦ୍ର ବାଗ, ଓମ୍ ପ୍ରକାଶ କୁମ୍ଭାର, ସେବାଦଳ ମୁଖ୍ୟ ଅସିତ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ଉମାଶଙ୍କର ପଣ୍ଡା, କିଶାନ କଂଗ୍ରେସ ଅଧ୍ୟକ୍ଷ ସାନନ୍ଦ ମିଶ୍ର, ନାରୀନେତ୍ରୀ ମିଳନୀ ସାହୁ, ମୀରା ମଣ୍ଡଳ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାସିର ଖାନ, ଅଙ୍କିତ ସାହୁ, ଛାତ୍ର କଂଗ୍ରେସ ପ୍ରବକ୍ତା ନିତିଶ ପ୍ରଧାନ, ବ୍ଲକ କଂଗ୍ରେସ ସଭାପତି ଉମାକାନ୍ତ ସାହୁ, ମନମୋହନ ପଟେଲ, ରାମପ୍ରସାଦ ମିଶ୍ର, ନୀଳାଞ୍ଚଳ ପ୍ରଧାନ, ଅରବିନ୍ଦ ସାହୁ, ସରୋଜ ରଥ, ଜୁଲୁ ପଟ୍ଟନାୟକ, କୈଳାଶ ମିଶ୍ର, ସଞ୍ଜୟ ମିଶ୍ର, ଲଳିତ ପଟେଲ, ସାଧୁ ମେହେର, ହରି ନନ୍ଦ, ବିରୋଧ ତାଣ୍ଡି, ଚିନ୍ମୟ ପ୍ରଧାନ, ମହୁଆ ନାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରେମ ସମ୍ପର୍କରୁ ଅଭାବନୀୟ ଘଟଣା ନେଇ ଚର୍ଚ୍ଚା

**ଲୋଇସିଂହା,୨୨।୩(ସୁଶାନ୍ତ ବାରିକ)**

ରାଜ୍ୟରେ ନାରୀ ନିର୍ଯାତନା ସାଙ୍ଗକୁ ଦିନକୁ ଦିନ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସୁଛି । ଲୋଇସିଂହା ଥାନା ଅଞ୍ଚଳର ଜଣେ ବିଧବା ମହିଳା ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜରେ ଏକ ଶିଶୁପୁତ୍ର ଜନ୍ମ ଦେବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଗୁରୁବାର ସମ୍ପୃକ୍ତ ମହିଳା ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ମେଡିକାଲକୁ ନେଇଥିଲେ। ମେଡିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେ ଗର୍ଭବତୀ ଥିବା ଜଣାପଡିଥିଲା । ସେହି ରାତିରେ ମହିଳା ଜଣକ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ । ମା' ଓ ଶିଶୁ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ଅଛନ୍ତି। ଉଭୟଙ୍କୁ ପୋଲିସ ସୁରକ୍ଷା ବଳୟରେ ରଖାଯାଇଛି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ,ମହିଳାଙ୍କ ସ୍ୱାମୀଙ୍କର ଗତ କିଛି ବର୍ଷ ପୂର୍ବରୁ ମୃତ୍ୟୁ ଘଟିଛି। ଅବୈଧ ପ୍ରେମ ସମ୍ପର୍କରୁ ଏପରି ଅଭାବନୀୟ ଘଟଣା ଘଟିଛି।

# ବୁର୍ଡା ପାକ୍ସ ବାର୍ଷିକ ସାଧାରଣ ପରିଷଦ ବୈଠକ



ବାର୍ଷିକ ସାଧାରଣ ପରିଷଦ ବୈଠକରେ ଉପସ୍ଥିତ ଚାଷୀ ।

**ଲୋଇସିଂହା,୨୨।୩(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ପରିଷଦ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସିଆଲବାହାଲି ଅଙ୍ଗନବାଡି କେନ୍ଦ୍ର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ବୈଠକରେ ସମିତି ଅଧୀନ ୧୩ଟି ଗ୍ରାମର ଚାଷୀ ଅଂଶଗ୍ରହଣ କରିଥିଲେ। ପରିଚାଳନା ବୋର୍ଡ ସଭାପତି ବାଳଗୋପାଳ ସାହୁ ଅଧ୍ୟକ୍ଷତା କରି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପାକ୍ସ ସମ୍ପାଦକ ଘନଶ୍ୟାମ ପୁଟା ସାଧାରଣ ପରିଷଦ ବୈଠକର ଏଜେଣ୍ଡା, ନୂତନ ସଭ୍ୟ, କୃଷି ଯନ୍ତ୍ରପାତି ଋଣ ଏବଂ ସବ୍‌ସିଡି ସମ୍ପର୍କରେ ଆଲୋକପାତ କରିଥିଲେ । ଏହାଛଡା ବାର୍ଷିକ ବିବରଣୀ ପଠନ ବେଳେ ଚଳିତ ଖରିଫ ଧାନ କ୍ରୟ ଓ ସମିତିର ଆୟବ୍ୟୟ ସମ୍ପର୍କରେ ସୂଚନା ଦେଇଥିଲେ । ଚଳିତ ରବି ପାଇଁ ସାଢେ ୪କୋଟି ଋଣ ମଞ୍ଜୁର ହୋଇଛି। ଅଦ୍ୟାବଧି ୩ କୋଟି ଋଣ ବଣ୍ଟନ ହୋଇଥିବା ସେ କହିଥିଲେ । ଏହାବାଦ ସମିତି କ୍ଷତିରେ ଚାଲୁଥିବା ସମ୍ପାଦକ ପୁଟା କହିଥିଲେ । ଉପସ୍ଥିତ ଚାଷୀମାନେ ସମ୍ପାଦକଙ୍କୁ ସମିତି ସମ୍ପର୍କରେ ବିଭିନ୍ନ ପ୍ରଶ୍ନ କରିଥିଲେ । ହେଲେ ସମ୍ପାଦକ ପୁଟା କୌଣସି ପ୍ରଶ୍ନର ସ୍ପଷ୍ଟ ଉତ୍ତର ନ ରଖିବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ବୈଠକରେ ରାଜସ୍ୱ ନିରୀକ୍ଷକ ଅର୍ଜୁ ପଟେଲ ଉପସ୍ଥିତ ରହି ଜମିପଟ୍ଟାରେ ନାମ ଥିବା ବ୍ୟକ୍ତିବିଶେଷଙ୍କ ମୃତ୍ୟୁ ହୋଇଥିଲେ ତାଙ୍କ ଉତ୍ତରାଧିକାରୀଙ୍କ ନାମ ଯୋଡିବା ପ୍ରକ୍ରିୟା ବର୍ତ୍ତମାନ ସମୟରେ ଚାଲିଛି। ଏଥିପାଇଁ କ'ଣ ସବୁ କାଗଜାତ ଆବଶ୍ୟକ ସେନେଇ ସୂଚନା ଦେଇଥିଲେ। ବୈଠକରେ ଅଗ୍ରଣୀ ଚାଷୀ ବିଶ୍ୱାମିତ୍ର ବାରିକ, ପୂର୍ବ ସମ୍ପାଦକ ଘନଶ୍ୟାମ ସାହୁ, କ୍ଷୀରଧର ସାହୁ , ଆଦିତ୍ୟ ବାଗ, ରାମଚନ୍ଦ୍ର ସାହୁଙ୍କ ସମେତ ବହୁ ଚାଷୀ ଏବଂ ବୋର୍ଡ ନିର୍ଦ୍ଦେଶକ ଉପସ୍ଥିତ ଥିଲେ ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠକ ନ ଦେଖିଲେ ବଣିଆ ଦେଖ**
**ବାଘ ନ ଦେଖିଲେ ବିରାଡ଼ି ଦେଖ।**

ସୁନାରି ବଣିଆ ଅଳଙ୍କାର ତିଆରି କରିବା ସମୟରେ ଖାଦ ମିଶାଇ ପ୍ରକୃତ ସୁନାର କିଛି ପରିମାଣ ଅପହରଣ କରି ନେଇଥାନ୍ତି। ଏଣୁ ସବୁ ଠକଙ୍କ ମଧ୍ୟରେ ସେ ହିଁ ପ୍ରତ୍ୟକ୍ଷ ଠକ ଭାବେ ବିବେଚନା ହୋଇଥାନ୍ତି। ସେହିପରି ବାଘ ଓ ବିଲେଇ ଦୁହେଁ ଦେଖିବାକୁ ପ୍ରାୟତଃ ଏକାପରି ହୋଇଥାନ୍ତି। କେବଳ ଆକାରରେ ଯାହା କିଛି ଫରକ ବା ପ୍ରଭେଦ ରହିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଠାପୁଆ ବଳଦ ରକ୍ଷା ପାଏ**
**ଠାପୁଆ ମଣିଷ ନାଶ ଯାଏ।**

ବଳଦ ଠାପୁଆ ହେଲେ ମାଲିକର କୋପ ଦୃଷ୍ଟିରୁ ବର୍ତ୍ତିବାର ସମ୍ଭାବନା ଥାଏ। ପରନ୍ତୁ ମଣିଷ ଠାପୁଆ ହେଲେ ନିଷ୍କର୍ମା ଯୋଗୁ ରୋଗ ତାକୁ ଗ୍ରାସିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# କାରଖାନା ପରିସରରେ ବନ୍ୟଜନ୍ତୁ ଶିକାର

## ୨ ଶିକାରୀ ଗିରଫ, ମୃତ ବାର୍‌ହା ଜବତ

**ସଇଁତଲା,୨୨।୩(ରାଖାଲ ପ୍ରସାଦ ଶତପଥୀ)**

ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ବଡ଼ମାଳ ଗୋଳାବାରୁଦ କାରଖାନା ପରିସର ଜଙ୍ଗଲରୁ ଶୁକ୍ରବାର ରାତିରେ ଏକ ବାରହା ଶିକାର କରାଯାଇଛି । ଏହି ଘଟଣାରେ ୨ ଜଣ ଶିକାରୀଙ୍କୁ ଗିରଫ କରାଯାଇ ସେମାନଙ୍କଠାରୁ ଗୋଟିଏ ମୃତ ବାର୍‌ହା ଜବତ ହୋଇଛି । ବଡ଼ମାଳ ଗୋଳାବାରୁଦ କାରଖାନାର ଜନସମ୍ପର୍କ ଅଧିକାରୀ ଦିଲିପ ଚନ୍ଦ୍ର ପଟ୍ଟନାୟକଙ୍କ ସୂଚନା ଅନୁସାରେ, ଶୁକ୍ରବାର ବିଳମ୍ବିତ ରାତିରେ ସଇଁତଲା ଥାନା ନୂଆଁପଡ଼ା ଗ୍ରାମର ପ୍ରମୋଦ ସାହୁ (୨୬) ଏବଂ ଦଶମତ ସାହୁ (୨୪) କାରଖାନା ଇଷ୍ଟେଟ ଅଞ୍ଚଳରେ ଥିବା ଟାଇପ–୩ ନିକଟସ୍ଥ ଜଙ୍ଗଲକୁ ଶିକାର କରିବାକୁ ଯାଇ ଫାସ ବସାଇଥିଲେ। ତେବେ ବିଦ୍ୟୁତ ବିଭ୍ରାଟ ହେବାରୁ ବିଭାଗୀୟ ଅଧିକାରୀ ଟିପେଶ୍ୱର ମାଝୀଙ୍କ ନେତୃତ୍ୱରେ ଏକ ଟିମ୍ ଜଙ୍ଗଲ ମଧକୁ ଯାଞ୍ଚ କରିବାକୁ ଯାଇଥିବା ବେଳେ ବିଦ୍ୟୁତ ତାରରେ ଏକ ବାର୍‌ହା ମୃତ୍ୟୁବରଣ କରିଥିବା ଦେଖିବାକୁ ପାଇଥିଲେ । ପରେ କାରଖାନାର ସୁରକ୍ଷା ବିଭାଗକୁ ଖବର ଦିଆଯାଇଥିଲା। ଖବର ପାଇ ସୁରକ୍ଷା ବିଭାଗର ଅଧିକାରୀ ସରୋଜ ବିଶ୍ୱାଳଙ୍କ ନେତୃତ୍ୱରେ ସୁରକ୍ଷାକର୍ମୀମାନେ ଶିକାରୀଙ୍କୁ ଧରିବା ପାଇଁ ରାତିସାରା ଜଗି ରହିଥିଲେ। ସକାଳ ହେବାପରେ ଦୁଇ ଶିକାରୀ ପ୍ରମୋଦ ଓ ଦଶମତ ଶିକାର ନେବାକୁ ଆସିଥିବା ବେଳେ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଥିଲେ। କାରଖାନା କର୍ତ୍ତୃପକ୍ଷ ସ୍ଥାନୀୟ ବନବିଭାଗକୁ ଘଟଣା ସମ୍ପର୍କରେ ଅବଗତ କରିବା ପରେ ଟିଟିଲାଗଡ଼ ରେଞ୍ଜ ଅଧିକାରୀ ସଚ୍ଚିଦାନନ୍ଦ ସୁବୁଦ୍ଧି ଏକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଭିଯୁକ୍ତ ଶିକାରୀ ଦ୍ୱୟଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ଗୋଟିଏ ମୃତ ବାର୍‌ହା ବନ ବିଭାଗ ଜବତ କରିଥିଲା। ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଚାଲିଥିବା ସୁବୁଦ୍ଧି ପ୍ରକାଶ କରିଛନ୍ତି।





ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଅବସରପ୍ରାପ୍ତ ରେଳବାଇ କର୍ମଚାରୀଙ୍କ ପରଲୋକ

**ଟିଟିଲାଗଡ଼,୨୨।୩(ଶରତ ମିଶ୍ର)**

ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଜଗୁଆ ଗ୍ରାମର ଅବସରପ୍ରାପ୍ତ ରେଳବାଇ କର୍ମଚାରୀ ରାମକର ନାଗ (୮୦)ଙ୍କ ରାୟପୁରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ପରଲୋକ ଘଟିଛି। ତାଙ୍କ ମରଶରୀରକୁ ଜଗୁଆ ଗ୍ରାମକୁ ଅଣାଯାଇ ଅନ୍ତିମ ସଂସ୍କାର କରାଯାଇଥିଲା । ପୁଅ କଂଗ୍ରେସ ନେତା ମଗନ ନାଗ ମୁଖାଗ୍ନି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁଅ ଦୟାନିଧି, ଝିଅ ବସୁମତୀ, ଜ୍ୱାଇଁ ଶନ୍ତ, ନାତି ହିମାଂଶୁ, ଆକାଶ, ନାତୁଣୀ ପତାଞ୍ଜଳୀ ତଥା ପରିବାରବର୍ଗ ଉପସ୍ଥିତ ଥିଲେ। ବରିଷ୍ଠ କଂଗ୍ରେସ ନେତା ଡମ୍ବରୁଧର ଛତ୍ରିଆ, ବୀରେନ୍ଦ୍ର ବାଗ, ଲାଲଟୁ ତାଣ୍ଡି, ଲିଙ୍ଗ ସୁନା, ନେତ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ସେ ଜଣେ ପରୋପକାରୀ. ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# 'ଜଳ ଶୁଦ୍ଧୀକରଣରେ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

### ମାସିକ ଆଲୋଚନାଚକ୍ର

**ବଲାଙ୍ଗୀର,୨୨।୩(ବୀରେନ୍ଦ୍ର କୁମାର ଝାଙ୍କର)**

ବିଚାର ଏବଂ ଭୂମିକା ଅନୁଷ୍ଠାନ ପକ୍ଷରୁ ଶନିବାର ସନ୍ଧ୍ୟାରେ ମଣ୍ଟେସୋରୀ ସ୍କୁଲ ପ୍ରାଙ୍ଗଣରେ ମାସିକ ବିଚାର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜଳ ଶୁଦ୍ଧିକରଣରେ ନାଗରିକଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ରରେ ଅଧ୍ୟାପିକା ମୃଗାକ୍ଷୀ ପଣ୍ଡା ଏବଂ ଡ. ଅଶ୍ୱିନୀ କୁମାର ରଥ ଆଲୋଚକ ଭାବେ ଯୋଗ ଦେଇଥିଲେ। ଆଲୋଚକମାନେ କହିଥିଲେ, ଜଳ ହିଁ ଜୀବନ। ଆବାହମାନ କାଳରୁ ଜଳ ବିଶୁଦ୍ଧିକରଣ ପ୍ରକ୍ରିୟା ଚାଲିଆସିଛି। ମଣିଷର ସ୍ୱାସ୍ଥ୍ୟ ସହ ଶୁଦ୍ଧ ଜଳ ପାନ କରିବା ନିହାତି ଗୁରୁତ୍ୱପୂର୍ଣ୍ଣ। ଜଳ ପ୍ରଦୂଷଣ ଏବେ ସାଧାରଣ କଥାରେ ପରିଣତ ହୋଇଗଲାଣି। ଏଣୁ ଅନେକ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳୁଛି। ଏଭଳି ପରିସ୍ଥିତିରେ ଜଳ ଶୁଦ୍ଧିକରଣରେ ନାଗରିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଦୁଇ ଆଲୋଚକ କହିଥିଲେ। ଆଲୋଚିକା ପଣ୍ଡା ବିଜ୍ଞାନ





ବିଚାର ମାସିକ ଆଲୋଚନାଚକ୍ରରେ ଅଧ୍ୟାପିକା ମୃଗାକ୍ଷୀ ପଣ୍ଡା ବକ୍ତବ୍ୟ ରଖୁଛନ୍ତି।

ଯୁଗରେ ଆଧୁନିକ ଜଳ ଶୁଦ୍ଧିକରଣ ଏବଂ ପୌରାଣିକ ଯୁଗର ଜଳ ଶୁଦ୍ଧିକରଣ ସମ୍ପର୍କରେ ଆଲୋଚନା କରିଥିଲେ। ସହରର ସମସ୍ତ ଜଳାଶୟ କିପରି ପ୍ରଦୂଷିତ ହୋଇପଡିଛି କହିଥିଲେ। ଲୋକେ ଚାହିଁଲେ କିପରି ସମସ୍ତ ଜଳାଶୟର ଜଳ ଶୁଦ୍ଧିକରଣ ହୋଇପାରିବ କହିଥିଲେ। ଏ ଦିଗରେ ବ୍ୟାପକ ସଚେତନତା ଲୋଡା ବୋଲି କହିଥିଲେ। ଅନ୍ୟତମ ଆଲୋଚକ ଡ. ରଥ ଜଳ ସଂରକ୍ଷଣ ଏବଂ ଶୁଦ୍ଧିକରଣରେ ପ୍ରକୃତରେ କେଉଁ ସବୁ ଦିଗ ପ୍ରତି ଲୋକେ ସଚେତନ ହେବା ଜରୁରୀ କହିଥିଲେ। ପ୍ରାରମ୍ଭରେ ବିଚାର ପକ୍ଷରୁ ଅଖିଳ ଚନ୍ଦ୍ର ହୋତା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ମଣ୍ଟେସୋରୀ ସ୍କୁଲ ପ୍ରତିଷ୍ଠାତା ରବିଚନ୍ଦ୍ର ଉଦ୍‌ଗାତା ସ୍ୱାଗତ ଭାଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଡ. ଶ୍ରୀକର ମିଶ୍ର, ରାମଶରଣ ହୋତା, ଭାଗିରଥି ମିଶ୍ର, ଡ. ତରୁଣ କୁମାର ମିଶ୍ର, ପ୍ରଭାକର ମିଶ୍ର, ମଧୁସୂଦନ ନାୟକ, ଆଶୁତୋଷ ପୁରୋହିତ, ସମାଜସେବୀ ଆକୁଳ ବେହେରା, ବିଚାରର ଆବାହକ ଚିତ୍ତରଞ୍ଜନ ଦାଶ, ସରୋଜ ନାୟକ, ମଣ୍ଟେସୋରୀ ସ୍କୁଲ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ତନାଘନା

## ହେଲପରଙ୍କୁ ମାଡ, ଦେହରେ ଗରମ ପାଣି ଢାଳିବା ଘଟଣା

### ■ସୁରକ୍ଷା କର୍ମଚାରୀ ପରେ ଡ୍ରାଇଭର ଗିରଫ



ଗିରଫ କାର ଡ୍ରାଇଭର ଜଗବନ୍ଧୁ ପଧାନ ।



ଗିରଫ ସୁରକ୍ଷା କର୍ମଚାରୀ ଦୀନେଶ ବେହେରା।



ଆହତ ଯୁବକ

**ସୋନପୁର,୨୨।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା କ୍ଷେତିପଡାସ୍ଥିତ ଜୟରାମ କନଷ୍ଟ୍ରକଶନ୍ କମ୍ପାନୀରେ ଜଣେ ହେଲପରଙ୍କୁ ମାଡ ମାରିବା ସହିତ ଦେହରେ ଗରମ ପାଣି ଢାଳି ଦିଆଯାଇଥିଲା। ଏହି ଘଟଣାରେ ହେଲପର ତଥା ସମ୍ବଲପୁର ଜିଲା ରେଢାଖୋଲ ଥାନା ବଡକସିବାହାଲ ଗ୍ରାମର ମନୋରଞ୍ଜନ ସ୍ୱାଇଁଙ୍କ ପୁଅ ଚିନ୍ମୟ(୧୮) ଗୁରୁତର ହୋଇଛନ୍ତି। ତାଙ୍କ ମୁଣ୍ଡଠାରୁ ଶରୀରର ବିଭିନ୍ନ ଅଂଶରେ ଫୋଟକା ହୋଇ ଚମଡା ଉଠିଯାଇଛି। ଚିନ୍ମୟଙ୍କୁ କନଷ୍ଟ୍ରକଶନ କମ୍ପାନୀର ମୁଖ୍ୟ ଜୟରାମ ପୂଜାରୀଙ୍କ ପୁଅ ଆକାଶ, ଆକାଶଙ୍କ ସୁରକ୍ଷା କର୍ମଚାରୀ ଦୀନେଶ ବେହେରା ଓ ଡ୍ରାଇଭର ଜଗବନ୍ଧୁ ପଧାନ ଅକଥନୀୟ ନିର୍ଯାତନା ଦେଇଥିଲେ। ଅଭିଯୋଗକ୍ରମେ ବୁଧବାର ବୀରମହାରାଜପୁର ଥାନାରେ ମାମଲା ରୁଜୁ ହୋଇଥିଲା। ତେବେ ଘଟଣା ପରଠାରୁ ମୁଖ୍ୟ ଅଭିଯୁକ୍ତ ଆକାଶ ଫେରାର ହୋଇଯାଇଛନ୍ତି। ସେ ରାଜ୍ୟ ବାହାରକୁ ଚାଲି ଯାଇଥିବା ଅନୁମାନ କରାଯାଉଛି। ତାଙ୍କୁ ଧରିବା ପାଇଁ ତନାଘନା ଜାରି ରହିଥିବା ବୀରମହାରାଜପୁର ଆଇଆଇସି ଶୁଭଙ୍କର ସେଠ୍ କହିଛନ୍ତି। ଶନିବାର କାର ଡ୍ରାଇଭର ଜଗବନ୍ଧୁଙ୍କୁ ପୋଲିସ ଭୁବନେଶ୍ୱରରୁ ଗିରଫ କରି କୋର୍ଟଚାଲାଣ କରିଛି। ଗୁରୁବାର ସୁରକ୍ଷା କର୍ମଚାରୀ ଦୀନେଶ ବେହେରାଙ୍କୁ କ୍ଷେତିପଡା ସ୍ଥିତ କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟରୁ ଗିରଫ କରାଯାଇଥିଲା।

ସୂଚନା ଅନୁଯାୟୀ ଚିନ୍ମୟ ୨ସପ୍ତାହ ପୂର୍ବରୁ କମ୍ପାନୀର ଗାଡି ହେଲପରଭାବେ ଯୋଗ ଦେଇଥିଲେ। ଗତ ୧୬ ତାରିଖରେ ସେ ବୌଦ୍ଧ ଜିଲା ଉଫୁଲାରେ ନିର୍ମାଣାଧୀନ ବ୍ରିଜ୍ କାମରେ ନିୟୋଜିତ ହୋଇଥିବା କଂକ୍ରିଟ୍ ମିକ୍ସଚର ଗାଡିର ହେଲପରଭାବେ କାର୍ଯ୍ୟ କରିଥିଲେ। ରାତି ୯ଟାରେ ଆକାଶ ପୂଜାହାରୀ ତାଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମଚାରୀ ଦୀନେଶ ଓ କାର ଡ୍ରାଇଭର ଜଗବନ୍ଧୁ ଦପଲା ସ୍ଥିତ ପ୍ରକଳ୍ପ ନିର୍ମାଣସ୍ଥଳରେ ପହଞ୍ଚିଥିଲେ। କ୍ୟାମ୍ପରୁ ରଡ ଓ ସିମେଣ୍ଟ ଚୋରି ଅଭିଯୋଗରେ ଆକାଶ ଓ ତାଙ୍କ ସହଯୋଗୀ ଚିନ୍ମୟଙ୍କୁ କାରରେ କ୍ଷେତିପଡା ସ୍ଥିତ କମ୍ପାନୀ କାର୍ଯ୍ୟାଳୟକୁ ବଳପୂର୍ବକ ନେଇ ଆସିଥିଲେ। ସେଠାରେ ଆକାଶ ଚିନ୍ମୟଙ୍କୁ ବାଡିରେ ନିର୍ଘୁକ ମାଡ କାରିବା ସହ ଅଟକ ରଖିଥିଲେ। ପରେ ତାଙ୍କୁ ମୁହଁରୁ ତଳକୁ ଗରମ ପାଣି ଢାଳି ଦେଇଥିଲେ। ଗୁରୁତର ହୋଇ ପଡିଥିବା ଚିନ୍ମୟଙ୍କୁ ଚିକିତ୍ସା କରିବା ବଦଳରେ ଆକାଶ ଓ ତାଙ୍କ ସହଯୋଗୀ ଏକ ଘର ଭିତରେ ଗୋଡ ହାତ ବାନ୍ଧି ଭର୍ତ୍ତି କରି ଦେଇଥିଲେ। ୧୮ ତାରିଖରେ ଚିନ୍ମୟ ଏ ସମ୍ପର୍କରେ ଫୋନ ଯୋଗେ ନିଜ ପରିବାରକୁ ଜଣାଇଥିଲେ। ତାଙ୍କ ସମ୍ପର୍କୀୟ ଭାଇ ଉଲୁଣ୍ଡା ଡାକ୍ତରଖାନାରେ ଚିକିତ୍ସା କରିବା ପରେ ବୀରମହାରାଜପୁର ଥାନାକୁ ଯାଇ ଅଭିଯୋଗ କରିଥିଲେ। ତେବେ ଏକ ପ୍ରତିଷ୍ଠିତ ଠିକା କମ୍ପାନୀର ପୁଅଙ୍କ ଏଭଳି କାର୍ଯ୍ୟକୁ ନିନ୍ଦା କରାଯାଇଛି। ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପଶ୍ଚିମ ଓଡ଼ିଶା ଜେସିବି ଚାଳକ ସଂଘ ପକ୍ଷରୁ ଜିଲାପାଳ ଓ ଏସ୍‌ପିଙ୍କୁ ଶନିବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

# ସାଧୁସନ୍ଥଙ୍କ ସମାଗମରେ ଆଧ୍ୟାତ୍ମିକ ପରିବେଶ

## ଜଗନ୍ନାଥ ମହୋତ୍ସବର ଚୁତର୍ଥ ଦିବସ



ସନ୍ଧ୍ୟାରେ ମଙ୍ଗଳ ଆରତୀ ଅର୍ପଣ କରାଯାଉଛି।

**ସୋନପୁର,୨୨।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହରର ସ୍ୱର୍ଣ୍ଣ ପ୍ରୟାଗ ରାମେଶ୍ୱରଠାରେ ଚାଲିଥିବା ଜଗନ୍ନାଥ ମହୋତ୍ସବ ଶନିବାର ଚତୁର୍ଥ ଦିନରେ ପହଞ୍ଚିଛି। ରାମେଶ୍ୱର ମନ୍ଦିର କୁଞ୍ଜ ଘରେ ସକାଳଠାରୁ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଷ୍ଟାଡିୟମ ପରିସରରେ ପୂର୍ବ ଦିନମାନଙ୍କ ଭଳି ଶ୍ରୀଜୀଉଙ୍କ ୩୨ବେଶ, ପଞ୍ଚଦିବସୀୟ ଶ୍ରୀବିଷ୍ଣୁ ମହାଯଜ୍ଞ, ଶ୍ରୀବିଷ୍ଣୁ ପୂଜନ, ଶ୍ରୀବିଷ୍ଣୁ ସହସ୍ରନାମ ପଠନ ଅନୁଷ୍ଠିତ ହୋଇଛି। ଭଜନ ଓ ସନ୍ଧ୍ୟାରେ ଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତିର ପ୍ରବୀଣ ପ୍ରବାଚକ ଡ. କୃଷ୍ଣକେଶବ ଷଡଙ୍ଗୀଙ୍କ ପ୍ରବଚନ ଶୁଣିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ସାଧୁସନ୍ଥଙ୍କ ସମାଗମ ମହୋତ୍ସବରେ ଏକ ଅନନ୍ୟ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ମହୋତ୍ସବ ପରିସରରେ ପୁରୀରୁ ଆସିଥିବା ମହାସୁଆରଙ୍କ ପ୍ରସ୍ତୁତ ଖଜା ଓ ଭୋଗ ଷ୍ଟଲ ଆଗରେ ଗହଳି ଲାଗିଛି। ଦୁର୍ଲଭ ବେଶ, ଯଜ୍ଞ ଓ ସାଧୁସନ୍ଥଙ୍କୁ ଦେଖିବା ପାଇଁ ମହୋତ୍ସବ ପରିସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଶ୍ରୀ ଜଗନ୍ନାଥଙ୍କ ଆଦ୍ୟ ଲୀଳାପୀଠରେ ଏହି ଧାର୍ମୀକ କାର୍ଯ୍ୟକ୍ରମକୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁଙ୍କୁ ଆନନ୍ଦ ବଜାରରେ ମାଗଣାରେ ପ୍ରସାଦ ଦିଆଯାଉଛି। ବେଶ ସମ୍ମୁଖରେ ପ୍ରତ୍ୟହ ୩୨ଯୋଡି ଦମ୍ପତି ସଂକଳ୍ପରେ ବସି ବ୍ରହ୍ମପୂଜନ ସହ ବିଷ୍ଣୁସହସ୍ର ନାମଜପ ଓ ଦିବ୍ୟ ଆଳତୀ ପ୍ରଦାନ କରୁଛନ୍ତି। ମୁଖ୍ୟ ମାର୍ଗଦର୍ଶକ ମହନ୍ତ ଶ୍ରୀ ବଂଶୀଧର ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ଆଚାର୍ଯ୍ୟ ରାଜୀବ ଲୋଚନ ପଣ୍ଡା ଓ ରାଧେଶ୍ୟାମ ପୁରୋହିତଙ୍କ ନେତୃତ୍ୱରେ ଶତାଧିକ ପଣ୍ଡିତ ଯଜ୍ଞ ଓ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଘୃତଯଜ୍ଞ, ଆଚାର୍ଯ୍ୟଙ୍କ ମନ୍ତ୍ର ଉଚ୍ଚାରଣ ଓ ଜୟ ଜଗନ୍ନାଥ ଧ୍ୱନିରେ ପରିବେଶ ପ୍ରକମ୍ପିତ ହେଉଛି। ମହୋତ୍ସବ କମିଟିର ଆବାହକ ଗଦାଧର ବାରିକ୍, ସମ୍ପାଦକ ଶ୍ୟାମାଓଁ ପ୍ରସାଦ ମିଶ୍ର, ବୈକୁଣ୍ଠନାଥ ଶତପଥୀ, ଶ୍ରୀବତ୍ସ ମଲ୍ଲିକ, ବିଘ୍ନରାଜ ପଣ୍ଡା, ଦୁର୍ଯ୍ୟୋଧନ ସାହୁ, ମନୋଜ ବାରିକ, ଗଣପତି ବାଘ, ସୁଭଦ୍ରା ବାହିନୀ ମହିଳା କର୍ମକର୍ତ୍ତା ଶ୍ରଦ୍ଧାଞ୍ଜଳି ମିଶ୍ର, ଆରତୀ ଖମାରୀ,ସୁନନ୍ଦା ସାହୁ, ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ, ଗୀତାଞ୍ଜଳି ବହିଦାର, ନିରୁପମା ପର୍ଡିଆ, ସଞ୍ଜୁକ୍ତା ହୋତା, ସୁଜ୍ଞାନୀ ପାଣିଗ୍ରାହୀ, କଲ୍ୟାଣୀ ମିଶ୍ର, ପ୍ରତିମା ସେଠୀ, ଜ୍ୟୋତି ପାତ୍ର ଓ ସ୍ମିତାରାଣୀ ମେହେର ପ୍ରମୁଖ ମହୋତ୍ସବ ପରିଚାଳନା କରୁଛନ୍ତି।

# ଗଞ୍ଜେଇ ଜବତ, ୨ ଗିରଫ

**ଡୁଙ୍ଗୁରିପାଲି,୨୨।୩(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଥାନା ପୋଲିସ ଚଢାଉ କରି ୫କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ଅନିରୁଦ୍ଧ ଗୁପ୍ତା (୭୪) ଓ ସଦାନନ୍ଦ ଭୋଇ (୪୦)। ଉଭୟଙ୍କ ଘର ସୁବର୍ଣ୍ଣପୁର ଜିଲା ରାମପୁର ଥାନା ବାଙ୍କିପାଲି ଗ୍ରାମରେ। ଶୁକ୍ରବାର ରାତିରେ ରାମପୁର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବାଙ୍କିପାଲି ଛକରେ ଥିବା ୨ଜଣଙ୍କୁ ପୋଲିସ ସନ୍ଦେହରେ ପଚରାଉଚରା କରିଥିଲେ। ସେମାନଙ୍କ ପାଖରେ ଗୋଟିଏ ବସ୍ତାରେ ଥିବା ୫ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏକ ମାମଲା ରୁଜୁ କରି ପୋଲିସ ଉଭୟଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ପଦ୍ମାସିନୀ ମେହେର କହିଛନ୍ତି।

# ବିଶ୍ୱ କବିତା ଦିବସରେ ରମାକାନ୍ତ ରଥଙ୍କ ସ୍ମୃତିଚାରଣ





ଦିବସ ପାଳନ ଅବସରରେ ଅତିଥିମାନେ।

**ସୋନପୁର,୨୨।୩(ମୃତ୍ୟୁଞ୍ଜୟ ଶତପଥୀ)**

ସାଂସ୍କୃତିକ ଅନୁଷ୍ଠାନ ସୁବର୍ଣ୍ଣସ୍ୱର ଏବଂ ତନୁଶାନ ପରିବାରର ମିଳିତ ଆନୁକୂଲ୍ୟରେ ବିଶ୍ୱ କବିତା ଦିବସ ପାଳିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଅନୁଷ୍ଠାନ ସଭାପତି ଶ୍ରୀଧର ବାଗଙ୍କ ଅଧ୍ୟକ୍ଷତାରେ ଏହି ଦିବସ ପାଳନ ହୋଇଥିଲା। ସରସ୍ୱତୀ ସମ୍ମାନରେ ସମ୍ମାନୀତ ପଦ୍ମଭୂଷଣ କବି ରମାକାନ୍ତ ରଥଙ୍କ ପ୍ରତି ସମର୍ପିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ସୋନପୁର କଲେଜର ଅଧ୍ୟାପିକା ଡ. ଇତିଶ୍ରୀ ଦାସ ଯୋଗ ଦେଇଥିଲେ। ବିଶିଷ୍ଟ ସାହିତ୍ୟିକ ଓ ଗବେଷକ ସୁଦାମ ନାଏକ ମୁଖ୍ୟବକ୍ତା ଭାବେ ଯୋଗଦାନ କରି କବି ରମାକାନ୍ତ ରଥଙ୍କ ଜୀବନୀ ଏବଂ ଓଡ଼ିଆ ସାହିତ୍ୟ ଜଗତକୁ ତାଙ୍କର ଅବଦାନ ବିଷୟରେ ଆଲେଚନା ରଖିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଡ଼ ରାମଚନ୍ଦ୍ର ବାଗ ଓ ବରିଷ୍ଠ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ଯୋଗଦେଇ କବି ରମାକାନ୍ତ ରଥଙ୍କ ପ୍ରଶାସନିକ ଓ ସାହିତ୍ୟିକ ଦକ୍ଷତା ସମ୍ପର୍କରେ ଆଲୋକପାତ କରିଥିଲେ। ସଭା ପରେ କବିଙ୍କ ପ୍ରତି ସମର୍ପିତ ଏକ କବିତା ପାଠ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ଶ୍ରୀଧର ବାଗଙ୍କ ଅନୂଦିତ

## କୋସଲି ଶ୍ରୀରାଧାରୁ କବିତା ପାଠ

କୋସଲି ଶ୍ରୀରାଧାର କବିତାଗୁଡ଼ିକୁ କବି ଲକ୍ଷ୍ମୀନାରାୟଣ ସାହୁଙ୍କ ସଂଯୋଜନାରେ ଆବୃତ୍ତି କରିଥିଲେ କବି ରଞ୍ଜିତା ପଣ୍ଡା, ସସ୍ମିତା ମେହେର, ସନ୍ତୋଷିନୀ ନାୟକ, ସ୍ୱର୍ଣ୍ଣପ୍ରଭା ମହାପାତ୍ର, ସ୍ୱପ୍ନା ଶର୍ମିଷ୍ଠା ମିଶ୍ର, ସନ୍ତୋଷିନୀ ନନ୍ଦ, ଭାର୍ଜନ ପ୍ରଧାନ, ରଞ୍ଜୁ ଅମାତ, ସୁବ୍ରତ କୁମାର ପଣ୍ଡା ଏବଂ ଦୋଳଗୋବିନ୍ଦ ପଣ୍ଡା। କାର୍ଯ୍ୟକ୍ରମରୁ ସଫଳ ସମାପନରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଅକ୍ଷୟ ବେରିଆ, ସସ୍ମିତା ଦେହେରୀ, ପ୍ରହଲ୍ଲାଦ ବିଶି, ରୀତା ଗ୍ଲୋରିଆ ଏକ୍କା, ନବୀନ ବାଗ, ସୁଶାନ୍ତ ଭୋଇ ଏବଂ ରାମଜୀ ମାଝୀ ସହଯୋଗ କରିଥିଲେ। ସନ୍ତୋଷିନୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**ସୋନପୁର,୨୨।୩(ମୃତ୍ୟୁଞ୍ଜୟ ଶତପଥୀ)**

ଉତ୍ତମ ଶିକ୍ଷା ମନୁଷ୍ୟକୁ ଜ୍ଞାନର ସର୍ବୋଚ୍ଚ ଶିଖରରେ ପହଞ୍ଚାଇଥାଏ। ବୈଷୟିକ ଶିକ୍ଷା ହେଉ ଅଥବା ନୈତିକ ଶିକ୍ଷା, ଉଭୟକୁ ସକାରାତ୍ମକ ଭାବେ ଗ୍ରହଣ କଲେ ବିଦ୍ୟାର୍ଥୀ ଜୀବନରେ ଉନ୍ନତିର ଶିଖରତମ ପ୍ରଦେଶର ପହଞ୍ଚି ଥାଏ ବୋଲି ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୧୬ତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଶ୍ରମ ପରିସରରେ ଆୟୋଜିତ ଏହି ବର୍ଣ୍ଣାଢ଼୍ୟ ପରିବେଶରେ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ ଶିକ୍ଷାବିତ୍ ଭଗବାନ ମିଶ୍ର । ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ କୁମାର ରଥ, ମୁଖ୍ୟବକ୍ତାଭାବେ ଶିକ୍ଷାକେନ୍ଦ୍ରର ଜୋନାଲ ସଙ୍ଗଠକ ମଦନମୋହନ ଦାନୀ, ବିଶିଷ୍ଟ ଅତିଥି ଜୋନାଲ ସଙ୍ଗଠକ ଅମିତ ସାହୁ, ସମ୍ମାନିତ ଅତିଥି କବି ରାଧେଶ୍ୟାମ ମିଶ୍ର, ରବିନ୍ଦ୍ର ହୋତା ଓ କଣ୍ଠଶିଳ୍ପୀ ଶାଶ୍ୱତ ତ୍ରିପାଠୀ ମଞ୍ଚାସୀନ ଥିଲେ। କବି ଭାଇ ମାତୃବାଣୀ ଉପସ୍ଥାପନା କରିଥିବାବେଳେ ରାଜେଶ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନ ସମ୍ପାଦକ ମନରଞ୍ଜନ ଦାଶ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମେଧା ସମ୍ମାନରେ ରୁଦ୍ରନାରାୟଣ ଦାସ, ଅନ୍ତର୍ଯ୍ୟାମୀ ମିଶ୍ର, କର୍ମଯୋଗୀ ସମ୍ମାନରେ ଅଭିମନ୍ୟୁ ବର୍ଗତ୍ତି, ମରଣୋତ୍ତର ସାଇଟ ସମ୍ମାନରେ ସ୍ୱର୍ଗତ ଭୁବନେଶର ମିଶ୍ର, ପ୍ରକୃତିବନ୍ଧୁ ସମ୍ମାନ ବିପିନ ଅଗ୍ରୱାଲ, କର୍ମବୀର ସମ୍ମାନ ନମିତା ହୋତା ଓ ସାବିତ୍ରୀ ସାହିତ୍ୟ ସମ୍ମାନରେ ସନ୍ତୋଷିନୀ ନାୟକ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଛି।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ବୌଦ୍ଧ,୨୨।୩(ଅଜିତ କୁମାର ବାରିକ)**

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟ ନିରଞ୍ଜନ ମିଶ୍ର ଯୋଗଦେଇ ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମର ଉପକାରିତା ଉପରେ କହିଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ସୁମିତା ସାହୁ, ଅଧ୍ୟାପିକା ବାସନ୍ତୀ ପ୍ରଧାନ ମତ ଉପସ୍ଥାପନା କରିଥିଲେ। ଶିବିରରେ ପ୍ରଶିକ୍ଷିକା ଭାବେ ସନ୍ଧ୍ୟାରାଣୀ ସାହୁ ଓ ରୋଜାଲିନ ରାଜହଂସ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ।

# ସମ୍ରାଟକୁ ହରାଇ ବଜରଙ୍ଗୀ ବିଜୟୀ

**ବିନିକା,୨୨।୩ (ରାମ ଗୋପାଳ ବାଘ)**

ବିନିକା ତାରାପୁରଗଡ ମିନି ଷ୍ଟାଡିୟମରେ ଚାଲିଥିବା ବିନିକା ପାଲିପଡା କ୍ରିକେଟ ଲିଗ ମ୍ୟାଚର ଶନିବାର ଅନୁଷ୍ଠିତ ତୃତୀୟ ମ୍ୟାଚରେ ସମ୍ରାଟ ୧୧କୁ ହରାଇ ବଜରଙ୍ଗୀ ଫାଇଟର ବିଜୟୀ ହୋଇଛି। ପ୍ରଥମେ ସମ୍ରାଟ ୧୧ ବ୍ୟାଟିଂ କରି ୧୦ଓଭରରେ ୯ ଉଇକେଟ ହରାଇ ୪୭ରନ କରିଥିଲା। ଜବାବରେ ବଜରଙ୍ଗୀ ଦଳ ୩ ଉଇକେଟ ହରାଇ ଆବଶ୍ୟକ ରନ ହାସଲ କରି ବିଜୟୀ ହୋଇଥିଲା। ଅମିତ ବିକ୍ରମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସଚିଦାନନ୍ଦ ଦାସ, ଅମ୍ବରିଶ ଦାସ, ନିଲୁ ନାଗ ଅତିଥିଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ବବୁଲୁ ରାଉତ ଏବଂ ଉଭୟ ଦଳଙ୍କୁ ପୁରସ୍କୃତ କରିଥିଲେ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠକ ନ ଦେଖିଲେ ବଣିଆ ଦେଖ**
**ବାଘ ନ ଦେଖିଲେ ବିରାଡ଼ି ଦେଖ।**

ସୁନାରି ବଣିଆ ଅଳଙ୍କାର ତିଆରି କରିବା ସମୟରେ ଖାଦ ମିଶାଇ ପ୍ରକୃତ ସୁନାର କିଛି ପରିମାଣ ଅପହରଣ କରି ନେଇଥାନ୍ତି। ଏଣୁ ସବୁ ଠକଙ୍କ ମଧ୍ୟରେ ସେ ହିଁ ପ୍ରତ୍ୟକ୍ଷ ଠକ ଭାବେ ବିବେଚନା ହୋଇଥାନ୍ତି। ସେହିପରି ବାଘ ଓ ବିଲେଇ ଦୁହେଁ ଦେଖିବାକୁ ପ୍ରାୟତଃ ଏକାପରି ହୋଇଥାନ୍ତି। କେବଳ ଆକାରରେ ଯାହା କିଛି ଫରକ ବା ପ୍ରଭେଦ ରହିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଠାପୁଆ ବଳଦ ରକ୍ଷା ପାଏ**
**ଠାପୁଆ ମଣିଷ ନାଶ ଯାଏ।**

ବଳଦ ଠାପୁଆ ହେଲେ ମାଲିକର କୋପ ଦୃଷ୍ଟିରୁ ବର୍ତ୍ତିବାର ସମ୍ଭାବନା ଥାଏ। ପରନ୍ତୁ ମଣିଷ ଠାପୁଆ ହେଲେ ନିଷ୍କର୍ମା ଯୋଗୁ ରୋଗ ତାକୁ ଗ୍ରାସିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ





ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ପାଲାରେ ଜଳ ପରିଚାଳନା ସଚେତନତା ବାର୍ତ୍ତା



ପାଲା ମାଧ୍ୟମରେ ସଚେତନ କରାଯାଉଛି ।

**ବୌଦ୍ଧ,୨୨।୩(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ପ୍ରଶାସନ ଓ ଜଳସେଚନ ବିଭାଗ ପକ୍ଷରୁ ଶନିବାର ବିଶ୍ୱ ଜଳ ଦିବସ ଟାଉନ ହଲଠାରେ ପାଳିତ ହୋଇଛି। ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ, ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର ପ୍ରମୁଖ ଯୋଗ ଦେଇଥିଲେ। ୭୧ ଭାଗ ଜଳ ଥିବା ସତ୍ତ୍ୱେ ଆମେ ଜଳରୁ ବଞ୍ଚିତ ହେଉଛୁ। ତେଣୁ ଜଳ ସଞ୍ଚୟ ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ପାଲା ମାଧ୍ୟମରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଶେଷରେ ଅତିଥିମାନେ ଚାଷୀମାନଙ୍କୁ ପୁରସ୍କୃତ କରିଥିଲେ।

# ଜଳିଗଲା ଶହ ଶହ ଏକର ଜମିର ପାଳ

**ବାଉଁଶୁଣୀ,୨୨।୩(ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ଅଁଳାପାଲି ପଞ୍ଚାୟତର ସାହୁପଡା ଓ ଦନ୍ତାପାଲି ଅଞ୍ଚଳର ଧାନବିଲରେ ପଡିଥିବା ପାଳରେ ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୨ଟା ସମୟରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଫଳରେ ଶହ ଶହ ଏକର ଜମିର ପାଳ ପୋଡିଯାଇଥିଲା। ନିଆଁ ଗ୍ରାମ ଓ ବିଦ୍ୟୁତ୍ ଟ୍ରାନ୍ସଫର୍ମର ନିକଟକୁ ଚାଲିଆସିଥିଲା। ଲୋକେ ଭୟଭୀତ ହୋଇ ବାଉଁଶୁଣୀ ଦମକଳ ବାହିନୀକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ହରଭଙ୍ଗା ଅଞ୍ଚଳରେ ବର୍ଷା ସହ କୁଆପଥର ମାଡ଼

**ହରଭଙ୍ଗା,୨୨।୩(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧରେ କିଛିଦିନ ତଳେ ପାରଦ ୪୩.୫ ଡିଗ୍ରୀ ଉପରେ ରହିଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା। ଦୁଇଦିନ ତଳେ ପାଗରେ ସାମାନ୍ୟ ପରିବର୍ତ୍ତନ ହେବା ଯୋଗୁ ଲୋକେ ଆଶ୍ୱସ୍ତି ପାଇଥିଲେ। ତେବେ ଶୁକ୍ରବାର ଅପରାହ୍ନରେ ହରଭଙ୍ଗା ବ୍ଲକର ଚାରିଛକ ଅଞ୍ଚଳରେ ବର୍ଷା ହେବା ସହ କୁଆପଥର ମାଡ଼ ହୋଇଥିଲା। ପୁଣି ଶନିବାର ସକାଳୁ ହରଭଙ୍ଗା ବ୍ଲକ ଅଞ୍ଚଳରେ ପାଗ କୋହଲା ଥିବାବେଳେ ସନ୍ଧ୍ୟାରେ ଛତରଙ୍ଗ, ହରଭଙ୍ଗା, କୁଶଙ୍ଗ, ଚାରିଛକ ଅଞ୍ଚଳରେ ପ୍ରବଳ ବର୍ଷା ସାଙ୍ଗକୁ ବଡ ବଡ କୁଆପଥର ମାଡ଼ ହୋଇଥିବା ଦେଖିବାକୁ ମିଳିଛି। କାଳବୈଶାଖୀ ବର୍ଷା ଯୋଗୁ ବ୍ୟାପକ ପନିପରିବା ଚାଷ କ୍ଷୟକ୍ଷତି ହୋଇଥିବା ଜଣାଯାଇଛି।

# ଜଳ ବିଭାଜିକା ମହୋତ୍ସବରେ ୱାଟରଶେଡ୍ ଯାତ୍ରା



ଅତିଥିମାନେ ପତାକା ଦେଖାଇ ୱାଟରଶେଡ୍ ଯାତ୍ରାକୁ ଉଦ୍‌ଘାଟନ କରୁଛନ୍ତି।

**ପଲସାଗୋରା,୨୨।୩(ଅଶ୍ୱିନୀ କୁମାର ନନ୍ଦ)**

ଖଟଖଟିଆ ଗ୍ରାମପଞ୍ଚାୟତ ବ୍ରାହ୍ମଣୀସ୍ଥିତ ବିଜୟ କଳା ମଣ୍ଡପରେ ଶନିବାର ଜଳ ବିଭାଜିକା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ମୁଖ୍ୟ ଅତିଥି, କଣ୍ଟାମାଳ ବିଧାୟକ ପ୍ରତିନିଧି ଅନିଲ ପ୍ରଧାନ, ଜିଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ଖଟଖଟିଆ ସରପଞ୍ଚ ଅରବିନ୍ଦ ପାଣ୍ଡେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭା ପୂର୍ବରୁ ସମସ୍ତ ବିଭାଗୀୟ ଅଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି, ସମ୍ପାଦିକା ଓ ଶତାଧିକ ମହିଳା ପୁରୁଷ ଏକ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ। ଶିକ୍ଷକ ରଞ୍ଜୁ ଅମାତ ଅତିଥି ପରିଚୟ ପ୍ରଦାନ ଏବଂ ରଞ୍ଜନ କୁମାର ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ, ଚାଷୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କୃଷି, ମତ୍ସ୍ୟ, ଉଦ୍ୟାନ, ପ୍ରାଣୀ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଦର୍ଶନୀ ଷ୍ଟଲ ଖୋଲାଯାଇଥିଲା। ଏହି ଅବସରରେ ଲୋକାର୍ପଣ, ବୃକ୍ଷରୋପଣ, ସାମୂହିକ ଶପଥ ପାଠ, ଶ୍ରମଦାନ ଓ ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ନେପାଳ ଚନ୍ଦ୍ର ପଲିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ଜଳ ଦିବସ ପାଳିତ

**ତରଭା, ୨୨।୩ (ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ତୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ବିଦ୍ୟାଳୟ ୟୁଵ ଓ ଇକୋ କ୍ଲବ ଆନୁକୁଲ୍ୟରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନୀତ ଅତିଥିଭାବେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସୁନନ୍ଦା ବାବୁ, କମଳିନୀ ତ୍ରିପାଠୀ, ଭାରତୀ ବେହେରା, ଯାଜ୍ଞସିନି ନାଗ ଯୋଗଦାନ କରିଥିଲେ। ଜଳର ମହତ୍ତ୍ୱ ବୁଝିବା, ଜଳ ଉତ୍ସଗୁଡ଼ିକର ସଂରକ୍ଷଣ, ଜଳର ସୁବ୍ୟବହାର, ଜଳ ପ୍ରଦୂଷଣକୁ ରୋକିବା, ବିଶ୍ୱତାପନ ଯୋଗୁ ହିମବାହ ତରଳି ସମୁଦ୍ର ପତ୍ତନ ବୃଦ୍ଧି ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଛାତ୍ରଛାତ୍ରୀମାନେ ପେଣ୍ଟିଂ କାର୍ଯ୍ୟକ୍ରମରେ ଭାଗନେଇ ଜଳର ମହତ୍ତ୍ୱ ଶୀର୍ଷକ ବିଷୟବସ୍ତୁରେ ଚିତ୍ରାଙ୍କନ କରିଥିଲେ। ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜଳ ସମ୍ବଳର ଗୁରୁତ୍ୱକୁ ଉପଲବ୍ଧି କରି ଏହାର ଉତ୍ସ ଗୁଡିକର ସୁରକ୍ଷା ଓ ଜଳ ସମ୍ପଦର ସଂରକ୍ଷଣ ପାଇଁ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଉମାକାନ୍ତ ଦେହେରୀ ପରିଚାଳନା କରିଥିଲେ। ଶେଷରେ କଳା ଶିକ୍ଷକ ପ୍ରଦୀପ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଫରେଷ୍ଟର, ଫରେଷ୍ଟ ଗାର୍ଡ ସମ୍ମାନିତ



ସମ୍ମାନିତ ହୋଇଥିବା ଫରେଷ୍ଟର ଓ ଫରେଷ୍ଟଗାର୍ଡ।

**ଦେବଗଡ଼,୨୨।୩(ଶଶାଙ୍କ ଶେଖର ଝାଙ୍କର)**

ପରିବେଶ ସୁରକ୍ଷା ଏବଂ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଦେବଗଡ଼ ବନଖଣ୍ଡର ଜଣେ ଫରେଷ୍ଟର ଓ ୩ଜଣ ଫରେଷ୍ଟଗାର୍ଡ ରାଜ୍ୟସ୍ତରରେ ସମ୍ମାନିତ ହୋଇଛନ୍ତି। ଶୁକ୍ରବାର ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ପାଳନ ଅବସରରେ ଦେବଗଡ ବନଖଣ୍ଡ ଅଧୀନ ପାଲଲହଡା ଫରେଷ୍ଟ ସେକ୍ସନର ଫରେଷ୍ଟର ଶ୍ୟାମ ସୁନ୍ଦର ବେହେରା, ଦେବଗଡ଼ ବନାଞ୍ଚଳ କଂସର ଫରେଷ୍ଟ ସେକ୍ସନ କଂସର ବିଟ୍ ଫରେଷ୍ଟଗାର୍ଡ କାର୍ତ୍ତିକେଶ୍ୱର ଦେହୁରୀ, ରିଆମାଳ ବନାଞ୍ଚଳ ରିଆମାଳ ଫରେଷ୍ଟ ସେକ୍ସନ

**ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ**

ରିଆମାଳ ବିଟ୍ର ଫରେଷ୍ଟଗାର୍ଡ ସୁନୀଲ କୁମାର ବେହେରା ଓ ପାଲଲହଡା ବନାଞ୍ଚଳ ଜାମରା ବିଟ ଫରେଷ୍ଟଗାର୍ଡ ନିରଞ୍ଜନ ବେହେରା ରାଜ୍ୟଞ୍ଜସ୍ତରୀୟ ସମ୍ମାନ ପାଇଛନ୍ତି। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଷ ରାମ ସିଂ ଖୁଣ୍ଟିଆ ଯୋଗଦେଇ ୧୦ ହଜାର ଟଙ୍କା ଏବଂ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ।

# କୋର୍ଟରେ ଗଡୁଛି ୪୩ ହଜାର ମାମଲା

**ଝାରସୁଗୁଡ଼ା ଜିଲା**

**■ନ୍ୟାୟ ପ୍ରଦାନରେ ହେଉଛି ବିଳମ୍ବ**

**ଝାରସୁଗୁଡ଼ା,୨୨।୩(ଆଶିଷ ରଞ୍ଜନ ଦାଶ)**

ଦ୍ୱରିତ ନ୍ୟାୟ ପ୍ରଦାନ ଲାଗି ନ୍ୟାୟିକ ବ୍ୟବସ୍ଥାରେ ଲୋକ ଅଦାଲତ ଏବଂ ଫାଷ୍ଟଟ୍ରାକ କୋର୍ଟର ବ୍ୟବସ୍ଥା ରହିଛି। ଏସବୁ ସତ୍ତ୍ୱେ ମାମଲାଗୁଡ଼ିକର ଫଇସଲା ହୋଇ ନ ପାରି ବର୍ଷ ବର୍ଷ ଧରି ପଡ଼ି ରହୁଛି। ଫଳରେ ନ୍ୟାୟ ପ୍ରଦାନରେ ବିଳମ୍ବ ହେଉଛି। ଝାରସୁଗୁଡ଼ା ଜିଲାରେ ଥିବା କୋର୍ଟଗୁଡ଼ିକରେ ଗତ ଫେବୃଆରୀ ଶେଷ ସୁଦ୍ଧା ୪୩ ହଜାର ୫୮୮ଟି ମାମଲା ବିଚାର ନ ହୋଇ ଗଡୁଛି। ଯେଉଁଥିରେ ୨ ଦଶନ୍ଧିର ମାମଲା ମଧ୍ୟ ରହିଛି। ବିଳମ୍ବ ନ୍ୟାୟକୁ ନ୍ୟାୟ ପ୍ରଦାନ ନ କରିବା ସଦୃଶ ବୋଲି କୁହାଯାଇଥାଏ। ଯାହା ଆଜି ଜିଲାରେ ଦେଖିବାକୁ ମିଳିବା ସହ ବହୁ ମାମଲାରେ ଅନେକ ଅଭିଯୁକ୍ତ ଓ ଅଭିଯୋଗକାରୀ ବି ଆଖି ବୁଜି ସାରିଲେଣି।

ସରକାରୀ ୱେବସାଇଟରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ଗତ ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ଜିଲାରେ ସମୁଦାୟ ୪୩ ହଜାର ୭୨ଟି ମାମଲା ବିଚାରାଧୀନ ରହିଛି। ଯେଉଁଥିରେ ୨ ହଜାର ୮୩୩ଟି ସିଭିଲ ଏବଂ ୪୦ ହଜାର ୧୮୯ଟି କ୍ରିମିନାଲ ମାମଲା। ଚଳିତ ଫେବୃଆରୀ ଶେଷ ସୁଦ୍ଧା ଏହି ବିଚାରାଧୀନ ମାମଲା ସଂଖ୍ୟା ବୃଦ୍ଧି ପାଇ ୪୩ ହଜାର ୫୮୮ରେ ପହଞ୍ଚିଛି। ଅନ୍ୟପକ୍ଷରେ ୨୦୨୪ ଜାନୁଆରୀରୁ ଡିସେମ୍ବର ଶେଷ ମଧ୍ୟରେ ଜିଲାର ବିଭିନ୍ନ ଅଦାଲତରେ ବିଚାରାଧୀନ ମାମଲା ମଧ୍ୟରୁ ୯ ହଜାର ୬୨୯ଟି ମାମଲା ଫଇସଲା ହୋଇଥିଲା। ଗତ ଜାନୁଆରୀ ଓ ଫେବୃଆରୀରେ ୧୪୪୫ଟି ମାମଲାର ବିଚାର ଶେଷ ହୋଇଛି। ଏ ସବୁକୁ ହିସାବକୁ ନେଲେ ଜିଲାରେ ୨୦୨୪ରେ ରଜୁ ହୋଇଥିବା ୯ ହଜାର ୩୧୦ଟି ମାମଲା ଏବଂ ପୂର୍ବ ବର୍ଷରେ ରଜୁ ହୋଇଥିବା ୪୩ ହଜାର ୩୯୧ଟି ମାମଲା ମିଶି ସମୁଦାୟ ମାମଲା ରଜୁ ସଂଖ୍ୟା ଗତ ୨୦୨୪ ଡିସେମ୍ବର ସୁଦ୍ଧା ୫୨ ହଜାର ୭୦୧ ରହିଥିଲା। ଚଳିତବର୍ଷ ଜାନୁଆରୀ ଏବଂ ଫେବୃଆରୀରେ ୧ ହଜାର ୯୬୧ଟି ମାମଲା ରଜୁ ହେବା ପରେ ସମୁଦାୟ ମାମଲା ସଂଖ୍ୟା ୫୪ ହଜାର ୬୬୨ରେ ପହଞ୍ଚିଛି। ଜିଲାର ବହୁ ହାଇ ପ୍ରୋଫାଇଲ ମାମଲାଗୁଡ଼ିକର ବିଚାର ମଧ୍ୟ ବିଳମ୍ବିତ ହୋଇ ଚାଲିଛି। ଶ୍ୟାମ କେଡ଼ିଆ ହତ୍ୟା ମାମଲା ଦୁଇ ଦଶନ୍ଧିରୁ ଗଡୁଛି। ୨୦୦୩ ମେ ୩ରେ ବ୍ରଜରାଜନଗରଠାରେ ତତ୍କାଳୀନ ଜିଲା କଂଗ୍ରେସ ସଭାପତି ତଥା କୋଇଲା ବ୍ୟବସାୟୀ ଶ୍ୟାମ କେଡ଼ିଆଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଏହି ହାଇ ପ୍ରୋଫାଇଲ ମାମଲାରେ କାନ୍ତା ଦାସଙ୍କ ସମେତ ସନ୍ତୋଷ ଗୁପ୍ତା, କିଶୋର ଅଗ୍ରୱାଲଙ୍କୁ ଗିରଫ କରାଯାଇଥିଲା। ୨୦୦୩ ସେପ୍ଟେମ୍ବର ୨୫ରେ ଅଭିଯୁକ୍ତ କାନ୍ତାଙ୍କୁ ଝାରସୁଗୁଡ଼ା ଏଡିଜେ କୋର୍ଟରେ ହାଜର ସମୟରେ କୋର୍ଟ ପରିସରରେ ଦୁଇ ଦୁର୍ବୃତ୍ତ ବୋମା ମାଡ଼ କରି ହତ୍ୟା କରିଥିଲେ। ସେହି ହତ୍ୟାକାରୀ ଦୟଙ୍କୁ ପୋଲିସ ଏନକାଉଣ୍ଟରରେ ମୃତ୍ୟୁ ହୋଇଥିଲା। ଯେଉଁମାନଙ୍କ ପରିଚୟ ଆଜିଯାଏଁ ମିଳି ପାରିନାହିଁ। ସାମୁ କେଡ଼ିଆ ହତ୍ୟା ମାମଲାର ୨ପ୍ରମୁଖ ଅଭିଯୁକ୍ତ କାନ୍ତା ଏବଂ ସନ୍ତୋଷଙ୍କ ମୃତ୍ୟୁ ହୋଇ ସାରିଛି। ହେଲେ ଏହି ମାମଲା ୨୦୦୩ ମେ ୬ରେ ଝାରସୁଗୁଡ଼ା ଏସ୍‌ଡିଜେଏମ୍‌ଙ୍କ ଅଦାଲତକୁ ଯିବା ପରେ ଶୁଣାଣୀ ଦିଗରେ ଆଗେଇ ନାହିଁ। ପରେ ୨୦୨୨ ଡିସେମ୍ବର ୧୪ରେ ଏହି ମାମଲା ଅତିରିକ୍ତ ସିଭିଲ ଜଜ୍ ତଥା ଜେଏମ୍‌ଏଫସିଙ୍କ ଅଦାଲତକୁ ଟ୍ରାନ୍ସଫର ହୋଇଥିଲା। ଏହି ସଂଗୀନ ମାମଲା ସେସନ୍ସ କୋର୍ଟକୁ ଯିବା ପାଇଁ ୨୨ ବର୍ଷ ପରେ ବି ସମ୍ଭବ ହୋଇନାହିଁ। ଫଳସ୍ୱରୂପ ନ୍ୟାୟ ଅପେକ୍ଷାରେ ପରିବାର ଲୋକେ ହତାଶ ହୋଇ ପଡ଼ିଛନ୍ତି। ଜିଲାରେ ଏଭଳି ଅନେକ ମାମଲା ଦୀର୍ଘ ଦଶନ୍ଧିରୁ ବିଚାରାଧୀନ ରହିଛି। ନ୍ୟାୟ ପ୍ରଦାନ ପ୍ରକ୍ରିୟା ବିଳମ୍ବିତ ହେବାରେ ଲାଗିଛି।

# ପାଣି ଟାଙ୍କି ଦାନ କଲା ସ୍ୱୀକୃତି ମହିଳା ମଣ୍ଡଳ

**ଝାରସୁଗୁଡ଼ା,୨୨।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ମହାନଦୀ କୋଇଲା କମ୍ପାନୀ ଲିମିଟେଡ୍ ଓରିଏଣ୍ଟ କ୍ଷେତ୍ରରେ ଥିବା ସ୍ୱୀକୃତି ମହିଳା ମଣ୍ଡଳର ଏକ ପ୍ରତିନିଧି ଦଳ ଶନିବାର ପୂର୍ବାହ୍ନ ୧୧ଟାରେ ବ୍ରଜରାଜନଗରରେ ମଝାରେ ଥିବା ନୀଳକଣ୍ଠେଶ୍ୱର ଶିବ ମନ୍ଦିରକୁ ଆସିଥିଲେ। ଆଗାମୀ ଗ୍ରୀଷ୍ମ ଋତୁରେ ପାଣିର ସମସ୍ୟା ଦୂର ପାଇଁ ଏକ ସିନଟେକ୍ସ ପାଣି ଟାଙ୍କି ଦାନ କରିଥିଲେ। ମନ୍ଦିର ଦର୍ଶନ ପରେ ମନ୍ଦିରରେ ଆବଶ୍ୟକ ଥିବା ଦରକାରୀ ଜିନିଷ ପତ୍ର ଆଗାମୀ ଦିନରେ ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ଦଳରେ ମହିଳା ମଣ୍ଡଳ ସଭାପତି ପଲ୍ଲବୀ ନାମ ଯୋଶୀ ଏବଂ ସମ୍ପାଦିକା ରିତୁ କୁମାରଙ୍କ ସହ ଅନ୍ୟ ମହିଳା ସଦସ୍ୟା ଉପସ୍ଥିତ ଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ପର୍ଶୁରାମ ପ୍ରଧାନ, ସାନନ୍ଦ ବିଶି, ଲେନ୍ଦରୀ ପ୍ରଧାନ ଶ୍ରୋତାଙ୍ଗିନୀ ବିଶି, ସବିତା ବିଶି, ସତ୍ୟାନନ୍ଦ ସାହୁ, ମୂରଲୀ ପ୍ରଧାନ, ରୋଜିନ ପ୍ରଧାନ, ବାସନ୍ତୀ ପ୍ରଧାନ, ପ୍ରଭୃତି ମହିଳାମାନେ ଉପସ୍ଥିତ ଥିଲେ। ମହିଳାମାନଙ୍କ ଏପରି କାର୍ଯ୍ୟକୁ ଅଞ୍ଚଳରେ ପ୍ରଂଶସା କରାଯାଇଛି।

# ବଣ୍ଡେଇମୁଣ୍ଡାକୁ ହରାଇଲା ଉତ୍କଳ ଆଥଲେଟିକ୍ କ୍ଲବ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

**ଝାରସୁଗୁଡ଼ା,୨୨।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା କ୍ରୀଡା ସଂଘ ଆନୁକୂଲ୍ୟରେ ୨ୟ ଓଏସଏପି ଷ୍ଟାଡିୟମରେ ଚାଲିଥିବା ଆନ୍ତଃ କ୍ଲବ ଫୁଟ୍‌ବଲ ପ୍ରତିଯୋଗିତାର ଶନିବାର ଅପରାହ୍ନ ୪ଟାରେ ଦ୍ୱିତୀୟ ଦିନର ମ୍ୟାଚ୍‌ରେ ବଣ୍ଡେଇମୁଣ୍ଡାକୁ ହରାଇ ଥିଲା ଉତ୍କଳ ଆଥେଲେଟିକ୍ କ୍ଲବ। ବଣ୍ଡେଇମୁଣ୍ଡା ଓ ଉତ୍କଳ ଆଥଲେଟିକ କ୍ଲବ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ଉତ୍କଳ ଆଥେଲେଟିକ୍ କ୍ଲବ ବଣ୍ଡେଇମୁଣ୍ଡା ଦଳକୁ ୨-୦ ଗୋଲରେ ପରାସ୍ତ କରି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ମ୍ୟାଚକୁ ଜିଲା

**ଆନ୍ତଃ କ୍ଲବ ଫୁଟ୍‌ବଲ ପ୍ରତିଯୋଗିତା**

ଆଥେଲେଟିକ୍ ସଂଘର ଶଙ୍କର ପଟେଲ, ରାଜେଶ ପଟେଲ, ରଞ୍ଜିତ ସୋନା ଓ ଗଣେଶ ନାଇକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଖେଳକୁ ରାଜକୁମାର ମଣ୍ଡଳ, ସଞ୍ଜୟ ବିଶାଳ ଓ ଅମିରା ପଧାନ ପରିଚାଳନା କରିଥିବା ବେଳେ ଝାରସୁଗୁଡ଼ା ଜିଲାର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଜିଲା ପ୍ରଶାସନ, ରାଜନୈତିକ ଦଳର ବୈଠକ

**ଦେବଗଡ଼,୨୨।୩(ଶଶାଙ୍କ ଶେଖର ଝାଙ୍କର)**

ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶିକ ଅନୁଯାୟୀ ପ୍ରତ୍ୟେକ ରାଜନୈତିକ ଦଳ ଦ୍ୱାରା ପ୍ରତି ବୁଥରେ ବୁଥସ୍ତରୀୟ ଏଜେଣ୍ଟ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହିକ୍ରମରେ ଶନିବାର ଦେବଗଡ଼ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳ ସହ ଏକ ବୈଠକ ଜିଲାପାଳଙ୍କ ବିକାଶ ଭବନଠାରେ ହୋଇଥିଲା। ନିର୍ବାଚନରେ ସ୍ୱଚ୍ଛତା ପାଇଁ ନିର୍ଭୁଲ ଭୋଟର ତାଲିକାର ଭୂମିକା ବିଷୟରେ ଜିଲାପାଳ ଆଲୋକପାତ କରିଥିଲେ। ଜିଲାର ପ୍ରତି ବୁଥରେ ରାଜନୈତିକ ଦଳ ପକ୍ଷରୁ ବିଏଲଏ ନିଯୁକ୍ତି କରିବା ପ୍ରକ୍ରିୟା ନେଇ ଫର୍ମ ୧୦ ଫର୍ମ ୨ ବିଷୟରେ ଜିଲାପାଳ ସାହୁ ବୁଝାଇଥିଲେ। ଭୋଟର ତାଲିକାରେ ଯୋଗ, ବିୟୋଗ,





ବୈଠକରେ ଉପସ୍ଥିତ ରାଜନୈତିକ ଦଳ ପ୍ରତିନିଧି ଏବଂ ଜିଲା ପ୍ରଶାସନିକ ଅଧିକାରୀ ବୃନ୍ଦ।

**ବୁଥ୍ ସ୍ତରୀୟ ଏଜେଣ୍ଟ ନିଯୁକ୍ତ**

ସଂଶୋଧନ, ସ୍ଥାନାନ୍ତର ଆଦି ପାଇଁ ବିଏଲ୍‌ଏମାନେ ବିଏଲ୍‌ଓମାନଙ୍କ ସହ ମିଶି କାର୍ଯ୍ୟ କରିବା ଉପରେ ରାଜନୈତିକ ଦଳ କର୍ମକର୍ତ୍ତାଙ୍କୁ ବୁଝାଇ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସଂଯୋଜକ ଡେପୁଟି କଲେକ୍ଟର ତଥା ନିର୍ବାଚନ ଶାଖା ଅଧିକାରୀ ବୈଠକର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଏଥିସହ ସମସ୍ତ ଦଳୀୟ କର୍ମକର୍ତ୍ତାଙ୍କୁ ନିର୍ଦ୍ଧାରିତ ଫର୍ମ ଯୋଗାଇ ଦିଆଯାଇଥିଲା। ବୈଠକରେ ଉପସ୍ଥିତ ସମସ୍ତ ରାଜନୈତିକ ଦଳ ପ୍ରତିନିଧିଙ୍କୁ ଆଗାମୀ ୧୫ ଦିନ ମଧ୍ୟରେ ବିଏଲ୍‌ଏ ନିଯୁକ୍ତ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଡେପୁଟି କଲେକ୍ଟର ନିର୍ବାଚନ ମମତାଜ ମହାରଣା, ଭାରତୀୟ ଜନତା ପାର୍ଟିର ପ୍ରତିନିଧି କାମାକ୍ଷା ଗଙ୍ଗଦେବ, ଜିଲା କଂଗ୍ରେସ ସଭାପତି ସେମ୍ ହେମ୍ବ୍ରମ, ବିଜୁ ଜନତା ଦଳର ପ୍ରତିନିଧି ଆଲୋକ କୁମାର ମିଶ୍ର, ସେକ୍ସନ ଅଫିସର ବିଭୂତି ଭୂଷଣ ସାହୁ, ଇଲେକ୍ସନ ସେକ୍ସନ ଅଫିସର ରାଜକିଶୋର କାଲୋ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

**ନାବାଳିକା ବଳାତ୍କାର ମାମଲା**

**ସମ୍ବଲପୁର,୨୨।୩(ପ୍ରମୋଦ ବହିଦାର)**

ସମ୍ବଲପୁର ଅଇଁଠାପାଲି ଥାନା ଖଡ଼ିଆପଡ଼ାରେ ୨୦୨୨ମସିହାରେ ସଂଘଟିତ ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଳାଷ ସେନାପତି ଦୋଷୀସାବ୍ୟସ୍ତ କରିଛନ୍ତି। ବିଚାରପତି ସେନାପତି ୧୬ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟ ତଥ୍ୟ ଆଧାରରେ ଅଭିଯୁକ୍ତଙ୍କୁ ଦଫା ୩୭୬ ଓ ୬ ପୋକ୍‌ସୋ ଆଇନରେ ୨୦ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କାର ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୧ବର୍ଷ କାରାଦଣ୍ଡ, ଦଫା ୩୨୩ରେ ଅଭିଯୁକ୍ତଙ୍କୁ ୧ବର୍ଷ କାରାଦଣ୍ଡ ଓ ୧ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଧିକ ୧ ମାସ ସଶ୍ରମ କାରାଦଣ୍ଡଦେଶ ଏବଂ ଦଫା ୩୪୧ରେ ଏକ ମାସ ଓ ଶହେ ଟଙ୍କା ଜରିମାନା କରିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ସମ୍ବଲପୁର ଅଇଁଠାପାଲି ଥାନା ଅନ୍ତର୍ଗତ ଖଡ଼ିଆପଡ଼ାରେ ରହୁଥିବା ୧୧ ବର୍ଷ ବୟସ୍କା ପୀଡ଼ିତା ଗତ ୨୦୨୨ ମସିହା ଜୁଲାଇ ୨୮ ବିଳମ୍ବିତ ରାତିରେ ଶୌଚ ପାଇଁ ନିକଟସ୍ଥ ଗଳିକୁ ଯାଇଥିବାବେଳେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଚିତ୍କାର ଶୁଣି ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିବା ଦେଖି ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଜୁଲାଇ ୨୯ତାରିଖରେ ପରିବାର ଲୋକ ପୀଡ଼ିତାଙ୍କୁ ସାଙ୍ଗରେ ନେଇ ଅଇଁଠାପାଲି ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ ଅଇଁଠାପାଲି ଥାନାରେ ଦଫା ୩୨୩, ୩୪୧, ୩୭୬ ଓ ୬ ପୋକ୍‌ସୋ ଆଇନ୍‌ରେ ଏକ ମମଲା ରୁଜୁ କରି ପୋଲିସ ତଦନ୍ତ କରିଥିଲା। ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠକ ନ ଦେଖିଲେ ବଣିଆ ଦେଖ**
**ବାଘ ନ ଦେଖିଲେ ବିରାଡ଼ି ଦେଖ।**

ସୁନାରି ବଣିଆ ଅଲଙ୍କାର ତିଆରି କରିବା ସମୟରେ ଖାଦ ମିଶାଇ ପ୍ରକୃତ ସୁନାର କିଛି ପରିମାଣ ଅପହରଣ କରି ନେଇଥାନ୍ତି। ଏଣୁ ସବୁ ଠକଙ୍କ ମଧ୍ୟରେ ସେ ହିଁ ପ୍ରତ୍ୟକ୍ଷ ଠକ ଭାବେ ବିବେଚନା ହୋଇଥାନ୍ତି। ସେହିପରି ବାଘ ଓ ବିଲେଇ ଦୁହେଁ ଦେଖିବାକୁ ପ୍ରାୟତଃ ଏକାପରି ହୋଇଥାନ୍ତି। କେବଳ ଆକାରରେ ଯାହା କିଛି ଫରକ ବା ପ୍ରଭେଦ ରହିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଠାପୁଆ ବଳଦ ରକ୍ଷା ପାଏ**
**ଠାପୁଆ ମଣିଷ ନାଶ ଯାଏ।**

ବଳଦ ଠାପୁଆ ହେଲେ ମାଲିକର କୋପ ଦୃଷ୍ଟିରୁ ବର୍ତ୍ତିବାର ସମ୍ଭାବନା ଥାଏ। ପରନ୍ତୁ ମଣିଷ ଠାପୁଆ ହେଲେ ନିଷ୍କର୍ମା ଯୋଗୁ ରୋଗ ତାକୁ ଗ୍ରାସିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଡ. ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ସ୍ମୃତିସଭା

**ଦେବଗଡ଼,୨୨।୩(ଶଶାଙ୍କ ଶେଖର ଝାଙ୍କର)**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ. ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ସ୍ଥାନୀୟ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ଆନୁକୂଲ୍ୟରେ ସଂସ୍କୃତି ଭବନଠାରେ ଶନିବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସମ୍ପାଦକ ସୁଜିତ କୁମାର ପାତ୍ରଙ୍କ ଆବାହକତ୍ୱ ଓ ସଭାପତି ଅଶୋକ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଉପସଭାପତି ପ୍ରକାଶ ଦେବତା, ଦେବଗଡ଼ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ନାଟ୍ୟକାର ମାର୍କଣ୍ଡେଶ୍ୱର ଶତପଥି, ବରିଷ୍ଠ ମଞ୍ଚ କଳାକାର ଦିଲୀପ କୁମାର ଗୁରୁ, ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଯୋଗେଶ ଚନ୍ଦ୍ର ପ୍ରଧାନ, ରାକେଶ କୁମାର ଶତପଥି, ବିଶାଳ କୁମାର ନାୟକ, ବରିଷ୍ଠ ନାଗରିକ ସୁଧୀର କୁମାର କପରଦାର, ପର୍ଶୁରାମ ମିଶ୍ର, ଜନ୍ମାଜୟ ନାୟକ ଓ ପ୍ରଦୀପ୍ତ ପାତ୍ରଙ୍କ ସମେତ ଅନୁଷ୍ଠାନର ବହୁ ସଦସ୍ୟ ଉପସ୍ଥିତ ରହି ସ୍ୱର୍ଗତ ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଏଥିସହ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ।

# ଦୁର୍ଘଟଣାରେ ମୁଖ୍ୟ ସାକ୍ଷୀ ଗୁରୁତର



ଦୁର୍ଘଟଣା ସ୍ଥଳରେ ପିକ୍‌ଅପ୍ ଓ ବାଇକ୍ ପଡ଼ିଛି।

**ଝାରସୁଗୁଡ଼ା,୨୨।୩(ଆଶିଷ ରଞ୍ଜନ ଦାଶ)**

**■ଦୁର୍ଘଟଣା ନା ଯୋଜନାବଦ୍ଧ ତାହାକୁ ନେଇ ଚର୍ଚ୍ଚା**

**■ନବ ଦାସଙ୍କ ରୋଷେୟା ଲଳିତ ସାହୁ ଆତ୍ମହତ୍ୟା ମାମଲାର ମୁଖ୍ୟ ସାକ୍ଷୀ ଥିଲେ**

ନବ ଦାସଙ୍କ ରୋଷେୟା ଲଳିତ ସାହୁ ଆତ୍ମହତ୍ୟା ମାମଲାର ଫାଇଲ ପୁଣି ଥରେ ଖୋଲିଥିବା ବେଳେ ଏହି ମାମଲାର ମୁଖ୍ୟ ସାକ୍ଷୀ ମୋନୁ ପ୍ରସାଦ ଶନିବାର ମଧ୍ୟାହ୍ନ ୧୨ଟାରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ହୋଇଛନ୍ତି। ମୋନୁଙ୍କୁ ଗୁରୁତର ଆହତ ଅବସ୍ଥାରେ ବୁର୍ଲା ମେଡିକାଲକୁ ପଠାଯାଇଛି। ତେବେ ଏହା ଦୁର୍ଘଟଣା ନା ଯୋଜନାଭିତ୍ତିକ ଦୁର୍ଘଟଣା ତାକୁ ନେଇ ଝାରସୁଗୁଡ଼ାରେ ଚର୍ଚ୍ଚା ଆରମ୍ଭ ହୋଇଛି। ପିକ୍‌ଅପ୍ ଗାଡି ଚାଳକଙ୍କୁ ପୋଲିସ ଅଟକ ରଖିଛି। ଏହାସହ ସନ୍ଧ୍ୟାରେ ଦୁର୍ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍, ଏମ୍‌ଭିଆଇ ଏବଂ ସ୍ଥାନୀୟ ପୋଲିସ ତଦନ୍ତ କରିଛି। ଦୁର୍ଘଟଣାସ୍ଥଳରୁ ବିଭିନ୍ନ ତଥ୍ୟ ସଂଗ୍ରହ କରିବା ସହ କିପରି ଦୁର୍ଘଟଣା ଘଟିଲା ତାହାର ତଦନ୍ତ କରୁଛି ସାଇଣ୍ଟିଫିକ ଟିମ୍।

ସୂଚନା ଅନୁସାରେ, ମୋନୁ ଏକ ବାଇକ୍ ଯୋଗେ ଗୁମାଡେରା ପଟୁ ବେଲପାହାଡକୁ ଆସୁଥିବା ବେଳେ ବେଲପାହାଡ ପୌର ପରିଷଦ ନିକଟରେ ଏକ ପିକ୍‌ଅପ୍ ଗାଡି ସହ ଧକ୍କା ହୋଇଥିଲା। ଉଲ୍ଲେଖନୀୟ ଯେ, ନବ ଦାସଙ୍କ ରୋଷେୟା ମୃତ୍ୟୁ ମାମଲାରେ ମୋନୁଙ୍କୁ ପଚାରାଉଚରା କରାଯିବା ସହ ସେ ଏହି ଘଟଣାର ଜଣେ ପ୍ରମୁଖ ସାକ୍ଷୀ ରହିଛନ୍ତି। ସେ ଲଳିତଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଥିଲେ। ମୋନୁ ନବଙ୍କ ଘରେ ଡଗ୍ କେୟାରଟେକର ଥିଲେ।





ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ବାମରା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୁଚିଣ୍ଡା,୨୨।୩(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା ବାମରା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସାଇରାବାନୁ ଲାସ୍କରଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗନ୍ନାଥ ପ୍ରସାଦ ଚୌଧୁରୀ ମୁଖ୍ୟଅତିଥି, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଦୈତାରୀ ନାୟକ ମୁଖ୍ୟବକ୍ତା, ପୁରାତନ ଛାତ୍ର ସଂସଦ ସଭାପତି ମନୋଜ ରାଜ, ସମ୍ପାଦକ କୈଳାଶ ଚନ୍ଦ୍ର ବିଶ୍ୱାଳ, କୋଷାଧ୍ୟକ୍ଷ ଡିଲେଶ୍ୱର ସାହୁ, ଗୋବିନ୍ଦପୁର ସରପଞ୍ଚ ବିମଳ ଲାକ୍ରା,

# ଭଲପାଠ ପଢ଼ି ଦେଶ ଗଠନରେ ସହାୟକ ହୁଅ





ଅତିଥିମାନଙ୍କ ସହ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ।

ସମିତି ସଭ୍ୟ ଅଜୟ କୁମାର ସେଠ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ, ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନର ସଠିକ ପ୍ଲାଟଫର୍ମ। ତେଣୁ ଭଲ ପାଠପଢି ଦେଶ ଗଠନରେ ସହାୟକ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଲସ୍କର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହକାରୀ ଶିକ୍ଷକ ନରେନ୍ଦ୍ର କୁମାର ସାହୁ ସଭା ପରିଚାଳନା କରିଥିଲେ।ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୩/୨୦୨୫ Bhubaneswar, Sunday, March 23/ 2025

# ଆଇପିଏଲ୍‌ର ରଙ୍ଗାରଙ୍ଗ ଉଦ୍‌ଘାଟନ




କୋଲକାତାରେ ଶନିବାର ଆଇପିଏଲ୍‌ର ଉଦ୍‌ଘାଟନୀ ସମାରୋହରେ ବଲିଉଡ୍ ଅଭିନେତା ଶାହରୁଖ ଖାନ, ଅଭିନେତ୍ରୀ ଦିଶା ପଟାନୀଙ୍କ ନୃତ୍ୟ ପରିବେଷଣ।




ସଙ୍ଗୀତ ପରିବେଷଣ କରୁଛନ୍ତି ଅନ୍ତର୍ଜାତୀୟ ରାପର କରନ ଆଉଜଲା ଓ ଗାୟିକା ଶ୍ରେୟା ଘୋଷାଲ।

## ଆକର୍ଷଣ ସାଜିଲେ ଶାହରୁଖ, ଶ୍ରେୟା, ଦିଶା

**କୋଲକାତା, ୨୨।୩ (ପି.ଟି.)**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୮ଶ ସଂସ୍କରଣ ଶନିବାରଠାରୁ ଆରମ୍ଭ ହୋଇଯାଇଛି। ଐତିହାସିକ ଇଡେନ ଗାର୍ଡେନ୍ସରେ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସମାରୋହ ଆୟୋଜନ କରାଯାଇଥିଲା। ସମାରୋହରେ ବଲିଉଡ ସୁପରଷ୍ଟାର ଶାହରୁଖ ଖାନ୍, ଅଭିନେତ୍ରୀ ଦିଶା ପଟାନି, ଗାୟିକା ଶ୍ରେୟା ଘୋଷାଲ, ଅନ୍ତର୍ଜାତୀୟ ର୍ୟାପର କରନ ଆଉଜଲା ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଏହି ତାରକା ଖଚିତ କାର୍ଯ୍ୟକ୍ରମ ପାଖାପାଖି ଏକ ଘଣ୍ଟା ଧରି ଚାଲିଥିଲା।

ଆଇପିଏଲ୍‌ର ଲୋକପ୍ରିୟ ସଙ୍ଗୀତ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମେ ଶାହରୁଖ ଲୋକାଲ ଦଳ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ଓ ଏହାର ସମର୍ଥକଙ୍କୁ ଉତ୍ସାହିତ କରିଥିଲେ। ଏହାପରେ ଶ୍ରେୟା ଘୋଷାଲଙ୍କ 'ଘୁମର', 'କର ହର ମୈଦାନ ଫତେ', 'ମେରେ ଡୋଲନା' ଗୀତକୁ ଉପସ୍ଥିତ ଦର୍ଶକ ଖୁବ୍ ଉପଭୋଗ କରିଥିଲେ। ତାଙ୍କ ପରେ 'ପାଗୋଲ' ଗୀତରେ ଅଭିନେତ୍ରୀ ଦିଶା ଡ୍ୟାନ୍ସ କରିଥିଲେ। ସମାରୋହ ଶେଷ ହେବା ପରେ ଆତସବାଜି ଦେଖିବାକୁ ମିଳିଥିଲା। ସଭିଙ୍କ ପରେ ର୍ୟାପର ଆଉଜଲା ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଶେଷରେ ଶାହରୁଖ ଭାରତୀୟ କିମ୍ବଦନ୍ତୀ ବ୍ୟାଟର ବିରାଟ କୋହଲିଙ୍କୁ ମଞ୍ଚ ଉପରକୁ ଆମନ୍ତ୍ରଣ କରିଥିଲେ। ଦୁହେଁ ମଞ୍ଚ ଉପରେ 'ଝୁମେ ଜୋ ପଠାନ' ଗୀତରେ ଡ୍ୟାନ୍ସ କରିଥିଲେ। ଏହାପରେ ଶାହରୁଖ ଓ ରିଙ୍କୁ ସିଂ 'ଲୁଟ ପୁଟ ଗାୟା' ଗୀତରେ ନାଚିଥିଲେ। କେକେଆର୍ ଅଧିନାୟକ ଅଜିଙ୍କ୍ୟ ରାହାନେ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଅଧିନାୟକ ରଜତ ପଟିଦାର ଏକ ସ୍ୱତନ୍ତ୍ର ଗାଡ଼ିରେ ଆଇପିଏଲ୍ ଟ୍ରଫି ମଞ୍ଚ ଉପରକୁ ଆଣିଥିଲେ। ଏହି ଅବସରରେ ବିସିସିଆଇ ସଭାପତି ରୋଜର ବିନି, ସମ୍ପାଦକ ଦେବଜିତ ସାଇକିଆ, ଆଇପିଏଲ୍ ଗଭର୍ନର ରାଜୀବ ଶୁକ୍ଲା, ଅରୁନ ଧୁମଲଙ୍କ ସହ ଅନ୍ୟମାନେ ମଞ୍ଚରେ ଉପସ୍ଥିତ ଥିଲେ।

## ବିଜୟ ସହ ଆରସିବିର ଅଭିଯାନ ଆରମ୍ଭ

**କୋଲକାତା, ୨୨।୩**

ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ପରେ ଫିଲ୍ ସଲ୍ଟ ଓ ବିରାଟ କୋହଲିଙ୍କ ଅର୍ଦ୍ଧଶତକ ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚରେ ୭ ଉଇକେଟରେ ଗତଥରର ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସ (କେକେଆର)କୁ ପରାସ୍ତ କରିଛି। ଶନିବାର ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ଅନୁଷ୍ଠିତ ମ୍ୟାଚରେ କେକେଆର ୨୦ ଓଭରରେ ୮ ଉଇକେଟ ହରାଇ ୧୭୪ ରନ କରିଥିଲା। ଜବାବରେ ଆରସିବି ୧୬.୨ ଓଭରରେ ୩ ଉଇକେଟ ହରାଇ ୧୭୭ ରନ ସଂଗ୍ରହ କରି ନେଇଥିଲା। ଫିଲିପ ସଲ୍ଟ ଓ ବିରାଟ କୋହଲି ଓପନିଂ ଯୋଡ଼ିରେ ୫୧ ବଲ୍‌ରୁ ୯୧ ରନ ଯୋଗକରି ଦଳର ବିଜୟ ପାଇଁ ପଥ ପରିଷ୍କାର କରିଥିଲେ। ସଲ୍ଟ ୩୧ ବଲ୍‌ରୁ ୫୬ (୯ ଚୌକା, ୨ ଛକା)ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ମାତ୍ର ବିରାଟ ୩୬ ବଲ୍‌ରୁ ୫୯ (୪ ଚୌକା, ୩ ଛକା) ରନରେ ଅପରାଜିତ ରହି ଦଳକୁ ବିଜୟୀ କରିଥିଲେ। ଅଧିନାୟକ ରଜତ ପଟିଦାର ୧୬ ବଲ୍‌ରୁ ୩୪ ରନର ମୂଲ୍ୟବାନ ଇନିଂସ ଖେଳିଥିଲେ।

ଟସ୍ ଜିତି ଆରସିବି ଅଧିନାୟକ ରଜତ ପଟିଦାର ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। କେକେଆର ୪ ରନରେ ପ୍ରଥମ ଉଇକେଟ ହରାଇଥିଲେ ହେଁ ସୁନୀଲ ନାରିନ ଓ ଅଧିନାୟକ ଅଜିଙ୍କ୍ୟ ରାହାନେ ବିସ୍ଫୋରକ ବ୍ୟାଟିଂ କରି ଦ୍ୱିତୀୟ ଉଇକେଟରେ ମାତ୍ର ୫୫ ବଲ୍‌ରୁ ୧୦୩ ରନ ଭାଗୀଦାରି ଗଢ଼ି ଦଳର ବୃହତ୍ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ କୋକାତା ଇନିଂସ ଦିଗହରା ହୋଇ ଯାଇଥିଲା। ନାରିନ ୨୬ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ୪୪ ରନ କରିଥିଲେ। ରାହାନେ ମଧ୍ୟ ଏହା ପର ଓଭରରେ କ୍ରୁନାଲ ପାଣ୍ଡ୍ୟାଙ୍କ ବଲ୍‌ରେ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ସେ ୩୧ ବଲ୍‌ରୁ ୬ ଚୌକା ଓ ୪ ଛକା ସହ ସର୍ବାଧିକ ୫୬ ରନ କରିଥିଲେ। ଆରସିବି ପକ୍ଷରୁ କ୍ରୁନାଲ ପାଣ୍ଡ୍ୟା ସର୍ବାଧିକ ୩ଟି ଜୋଶ୍ ହାଜେଲଉଡ ୨ଟି ଉଇକେଟ ନେଇଥିଲେ। ମ୍ୟାଚ ପୂର୍ବରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ସଭାପତି ରୋଜର ବିନି ଏକ ଫଳକ ଦେଇ ବିରାଟ କୋହଲିଙ୍କୁ ସମ୍ମାନିତ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୭୪/୮ (ଅଜିଙ୍କ୍ୟ ରାହାନେ-୫୬, ସୁନୀଲ ନାରିନ-୪୪, ଅଙ୍ଗକ୍ରିଶ ରଘୁବଂଶୀ-୩୦, କ୍ରୁନାଲ ପାଣ୍ଡ୍ୟା-୩/୨୯, ଜୋଶ୍ ହାଜେଲଉଡ-୨/୨୨, ଯଶ୍ ଦୟାଲ-୧/୨୫, ରସିଖ ସଲାମ-୧/୩୫, ସୁୟାସ ଶର୍ମା-୧/୪୭)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୬.୨ ଓଭରରେ ୧୭୭/୩ (ବିରାଟ କୋହଲି-୫୯*, ଫିଲ୍ ସଲ୍ଟ-୫୬, ରଜତ ପଟିଦାର-୩୪, ସୁନୀଲ ନାରିନ-୧/୨୭, ବରୁଣ ଚକ୍ରବର୍ତ୍ତୀ-୧/୪୩, ବୈଭବ ଆରୋରା-୧/୪୨)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ହାଇଦ୍ରାବାଦ ବନାମ ରାଜସ୍ଥାନ**
ସ୍ଥାନ: ହାଇଦ୍ରାବାଦ
ସମୟ: ଅପରାହ୍ନ ୩.୩୦

**ଚେନ୍ନାଇ ବନାମ ମୁମ୍ବାଇ**
ସ୍ଥାନ: ଚେନ୍ନାଇ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ




ବିରାଟ କୋହଲିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ବିସିସିଆଇ ସଭାପତି ରୋଜର ବିନି। ଉଦ୍‌ଘାଟନୀ ସମାରୋହରେ ଆଇପିଏଲ୍ କେକ୍।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ